# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୧୮/୨୦୧୯ (୨୦ ପୃଷ୍ଠା+ସାହିତ୍ୟାୟନ) | Bhubaneswar, Wednesday, September 18/2019 | ★★★★★★

୪୫ଶ ଭାଗ ୨୯୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-




## ପଙ୍ଘାଲ କ୍ୱାର୍ଟରରେ

ଏସିଆନ ସ୍ୱର୍ଣ୍ଣ ପଦକ ବିଜେତା ଅମିତ୍ ପଙ୍ଘାଲ (୫୨ କିଗ୍ରା) ବିଶ୍ୱ ପୁରୁଷ ବକ୍ସିଂ ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

୧୯

୧୭

## ସୁପ୍ରିମକୋର୍ଟଙ୍କ ରାୟ ଯୋଗୁ ଦେଶରେ ମାନ୍ଦାବସ୍ଥା: ସାଲ୍‌ଭେ

୨ଜି ସ୍ପେକ୍ଟ୍ରମ, କୋଇଲା ବ୍ଲକ୍ ଆବଣ୍ଟନ ବାତିଲ ଯୋଗୁ ମାନ୍ଦାବସ୍ଥା ଆସିଛି। ଏଥିପାଇଁ ସୁପ୍ରିମକୋର୍ଟଙ୍କ ରାୟ ଦାୟୀ ବୋଲି ବରିଷ୍ଠ ଆଇନଜୀବୀ ହରିଶ ସାଲ୍‌ଭେ କହିଛନ୍ତି।



## ମାର୍ଚ୍ଚ ସୁଦ୍ଧା ରାଜ୍ୟର ୪୭ ଖଣି ନିଲାମ ହେବ

ଭୁବନେଶ୍ୱର,୧୭।୯(ବ୍ୟୁରୋ)

ରାଜ୍ୟ ସରକାରଙ୍କୁ ଖଣି ଚିନ୍ତା ଘାରିଲାଣି। ଆଉ ବର୍ଷକ ମଧ୍ୟରେ ୨୪ଟି ଖଣିର ଲିଜ ଅବଧି ଶେଷ ହୋଇଯିବ। ଶିଳ୍ପଗୁଡ଼ିକୁ କଞ୍ଚାମାଲ ମିଳିବା ନେଇ ସମସ୍ୟା ଦେଖାଦେଇପାରେ। ଖଣି ନିଲାମ ତ୍ୱରାନ୍ୱିତ ନ ହେଲେ ପରିସ୍ଥିତି ଅସମ୍ଭାଳ ହେବ। ରାଜ୍ୟ ସରକାର ୪୭ଟି ଖଣିର ନିଲାମ କରିବା ପ୍ରକ୍ରିୟା ଆରମ୍ଭ କରିଛନ୍ତି। ମଙ୍ଗଳବାର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି ଇସ୍ପାତ ଓ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ। ମନ୍ତ୍ରୀ କହିଛନ୍ତି ଯେ, ନିଲାମ ପାଇଁ ୭ଟି ଖଣିକୁ ଏସ୍‌ବିଆଇ କ୍ୟାପିଟାଲ ମାର୍କେଟସ୍ ଲିମିଟେଡ ସହ ଅନୁବନ୍ଧିତ କରାଯାଇଛି। ଆସନ୍ତା ମାର୍ଚ୍ଚମାସ ପୂର୍ବରୁ ଆଉ ୪୦ଟି ଖଣିର ନିଲାମ କରାଯିବ। ଯେଉଁ ୨୪ଟି ଖଣିର ଲିଜ୍ ସମୟ ସୀମା ଆସନ୍ତା ମାର୍ଚ୍ଚ ୨୦୨୦ ସୁଦ୍ଧା ଶେଷ ହେଉଛି, ସେ ସବୁକୁ ମିଶାଇ ନିଲାମ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

### ଆପଣଙ୍କ ଏହି କପି ସହିତ ପାଇବେ ସାହିତ୍ୟାୟନ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

### ଆଜିର ସମ୍ପାଦକୀୟ

ନୂଆ ଯୁଗର ଡ୍ରୋନ୍

### ଆଜିର ମନ୍ତବ୍ୟ

"କଶ୍ମୀର ସମ୍ପର୍କରେ ଲୋକେ ଯାହା କହୁଛନ୍ତି ତାକୁ ନେଇ ବିଶେଷ ଚିନ୍ତିତ ହେବା ଅନାବଶ୍ୟକ।

-ଏସ୍. ଜୟଶଙ୍କର, ବହିର୍ବ୍ୟାପାର ମନ୍ତ୍ରୀ


NECC NATIONAL EGG CO-ORDINATION COMMITTEE | 17.09.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 70 | 119 | 129 |
| CTC | 70 | 119 | 129 |
| DKL | 70 | 119 | 129 |
| BDK | 70 | 119 | 129 |
| BLS | 70 | 119 | 129 |
| ANG | 70 | 119 | 129 |
| BHM | 66 | 114 | 124 |

*Conditions Apply

Eggs Retail Price- 47/-Dozen

Issued in the Interest of Consumers


## ■ ପୁରୀ ଉଚ୍ଛେଦ ମାମଲାରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

# ସମସ୍ତଙ୍କ କଥା ବୁଝ

ନୂଆଦିଲ୍ଲୀ,୧୭।୯

ପୁରୀ ଶ୍ରୀମନ୍ଦିରର ଚତୁଃପାର୍ଶ୍ୱରେ ୭୫ ମିଟର ଉଚ୍ଛେଦ ଅଭିଯାନ ଚାଲିଥିବାବେଳେ ସମସ୍ତଙ୍କ କଥା ବୁଝି ଏହି କାର୍ଯ୍ୟକୁ ଆଇନ ଅନୁସାରେ କରିବା ପାଇଁ ରାଜ୍ୟ ସରକାର ଓ ମନ୍ଦିର ପ୍ରଶାସନକୁ ମଙ୍ଗଳବାର ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଖୁସି ହେଲେ ସରକାର ସଫଳ ହୋଇଛନ୍ତି ବୋଲି ଆମେ ଅନୁଭବ କରିବୁ ବୋଲି ଜଷ୍ଟିସ୍ ଅରୁଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି।

ପୁରୀରେ ରାଜ୍ୟ ସରକାରଙ୍କ ପକ୍ଷରୁ ଚାଲିଥିବା ଉଚ୍ଛେଦ ଅଭିଯାନକୁ ଚ୍ୟାଲେଞ୍ଜ କରି ଇଣ୍ଟରନ୍ୟାଶନାଲ ଅସୋସିଏଶନ୍ ଅଫ୍ ଲୟର୍ସ ପକ୍ଷରୁ ଦେବାଶିଷ ମିଶ୍ର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମନ୍ଦିର ଚାରିପଟେ ଚାଲିଥିବା ଉଚ୍ଛେଦ ବେଆଇନ ଏବଂ ଭୂମି ଅଧିଗ୍ରହଣ ନୀତି ଅନୁସାରେ ହେଉନାହିଁ ବୋଲି ଦର୍ଶାଇ ଏହା ଉପରେ ସ୍ଥଗିତାଦେଶ ଜାରି କରିବା ପାଇଁ ସେ ଆବେଦନ କରିଥିଲେ। ଜଷ୍ଟିସ୍ ମିଶ୍ରଙ୍କ ସହ ଏମ୍.ଆର. ଶାହ ଏବଂ ବି. ଆର୍. ଗବାଇଙ୍କୁ ନେଇ ଗଠିତ ୩ ଜଣିଆ ଖଣ୍ଡପୀଠ ମଙ୍ଗଳବାର ତାଙ୍କ ପିଟିଶନର ଶୁଣାଣି କରିଛନ୍ତି। ଖଣ୍ଡପୀଠ କହିଛନ୍ତି, ଶ୍ରୀମନ୍ଦିର ଚାରିପଟେ ଉଚ୍ଛେଦ କରାଯିବା ସମୟରେ ରାଜ୍ୟ ସରକାର କଠୋର ଆଭିମୁଖ୍ୟ ଗ୍ରହଣ କରିବା ଅନୁଚିତ। ସମସ୍ତ ପକ୍ଷଙ୍କ ଅଭିଯୋଗକୁ ଶୁଣି ଆଇନାନୁସାରେ କାର୍ଯ୍ୟ କରନ୍ତୁ। ସରକାର ଭୁଲ କାମ କରୁଛନ୍ତି ବୋଲି ଅଦାଲତ କହୁନାହାନ୍ତି। କିନ୍ତୁ ସମସ୍ତଙ୍କ କଥାକୁ ବିଶ୍ୱାସକୁ ନେଇ ଉଚ୍ଛେଦ ଅଭିଯାନ ଚଳାଇବା ଉଚିତ। ଆବେଦନକାରୀ ଖୁସି ହେଲେ ସରକାର ତାଙ୍କ ଅଭିଯାନରେ ସଫଳ ହୋଇଛନ୍ତି ଧରାଯିବ ବୋଲି ଖଣ୍ଡପୀଠ କହିଛନ୍ତି। ଏହାସହ ଆବେଦନକାରୀ ଦେବାଶିଷ ମିଶ୍ରଙ୍କ ପ୍ରସ୍ତାବଗୁଡ଼ିକୁ ଗ୍ରହଣ କରିବା ଲାଗି ଓଡ଼ିଶାର ଆଡ୍‌ଭୋକେଟ ଜେନେରାଲ ଅଶୋକ ପରିଜାଙ୍କୁ ପରାମର୍ଶ ଦେଇଛନ୍ତି। ଏହା ପୂର୍ବରୁ ରାଜ୍ୟ ସରକାର ସମସ୍ତ ପକ୍ଷଙ୍କ କଥା ବିଚାର କରାଯାଉଛି ଓ ଯେତେବେଳେ ଆବଶ୍ୟକ ହେବ ଆଇନ ଅନୁଯାୟୀ ସମ୍ପୃକ୍ତ ବ୍ୟକ୍ତିଙ୍କ ସମ୍ମତି ନିଆଯିବ ବୋଲି ଖଣ୍ଡପୀଠଙ୍କୁ ଅବଗତ କରାଇଥିଲେ। ଅନ୍ୟପକ୍ଷରେ ଆମିକସ୍ କ୍ୟୁରି ରଣଜିତ୍ କୁମାର ଏହି ଉଚ୍ଛେଦ ଅଭିଯାନ ସମ୍ପର୍କରେ ରିପୋର୍ଟ ଦାଖଲ କରିବା ପାଇଁ ଶୀର୍ଷ ଅଦାଲତଙ୍କୁ ୨ ସପ୍ତାହ ସମୟ ମାଗିଥିଲେ। ଖଣ୍ଡପୀଠ ତାଙ୍କ ଅନୁରୋଧକୁ ଗ୍ରହଣ କରି ୨ ସପ୍ତାହ ସମୟ ଦେଇଛନ୍ତି। ଏହାସହ ଅକ୍ଟୋବର ୩ରେ ଏହାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି। ପ୍ରକାଶ ଯେ, ଆମିକସ୍ କ୍ୟୁରି ରଣଜିତ୍ କୁମାର ଓ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଉଚ୍ଛେଦ ଅଭିଯାନର ସ୍ଥିତି ଯାଞ୍ଚ କରି ରିପୋର୍ଟ ଦାଖଲ କରିବା ପାଇଁ ନିକଟରେ ପୁରୀ ଆସିଥିଲେ।



■ ରିପୋର୍ଟ ଦାଖଲ ପାଇଁ ଆମିକସ୍ କ୍ୟୁରିଙ୍କୁ ମିଳିଲା ୨ ସପ୍ତାହ

■ ଆବେଦନକାରୀ ଖୁସି ହେଲେ ସରକାର ସଫଳ ହୋଇଛନ୍ତି ବୋଲି ଧରାଯିବ: ଖଣ୍ଡପୀଠ



# ୨ରୁ ରାଜ୍ୟରେ ପ୍ଲାଷ୍ଟିକ ନିଷେଧ

ଭୁବନେଶ୍ୱର,୧୭।୯(ବ୍ୟୁରୋ)

ଆସନ୍ତା ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ସାରା ରାଜ୍ୟରେ ଥରେ ମାତ୍ର ବ୍ୟବହାର ହେଉଥିବା ୫୦ ମାଇକ୍ରନ୍ ମୋଟେଇରୁ କମ୍ ପଲିଥିନ ଓ ପ୍ଲାଷ୍ଟିକ ଉପରେ ଲାଗିବ କଟକଣା। ମଙ୍ଗଳବାର ଏହି ସୂଚନା ଦେଇଛନ୍ତି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ। ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ସ୍ୱାଧୀନତା ଦିବସରେ କରିଥିବା ଘୋଷଣା ଅନୁଯାୟୀ ଏହି ପଦକ୍ଷେପ ନିଆଯିବ। ଏନେଇ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଆକ୍ସନ ପ୍ଲାନ ପ୍ରସ୍ତୁତ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ ପରେ ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

୨ ବର୍ଷ ମଧ୍ୟରେ ରାଜ୍ୟକୁ ପ୍ଲାଷ୍ଟିକମୁକ୍ତ କରିବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଚଳିତବର୍ଷ ରାଜ୍ୟର ୪୭ ମ୍ୟୁନିସିପାଲିଟି ଏବଂ ୬୧ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ଓ ଗ୍ରାମାଞ୍ଚଳରେ ଏହାକୁ କଡ଼ାକଡ଼ି ଭାବେ ଲାଗୁ କରାଯିବ। କଟକଣା ଜାରି ହେବା ପରେ କୌଣସି ବ୍ୟକ୍ତି ନିଜେ କିମ୍ବା ଅନ୍ୟ କାହାଦ୍ୱାରା ଜାଣିକରି ହେଉ କିମ୍ବା ଅନ୍ୟ ମାଧ୍ୟମରେ ପଲିଥିନ ବିକ୍ରି, ବ୍ୟବସାୟ, ଉତ୍ପାଦନ, ଆମଦାନୀ, ଗଚ୍ଛିତ, ବ୍ୟବହାର କିମ୍ବା ବଣ୍ଟନ କରି ପାରିବେ ନାହିଁ। ୫୦ ମାଇକ୍ରନରୁ କମ୍ ମୋଟେଇ ପଲିଥିନ, ୨୦୦ ମିଲିଲିଟରରୁ କମ୍ ପାଣିବୋତଲ, ଥର୍ମୋକୁଲ, ପ୍ଲାଷ୍ଟିକ ଚାମଚ, କପ୍, ପ୍ଲେଟ୍, ଗ୍ଲାସ, ଥାଳିଆ, ପାଣି ପାଉଚ ଆଦି ସାମଗ୍ରୀ ଉପରେ କଟକଣା ଜାରି କରାଯିବ। ଉଲ୍ଲଂଘନକାରୀଙ୍କ ପାଇଁ ଦଣ୍ଡବିଧାନର ବ୍ୟବସ୍ଥା ରହିଛି। ସୂଚନାଥାଉ କି, ୨୦୧୮ ଅକ୍ଟୋବର ୨ରୁ ରାଜ୍ୟରେ ୫ ମହାନଗର ନିଗମ କଟକ, ଭୁବନେଶ୍ୱର, ରାଉରକେଲା, ସମ୍ବଲପୁର, ବ୍ରହ୍ମପୁର ଏବଂ ପୁରୀ ପୌରପରିଷଦ ଅଞ୍ଚଳରେ ପଲିଥିନ ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି।

## ■ ଭୁବନେଶ୍ୱର ବିମାନବନ୍ଦରରେ ଚାଲିବ ମରାମତି କାର୍ଯ୍ୟ

# ପର୍ଯ୍ୟାୟକ୍ରମେ ଆଠମାସ ବନ୍ଦ ରହିବ ରନ୍‌ୱେ



■ ରିକାର୍ପେଟିଂ ସହ ତିଆରି ହେବ ୩ ଟ୍ୟାକ୍ସି ଟ୍ରାକ୍

■ ୨୮ ଅକ୍ଟୋବରରୁ ନୂଆ ସମୟ ସାରଣୀ

ଭୁବନେଶ୍ୱର, ୧୭।୯(ବ୍ୟୁରୋ)

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ କେତେକ ମରାମତି କାର୍ଯ୍ୟ କରାଯିବ। ନଭେମ୍ବର ୧ରୁ ଆସନ୍ତାବର୍ଷ ଜୁନ୍ ୩୦ ପର୍ଯ୍ୟନ୍ତ ରନ୍‌ୱେର ରିକାର୍ପେଟିଂ ହେବ। ଏଥିପାଇଁ ଏହି ୮ ମାସ ଧରି ପର୍ଯ୍ୟାୟକ୍ରମେ ରନ୍‌ୱେକୁ ବନ୍ଦ ରଖାଯିବ। ତେବେ ଏହି ସମୟରେ ବିମାନ ଚଳାଚଳ କରିବ। ଏଥିସହ ୩ ଟ୍ୟାକ୍ସି ଟ୍ରାକ୍ ନିର୍ମାଣ ହେବ ବୋଲି ବିମାନବନ୍ଦର ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ହୋତା କହିଛନ୍ତି। ତାଙ୍କ ସୂଚନାନୁସାରେ, ଏହି ମରାମତି କାର୍ଯ୍ୟକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି। ☞ପୃଷ୍ଠା-୪

### ଅଳ୍ପକେ ବର୍ତ୍ତିଲେ ୧୫୨ ଯାତ୍ରୀ

ଭୁବନେଶ୍ୱରରୁ ମୁମ୍ବାଇ ଯାଉଥିବା ଏୟାର ଇଣ୍ଡିଆ ବିମାନ ଏଆଇ-୬୬୯ ଦୁର୍ଘଟଣାରୁ ଅଳ୍ପକେ ରକ୍ଷା ପାଇଯାଇଛି। ସୋମବାର ମୁମ୍ବାଇ ବିମାନ ବନ୍ଦରରେ ଅବତରଣ ସମୟରେ ବିମାନଟି ଦୁର୍ଘଟଣାଗ୍ରସ୍ତ ହେବାର ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଥିରେ ୧୫୨ଜଣ ଯାତ୍ରୀ ଥିଲେ। ଏହି ଘଟଣା ପାଇଁ ମଙ୍ଗଳବାର ଏୟାର ଇଣ୍ଡିଆ ପକ୍ଷରୁ ସଂପୃକ୍ତ ପାଇଲଟଙ୍କୁ କାର୍ଯ୍ୟରୁ ଅନିର୍ଦ୍ଦିଷ୍ଟ ସମୟ ଲାଗି ଅବ୍ୟାହତି ଦିଆଯାଇଥିବା ସୂଚନା ମିଳିଛି।

## ■ କାଳିଆ ଯୋଜନା: ଅଯୋଗ୍ୟ ହିତାଧିକାରୀଙ୍କ ସଂଖ୍ୟା ୩.୪୧ ଲକ୍ଷ

# ୨୦ ହଜାର ସରକାରୀ ଚାକିରିଆ ପାଇଛନ୍ତି ଟଙ୍କା

ଭୁବନେଶ୍ୱର, ୧୭।୯(ବ୍ୟୁରୋ)

ରାଜ୍ୟର ପ୍ରାୟ ୧୨,୦୦୦ ବଡଚାଷୀ, ୯୦୦୦ ନାବାଳିକା/ନାବାଳକ ଏବଂ ପ୍ରାୟ ୨୦,୦୦୦ ସରକାରୀ ଚାକିରିଆ ଚାଷୀ ଭାବେ କାଳିଆ ସୁବିଧା ପାଇଛନ୍ତି। ଅନୁରୂପଭାବେ ଗୋଟିଏ ଗୋଟିଏ ମନୋନୀତ ପରିବାରର ୩ ଲକ୍ଷ ହିତାଧିକାରୀ ଏକାଧିକ ବ୍ୟକ୍ତି ଦର୍ଶାଇ କାଳିଆ ସହାୟତା ନେଇ ସାରିଛନ୍ତି। ଏହିପରି ଭାବେ ରାଜ୍ୟର ପ୍ରାୟ ୩ ଲକ୍ଷ ୪୧ ହଜାର ଅଯୋଗ୍ୟ ହିତାଧିକାରୀ କାଳିଆ ଯୋଜନାରେ ସହାୟତା ପାଇଛନ୍ତି। ତୃଣମୂଳସ୍ତରରେ ଯୋଗ୍ୟ ହିତାଧିକାରୀ ଯାଞ୍ଚ ହେବା ବେଳେ ଏହି ତଥ୍ୟ ସାମ୍ନାକୁ ଆସିଛି। ତନ୍ମଧ୍ୟରୁ ୧୨,୦୦୦ ବଡଚାଷୀଙ୍କଠାରୁ କିପରି ସହାୟତା ରାଶି ଫେରସ୍ତ ଆସି ପାରିବ ସେ ନେଇ ଉଦ୍ୟମ ଆରମ୍ଭ ହୋଇଛି।

**ତାଲିକାରେ ୧୨,୦୦୦ ବଡ଼ଚାଷୀ, ୯୦୦୦ ନାବାଳକ**

କୃଷି ମନ୍ତ୍ରୀ ଅରୁଣ ସାହୁ କହିଛନ୍ତି ଯେ, ଯେଉଁ ୯୦୦୦ ନାବାଳିକା/ନାବାଳକ ସହାୟତା ରାଶି ପାଇଛନ୍ତି, ସେହି ପରିବାରଙ୍କୁ ମିଳିବାକୁ ଥିବା ପରବର୍ତ୍ତୀ କିସ୍ତି ଉକ୍ତ ରାଶିରେ ବ୍ୟବସ୍ଥିତ(ଆଡଜଷ୍ଟ) କରାଯିବ। ଅନୁରୂପଭାବେ ୨୦,୦୦୦ ସରକାରୀ କର୍ମଚାରୀ ଏବଂ ପେନ୍‌ସନ୍ ଭୋଗୀଙ୍କ ପାଖକୁ ଯାଇଥିବା ସହାୟତା ରାଶି ଫେରସ୍ତ କରିବା ପାଇଁ ପ୍ରବର୍ତ୍ତାଯିବ। ଯଦି ଏଥିରେ ଆଶାନୁରୂପ ସଫଳତା ନ ମିଳେ, ତେବେ ସେମାନେ ପାଉଥିବା ବେତନ ଅଥବା ପେନ୍‌ସନ୍‌ରୁ ଏହି ରାଶି ଭରଣା କରାଯିବ। ☞ପୃଷ୍ଠା-୪






# ମାନ୍ଦାବସ୍ଥା: କେରଳ ପର୍ଯ୍ୟଟନ ଶିଳ୍ପ ପ୍ରଭାବିତ

ଥିରୁଭାନନ୍ତପୁରମ୍,୧୭।୯

ନିକଟରେ କେରଳର ସର୍ବବୃହତ୍ ପର୍ବ ଓଣମ୍ ପାଳିତ ହୋଇଯାଇଛି। ଏହି ପର୍ବ ପାଳନ ପାଇଁ ରାଜ୍ୟ ସବୁବର୍ଷ ଉତ୍ସବମୁଖର ହୋଇଉଠେ। ସ୍କୁଲ,କଲେଜକୁ ୧୦ ଦିନ ପର୍ଯ୍ୟନ୍ତ ବନ୍ଦ ରଖାଯାଉଥିବା ବେଳେ ବିଭିନ୍ନ ଅଞ୍ଚଳରେ ଆୟୋଜିତ ହୁଏ ନୌକା ଚାଳନା ପ୍ରତିଯୋଗିତା। ଦେଶବିଦେଶରୁ ପର୍ଯ୍ୟଟକ ଏହାକୁ ଦେଖିବାକୁ ଆସନ୍ତି। କିନ୍ତୁ ଚଳିତବର୍ଷ କେରଳରେ ସବୁକିଛି ଫିକା ପଡିଯାଇଥିଲା। ଏଥର ନୌକାଗୁଡ଼ିକ ପାଣିରେ ନ ଦୌଡ଼ି ନଦୀ କଡ଼ରେ ଛିଡା ହୋଇଥିବାର ଦେଖାଯାଇଥିଲା। ଯେକୌଣସି ବୋଟ୍ ମାଲିକଙ୍କୁ ପଚାରିଲେ ସମସ୍ତଙ୍କର ଗୋଟିଏ ମତ 'ବ୍ୟବସାୟ ବୁଡିଯାଉଛି। ଲାଭ କମୁଛି ଏବଂ ପ୍ରତ୍ୟେକେ ଋଣରେ ବୁଡ଼ିଗଲେଣି।' ମାନ୍ଦାବସ୍ଥାର ମାଡ଼ କିଭଳି କେରଳ ପର୍ଯ୍ୟଟନ ଶିଳ୍ପରେ ବାଜିଛି, ତାହା ଏଥିରୁ ସ୍ପଷ୍ଟ।

ଜଣେ ବୋଟ୍ ମାଲିକ ସୁବିନଙ୍କ ମତରେ ଦୁଇବର୍ଷ ପୂର୍ବେ କେରଳରେ ଦେଖା ଦେଇଥିବା ଭୟଙ୍କର ବନ୍ୟା ଯୋଗୁ ବୋଟ ଓ ପର୍ଯ୍ୟଟନ ଶିଳ୍ପ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହୋଇଥିଲା। ମାସ ଭିତରେ ପୁଣିଥରେ ମୁଣ୍ଡଟେକି ଛିଡାହେଲା ବେଳକୁ ସରକାର ଦେଶରେ ଜିଏସ୍‌ଟି ଲାଗୁ କରିଦେଲେ। ଫଳରେ ଡଙ୍ଗା ତିଆରି ଖର୍ଚ୍ଚ ବଢ଼ିଗଲା। ମାନ୍ଦାବସ୍ଥା କାରଣରୁ ଏବେ ନୂଆ ଡଙ୍ଗା ତିଆରି କରିବା ଲାଗି କାହା ନିକଟରେ ଅର୍ଥ ନ ଥିବାବେଳେ ଦିନକୁ ଦିନ ପର୍ଯ୍ୟଟକଙ୍କ ସଂଖ୍ୟା କମିବାରେ ଲାଗିଛି। ଆୟ ନାହିଁ କହିଲେ ଚଳେ। ବୋଟ୍ ମାଲିକ ସୁବିନଙ୍କ ମତରେ ୫ ବର୍ଷ ପୂର୍ବେ ଗୋଟିଏ ହାଉସ ବୋଟ୍ ତିଆରି କରିବାରେ ପ୍ରାୟ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିଲା। ଏବେ ଏଥିପାଇଁ ପ୍ରାୟ ୨୦ ଲକ୍ଷ ଟଙ୍କା ଲାଗୁଛି। ଘର, ଜମି ବନ୍ଧା ରଖି ସେ ଡଙ୍ଗା ତିଆରି କରିଛନ୍ତି। ପର୍ଯ୍ୟଟକ ଆସୁ ନ ଥିବାରୁ ଋଣ ପରିଶୋଧ ନେଇ ସେ ଚିନ୍ତିତ ଥିବା କହିଛନ୍ତି। ସେହିପରି ଆୟ କମିଯିବାରୁ ଏବେ ହାଉସ ବୋଟ୍ ମାଲିକ ଷ୍ଟାଫଙ୍କୁ ମାସିକ ଦରମାରେ ନିଯୁକ୍ତି ଦେଇପାରୁନାହାନ୍ତି। ୧୦ବର୍ଷ ପୂର୍ବେ ହାଉସବୋଟ୍‌ରେ କାମ କରୁଥିବା ଅନିସ୍ ମାସକୁ ୨୦ ହଜାର ଟଙ୍କା ଦରମା ପାଉଥିଲେ। ଏବେ ତାଙ୍କୁ ଦୈନିକ ମଜୁରି (୭୦୦ ଟଙ୍କା)ରେ କାମ କରିବାକୁ ପଡୁଛି। ପୂର୍ବେ ଗୋଟିଏ ହାଉସ ବୋଟ୍ ନଦୀରେ ୨୨ଥର ଚକ୍କର ମାରୁଥିଲା। ଏବେ ମାସକୁ ୩/୪ଥର ଚକ୍କର ମାରିବା କଷ୍ଟକର ହୋଇପଡିଛି। ଅନିସ୍‌ଙ୍କ କହିବାନୁଯାୟୀ, ଗତ ୫ ଦିନ ହେବ ତାଙ୍କ ନିକଟରେ କୌଣସି କାମ ନାହିଁ। ଋଣ ବୋଝ ଥିବାରୁ ବାଧ୍ୟ ହୋଇ ସେ ତାଙ୍କ ସ୍ତ୍ରୀଙ୍କ ସୁନା ଗହଣା ବିକ୍ରି କରିଛନ୍ତି। ଇଂଲିଶ୍ ମିଡିୟମରେ ପଢୁଥିବା ପିଲାଙ୍କୁ ଏବେ ସେ ସରକାରୀ ସ୍କୁଲ୍‌ରେ ପଢ଼ାଇବାକୁ ନିଷ୍ପତ୍ତି ନେଇଥିବା ଅନିସ୍ କହିଛନ୍ତି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୮ ସେପ୍ଟେମ୍ବର ,୨୦୧୯



ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଭାଜପାର ପ୍ରାକ୍ତନ ନେତା ଯଶଓ୍ୱନ୍ତ ସିହ୍ନାଙ୍କୁ ମଙ୍ଗଳବାର ଶ୍ରୀନଗର ବିମାନବନ୍ଦରରୁ ଫେରାଇଦିଆଯାଇଛି। ଏୟାର ମାର୍ଶଲ (ଅବସରପ୍ରାପ୍ତ) କପିଲ କାକ୍ ଓ ସାମାଜିକ କର୍ମୀ ସୁଶୋଭା ଭାବେଙ୍କ ସହ ଯଶଓ୍ୱନ୍ତ ଅପରାହ୍ନରେ ଶ୍ରୀନଗର ବିମାନବନ୍ଦରରେ ପହଞ୍ଚିଥିଲେ। ବିମାନବନ୍ଦର ଅଧିକାରୀମାନେ ସେମାନଙ୍କୁ ଦେଖି ବିସ୍ମିତ ହୋଇଯାଇଥିଲେ। ଭିଆଇପି ଲାଉଞ୍ଜକୁ ନେବା ପରେ ଶେଷ ବିମାନରେ ଦିଲ୍ଲୀକୁ ଫେରାଇ ଦେଇଥିଲେ।



## ଆତଙ୍କବାଦୀଙ୍କ ଧମକ ସତ୍ତ୍ୱେ ସେନା ଚାହୁଁଛି ସ୍ୱାଭାବିକ ସ୍ଥିତି

# ମଝିରେ ଫସିଛନ୍ତି କଶ୍ମୀରୀ

**ନୂଆଦିଲ୍ଲୀ/ଶ୍ରୀନଗର,୧୭।୯**

ଜମ୍ମୁ-କଶ୍ମୀରର ସ୍ୱାୟତ୍ତତା ପ୍ରତ୍ୟାହାରକୁ ମଙ୍ଗଳବାର ୪୪ ଦିନ ପୂରିଛି। ଅଗଷ୍ଟ ୫ରେ କେନ୍ଦ୍ର ସରକାର ନେଇଥିବା ଏହି ନିଷ୍ପତ୍ତି ପରେ ସ୍ଥିତି କ୍ରମଶଃ ସ୍ୱାଭାବିକ ହେବାରେ ଲାଗିଛି ବୋଲି ଉଭୟ କେନ୍ଦ୍ର ସରକାର ଓ ଜମ୍ମୁ-କଶ୍ମୀର ପ୍ରଶାସନ ଦାବି କରୁଥିବାବେଳେ ଅନ୍ତର୍ଜାତୀୟ ଗଣମାଧ୍ୟମ ଏହାର ଓଲଟା ଚିତ୍ର ସାମ୍ନାକୁ ଆଣିବାରେ ଲାଗିଛି। ବ୍ୟବସାୟୀଙ୍କୁ ଦୋକାନବଜାର ବନ୍ଦ ରଖିବାକୁ ଆତଙ୍କବାଦୀମାନେ ବାରମ୍ବାର ଧମକ ଦେଇଆସୁଥିବାବେଳେ ସେନା ପକ୍ଷରୁ ଦୋକାନ ବଜାର ଖୋଲା ରଖିବାକୁ ଅନୁରୋଧ କରାଯାଉଛି। ଏଭଳି ସ୍ଥିତିରେ ଅଧିକାଂଶ ସ୍ଥାନରେ ଔଷଧ ଓ ଅନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ମଧ୍ୟ ମିଳୁନାହିଁ। ଯାନବାହନ ଚଳାଚଳ



ସମଗ୍ର ଉପତ୍ୟକାରେ ବାଧାପ୍ରାପ୍ତ ହୋଇ ରହିଛି। ସ୍କୁଲଗୁଡ଼ିକୁ ଖୋଲାଯାଉଥିଲେ ବି ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ିବା ପାଇଁ ସେମାନଙ୍କ ମା'ବାପା ସୁରକ୍ଷିତ ମଣୁନାହାନ୍ତି। ସେହିପରି ସରକାରୀ ଅଫିସ୍‌ଗୁଡ଼ିକ ଖୋଲା ରହୁଥିଲେ ହେଁ ସାଧାରଣ ପରିବହନରେ ଅବ୍ୟବସ୍ଥା ଯୋଗୁ କର୍ମଚାରୀ କିମ୍ବା କାମ ପାଇଁ ଲୋକେ ଯାଉନାହାନ୍ତି। ଅଧିକାଂଶ ସ୍ଥାନରେ ଲ୍ୟାଣ୍ଡଲାଇନ୍ ଟେଲିଫୋନ୍ ସେବାକୁ ସ୍ୱାଭାବିକ କରାଯାଇଛି। ହେଲେ ମୋବାଇଲ୍ ଫୋନ୍‌ରେ କଥାହେବା ପାଇଁ ଉପତ୍ୟକାବାସୀ ଏଯାଏ ସୁଯୋଗ ପାଇନାହାନ୍ତି। ଇଣ୍ଟରନେଟ ସେବା ଏକପ୍ରକାର ସ୍ୱପ୍ନ ହୋଇଯାଇଛି। ୩ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍‌ତି, ଫାରୁକ୍ ଅବ୍‌ଦୁଲ୍ଲା ଓ ଓମାର ଅବ୍‌ଦୁଲ୍ଲାଙ୍କ ସମେତ ବହୁନେତା ଏବେ ମଧ୍ୟ ଗୃହବନ୍ଦୀ ଅଥବା ଗିରଫ ହୋଇ ରହିଛନ୍ତି। ବିଚ୍ଛିନ୍ନତାବାଦୀଙ୍କୁ ଅଘଟଣ ଏଡାଇବା ପାଇଁ ଜେଲ୍‌ରେ ପୂରାଇ ଦିଆଯାଇଛି। ଏସବୁ ଅବ୍ୟବସ୍ଥାକୁ ନେଇ କଶ୍ମୀରୀମାନେ ଫସିଯାଇଛନ୍ତି।

### ଅନୁପ୍ରବେଶ କଲେଣି ୬୦ ଆତଙ୍କବାଦୀ

**ଶ୍ରୀନଗର,୧୭।୯(ପି.ଟି.)**

ଅଗଷ୍ଟ ୫ରେ ଜମ୍ମୁ-କଶ୍ମୀରର ସ୍ୱତନ୍ତ୍ର ମାନ୍ୟତା ପ୍ରତ୍ୟାହାର ପରଠାରୁ ଉପତ୍ୟକାକୁ ୬୦ ଆତଙ୍କବାଦୀ ଅନୁପ୍ରବେଶ କରିଛନ୍ତି। ପାକିସ୍ତାନୀ ସେନା ସେମାନଙ୍କୁ ନିଷ୍କ୍ରିୟ ପଥ ଦେଇ ଅନୁପ୍ରବେଶ କରାଇଛି। ଉତ୍ତର କଶ୍ମୀର ଏବଂ ଜମ୍ମୁ ଅଞ୍ଚଳର ପୁଞ୍ଚ୍ ଓ ରାଜୌରୀ ସଂଲଗ୍ନ ନିୟନ୍ତ୍ରଣରେଖା (ଏଲ୍‌ଓସି)ରେ ରହିଥିବା ନିଷ୍କ୍ରିୟ ପଥ ଦେଇ ସର୍ବାଧିକ ଆତଙ୍କବାଦୀ ଆସିଥିବା ମଙ୍ଗଳବାର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ତେବେ ଏନେଇ ସେନା ପକ୍ଷରୁ ଆନୁଷ୍ଠାନିକ ଭାବେ କିଛି କୁହାଯାଇନାହିଁ। ପ୍ରକାଶ ଯେ, କେତେଜଣ ଆତଙ୍କବାଦୀ ଅନୁପ୍ରବେଶରେ ସଫଳ ହୋଇଥିବାବେଳେ ଆଉ କେତେକଙ୍କ ଉଦ୍ୟମକୁ ପଣ୍ଡ କରାଯାଇଥିବା ଜମ୍ମୁ-କଶ୍ମୀର ପୋଲିସ ମହାନିର୍ଦ୍ଦେଶକ ନିକଟରେ ସ୍ୱୀକାର କରିଥିଲେ।



ପଞ୍ଚମଥର ପାଇଁ କ୍ଷମତାସୀନ ହେବାକୁ ଅଣ୍ଟାଭିଡ଼ିଥିବା ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେନ୍‌ୟାମିନ୍ ନେତାନ୍ୟାହୁ ଜେରୁଜେଲମ୍‌ର ଏକ ବୁଥ୍‌ରେ ମଙ୍ଗଳବାର ସ୍ତ୍ରୀ ସାରାଙ୍କ ସହ ଭୋଟ ଦେଉଛନ୍ତି।

## ମାୟାବତୀଙ୍କୁ ଜୋର୍‌ଦାର ଝଟକା

# ରାଜସ୍ଥାନର ୬ ବିଏସ୍‌ପି ବିଧାୟକ କଂଗ୍ରେସରେ

**ଜୟପୁର, ୧୭।୯(ପି.ଟି.)**

ରାଜସ୍ଥାନରେ ବିଏସ୍‌ପି ସୁପ୍ରିମୋ ମାୟାବତୀଙ୍କୁ ଜୋରଦାର ଝଟକା ଲାଗିଛି। ଏଠାରେ ବିଏସ୍‌ପିର ସମସ୍ତ ୬ ବିଧାୟକ ଶାସକ କଂଗ୍ରେସ ଦଳରେ ସାମିଲ ହୋଇଛନ୍ତି। ଆଗକୁ ପୌର ନିର୍ବାଚନ ଓ ଦୁଇଟି ବିଧାନସଭା ଆସନ ଲାଗି ଉପନିର୍ବାଚନ ହେବାକୁ ଥିବାବେଳେ କଂଗ୍ରେସ ଶକ୍ତିବୃଦ୍ଧି କ୍ଷେତ୍ରରେ ଏହା ବେଶ୍ ସହାୟକ ହେବ ବୋଲି କୁହାଯାଉଛି। ୨୦୦ ଆସନ ବିଶିଷ୍ଟ ରାଜ୍ୟ ବିଧାନସଭାରେ ୨ ଆସନ ଖାଲି ପଡ଼ିଥିବାବେଳେ ମିଶ୍ରଣ ପରେ କଂଗ୍ରେସ ସଦସ୍ୟ ସଂଖ୍ୟା ୧୦୬ରେ ପହଞ୍ଚିଛି। ବିଏସ୍‌ପି ବିଧାୟକ କଂଗ୍ରେସରେ ମିଶିବା ପରେ ମାୟାବତୀ ସମାଲୋଚନା କରିଛନ୍ତି। କଂଗ୍ରେସ ପ୍ରତାରଣା କରିଛି ଓ ଏହାକୁ ବିଶ୍ୱାସ କରାଯିବା ଅନୁଚିତ ବୋଲି ସେ ପ୍ରକାଶ କରିଛନ୍ତି।

ବିଧାୟକ ରାଜେନ୍ଦ୍ର ସିଂ ଗୁଧା, ଯୋଗେନ୍ଦ୍ର ସିଂ ଆୱାନା, ୱାଜିଦ୍ ଅଲି, ଲଖନ୍ ସିଂ ମୀନା, ସନ୍ଦୀପ ଯାଦବ ଓ ଦୀପଚାନ୍ଦ୍ ସୋମବାର ରାତିରେ ମିଳିତ ଭାବେ ବିଧାନସଭା ବାଚସ୍ପତି ସି.ପି. ଜୋଷୀଙ୍କୁ ସାକ୍ଷାତ କରି କଂଗ୍ରେସରେ ଯୋଗଦେବା ନିଷ୍ପତ୍ତି ସମ୍ପର୍କରେ ଏକ ପତ୍ର ପ୍ରଦାନ କରିଥିଲେ। ଏହି ବିଏସ୍‌ପି ବିଧାୟକମାନେ ପୂର୍ବରୁ ଅଶୋକ ଗେହଲଟ୍‌ଙ୍କ ସରକାରକୁ ବାହାରୁ ସମର୍ଥନ କରିଆସୁଥିଲେ ଓ କ୍ରମାଗତ ଭାବେ ମୁଖ୍ୟମନ୍ତ୍ରୀଙ୍କ ସହ ଯୋଗାଯୋଗ ସ୍ଥାପନରେ ଥିଲେ।

# ଆମେ ଆତଙ୍କବାଦୀ ନୋହୁଁ

**ନୂଆଦିଲ୍ଲୀ,୧୭।୯(ପି.ଟି.)**

### କଶ୍ମୀରରେ ଯାହା ଚାଲିଛି ତାହା ଦେଶ ହିତରେ ନୁହେଁ: ତାରିଗାମୀ

ଆମେ ଆତଙ୍କବାଦୀ ନୋହୁଁ। କଶ୍ମୀରରେ ଯାହା ଚାଲିଛି ତାହା ଦେଶ ହିତରେ ନୁହେଁ। ନ୍ୟାଶନାଲ୍ କନ୍‌ଫରେନ୍ସ (ଏନ୍‌ସି) ଅଧ୍ୟକ୍ଷ ଫାରୁକ୍ ଅବ୍‌ଦୁଲ୍ଲାଙ୍କୁ ସାଧାରଣ ନିରାପତ୍ତା ଆଇନ (ପିଏସ୍‌ଏ) ବଳରେ ଗୃହବନ୍ଦୀ ରଖାଯିବା ଅଗଣତାନ୍ତ୍ରିକ। ଆମେ ଯାହା କରିପାରି ନ ଥିଲୁ ସରକାର ତାହା କରିଦେଇଛନ୍ତି କହି ସୀମା ସେପଟର ଲୋକେ ତାଳି ବଜାଉଛନ୍ତି। ଦିଲ୍ଲୀର ଏମ୍ସରେ ଚିକିତ୍ସାଧୀନ କଶ୍ମୀରର ସିପିଏମ୍ ନେତା ମହମ୍ମଦ ତାରିଗାମୀ ଏଭଳି ଭାଷାରେ ମଙ୍ଗଳବାର କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ସିପିଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀଙ୍କ ସହ ଏକ ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ ତାରିଗାମୀ କହିଛନ୍ତି, ସେ, ଫାରୁକ୍ ଓ ଅନ୍ୟମାନେ ଆତଙ୍କବାଦୀ ନୁହନ୍ତି। ବର୍ତ୍ତମାନର ଘଡ଼ିସନ୍ଧି ମୁହୂର୍ତ୍ତକୁ ନେଇ ସେ ବିଚଳିତ। କଶ୍ମୀରୀମାନେ ବର୍ତ୍ତମାନର ସରକାରଠାରୁ ଅଧିକ କିଛି ଆଶା



କରୁନାହାନ୍ତି ବୋଲି ସେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପ୍ରକାଶ ଯେ, ଶ୍ରୀନଗରରେ ଗୃହବନ୍ଦୀ ଥିବା ଅସୁସ୍ଥ ତାରିଗାମୀଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଦିଲ୍ଲୀର ଏମ୍ସରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି।

# ଭାରତର ହେବ ପିଓକେ

**ନୂଆଦିଲ୍ଲୀ, ୧୭।୯**

ପିଓକେ(ପାକିସ୍ତାନ ଅଧିକୃତ କଶ୍ମୀର) ଭାରତର ଅଂଶବିଶେଷ। ଦିନେ ଏହା ଭାରତର ଅଂଶବିଶେଷ ଭାବେ ପରିଗଣିତ ହେବ। ଏନେଇ ନୂଆଦିଲ୍ଲୀ ପକ୍ଷରୁ ପ୍ରୟାସ ଜାରି ରହିଥିବା ମଙ୍ଗଳବାର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ପ୍ରକାଶ କରିଛନ୍ତି। ଏବେ କଶ୍ମୀରକୁ ନେଇ ନୁହେଁ ବରଂ ପିଓକେ କୁ ନେଇ ପାକିସ୍ତାନ ସହ କେବଳ ଆଲୋଚନା କରାଯିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। କଶ୍ମୀରର ସାମ୍ପ୍ରତିକ ସ୍ଥିତି ନେଇ ସେ ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି, ଏହା ଭାରତର ଆଭ୍ୟନ୍ତରୀଣ ବ୍ୟାପାର। ଏନେଇ କେହି ଅଧିକ ବ୍ୟସ୍ତ ହେବା ଅନୁଚିତ। ପାକିସ୍ତାନ ଏହାକୁ ରଙ୍ଗଦେବା ସହ ଅନ୍ତର୍ଜାତୀୟ ସ୍ତରରେ ଉଠାଉଛି। ପାକ୍ ଆତଙ୍କବାଦ ବନ୍ଦକରି ଭଲ ପଡ଼ୋଶୀ ହେବା ଲାଗି ପ୍ରୟାସ କରିବା ଉଚିତ ବୋଲି ଜୟଶଙ୍କର କହିଛନ୍ତି।



ପାକ୍ ଆତଙ୍କବାଦ ବନ୍ଦକରି ଭଲ ପଡ଼ୋଶୀ ହେଉ: ଜୟଶଙ୍କର

# ଦଳିତ ଏମ୍‌ପିଙ୍କୁ ଗାଁରେ ପୂରାଇଦେଲେନି

**ବେଙ୍ଗାଲୁରୁ,୧୭।୯:** କର୍ନାଟକର ଦଳିତ ଏମ୍‌ପି ଏ. ନାରାୟଣସ୍ୱାମୀଙ୍କୁ ତାଙ୍କ ସଂସଦୀୟ କ୍ଷେତ୍ରର ଏକ ଗାଁରେ ଗୋଲ୍ଲା (ଓବିସି) ସମ୍ପ୍ରଦାୟର ଲୋକେ ପୂରାଇଦେଲେ ନାହିଁ। ଚିତ୍ରଦୁର୍ଗ ଆସନରୁ ପ୍ରତିନିଧିତ୍ୱ କରୁଥିବା ନାରାୟାଣସ୍ୱାମୀ ନିମ୍ନଜାତିର ହୋଇଥିବାରୁ ତାଙ୍କୁ ଅସ୍ପୃଶ୍ୟ କହି ଗାଁ ଲୋକେ ଘଉଡ଼ାଇଦେଇଛନ୍ତି। ଭାଜପା ଏମ୍‌ପି ନାରାୟଣସ୍ୱାମୀ ସୋମବାର ଏକ ଫାର୍ମା କମ୍ପାନୀର ଡାକ୍ତରୀ ଦଳ ଓ ଅନ୍ୟ ଅଧିକାରୀଙ୍କ ସହ ମିଶି ଟୁମୁକୁର ଜିଲା ପ୍ରଭାଗଡ଼ସ୍ଥିତ ଗୋଲ୍ଲାରାହାଟ୍ଟି ଗ୍ରାମକୁ ଯାଇଥିଲେ। ହେଲେ ଗାଁକୁ କେବେ ଦଳିତ କିମ୍ବା ଛୋଟ ଜାତିର ଲୋକ ପ୍ରବେଶ କରି ନ ଥିବା କହି ଗୋଲ୍ଲା ସମ୍ପ୍ରଦାୟର ଲୋକେ ତାଙ୍କୁ ଅପମାନିତ କରିଥିଲେ। ଏଥିସହ ତାଙ୍କୁ ସେଠାରୁ ଫେରିଯିବାକୁ କହିଥିଲେ। କିଛି ସମୟର ଯୁକ୍ତିତର୍କ ପରେ ନାରାୟଣସ୍ୱାମୀ ସେଠାରୁ ନିଜ କାର୍‌ରେ ଫେରିଯାଇଥିଲେ। ଏମ୍‌ପିଙ୍କୁ ନିର୍ଦ୍ଦିଷ୍ଟ ଭାବେ କିଏ ଗାଁରେ ପୂରାଇ ଦେଲେନାହିଁ ସେନେଇ ପୋଲିସ ତଦନ୍ତ ଚଳାଇଥିବା ଏସ୍‌ପି ସୂଚନା ଦେଇଛନ୍ତି।



ଏ. ନାରାୟଣସ୍ୱାମୀ

# ପାକିସ୍ତାନରେ ହିନ୍ଦୁ ଯୁବତୀଙ୍କୁ ହତ୍ୟା

**ସିନ୍ଧ, ୧୭।୯:** ପାକିସ୍ତାନର ସିନ୍ଧରେ ଜଣେ ହିନ୍ଦୁ ଛାତ୍ରୀଙ୍କୁ ହତ୍ୟା କରାଯାଇଛି। ଘୋଟ୍‌କି ନିବାସୀ ନମ୍ରିତା ଚନ୍ଦାନୀ ହଷ୍ଟେଲ୍‌ରେ ରହି ମେଡିକାଲ ପଢୁଥିଲେ। ମଙ୍ଗଳବାର ହଷ୍ଟେଲ୍ ରୁମ୍‌ରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ରୁମ୍ ଭିତରେ ତାଙ୍କ ବେକରେ ଲୁଗା ଲାଗିଥିବାରୁ ଏହା ଏକ ଆତ୍ମହତ୍ୟା ବୋଲି କୁହାଯାଇଛି। ହେଲେ ରୁମ୍ ବାହାରୁ ତାଲା ପଡ଼ିବା ଘଟଣା ସନ୍ଦେହକୁ ଦୃଢ଼ୀଭୂତ କରିଛି। ନମ୍ରିତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ନମ୍ରିତାଙ୍କ ଭାଇ ବିଶାଲ ଜଣେ ମେଡିକାଲ କନ୍‌ସଲ୍‌ଟାଣ୍ଟ ହୋଇଥିବାବେଳେ ସେ ମଧ୍ୟ ପ୍ରାଥମିକ ତଦନ୍ତ ପରେ ଏହାକୁ ହତ୍ୟାକାଣ୍ଡ ବୋଲି କହିଛନ୍ତି। ବେକରେ ତାର ଚିହ୍ନ ରହିବା, ହାତରେ ଦାଗ ରହିବା, ହଷ୍ଟେଲ୍ ବାହାରୁ ତାଲାପଡ଼ିବା ହତ୍ୟାକାଣ୍ଡକୁ ସୂଚାଉଛି କହି ଏହାର ବିଧିବଦ୍ଧ ତଦନ୍ତ କରାଯିବା ଲାଗି ବିଶାଲ ଦାବି କରିଛନ୍ତି। ଦୁଇଦିନ ତଳେ ଘୋଟ୍‌କିରେ ସେଠାକାର ଲୋକେ ଏକ ମନ୍ଦିରରେ ଭଙ୍ଗାରୁଜା କରିବା, ଈଶ୍ୱରଙ୍କୁ ନିନ୍ଦାକରିବା ଅଭିଯୋଗରେ ଜଣେ ହିନ୍ଦୁ ପ୍ରିନ୍ସିପାଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରେ ଏଭଳିଘଟଣା ଘଟିଛି।



# 'ଉତ୍ତେଜନା ହ୍ରାସ ପାଇଁ ବହୁତ କିଛି କରାଯାଇଛି'

**ୱାଶିଂଟନ/ନୂଆଦିଲ୍ଲୀ,୧୭।୯:** ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଖୁବ୍‌ଶୀଘ୍ର ସାକ୍ଷାତ୍ ହେବ। ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ହ୍ରାସ ପାଇଁ ଅନେକ କିଛି କରାଯାଇଛି ବୋଲି ମଙ୍ଗଳବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସୂଚନା ଦେଇଛନ୍ତି।

ଆମେରିକାର ହ୍ୟୁଷ୍ଟନରେ ଆସନ୍ତା ୨୨ରେ ହେବାକୁ ଥିବା 'ହାଓ୍ୱଡ଼ି ମୋଦି' ମେଗା ଇଭେଣ୍ଟରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ଟ୍ରମ୍ପ୍ ଭାରତୀୟ ବଂଶୋଦ୍ଭବଙ୍କୁ ସମ୍ବୋଧିତ କରିବେ। ତେବେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ସହ କେବେ ଓ କେଉଁଠି ସାକ୍ଷାତ୍ ହେବ ସେନେଇ ଟ୍ରମ୍ପ୍ କିଛି କହିନାହାନ୍ତି। ଅନ୍ୟପକ୍ଷରେ ମୋଦିଙ୍କ କାର୍ଯ୍ୟକ୍ରମରେ ଟ୍ରମ୍ପ୍‌ଙ୍କ ଯୋଗଦେବା ଫଳରେ ବିଶ୍ୱକୁ ଏକ ବାର୍ତ୍ତା ଯିବ ବୋଲି ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କହିଛନ୍ତି। ମୋଦି ଆମେରିକା ଗସ୍ତ ବେଳେ ଜାତିସଂଘ ସାଧାରଣ ସଭା (ୟୁଏନ୍‌ଜିଏ)ରେ ଯୋଗଦେବେ। ଏହି ପରିପ୍ରେକ୍ଷୀରେ ସେ ୫୦,୦୦୦ ଭାରତୀୟଙ୍କୁ ହ୍ୟୁଷ୍ଟନରେ ସମ୍ବୋଧିତ କରିବେ।



ଡୋନାଲ୍ଡ ଟ୍ରମ୍ପ୍

# ଜନ୍ମଦିନରେ ମା'ଙ୍କ ଆଶୀର୍ବାଦ ନେଲେ ମୋଦି

**ନୂଆଦିଲ୍ଲୀ, ୧୭।୯:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ୬୯ ବର୍ଷରେ ପଦାର୍ପଣ କରିଛନ୍ତି। ଏଥିଲାଗି ସେ ନିଜ ଘରକୁ ଯାଇ ମା' ହୀରାବେନ୍‌ଙ୍କଠାରୁ ଆଶୀର୍ବାଦ ଗ୍ରହଣ କରିଛନ୍ତି। ଗୁଜରାଟର ଗାନ୍ଧୀନଗର ଗସ୍ତକରି ମା'ଙ୍କ ସହ ଭୋଜନ ମଧ୍ୟ କରିଛନ୍ତି। ପ୍ରତିବର୍ଷ ଜନ୍ମଦିନରେ ସେ ତାଙ୍କ ମା'ଙ୍କୁ ଦେଖିବାକୁ ନିଜ ରାଜ୍ୟ ଗୁଜରାଟ ଗସ୍ତ କରିଥାନ୍ତି। ଏହା ପରେ ମଙ୍ଗଳବାର ସେ କାଭାଡିୟାସ୍ଥିତ ସର୍ଦ୍ଦାର ସରୋବର ଡ୍ୟାମ୍ ଓ ଷ୍ଟାଚ୍ୟୁ ଅଫ୍ ୟୁନିଟି ପରିଦର୍ଶନ କରିଛନ୍ତି। କାଭାଡିୟାରେ ଥିବା ଗାର୍ଡେନ ଓ ଖଲ୍‌ଭାନି ଇକୋ-ଟୁରିଜମ୍ ସାଇଟ୍‌ରେ ସେ କିଛି ସମୟ ବିତାଇଥିଲେ। ତାଙ୍କ ସହ ଗୁଜରାଟ ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ ଓ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀ ମଧ୍ୟ ପରିଦର୍ଶନରେ ଯାଇଥିଲେ। ମୋଦିଙ୍କ ଜନ୍ମଦିନରେ ଶୁଭେଚ୍ଛାର ସୁଅ ଦେଖିବାକୁ ମିଳିଛି। ବିଭିନ୍ନ କେନ୍ଦ୍ରମନ୍ତ୍ରୀ, ଦଳୀୟ ବିଧାୟକ ଓ ଶୁଭେଚ୍ଛୁମାନେ ତାଙ୍କର ଶୁଭ ମନାସି ଥିବାବେଳେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, କଂଗ୍ରେସ ନେତା ରାହୁଲ ଗାନ୍ଧୀ, ବିଏସ୍‌ପି ସୁପ୍ରିମୋ ମାୟାବତୀ, ଜେଡିୟୁ ନେତା ନୀତୀଶ କୁମାର, ବିଜେଡି ମୁଖ୍ୟ ନବୀନ ପଟ୍ଟନାୟକ, ଟିଏମ୍‌ସି ନେତ୍ରୀ ମମତା ବାନାର୍ଜୀ ପ୍ରମୁଖ ମୋଦିଙ୍କୁ ଜନ୍ମଦିନର ଶୁଭକାମନା ଜଣାଇଥିଲେ।



ପ୍ରଧାନମନ୍ତ୍ରୀଙ୍କୁ ୬୯

# ବାମ ସଙ୍ଗଠନ ଦଖଲରେ ଜେଏନ୍‌ୟୁ

**ନୂଆଦିଲ୍ଲୀ,୧୭।୯(ପି.ଟି.)**

### ଆଇଶେ ଘୋଷ ସଭାପତି

ଦିଲ୍ଲୀର ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ)କୁ ବାମପନ୍ଥୀ ଛାତ୍ର ସଙ୍ଗଠନଗୁଡ଼ିକ ଦଖଲ କରିଛନ୍ତି। ଛାତ୍ର ସଂସଦ ନିର୍ବାଚନରେ ୪ ପ୍ରମୁଖ ପଦବୀରେ ଆଇଏଏସ୍‌ଏ, ଏସ୍‌ଏଫ୍‌ଆଇ, ଏଆଇଏସ୍‌ଏଫ୍ ଏବଂ ଡିଏସ୍‌ଏଫ୍‌କୁ ନେଇ ଗଠିତ ସଂଯୁକ୍ତ ମେଣ୍ଟ ସଫଳ ହୋଇଥିବା ମଙ୍ଗଳବାର ନିର୍ବାଚନ କମିଟି ପକ୍ଷରୁ ଘୋଷଣା କରାଯାଇଛି।

ସଂଯୁକ୍ତ ମେଣ୍ଟର ସଭାପତି ପ୍ରାର୍ଥୀ ଆଇଶେ ଘୋଷ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି)ର ମନୀଷ୍ ଜାଙ୍ଗିଡ୍‌ଙ୍କୁ ପରାଜିତ କରିଛନ୍ତି। ଆଇଶେଙ୍କୁ ୨,୩୧୩ ଭୋଟ ମିଳିଥିବାବେଳେ ଜାଙ୍ଗିଡ୍‌ଙ୍କୁ ୧,୧୨୮ ଛାତ୍ରୀଛାତ୍ର ସମର୍ଥନ କରିଛନ୍ତି। ସେହିପରି ଉପସଭାପତି ପଦ ପାଇଁ ସଂଯୁକ୍ତ ମେଣ୍ଟର ସାକେତ ମୁନ୍ ୩,୩୬୫ ଭୋଟ ପାଇ ବିଜୟୀ ହୋଇଥିବାବେଳେ ଏବିଭିପି ପ୍ରାର୍ଥୀ ଶ୍ରୁତି ଅଗ୍ନିହୋତ୍ରୀ ୧,୩୩୫ ଖଣ୍ଡ ଭୋଟ ପାଇ ହାରିଯାଇଛନ୍ତି। ସତୀଶ ଚନ୍ଦ୍ର ଯାଦବ ୨,୫୧୮ ଭୋଟ ପାଇ ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିବାବେଳେ ସବରୀଶ ପିଏ ୧,୩୫୫ ଭୋଟ ସହ ପରାଜୟ ସ୍ୱୀକାର କରିଛନ୍ତି। ୩,୨୯୫ ଭୋଟ ପାଇଥିବା ମହମ୍ମଦ ଦାନିଶ ଯୁଗ୍ମ ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇ ସୁମନ୍ତ କୁମାର ସାହୁଙ୍କୁ ହରାଇଛନ୍ତି। ଶୁକ୍ରବାର ଅନୁଷ୍ଠିତ ଜେଏନ୍‌ୟୁଏସ୍‌ୟୁ ନିର୍ବାଚନରେ ୫,୭୦୦ ଛାତ୍ରୀଛାତ୍ର ମତାଧିକାର ସାବ୍ୟସ୍ତ କରିଥିଲେ। ମତଦାନ ହାର ୬୭.୯% ଥିଲା, ଯାହାକି ୭ ବର୍ଷରେ ସର୍ବାଧିକ ବୋଲି କୁହାଯାଉଛି। ଦିଲ୍ଲୀ ହାଇକୋର୍ଟଙ୍କ ଅନୁମତି ପରେ ଏହି ନିର୍ବାଚନ ଫଳ ଘୋଷଣା କରାଯାଇଛି।

ଇତିହାସର ଆଇନାରେ

### ସେପ୍ଟେମ୍ବର ୧୮ର ପ୍ରମୁଖ ଘଟଣା

୨୦୧୬ ସେପ୍ଟେମ୍ବର ୧୮ରେ ଜମ୍ମୁ-କଶ୍ମୀରର ଉରିସ୍ଥିତ ସେନା ମୁଖ୍ୟାଳୟ ଉପରେ ଆତଙ୍କବାଦୀ ଆକ୍ରମଣ କରାଯାଇଥିଲା। ଏହି ଆକ୍ରମଣ ପଛରେ ପାକିସ୍ତାନ ସମର୍ଥିତ ଜୈଶ୍-ଇ-ମହମ୍ମଦ ଆତଙ୍କବାଦୀ ସଙ୍ଗଠନର ହାତ ଥିଲା। ଏଥିରେ ୧୯ ଭାରତୀୟ ସେନା ଶହିଦ ହେବା ସହ ୪ ଅତଙ୍କବାଦୀ ନିହତ ହୋଇଥିଲେ। ପାଖାପାଖି ୩୦ ଜଣ ଆହତ ମଧ୍ୟ ହୋଇଥିଲେ।

୨୦୧୮ସେପ୍ଟେମ୍ବର ୧୮ରେ ନାଇଜେରିଆରେ ଭୟଙ୍କର ବନ୍ୟା ଯୋଗୁ ଶତାଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା। ଲଗାଣ ବର୍ଷା ଯୋଗୁ ଦେଶର ନାଇଜର ଓ ବେନ୍ୟୁ ନଦୀରେ ବନ୍ୟା ଆସିଥିଲା। ଡ୍ରେନେଜ୍ ବ୍ୟବସ୍ଥା ଠିକ୍ ନ ଥିବା, ଯୋଜନାହୀନ ଭାବେ ସହର ଗଢ଼ିଉଠିବା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥାଏ।

## ଆଫଗାନିସ୍ତାନ ନିର୍ବାଚନ ପୂର୍ବରୁ ତାଲିବାନର ବର୍ବରତା

# ରାଷ୍ଟ୍ରପତିଙ୍କ ସଭାରେ ବିସ୍ଫୋରଣ: ୨୬ ନିହତ

**କାବୁଲ,୧୭।୯(ପି.ଟି./ ଆଇଏଏନ୍‌ଏସ୍)**

ଯୁଦ୍ଧ ପ୍ରଭାବିତ ଆଫଗାନିସ୍ତାନରେ ସାଧାରଣ ନିର୍ବାଚନ ପୂର୍ବରୁ ସଂହାରଲୀଳା ରଚିଛି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଙ୍ଗଠନ ତାଲିବାନ। ପରଓ୍ୱାନ ପ୍ରଦେଶରେ ମଙ୍ଗଳବାର ରାଷ୍ଟ୍ରପତି ଅଶ୍‌ରଫ୍ ଗନିଙ୍କ ଏକ ନିର୍ବାଚନୀ ସଭାରେ ଆତଙ୍କବାଦୀ ଆତ୍ମଘାତୀ ବିସ୍ଫୋରଣ ଘଟାଇଛନ୍ତି। ଏଥିରେ ୨୬ ପ୍ରାଣ ହରାଇଥିବାବେଳେ ୪୨ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି।

ଆଫଗାନିସ୍ତାନରେ ଆସନ୍ତା ୨୮ ତାରିଖରେ ସାଧାରଣ ନିର୍ବାଚନ ହେବ। ଏଥିପାଇଁ ପରଓ୍ୱାନର ଚାରିକାର ସହରରେ ମଙ୍ଗଳବାର ପୂର୍ବାହ୍ନ ୧୧ଟା ୪୦ରେ ରାଷ୍ଟ୍ରପତି ଅଶ୍‌ରଫ୍ ଏକ ସଭାକୁ ସମ୍ବୋଧିତ କରୁଥିଲେ। ଏହି ସମୟରେ ଜଣେ ଆତଙ୍କବାଦୀ ଆତ୍ମଘାତୀ ବିସ୍ଫୋରକ ବୋଝେଇ ବାଇକ୍‌ରେ ଦ୍ରୁତଗତିରେ ସେଠାକୁ ମାଡ଼ିଯାଇ ବିସ୍ଫୋରଣରେ ନିଜକୁ ଉଡାଇଦେଇଥିଲେ। ଫଳରେ ସଭାରେ ଉପସ୍ଥିତ ଜନତାଙ୍କ ମଧ୍ୟରୁ ୨୬ ଜଣ ନିହତ ହୋଇଥିଲେ। ଏହାସହ ୪୨ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଆହତମାନଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ରାଷ୍ଟ୍ରପତି ଓ ତାଙ୍କ ସହଯୋଗୀ ଅମରୁଲ୍ଲା ସାଲେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଆକ୍ରମଣ ପାଇଁ ତାଲିବାନ ନିଜକୁ ଦାୟୀ କରିଛି। ପ୍ରଚାର ସଭାରେ ଉପସ୍ଥିତ ସୁରକ୍ଷା ବଳକୁ ଟାର୍ଗେଟ କରିବା ପାଇଁ ଆକ୍ରମଣ ହୋଇଥିବା ତାଲିବାନ ମୁଖପାତ୍ର ଜାବିହୁଲ୍ଲା ମୁଜାହିଦ୍ କହିଛନ୍ତି। ସେହିପରି ଏହାର ଘଣ୍ଟାଏ ପରେ ଆଫଗାନିସ୍ତାନ ପ୍ରତିରକ୍ଷା ମନ୍ତ୍ରଣାଳୟର ଏକ କୋଠା ଓ କାବୁଲସ୍ଥିତ ଆମେରିକା ଦୂତାବାସରେ ମଧ୍ୟ ତାଲିବାନ ଆକ୍ରମଣ କରିଛି। ଏଥିରେ ୩ ନିହତ ହୋଇଛନ୍ତି। ପ୍ରକାଶ ଯେ, ବିଦେଶୀ ଶକ୍ତିଙ୍କ ଦ୍ୱାରା ହେରଫେର କରାଯାଉଥିବା ଦର୍ଶାଇ ନିର୍ବାଚନକୁ ବର୍ଜନ କରିବା ପାଇଁ ଲୋକଙ୍କୁ ଗତ ଅଗଷ୍ଟରେ ତାଲିବାନ ଧମକ ଦେଇଥିଲା। ରାଷ୍ଟ୍ରପତି ନିର୍ବାଚନରେ ମୋଟ ୧୮ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ଅଶ୍‌ରଫ୍ ଗନି ପୁନଃ ନିର୍ବାଚିତ ହେବା ପାଇଁ ଉଦ୍ୟମ ଚଳାଇଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗତ ୧୦ ତାରିଖରେ ତାଲିବାନ ସହ ଶାନ୍ତି ଆଲୋଚନା ରଦ୍ଦ କରିବା ପରେ ଆଫଗାନିସ୍ତାନରେ ଏହା ହେଉଛି ସବୁଠୁ ବଡ଼ ଆକ୍ରମଣ, ଯାହାକୁ ଜାତିସଂଘ ସମେତ ବିଭିନ୍ନ ଦେଶ ପକ୍ଷରୁ ନିନ୍ଦା କରାଯାଇଛି।





ବର୍ତ୍ତିଲେ ଅଶ୍‌ରଫ୍ ଗନି



**ଶିକ୍ଷୟିତ୍ରୀଙ୍କୁ ଛୁରି ଭୁସି ହତ୍ୟା କଲେ ଛାତ୍ର**

ମୁମ୍ବାଇର ସହରତଳି ଶିବାଜୀ ନଗରସ୍ଥିତ ଗୋବାନ୍ଦି ଅଞ୍ଚଳରେ ଜଣେ ଶିକ୍ଷୟିତ୍ରୀ ଆସ୍‌ଲମ ହୁସୁୟାଇ(୩୦)ଙ୍କୁ ୧୨ ବର୍ଷ ବୟସର ଏକ ଛାତ୍ର ଛୁରି ଭୁସି ହତ୍ୟା କରିଥିବା ଜଣାପଡ଼ିଛି। ଟଙ୍କା ପଇସାକୁ ନେଇ ଉକ୍ତ ବାଳକର ମା'ଙ୍କ ସହ ଶିକ୍ଷୟିତ୍ରୀଙ୍କ ପାଟିତୁଣ୍ଡ ହେବାରୁ ସେ ଏଭଳି କାମ କରିଥିବା ଅଭିଯୋଗ ହୋଇଛି।




# ତାଳଚେର ସାର କାରଖାନାରୁ ଉତ୍ପାଦନ ହେବ ୟୁରିଆ, ଆମୋନିଆ

**ନୂଆଦିଲ୍ଲୀ,୧୭।୯**

ଅନୁଗୋଳ ଜିଲାର ତାଳଚେରସ୍ଥିତ ସାର କାରଖାନାରୁ ୟୁରିଆ ଏବଂ ଆମୋନିଆ ଉତ୍ପାଦନ ଲାଗି କୋଲ୍ ଗ୍ୟାସିଫିକେଶନ(କୋଇଲା ବାଷ୍ପୀକରଣ) ୟୁନିଟ ସ୍ଥାପନ ଲାଗି ଅଂଶୀଦାରଙ୍କ ମଧ୍ୟରେ ମଙ୍ଗଳବାର ଚୁକ୍ତି ସ୍ୱାକ୍ଷରିତ ହୋଇଛି। ୧୩,୨୭୭ କୋଟି ଟଙ୍କା ନିବେଶରେ ଏହି ୟୁନିଟ ଗ୍ୟାସ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍(ଗେଲ୍), ଆର୍‌ସିଏଫ୍, କୋଲ ଇଣ୍ଡିଆ ଲିମିଟେଡ୍ (ସିଆଇଏଲ୍) ଏବଂ ଏଫ୍‌ସିଆଇଏଲ୍ ଭଳି କମ୍ପାନୀ ଦ୍ୱାରା ମିଳିତ ଭାବେ ସ୍ଥାପନ କରାଯିବ। ପ୍ଲାଣ୍ଟ କାର୍ଯ୍ୟକ୍ଷମ ହେଲେ ବାର୍ଷିକ ୧.୨୭ ନିୟୁତ ମେଟ୍ରିକ ଟନ୍ ୟୁରିଆ ଏବଂ ୦.୭୩ ନିୟୁତ ମେଟ୍ରିକ ଟନ୍ ଆମୋନିଆ ଉତ୍ପାଦିତ ହେବ। ପ୍ଲାଣ୍ଟ ଲାଗି କୋଲ୍ ଗ୍ୟାସିଫିକେଶନ ଟେକ୍ନୋଲୋଜି ଉହାନ ଇଞ୍ଜିନିୟରିଂ କମ୍ପାନୀ ଲିମିଟେଡ ପ୍ରଦାନ କରିବ ବୋଲି ଜଣାପଡ଼ିଛି।

କାର୍ଯ୍ୟକ୍ରମରେ ଯୋଗଦେଇ ପେଟ୍ରୋଲିୟମ ତଥା ପ୍ରାକୃତିକ ବାଷ୍ପ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ତାଳଚେର ସାର କାରଖାନା ନୂଆ ଜ୍ଞାନକୌଶଳ ଆଧାରରେ ଆମୋନିଆ ଏବଂ ୟୁରିଆ ପ୍ରସ୍ତୁତ କରିବାକୁ ସକ୍ଷମ ହେବ। ଦେଶର ବିକାଶଧାରାରେ ଏହା ଏକ ନୂତନ ଅଧ୍ୟାୟ ଯୋଡିବ। ଶିଳ୍ପ ୟୁନିଟଗୁଡ଼ିକରେ ଅଙ୍ଗାରକାମ୍ଳ ବାଷ୍ପ କମାଇବା ଦିଗରେ ଭାରତ ଏହାର ପ୍ରତିବଦ୍ଧତା ଦେଖାଇବା ସହ କୋଲ୍ ଗ୍ୟାସିଫିକେଶନ ଟେକ୍ନୋଲୋଜି ଦ୍ୱାରା ଏହି ଦିଗରେ ଅଗ୍ରସର ହେଉଛି। ଅନେକ ଦିନରୁ ବନ୍ଦ ପଡିଥିବା ଏହି ୟୁନିଟକୁ ପୁନରୁଦ୍ଧାର ଲାଗି ସରକାର ନିଷ୍ପତ୍ତି ନେଇଥିବା ସେ ପ୍ରକାଶ କରିଛନ୍ତି। ପୂର୍ବାଞ୍ଚଳ ଗ୍ୟାସ୍ ଗ୍ରୀଡ ଲାଗି ପ୍ରଧାନମନ୍ତ୍ରୀ ଉର୍ଜା ଗଙ୍ଗା ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଛି। ଗୋରଖପୁର ଏବଂ ବରୌଣୀକୁ ଏଥିରେ ଯୋଡାଯାଇଥିବା ବେଳେ ସିନ୍ଦ୍ରିକୁ ଶୀଘ୍ର ଏହା ଛୁଇଁବ। ସାର ଉତ୍ପାଦନ ପାଇଁ ଉଭୟ କୋଇଲା ଏବଂ ପେଟ୍‌କୋକ ଜାଳେଣି ଭାବେ ବ୍ୟବହାର କରାଯିବ। ତାଳଚେର ଅଞ୍ଚଳର ଉତ୍ତର ଅର୍ଖପାଳ ଖଣିର ଉତ୍ତର ଭାଗରୁ ଏହି ୟୁନିଟ୍ ଲାଗି କୋଇଲା ବ୍ୟବହାର କରାଯିବ। ଏହାକୁ ଟିଏଫ୍‌ଏଲ୍‌କୁ ପ୍ରଦାନ କରାଯାଇଥିବାବେଳେ କ୍ୟାପ୍ଟିଭ ଖଣିର ବିକାଶ ଲାଗି କାର୍ଯ୍ୟକ୍ରମ ଜାରି ରହିଛି।



ଚୁକ୍ତି ସ୍ୱାକ୍ଷର ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟ ଅଧିକାରୀମାନେ।

- ସ୍ଥାପନ ହେବ କୋଇଲା ବାଷ୍ପୀକରଣ ୟୁନିଟ
- ନିବେଶ ହେବ ୧୩,୨୭୭ କୋଟି
- ଗେଲ୍, ଆର୍‌ସିଏଫ୍, କୋଲ୍ ଇଣ୍ଡିଆ, ଏଫ୍‌ସିଆଇଏଲ୍ ହେଲେ ପ୍ରମୋଟର
- ପ୍ରଯୁକ୍ତି ଯୋଗାଇବ ଉହାନ ଇଞ୍ଜିନିୟରିଂ
- ଦେଶର ବିକାଶ ଧାରାରେ ନୂଆ ଅଧ୍ୟାୟ ଯୋଡିବ: ଧର୍ମେନ୍ଦ୍ର
- ସୃଷ୍ଟି ହେବ ୪,୫୦୦ ନିଯୁକ୍ତି: ଗୌଡ଼ା

ଧର୍ମେନ୍ଦ୍ର କହିଛନ୍ତି ଯେ, ପାରାଦୀପ ରିଫାଇନେରିରୁ ପେଟ୍‌କୋକ ଅଣାଯାଇ ଏଠାରେ ବ୍ୟବହାର ହେବ। ପରିବେଶ ଉପଯୋଗୀ ଢଙ୍ଗରେ ସ୍ଥାନୀୟ ଅଞ୍ଚଳର କୋଇଲାକୁ ବ୍ୟବହାର କରିବା ଦିଗରେ ଏହା ସହାୟକ ହେବ। ଉକ୍ତ ଟେକ୍ନୋଲୋଜିର ସଫଳତା ଦ୍ୱାରା ସିନ୍‌ଗ୍ୟାସ, ଡିଜେଲ, ମିଥାନଲ, ପେଟ୍ରୋକେମିକାଲ ଉତ୍ପାଦନ ଲାଗି କୋଇଲାର ବ୍ୟବହାର ବୃଦ୍ଧିଘଟିବ। କ୍ଲିନ ଟେକ୍ନୋଲୋଜି ଦ୍ୱାରା କୋଇଲା ବ୍ୟବହାର ଫଳରେ ଦୈନିକ ୨.୩୮ ମିଲିୟନ ଷ୍ଟାଣ୍ଡାର୍ଡ କ୍ୟୁବିକ୍ ଫିଟ୍ ପ୍ରାକୃତିକ ବାଷ୍ପ ଉତ୍ପାଦନ ହେବ। ଏଲ୍‌ଏନ୍‌ଜି ଆମଦାନୀ ବିଲ୍ କମାଇବା ଦିଗରେ ଏଭଳି ପଦକ୍ଷେପ ସହାୟକ ହେବ ବୋଲି ସେ କହିଛନ୍ତି।

କାର୍ଯ୍ୟକ୍ରମରେ ରସାୟନ ଏବଂ ସାର ମନ୍ତ୍ରୀ ଡି.ଭି. ସଦାନନ୍ଦ ଗୌଡା କହିଛନ୍ତି, ଦେଶର ଖାଦ୍ୟ ଆବଶ୍ୟକତା ପୂରଣ ଲାଗି ୟୁରିଆର ଭୂମିକା ଗୁରୁତ୍ୱପୂର୍ଣ୍ଣ। ପ୍ରତିବର୍ଷ ୫୦ରୁ ୭୦ ଲକ୍ଷ ଟନ୍ ୟୁରିଆ ଆମଦାନୀ କରାଯାଉଛି। ଦେଶ ମଧ୍ୟରେ ଉତ୍ପାଦିତ ୟୁରିଆ ବ୍ୟବହାରକୁ ସରକାର ପ୍ରାଥମିକତା ଦେଉଛନ୍ତି। ଏବେ ଦେଶରେ ପ୍ରାକୃତିକ ବାଷ୍ପ ଏବଂ ଆମଦାନୀ ହେଉଥିବା ଏଲ୍‌ଏନ୍‌ଜି ବ୍ୟବହାର ଦ୍ୱାରା ୟୁରିଆ ପ୍ରସ୍ତୁତ ହେଉଛି। ଏଲ୍‌ଏନ୍‌ଜି ଆମଦାନୀ ଲାଗି ସରକାର ପ୍ରତିବର୍ଷ ବହୁ ପରିମାଣର ବିଦେଶୀ ମୁଦ୍ରା ଖର୍ଚ୍ଚ କରୁଛନ୍ତି। ଏହାକୁ ଧ୍ୟାନରେ ରଖି ସାର ଉତ୍ପାଦନ ଲାଗି ଅନ୍ୟାନ୍ୟ କଞ୍ଚାମାଲ ବ୍ୟବହାରକୁ ସରକାର ଗୁରୁତ୍ୱ ଦେଉଛନ୍ତି।

ସେ କହିଛନ୍ତି ଯେ, ତାଳଚେରସ୍ଥିତ ସାର କାରଖାନା ଏହି ଦିଗରେ ନିଜର ଯୋଗଦାନ ରଖିବ। ୟୁରିଆ ଉତ୍ପାଦନ କ୍ଷେତ୍ରରେ ଏହା ଭାରତର ଆତ୍ମନିର୍ଭରଶୀଳତା ବଢାଇବ। ଏହାବାଦ ଓଡ଼ିଶାରେ କୃଷି ଅଭିବୃଦ୍ଧି ତ୍ୱରାନ୍ୱିତ କରିବା ସହ ପ୍ରତ୍ୟକ୍ଷ ତଥା ପରୋକ୍ଷ ଭାବେ ୪,୫୦୦ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଗୌଡା ସ୍ପଷ୍ଟ କରିଛନ୍ତି। ଏହି ଅବସରରେ ରାଷ୍ଟ୍ରାୟତ୍ତ କମ୍ପାନୀ ମୁଖ୍ୟମାନେ ଉପସ୍ଥିତ ଥିଲେ।

# ସୁଖୋଇ ବିମାନରୁ 'ଅସ୍ତ୍ର'ର ସଫଳ ପରୀକ୍ଷଣ



**ଭୁବନେଶ୍ୱର, ୧୭।୯(ବ୍ୟୁରୋ)**

ଆକାଶରୁ ଆକାଶକୁ ଗତିଶୀଳ କ୍ଷେପଣାସ୍ତ୍ର 'ଅସ୍ତ୍ର'କୁ ଓଡ଼ିଶା ଉପକୂଳରୁ ସଫଳତାର ସହ ପରୀକ୍ଷଣ କରାଯାଇଛି। ଏହି କ୍ଷେପଣାସ୍ତ୍ରକୁ ସୋମବାର ସୁଖୋଇ (ସୁ-୩୦ ଏମକେଆଇ) ବିମାନରୁ ପରୀକ୍ଷଣ କରାଯାଇଥିଲା। ଆକାଶମାର୍ଗରେ ଧାର୍ଯ୍ୟଲକ୍ଷ୍ୟକୁ ଭେଦ କରିବା ସହ ଆକାଶରୁ ଆକାଶକୁ ଗତିଶୀଳ ପ୍ରଥମ ସ୍ୱଦେଶୀ କ୍ଷେପଣାସ୍ତ୍ରର କ୍ଷମତା ପ୍ରଦର୍ଶିତ ହୋଇଥିଲା। ଉପଯୁକ୍ତ ପ୍ରକ୍ରିୟାରେ କ୍ଷେପଣାସ୍ତ୍ରର ପରୀକ୍ଷଣ କରାଯିବା ସହ ବିଭିନ୍ନ ରାଡାର, ଇଲେକ୍ଟ୍ରୋ ଅପ୍ଟିକାଲ ଟ୍ରାକିଂ ସିଷ୍ଟମ (ଇଓଟିଏସ୍) ଓ ସେନ୍ସର ମାଧ୍ୟମରେ ଏହା ଲକ୍ଷ୍ୟଭେଦ କରିଥିଲା। ଏହି ସଫଳ ପରୀକ୍ଷଣ ପାଇଁ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଡିଆରଡିଓ ଏବଂ ବାୟୁସେନାକୁ ଅଭିନନ୍ଦନ ଜଣାଇଛନ୍ତି।

# ପିଣ୍ଡଦାନରୁ ଫେରୁଥିବାବେଳେ ଦୁର୍ଘଟଣା, ୨ ମୃତ

**ଆନନ୍ଦପୁର, ୧୭।୯(ସ୍ୱ.ପ୍ର.):** କେନ୍ଦୁଝର ଜିଲା ଘସିପୁରା ଥାନା ୨୦ ନଂ ଜାତୀୟ ରାଜପଥ ବୀରଗୋବିନ୍ଦପୁରଠାରେ ମଙ୍ଗଳବାର ରାତିରେ ଏକ ଟ୍ରାଭେଲର ଗାଡ଼ି ସହିତ ଟ୍ରକର ମୁହାଁମୁହିଁ ଧକ୍କା ହେବାରୁ ୨ଜଣ ମୃତ୍ୟୁ ଘଟିଛି, ୭ ଗୁରୁତର ଆହତ ହୋଇଛନ୍ତି। ମଧ୍ୟପ୍ରଦେଶ ଗୁନା ଅଞ୍ଚଳର ଗୋଟିଏ ପରିବାରର ୧୧ଜଣ ସଦସ୍ୟ ଏକ ଟ୍ରାଭେଲର ଗାଡ଼ି ଯୋଗେ ଗୟାକୁ ପିଣ୍ଡଦାନ କରିବାକୁ ଯାଇଥିଲେ। ସେମାନେ ୨୦ନଂ ଜାତୀୟ ରାଜପଥ ଦେଇ ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଛି। ଘସିପୁରା ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ମୃତାହତଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଟ୍ରାଭେଲର ଗାଡ଼ିରେ ଥିବା ପରିବାରର ଅନ୍ୟ ୨ ସଦସ୍ୟ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ପୋଲିସ ଦୁର୍ଘଟଣାଗ୍ରସ୍ତ ଟ୍ରକ ଓ ଟ୍ରାଭେଲର ଗାଡ଼ିକୁ ଜବତ କରି ତଦନ୍ତ ଜାରି ରଖିଛି।

# ବଳାତ୍କାରୀ ବାପାଙ୍କୁ ଆଜୀବନ କାରାଦଣ୍ଡ

**ଭୁବନେଶ୍ୱର,୧୭।୯(ବ୍ୟୁରୋ):** ଝିଅକୁ ଏକାଧିକଥର ବଳାତ୍କାର ମାମଲାରେ ଅଭିଯୁକ୍ତ ବାପାଙ୍କୁ ମଙ୍ଗଳବାର ଦଣ୍ଡ ମିଳିଛି। ମାମଲାର ବିଚାର କରି ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ତାଙ୍କୁ ୨୦ହଜାର ଟଙ୍କା ଅର୍ଥ ଦଣ୍ଡ ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ୧୩ଜଣ ସାକ୍ଷୀ ଓ ୨୪ ଡକୁମେଣ୍ଟ ଆଧାରରେ ଜଜ୍ ସତ୍ୟରଞ୍ଜନ ପ୍ରଧାନ ଏହି ରାୟ ଶୁଣାଇଛନ୍ତି। ଅଭିଯୁକ୍ତଙ୍କ ଘର କନ୍ଧମାଳ ଜିଲାରେ ହୋଇଥିବାବେଳେ ସେ ପରିବାର ସହ ଭୁବନେଶ୍ୱର ସାଲିଆସାହିରେ ରହୁଥିଲେ। ତାଙ୍କର ୧୧ବର୍ଷର ଝିଅ ଓ ଗୋଟିଏ ପୁଅ (ସାନ) ଅଛନ୍ତି। ୨୦୧୬ରେ ସ୍ତ୍ରୀ କାମଧନ୍ଦା ପାଇଁ ବାହାରକୁ ଚାଲିଯିବା ପରେ ଅଭିଯୁକ୍ତ ବାପା କୋମଳମତୀ ନାବାଳିକା ଝିଅକୁ ଜୋର୍‌ଜବରଦସ୍ତ ବଳାତ୍କାର କରିଥିଲେ। ଏପରି କି ମା' ଓ ଅନ୍ୟ କାହାଙ୍କୁ ଜଣାଇଲେ ଜୀବନରୁ ମାରିଦେବା ସହ ଘରୁ ବାହାର କରିଦେବାକୁ ମଧ୍ୟ ଧମକ ଦେଇଥିଲେ। ଭୟରେ ଝିଅ କାହାକୁ ଜଣାଇ ନ ଥିଲେ। ଏହାପରେ କାମାଶକ୍ତ ବାପା ଝିଅକୁ ବାରମ୍ବାର ବଳାତ୍କାର କରିଥିଲେ। ବାପାର ଏପରି ଅତ୍ୟାଚାର ଅସହ୍ୟ ହେବା ପରେ ଶେଷରେ ପୀଡିତା ଝିଅ ମା'ଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ମା' ଏନେଇ ପ୍ରଥମେ ନୟାପଲ୍ଲୀ ଥାନା ଓ ପରେ ଅର୍ଥାତ୍ ସେହିବର୍ଷ ମେ' ୨୦ରେ ମହିଳା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୁକ୍ତ ବାପାଙ୍କୁ ଗିରଫ କରିବା ସହ ଉଭୟଙ୍କର ଡାକ୍ତରୀ ମାଇନା କରିଥିଲା। ଏଥିସହ ପୀଡିତାଙ୍କ ପୋଷାକ ଓ ଅନ୍ୟ କିଛି ସାମଗ୍ରୀ ମଧ୍ୟ ପରୀକ୍ଷା ପାଇଁ ପଠାଯାଇଥିଲା। ସବୁ ରିପୋର୍ଟରେ ବଳାତ୍କାର ପ୍ରମାଣ ମିଳିଥିଲା। ମାମଲାର ବିଚାରବେଳେ ଏସବୁ ରିପୋର୍ଟ ଉପସ୍ଥାପନ କରାଯାଇଥିଲା। ଏହି ମାମଲାରେ ସରକାରୀ ପିପି ଭାବେ ଚିତ୍ତରଞ୍ଜନ ଦାଶ ମାମଲା ପରିଚାଳନା କରୁଥିଲେ।




Regd. Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057, India. CIN: L35911DL1984PLC017354. Accessories and features shown may not be a part of standard fitment. Always wear a helmet while riding a two-wheeler. For further information, please contact your nearest Hero MotoCorp's dealership or contact on our Toll Free No.: 1800-266-0018 or visit our website www.heromotocorp.com. This benefit is available in the states of Tamil Nadu, Kerala, Karnataka, and Andra Pradesh - Telangana only. Both exchange and loyalty benefit cannot be availed on a single purchase. *Low down payment is by the preferred financiers at their sole discretion and subject to their respective terms and conditions. This benefit is available on all Hero Two-Wheelers under 150cc. *As per cumulative dispatch numbers till September 2018. This benefit is available for a limited period only. Taxes as applicable will be levied.

For Institutional and Bulk Sales please write to Kolkata@heromotocorp.com

**ଅଥରାଇଜ୍‌ଡ ଡିଲର : ଭୁବନେଶ୍ୱର:** ରୋହନ ହୀରୋ - 7799766422. ଭାରତ ହୀରୋ - 7799766378. ଡିଡି ହୀରୋ - 7799566329. **ବାଲେଶ୍ୱର:** ନୀଲମ ହୀରୋ - 7799766393. **ବାରିପଦା :** ଆଦିତ୍ୟ ହୀରୋ - 7799766370. **ଭଦ୍ରକ :** ସଞ୍ଜୀବ ହୀରୋ - 7799766380. **ଚଣ୍ଡୀଖୋଲ:** ଏସ୍.କେ. ହୀରୋ - 7799766362. **କଟକ:** ଜେଏମଜି ହୀରୋ - 7799766366. ସନୀ ହୀରୋ - 7799766401. ଏସେନ୍ ହୀରୋ - 7799766425. **ଜଗତସିଂହପୁର:** ତ୍ରିଶୂଳ ହୀରୋ - 7799766383. **ଯାଜପୁର ରୋଡ:** ସୌମିକ ହୀରୋ - 7799766410. **ଜଳେଶ୍ୱର:** ସାଇ ହୀରୋ - 7799766407. **କଟଣୀ:** ବିଶାଳ ହୀରୋ - 7799766398. **କେନ୍ଦୁଝର:** ସୁପ୍ରିମ ହୀରୋ - 7799766360. **ନୟାଗଡ଼:** ଭଗବତୀ ହୀରୋ - 7799766417. **ପୁରୀ:** ସଞ୍ଜୀବ ହୀରୋ - 06752-255881, 8448389695. **ଅଥରାଇଜ୍‌ଡ ସର୍ଭିସ୍ ସେଣ୍ଟର: ବାଲିଆପାଳ :** ବାବା ମୋଟର୍ସ - 253841, 9438757377. **ବାଲୁଗାଁ:** ମହାମୟୀ ମୋଟର୍ସ - (06756) 250280, 9337774624. **ଯାଜପୁର:** ଆୟୁଷ ଅଟୋମୋବାଇଲ୍‌ସ - 223864. **କେନ୍ଦ୍ରାପଡ଼ା:** ବୈଷ୍ଣବୀ ମୋଟର୍ସ - 221083. **ଖୋର୍ଦ୍ଧା:** ଦିନେଶ ଟ୍ରେଡିଂ କମ୍ପାନୀ - 221511. **ନିମାପଡ଼ା:** ବାସୁଦେବ ଅଟୋମୋବାଇଲ୍‌ସ - 252725. **ପାରାଦୀପ:** ପ୍ରଦୀପ ମୋଟର୍ସ - 9238120001. **ପଟ୍ଟାମୁଣ୍ଡାଇ:** ମିଶ୍ର ଅଟୋ - 220430. **ପିପିଲି:** ଶ୍ରୀରାମ ମୋଟର୍ସ - 240687. **ପୁରୀ:** ଲକ୍ଷ୍ମୀ ପ୍ରିୟା ମୋଟର୍ସ - 225552. **ରାହାମା:** ଶରଳା ଅଟୋମୋବାଇଲ୍‌ସ - 248001, 248002. **ରାଇରଙ୍ଗପୁର:** ନା ସାକନରୀ ମୋଟର୍ସ - 7008906387. **ସୋରୋ:** ଟୁଇଙ୍କିଲ ମୋଟର୍ସ - 221711, 9337375571.

**କିଛି ତଥ୍ୟ**
ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ଯୋଜନାରେ ସରକାର ଚଳିତ ବର୍ଷ ଲାଗି ୮୭,୨୭୧.୫୦ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି । – **କୃଷି ମନ୍ତ୍ରଣାଳୟ**


**ଜନ୍ମଦିନର ଶୁଭେଚ୍ଛା**
ନାମ: ....................................
ବୟସ: ....................................
ଜନ୍ମ ତାରିଖ: ..............................


ଆୟୁଷ୍ମିତା
ପରିବାରବର୍ଗ


ଶାଶ୍ୱତୀ
ପରିବାରବର୍ଗ


ଦ୍ରିଶା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ । ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ ।


# କୋଣାର୍କରେ ହେବ ମାସିକିଆ ଉତ୍ସବ

- ରାନ୍ ଉତ୍ସବ ଢାଞ୍ଚାରେ ହେବ
- ନିର୍ମାଣ ହେବ ଅସ୍ଥାୟୀ ଟେଣ୍ଟ୍ ସହର
- ଏକମାସ ଧରି ଚାଲିବ ନୃତ୍ୟ, ଗୀତର ଆସର



ଭୁବନେଶ୍ୱର,୧୭।୫(ବ୍ୟୁରୋ)

କୋଣାର୍କ ଆଉ ଦିନିକିଆ ଭ୍ରମଣ ପର୍ଯ୍ୟଟନସ୍ଥଳୀ ହୋଇ ରହିବ ନାହିଁ। କୋଣାର୍କରେ ରାତ୍ରିଯାପନ ଓ ରହଣି ପର୍ଯ୍ୟଟନକୁ ପ୍ରମୋଟ୍ କରିବାକୁ ଦୀର୍ଘ ଏକମାସ ଧରି ଏକ ସ୍ୱତନ୍ତ୍ର ଉତ୍ସବର ଆୟୋଜନ କରିବାକୁ ସ୍ଥିର ହୋଇଛି । ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏନେଇ ନିଷ୍ପତ୍ତି ନିଆଯାଇଛି । ଡିସେମ୍ବରରେ ହେବାକୁ ଥିବା କୋଣାର୍କ ମହୋତ୍ସବ ସହ ସଂଯୋଗ କରି ଏହି ଉତ୍ସବର ଆୟୋଜନ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ଲୋକସେବା ଭବନଠାରେ ଅନୁଷ୍ଠିତ ଏହି ବୈଠକରେ ପର୍ଯ୍ୟଟନ ବିଭାଗ ଶାସନ ସଚିବ ବିଶାଲ ଦେବ କଚ୍ଛରେ ହେଉଥିବା ରାନ୍ ଉତ୍ସବ ଶୈଳୀରେ କୋଣାର୍କରେ ଏକ ଅସ୍ଥାୟୀ ଟେଣ୍ଟ୍ ସହର ନିର୍ମାଣ କରିବା ପାଇଁ ପ୍ରସ୍ତାବ ଦେଇଥିଲେ । ଏହାସହ ସାଂସ୍କୃତିକ ଉତ୍ସବ, ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତ ପରିବେଷଣ, ଓଡ଼ିଶାର କଳାକୃତି ପ୍ରଦର୍ଶନ, ହସ୍ତଶିଳ୍ପ ଷ୍ଟଲ୍, ଫୁଡ୍‌କୋର୍ଟ, ବୋଟିଂ, ବେଳାଭୂମି ମହୋତ୍ସବ ଆଦିର ଆୟୋଜନ ବିଷୟରେ ବୈଠକରେ ଆଲୋଚନା ହୋଇଥିଲା । ଏଭଳି ନିଆରା କାର୍ଯ୍ୟକ୍ରମ ସହ ଟେଣ୍ଟ୍ ସହର ସ୍ଥାପନ କରାଗଲେ କୋଣାର୍କକୁ ଅଧିକ ସଂଖ୍ୟାରେ ପର୍ଯ୍ୟଟକ ଆସିବେ ବୋଲି ମତ ଦିଆଯାଇଥିଲା । ଅନ୍ୟପକ୍ଷରେ ଟେଣ୍ଟ୍ ସହର ପାଇଁ ସ୍ଥାନ ନିର୍ଦ୍ଧାରଣ ନିମନ୍ତେ ମୁଖ୍ୟ ଶାସନ ସଚିବ ତ୍ରିପାଠୀ ବୈଠକରେ ଉପସ୍ଥିତ ପୁରୀ ଜିଲାପାଳ ବଲ୍‌ୱନ୍ତ ସିଂଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏଥିପାଇଁ ୪୦ରୁ ୫୦ ଏକର ସ୍ଥାନ ଆବଶ୍ୟକ ଥିବାବେଳେ ଏଠାରେ ୫୦ଟି ଟେଣ୍ଟ୍ ସହ ଅନ୍ୟାନ୍ୟ ସମସ୍ତ ଆନୁଷଙ୍ଗିକ ସୁବିଧା ସୁଯୋଗ ଉପଲବ୍ଧ ହେବ ।

## ୨୩ରେ ଲଘୁଚାପ

ଭୁବନେଶ୍ୱର,୧୭।୯(ବ୍ୟୁରୋ)

ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଦୁର୍ବଳ ରହିଛି । ଘୂର୍ଣ୍ଣିବଳୟ ଯୋଗୁ କେତେକ ଜାଗାରେ ଅସରାଏ କିମ୍ବା ଦି ଅସରା ବର୍ଷା ହେଉଛି । ଆସନ୍ତା ୨୪ ତାରିଖ ଯାଏ ରାଜ୍ୟରେ କାଁ ଭାଁ ବର୍ଷା ରହିବ । ତେବେ ୨୩ ତାରିଖରେ ଉତ୍ତର ପଶ୍ଚିମ ବଙ୍ଗୋପ ସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ । ଏହାର ପ୍ରଭାବରେ ୨୫ ତାରିଖରୁ ରାଜ୍ୟରେ ବର୍ଷା ପରିମାଣ ବୃଦ୍ଧି ପାଇବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି । ଆଞ୍ଚଳିକ ପାଣିପାଗ ବିଭାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଆଭ୍ୟନ୍ତରୀଣ ଓଡ଼ିଶା, ଦକ୍ଷିଣ ଓଡ଼ିଶାର ଅଳ୍ପ କେତେକ ସ୍ଥାନରେ ଏବଂ ଉତ୍ତର ଓଡ଼ିଶାର ଗୋଟିଏ ଦୁଇଟି ସ୍ଥାନରେ ଘଡଘଡି ସହ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି । ଏହି ସମୟ ମଧ୍ୟରେ ବଲାଙ୍ଗୀର, ସୋନପୁର, ବରଗଡ, ସମ୍ବଲପୁର, ଝାରସୁଗୁଡା, ସୁନ୍ଦରଗଡ, ଦେବଗଡ, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, କନ୍ଧମାଳ, ନୟାଗଡ, ଖୋର୍ଦ୍ଧା, କଳାହାଣ୍ଡି, ଗଞ୍ଜାମ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି । ଏହି ସବୁ ଜିଲା ପାଇଁ ପାଣିପାଗ ବିଭାଗ ପକ୍ଷରୁ ଏଲୋ ୱାର୍ନିଂ ଜାରି କରାଯାଇଛି । ୧୮ ତାରିଖରେ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ କାଁ ଭାଁ ବର୍ଷା ହୋଇଛି । ଭୁବନେଶ୍ୱରରେ ୧୧ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ କେନ୍ଦୁଝର ୧.୧, କୋରାପୁଟ ୪.୪, ମାଲକାନଗିରି ୬.୨ ଏବଂ ଦାରିଙ୍ଗୀବାଡିରେ ୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି ।

## ଜିଏସ୍‌ଟି କ୍ଷତିପୂରଣ ଅବଧି ବୃଦ୍ଧି ଦାବି କରିବ ଓଡ଼ିଶା

**ଭୁବନେଶ୍ୱର, ୧୭।୯(ବ୍ୟୁରୋ):** ସାରା ଦେଶରେ ଦ୍ରବ୍ୟ ଓ ସେବା କର(ଜିଏସ୍‌ଟି) ଲାଗୁ ହେବା କାରଣରୁ ବିଭିନ୍ନ ରାଜ୍ୟରେ ରାଜସ୍ୱ ସଂଗ୍ରହ ପ୍ରଭାବିତ ହୋଇଛି । ଏହି କାରଣରୁ କେନ୍ଦ୍ର ରାଜ୍ୟଗୁଡିକର ୫ ବର୍ଷ ପାଇଁ ରାଜସ୍ୱ କ୍ଷତି ଭରଣ କରିବାକୁ ସ୍ଥିର କରାଯାଇଥିଲା । ହେଲେ ଏହି ୫ ବର୍ଷିଆ ଅବଧି ବୃଦ୍ଧି କରିବା ପାଇଁ ରାଜ୍ୟ ସରକାର ଚିନ୍ତା କରୁଛନ୍ତି । ଏହି ପ୍ରସ୍ତାବ ଅର୍ଥ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଚଳିତ ମାସ ୨୦ରେ ୧୫ ଅର୍ଥ କମିଶନଙ୍କ ନିକଟରେ ଉପସ୍ଥାପନ କରିବାର ସମ୍ଭାବନା ରହିଛି । ଗୋଆରେ ହେବାକୁ ଥିବା ଜିଏସ୍‌ଟି କାଉନସିଲ ବୈଠକରେ ରାଜ୍ୟ ପକ୍ଷରୁ ୨୦୦୦ କୋଟି ଟଙ୍କାର ସହାୟତା ରାଶି ଦାବି କରାଯିବ ବୋଲି ଜଣାପଡିଛି ।

## ୨୦ ହଜାର ସରକାରୀ ...

ପ୍ରଥମ ପୃଷ୍ଠାରୁ

ସେହିଭଳି ଗୋଟିଏ ଗୋଟିଏ ମନୋନୀତ ପରିବାରର ଏକାଧିକ ବ୍ୟକ୍ତି ଦର୍ଶାଇ ସହାୟତା ପାଇଥିବା ୩ ଲକ୍ଷ ହିତାଧିକାରୀଙ୍କ ଠାରୁ ମଧ ଟଙ୍କା ଫେରସ୍ତ ଅଣାଯିବ । ସେହିମାନଙ୍କ କ୍ଷେତ୍ରରେ ପରିବାରର ଜଣଙ୍କୁ ସହାୟତା ପାଇଁ ଯୋଗ୍ୟ ବିବେଚିତ କରି, ଅନ୍ୟମାନେ ପାଇଥିବା ରାଶି ପରବର୍ତ୍ତୀ କିସ୍ତିରେ ବ୍ୟବସ୍ଥିତ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି । ତେବେ ୧୨,୦୦୦ ବଡଚାଷୀଙ୍କ ଠାରୁ କିଭଳି ସହାୟତା ରାଶି ଫେରସ୍ତ ଅଣାଯାଇ ପାରିବ, ସେଥିଲାଗି ସରକାରୀସ୍ତରେ ବିଚାରବିମର୍ଶ କରାଯାଉଛି । ଏକ ଆନୁମାନିକ ହିସାବରୁ ଜଣାପଡିଛି ଯେ, ଅଯୋଗ୍ୟ ହିତାଧିକାରୀଙ୍କୁ ପ୍ରାୟ ୧୭୦.୫ କୋଟି ଟଙ୍କାର ଅର୍ଥ କାଳିଆ ଯୋଜନାରେ ଦିଆଯାଇଛି । ହେଲେ ବିଭାଗ ପକ୍ଷରୁ ୩.୨୯ ଲକ୍ଷ ଅଯୋଗ୍ୟ ହିତାଧିକାରୀଙ୍କଠାରୁ କିପରି ଅର୍ଥ ଫେରସ୍ତ ଅଣାଯିବ, ତାହାର ରୂପରେଖ ପ୍ରସ୍ତୁତ ହୋଇଯାଇଛି ।

ଉଲ୍ଲେଖଯୋଗ୍ୟ ଯେ, ଚଳିତ ସେପ୍ଟେମ୍ବର ମଧ୍ୟରେ ସମସ୍ତ ଯୋଗ୍ୟ ହିତାଧିକାରୀ ଖରିଫ ୨୦୧୯ ପାଇଁ କାଳିଆ ଯୋଜନା ସହାୟତା ପାଇବେ । ଯେଉଁ ଯୋଗ୍ୟ ହିତାଧିକାରୀ ତାଲିକାରୁ ବଞ୍ଚିତ ହୋଇଥିବା ମନେ କରୁଛନ୍ତି, ସେମାନେ ଉପଯୁକ୍ତ ଦସ୍ତାବିଜ ସହ HTTP://KALIA.CO.IN ମାଧ୍ୟମରେ ଆବେଦନ କରିପାରିବେ । ଅଦ୍ୟାବଧି ୪୦ ଲକ୍ଷ ୨୧ ହଜାର ୧୧୩ ଦରଖାସ୍ତର ତଥ୍ୟ ଯାଞ୍ଚ ସରିଛି । ସେଥିରୁ କେତେଜଣ ବାଦ୍ ପଡିବେ, ତାହାର ମଧ୍ୟ ତୃଣମୂଳସ୍ତରରେ ତର୍ଜମା ହୋଇଛି । ସେହିପରି ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା, ପି-ପାସ୍ , ଜାତୀୟ ଖାଦ୍ୟ ସୁରକ୍ଷା ଆଇନ, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା(ଏସ୍‌ଏଫ୍‌ଏସ୍‌ଏସ୍), ସାମାଜିକ ଆର୍ଥିକ ଜାତିଭିତ୍ତିକ ଜନଗଣନା (ଏସ୍‌ଇସିସି) ଏବଂ ମାନବ ସମ୍ବଳ ପରିଚାଳନା ବ୍ୟବସ୍ଥା (ଏଚ୍‌ଆରଏମ୍‌ଏସ୍‌ରେ) ଥିବା ପରିସଂଖ୍ୟାନକୁ ତର୍ଜମା କରାଯାଇଛି । ଏବେସୁଦ୍ଧା ପ୍ରାୟ ୧୦ ଲକ୍ଷ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇସାରିଲାଣି । ଯୋଗ୍ୟ ବିବେଚିତ ଏହି କ୍ଷୁଦ୍ର ଓ ନାମମାତ୍ର ଅଥବା ଭୂମିହୀନ କୃଷି ପରିବାରଙ୍କୁ ଚଳିତ ମାସରେ ସହାୟତା ରାଶି ପ୍ରଦାନ କରାଯିବ । ସୂଚନାଯୋଗ୍ୟ, ୫୧ ଲକ୍ଷ ୫ ହଜାର ୨୯୦ ଜଣ ହିତାଧିକାରୀ ବିଭିନ୍ନ ବର୍ଗରେ ସହାୟତା ପାଇଥିଲେ । ୨୦୧୮ ଡିସେମ୍ବରରେ ଏହି ଯୋଜନା ଆରମ୍ଭ କରାଯାଇଥିଲା । ଚଳିତ ଅଗଷ୍ଟ ୬ରୁ ୩୧ ମଧ୍ୟରେ ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଥିଲା ।

## ପର୍ଯ୍ୟାୟକ୍ରମେ ଆଠମାସ ...

ନଭେମ୍ବରରୁ ଆରମ୍ଭ ହେବାକୁ ଥିବା ରିକାର୍ପେଟିଂ କାମ ୩୧ ମାର୍ଚ୍ଚ ପର୍ଯ୍ୟନ୍ତ ରାତି ୧୦ଟାରୁ ଭୋର୍ ୫ଟା ୩୦ ପର୍ଯ୍ୟନ୍ତ ଚାଲିବ । ୧ ଏପ୍ରିଲରୁ ଆରମ୍ଭ ହେବାକୁ ଥିବା ମରାମତି କାମ ଦିନବେଳା ଅର୍ଥାତ୍ ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ । ତେବେ ଏହି ସମୟ ଭିତରେ ବିମାନ ଚଳାଚଳ ବାଧାପ୍ରାପ୍ତ ନ ହେବା ପାଇଁ ବିମାନର ସମୟ ସାରଣୀ ପରିବର୍ତ୍ତନ ହେବ । ଅନ୍ତର୍ଜାତୀୟ ବିମାନକୁ ମିଶାଇ ମୋଟ ୪ ବିମାନର ସମୟ ପୁନଃ ଧାର୍ଯ୍ୟ କରାଯିବ । ଏ ସମ୍ପର୍କରେ ବିମାନ ଚଳାଚଳ ସଂସ୍ଥାଗୁଡିକ ସହିତ ଆଲୋଚନା କରାଯାଇଛି । ଏନେଇ ଭାରତୀୟ ବିମାନ ବନ୍ଦର ପ୍ରାଧିକରଣ ମଧ୍ୟ ସେମାନଙ୍କ ସହ ଆଲୋଚନା କରିଛନ୍ତି । ୨୮ ଅକ୍ଟୋବରରୁ ବିମାନଗୁଡିକର ଚଳାଚଳ ସମୟ ପୁନଃ ଧାର୍ଯ୍ୟ କରିବାକୁ ଉଡାଣ ସଂସ୍ଥାଗୁଡିକୁ କୁହାଯାଇଛି ବୋଲି ନିର୍ଦ୍ଦେଶକ ହୋତା ଜଣାଇଛନ୍ତି । ୨୦୦୭ରେ ଶେଷଥର ପାଇଁ ଭୁବନେଶ୍ୱର ବିମାନ ବନ୍ଦରରେ ରନ୍‌ୱେ ମରାମତି କାର୍ଯ୍ୟ ହୋଇଥିଲା । ବିମାନବନ୍ଦର ପ୍ରାଧିକରଣର ଗାଇଡ୍‌ଲାଇନ୍ ଅନୁସାରେ ପ୍ରାୟତଃ ପ୍ରତି ୧୦ ବର୍ଷରେ ଏହି ରିକାର୍ପେଟିଂ କରାଯାଇଥାଏ । କିନ୍ତୁ ଏହା ରନ୍‌ୱେର ବ୍ୟବହାର ଉପରେ ନିର୍ଭର କରୁଛି । ଯଦି କୌଣସି ରନ୍‌ୱେର ବ୍ୟବହାର କମ୍ ହେଉଛି, ତାହାର ରିକାର୍ପେଟିଂ ସମୟ ବ୍ୟବଧାନ ଅଧିକ ହୋଇପାରେ । ଏଥିଲାଗି ସମୁଦାୟ ୨୮ କୋଟି ଟଙ୍କା ଖର୍ଚ୍ଚ ହେବ । ଭାରତୀୟ ବିମାନବନ୍ଦର ପ୍ରାଧିକରଣଙ୍କଠାରୁ ଏନେଇ ସହମତି ମିଳିସାରିଥିବା ବେଳେ ଡିଜିସିଏର ଅନୁମତିକୁ ଅପେକ୍ଷା କରାଯାଉଛି ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଶୁଭେଚ୍ଛୁଙ୍କ ପରାମର୍ଶରେ ନୂଆ ନୂଆ କାମ କରିବା ସକାଶେ ମନ ବଳାଇବେ । ବିଶେଷ ଅସୁବିଧା ନ ହେଲେ ମଧ ଦୈହିକ ଦୁର୍ବଳତା ସଙ୍ଗକୁ ଧୈର୍ଯ୍ୟହରା ଓ ନୈରାଶ୍ୟ ଆପଣଙ୍କୁ ବ୍ୟସ୍ତ ଓ ବିବ୍ରତ କରାଇବ । ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ । ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବା କାରଣରୁ ଦୁଃଖ ପ୍ରକାଶ କରିବେ ।

**ବୃଷ** ବିଭିନ୍ନ ସମସ୍ୟା ଜାଲରେ ଛନ୍ଦିହୋଇ ମନୋବଳ ଭାଙ୍ଗିଲା ଭଳି ଅନୁଭବ କରିବେ । ଅଟକି ରହିଥିବା କାମର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ । ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ ଭଲରେ ଚାଲିବ । ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି । ଆଜିର ପ୍ରତ୍ୟୁଷ ଯାତ୍ରାରେ ଶୁଭଫଳ ପାଇବେ ।

**ମିଥୁନ** ପରିବାର ଭିତରେ ସମ୍ପର୍କ ହାନି ଫଳରେ ଚିନ୍ତାପ୍ରକଟ କରି ପାରନ୍ତି । ସଙ୍ଗଠନ, ରାଜନୀତି, ଆନୁଷ୍ଠାନିକ କାମ, କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ । ବ୍ୟବସାୟୀମାନେ ନୂତନ ବ୍ୟବସାୟ ଯୋଡିବା ପାଇଁ ଚିନ୍ତା କରିପାରନ୍ତି । ପ୍ରତ୍ୟେକ କ୍ଷେତ୍ରରେ ସଂଯମତାର ଅଭାବ ଓ ଧନହାନି ଦୁଃଶ୍ଚିନ୍ତାର କାରଣ ହୋଇପାରେ ।

**କର୍କଟ** ପଞ୍ଚମରେ ବୃହସ୍ପତି ରହିଥିବାରୁ ଆପଣ ଠିକ୍ ନିଷ୍ପତ୍ତି ନେଇ କାର୍ଯ୍ୟ କରିବେ । ରାହୁଙ୍କ ପ୍ରଭାବରେ ଗୋଟିଏ ଜାଗାରେ ସ୍ଥିର ଭାବରେ ରହିପାରିବେ ନାହିଁ । କର୍ମକ୍ଷେତ୍ରରେ ଚନ୍ଦ୍ର କର୍ମ କୁଶଳତା ପ୍ରଦାନ କରିବେ । ମଙ୍ଗଳଙ୍କ ପ୍ରଭାବରେ ଆପଣଙ୍କ ବ୍ୟବହାର କଠୋର ହୋଇପାରେ । ଭାଗ୍ୟସ୍ଥାନ ପ୍ରତି ତିନୋଟି ଗ୍ରହଙ୍କ ଦୃଷ୍ଟି ଅର୍ଥଲାଭ କରାଇବ ।

**ସିଂହ** କର୍ମକ୍ଷେତ୍ରରେ ସୃଷ୍ଟି ହୋଇଥିବା ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ । ଆର୍ଥିକ ଦିଗରୁ ଉପକୃତ ହେବେ କିନ୍ତୁ ପୂର୍ଣ୍ଣ ଆବଶ୍ୟକତା ଅପୂରଣୀୟ ରହିବ । ପାରସ୍ପରିକ ସହଯୋଗ ପାରିବାରିକ ଜୀବନକୁ ସରସ ସୁନ୍ଦର କରିପାରେ । ଆଲୋଚନା ପରିସରରେ ସତକଥା କହି ବିବାଦ ଘେରରେ ପଡ଼ି ପାରନ୍ତି, ଏଣୁ ଭାବିଚିନ୍ତି କୁହନ୍ତୁ ।

**କନ୍ୟା** ଅତୀତ ବିବାଦକୁ କେନ୍ଦ୍ରକରି ହଠାତ୍ କୌଣସି ମିଥ୍ୟା ଗୁଜବ ମନକୁ ଚହଲାଇ ଦେବ । ଆତ୍ମୀୟମାନଙ୍କ ସହଯୋଗ,ଅସମ୍ମାନ ପାଇ ଦୁଃଖିତ ହେବେ । କୌଣସି ସମ୍ପର୍କୀୟ ବନ୍ଧୁଙ୍କୁ ଅର୍ଥ କିମ୍ବା ଅଳଙ୍କାର ଦେବା ନେବାକୁ କେନ୍ଦ୍ରକରି ସାମାନ୍ୟ ଝଗଡ଼ା ସୃଷ୍ଟି ହୋଇପାରେ । ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧି ପାଇବା କାରଣରୁ ସାମୟିକ ଚିନ୍ତା କରିପାରନ୍ତି ।

**ତୁଳା** ପିଲାମାନଙ୍କ ବୈବାହିକ ସମ୍ପର୍କକୁ ନେଇ ନୂତନ ବନ୍ଧୁତ୍ୱ ସକାଶେ ଆଲୋଚନା କରିପାରନ୍ତି । ପଡ଼ୋଶୀ କିମ୍ବା ବନ୍ଧୁଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହେବ । ଧର୍ମକାର୍ଯ୍ୟ କିମ୍ବା ଅନୁଷ୍ଠାନ ପାଇଁ ସତ୍‌ସଙ୍ଗୀଙ୍କ ପ୍ରେରଣା ମିଳିପାରେ । ପିଲାଙ୍କ ଆଚରଣରେ ଅସନ୍ତୋଷ ବ୍ୟକ୍ତ କରି ମନେ ମନେ ବିରକ୍ତି ପ୍ରକାଶ କରିପାରନ୍ତି ।

**ବିଛା** ଦୀର୍ଘଦିନରୁ ଯାହା ମନରେ ଆଶାବାନ୍ଧି ବସିଛନ୍ତି ଆଜି ତାହା ଅବଶ୍ୟ ପାଇବେ । ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ, ଅବଶ୍ୟ ଅପକୃତ ହେବେ । ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବା ସକାଶେ ଦିନଟି ବହୁତ ଭଲ । କଳା, ସାହିତ୍ୟ, ସଭା ସମିତି ଓ ମନୋରଞ୍ଜନରେ ଆଗ୍ରହୀ ହେବେ ।

**ଧନୁ** ବହୁ ଦିନରୁ ଚିନ୍ତା କରିଥିବା ଯୋଜନାଟିକୁ କାର୍ଯ୍ୟକାରୀ କରିବା ସକାଶେ ମନ ବଳାଇ ପାରନ୍ତି । ପୂର୍ବରୁ ଅପେକ୍ଷା କରିବାକୁ କହିଥିବା ବନ୍ଧୁଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ନ ପାଇ ବ୍ୟସ୍ତ ହୋଇ ପଡ଼ିବେ । ବିବାଦୀୟ ଘଟଣାରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି । ନୂତନ ସ୍ଥାନ ପରିଭ୍ରମଣ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବ ।

**ମକର** କର୍ମକ୍ଷେତ୍ରରେ ପୂର୍ବ ଶତ୍ରୁତା କେନ୍ଦ୍ର କରି ହଠାତ୍ ସମସ୍ୟା ଭିତରକୁ ଟାଣି ହୋଇପାରନ୍ତି । ପରିବାର ସକାଶେ ଧାର କରଜ କରି କାମ ତୁଲାଇ ନେବାକୁ ବାଧ ହେବେ । ପରିହାସଯୁକ୍ତ କଥା କର୍ମ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିପାରେ । ଏଣୁ ସତର୍କତା ଅବଲମ୍ବନ କରିବା ଭଲ । ବନ୍ଧୁଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବାର ସାମୟିକ ଆଶ୍ୱସ୍ତି ଅନୁଭବ କରିବେ ।

**କୁମ୍ଭ** ପରିବାରର ଆବଶ୍ୟକତା ଅନୁଭବ କରି କୌଣସି ନୂତନ ଜିନିଷ କ୍ରୟ କରିବା ସକାଶେ ମନ ବଳାଇପାରନ୍ତି । କର୍ମ କ୍ଷେତ୍ରରେ ଛୋଟ କଥାକୁ ଧରି ବସନ୍ତୁ ନାହିଁ, ଯାହାକି ସମସ୍ୟା ସୃଷ୍ଟି କରିବ । ଆଜିର ପ୍ରତ୍ୟୁଷ ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ, ଦୀର୍ଘ ଦିନରୁ ଲାଗି ରହିଥିବା ପୁରାତନ ରୋଗପୀଡାରୁ ବିଶେଷ କଷ୍ଟ ପାଇବେ ।

**ମୀନ** କର୍ମ କ୍ଷେତ୍ରରୁ ଫେରିବା ବେଳକୁ ଘରର ଅଶାନ୍ତ ପରିବେଶ କେତେକାଂଶରେ ଶାନ୍ତ ପଡି ଯାଇପାରେ । ବାଟରେ ବନ୍ଧୁଙ୍କୁ ଭେଟି ଆଗାମୀ କାଲିର ଯୋଜନା ପ୍ରସ୍ତୁତ କରି ପାରନ୍ତି । ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ ତଥାପି ସୁସମ୍ପର୍କ ବ୍ୟାହତ ହୋଇପାରେ । ପରିବାର ଭିତରେ ଥିବା ଭୁଲ୍ ବୁଝାମଣାର ସମାଧାନ ହୋଇଯିବ ।

ଆଜି ଆଶ୍ୱିନ କୃଷ୍ଣ ଚତୁର୍ଥୀ ବୁଧବାର, ସେପ୍ଟେମ୍ବର ୧୮ ତାରିଖ, ରାଶି ନକ୍ଷତ୍ର-ଦ୍ୱିଜା/ମେଷ, କର୍କଟ ରାଶିର ଘାତବାର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୭।୧୪ମି. ଗତେ ଘ୮।୦୩ମି. ମଧ୍ୟେ, ଘ୧୦।୨୮ମି. ଗତେ ଘ୧୨।୫୩ମି. ମଧ୍ୟେ ଅମୃତ ବେଳା । ସକାଳ ଘ୬।୨୬ମି. ଗତେ ଘ୭।୧୪ମି. ମଧ୍ୟେ, ଘ୧।୪୧ମି. ଗତେ ଘ୪।୦୭ମି. ମଧ୍ୟେ ମାହେନ୍ଦ୍ରବେଳା । ଦିବା ଘ୧୧।୪୦ମି. ଗତେ ଘ୧।୧୧ମି. ମଧ୍ୟେ ରାହୁକାଳ ।


**classifieds Everyday**
**0674-2580101, 2549302**



MATRIMONIAL

**BRIDE WANTED**

36 businessman, Bhubaneswar ସ୍ଥିତ Gopala ପୁଅଙ୍କ any caste unmarried ଝିଅ ଦରକାର । 9658674636. D-67905

Looking bride for son M.Tech IIT Kanpur working in Administrative professional Govt. cast no bar 7008986005. D-14382

Son age 31 MD/ MS Doctor a Master Degree working in Mumbai, cast Brahmin 8144589551. D-14383

Now Matrimonial ads. only on Wednesday & Sunday Book 1 Get 1 FREE

ଆପଣଙ୍କ ପୁଅଙ୍କ ପାଇଁ ଉପଯୁକ୍ତ କନ୍ୟାପାତ୍ରୀ ଖୋଜୁଛନ୍ତି କି for early marriage. 7978736177. D-14290

Deserving Khandayat Groom B.Tech, MBA (IIM) working as Software Engineer, (Cast-no-bar). Contact: 9861022751. D-14351

**GROOM WANTED**

Girl age 29 B.Tech, CET, M.Tech, IIT Kharagpur, Phd National University, Ireland working in USA cast no bar 7008986003. D-14384

IT job, Bhubaneswar ସ୍ଥିତ 35 ବୟସ୍କା ଅବିବାହିତ କରଣ ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଦରକାର । 7008080967. D-67904

ଆପଣଙ୍କ ଝିଅଙ୍କ ପାଇଁ ଉପଯୁକ୍ତ ବରପାତ୍ର ଖୋଜୁଛନ୍ତି କି for early marriage. 7978736177. D-14289

ଗୋପାଳ କନ୍ୟା, 5'3", 28, Graduation, P.G ପାଇଁ ବର ଆବଶ୍ୟକ । Phone: 8847825195. D-64090

ନୟାଗଡ଼ ବାସିନ୍ଦା ଏକମାତ୍ର ଝିଅ (୨୫ବର୍ଷ) ଓଡ଼ିଆ ଭଣ୍ଡାରି ଜାତି, ମଧ୍ୟବିତ ପରିବାର ପାଇଁ ପୁଅ ଖୋଜୁଛୁ । ମୋ: ୮୮୨୦୪୬୫୨୨୫ । ଧ-୧୪୩୪୭



SALE

ଭୁବନେଶ୍ୱର AIIMS Medical ନିକଟରେ Yellowzone gharabari 32ft road electricity ଥାଇ immediate boundary patta plot. 9777553622. D-66784

ଭୁବନେଶ୍ୱର ଖୋର୍ଦ୍ଧା NH ପାଖରେ ପିତାପଲ୍ଲୀ ଛକରେ possession ଥାଇ plot sqft. 399/-ରେ ମିଳୁଅଛି । 9090963952. D-66774

ଭୁବନେଶ୍ୱର IIT ଅରଗୁଳ ରେଲୱେଷ୍ଟେସନ ଠାରେ 1200 କୁ 2,00,000/- registry free, Puja offer. Outright / Installment. 9348817649. D-66783

5000sqft gharabari plot for sale at Pokhariput (Near DAV School) Bhubaneswar. Contact- Deepak: 9937329999. D-68004

Residential plot sale at Patrapada 600mtr from NH, Sqft- 2200/- (Size-2024) near Kalinganagar DAV School (Nuagaon) Sqft. 1950/- (Gharabari). 9853606253, 7978332619. D-66781

ଭୁବନେଶ୍ୱର ଜଟଣୀଗେଟ୍ NH-5 ରୁ ଅଳ୍ପ ଦୂରତାରେ 1200 କୁ 2,16,000/- outrightରେ plot ମିଳୁଅଛି । 7894433357, 8144706560. D-66782

212 decml gharabari sthitiban plot, yellowzone on 60ft road adjacent to 200ft road at a distance of 100mtrs @ 1.1 crore, Mauza- Sundarpur, Bhubaneswar. Owner: 9338342502. D-67390

4000sqft plot sale at Patia (Near Big Bazar), Bhubaneswar, Directly Buyer Contact- Deepak: 9937329999. D-68005




Structural Engineer available for design residential, commercial, also steel building design by professor, GP Meher 9437056486 / 6309629747, Bhubaneswar. D-63957




3BHK flat, Royal residency behind Lewisroad, BJB Nagar for immediate rent. 9938213197. D-14378

Marriage Hall available on 8th Dec 2019 Onwards. At- Sankalp Media & Convention Luxurious 3 floors with A/c & all modern amenities for 1000+guests infront of Sai Temple, Near Infocity, Patia, Bhubaneswar. Ph: 7008648674 / 7008976501. D-67502

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

**ACCOMMODATION**

Wanted 1000sqft space for office (Jaydev Vihar, Nayapalli, Acharya Vihar, Bargad Canal road, Goutamnagar, Rathroad and others. Call: 9938720683, 9853483658. D-67391




Shivam logistic packers movers. Household/ car relocation countrywide. 9777044177, 9338461133. D-14206




Fully refreshed / relaxed body massage by expert therapist, Shastri Nagar. 7377984773. D-67368

Rejuvenate and ayurvedic full body massage by smart therapist. 9114402304. D-67367

Kajal ayurvedic massage club fully relaxed by smart lady, home service available. 9937637219. D-66960

Ayurvedic herbal body massage trend therapist. Mob: 8018246332. D-66961

Herbal full body massage by smart / expert therapist. Contact: 8338067247. D-67386

Summer special mesmerizing offer expert therapeutic refreshing massage appointment. 9668374480. D-67387

Experience full body massage with us (expert). Call: 7377048581, 06742597822. D-67389

Full body herbal massage with refreshment expert therapist. 7381239385, 06742540855. D-67388

Refresh your mind and soul with best therapy at Orchid Salon/ Spa. 9937287222. D-66963




ନିଜ ଜିଲ୍ଲାରେ office କରନ୍ତୁ । ମାସକୁ ୧୦,୦୦୦ରୁ ୩୦,୦୦୦ କମାନ୍ତୁ । Mob: 9777434078. D-14379

ମାସକୁ ୧୦,୦୦୦/- ରୁ ୨୫,୦୦୦/- ରୋଜଗାର ନିଜଘରେ ରହି ସ୍ୱଳ୍ପ ବିନିଯୋଗ କରି ପାଆନ୍ତୁ । Mob: 9937426857, 9861820550. D-68003

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ । ରଙ୍ଗୀନ ଟ୪୨୦/-ରେ । ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ ।




ଡିଆର୍‌ଡିଓର ଏକ ମାନବବିହୀନ ବାୟୁ ଯାନ(ୟୁଏଭି) ମଙ୍ଗଳବାର ସକାଳେ କର୍ଣ୍ଣାଟକର ଚିତ୍ରଦୁର୍ଗ ଅଞ୍ଚଳରେ ଥିବା ଚାଷ ଜମିରେ ଖସିପଡ଼ି ଧ୍ୱଂସ ହୋଇଯାଇଛି। ଏଥିରେ କାହାର କିଛି କ୍ଷତି ହୋଇନାହିଁ। ପରୀକ୍ଷାମୂଳକ ଭାବେ ଡିଆର୍‌ଡିଓ ପକ୍ଷରୁ ଏହାର ଉଡ଼ାଣ କରାଯାଉଥିଲା। ୟୁଏଭି ଦୁର୍ଘଟଣାଗ୍ରସ୍ତ ହେବା ପରେ ସୋସିଆଲ ମିଡିଆରେ ଏହା ଭାଇରାଲ ହେବାରେ ଲାଗିଛି।

# ନର୍ସଙ୍କୁ ନିର୍ମମ ହତ୍ୟା

କଟକ ଅଫିସ,
ବିରିଡ଼ି/ବାଲିଆ,୧୭।୯(ଡି.ଏନ.ଏ.)

ଜଗତ୍‌ସିଂହପୁର ଜିଲା ବିରିଡ଼ି ଥାନା କୁଳକଇଜଙ୍ଗା ପଞ୍ଚାୟତ ନୂଆପାରୀ ଗ୍ରାମ ନିକଟ ବିଲୁଆଖାଇ ନଦୀପଠାରୁ ମଙ୍ଗଳବାର ସକାଳେ ଏକ ଅଖାରୁ ଜଣେ ନର୍ସଙ୍କ ଗଳିତ ମୃତଦେହ ମିଳିଛି। ଖବରପାଇ ବିରିଡ଼ି ଥାନା ଅଧିକାରୀ ପାରୋ ଟୁଡୁ, ଏସ୍‌ଆଇ ଜୀବନ ଲାକ୍ରା ପ୍ରମୁଖ ସଦଳବଳ ପହଞ୍ଚି ପ୍ରାଥମିକ ତଦନ୍ତ କରିଥିଲେ। ଏସଡିପିଓ ପ୍ରକାଶ ଚନ୍ଦ୍ର ପାଲ, ଜଗତ୍‌ସିଂହପୁର ଥାନା ଅଧିକାରୀ ରଜନୀକାନ୍ତ ମିଶ୍ର, ମଧୁପାଟଣା ଥାନା ଆଇଆଇସି ତୁଷାର ରଞ୍ଜନ ସେଠୀ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚିବା ପରେ ଅଖା ମଧ୍ୟରୁ ମୃତଦେହ ବାହାର କରାଯାଇଥିଲା। ମୃତ ନର୍ସଙ୍କ ହାତ ଗୋଡ଼ ବନ୍ଧାଥିବା ଦେଖିବାକୁ ମିଳିଥିଲା। ମୁଣ୍ଡ ଓ ମୁଖମଣ୍ଡଳରୁ ମାଂସ ବାହାରିଯାଇ କେବଳ ଖପୁରି ହାଡ଼ ଦେଖାଯାଉଥିଲା। ଯୁବତୀ ଜଣଙ୍କ ନାଲି ରଙ୍ଗର ଲେଗିନ୍ସ ଓ ବ୍ରାଉନ ରଙ୍ଗର ଶାର୍ଟ ପିନ୍ଧିଥିଲେ। ତେବେ ପ୍ରାଥମିକ ତଦନ୍ତ ପରେ ମୃତଦେହ ଚିହ୍ନଟ କରାଯାଇଛି। ସେ ହେଲେ ଖୋର୍ଦ୍ଧା ଜିଲା ବାଲିଅନ୍ତା ଥାନା ଅନ୍ତର୍ଗତ ଭିଙ୍ଗାରପୁର ଗ୍ରାମର ଗଗନ ପାତ୍ରଙ୍କ ଝିଅ ନୀହାରିକା ପାତ୍ର(୨୪)। ସେ କଟକର ଏମ୍‌ଏମ୍ ନର୍ସିଂହୋମରେ କାମ କରୁଥିଲେ। ସେପ୍ଟେମ୍ବର ୮ରୁ ସେ ନିଖୋଜ ଥିବା କଟକ ମଧୁପାଟଣା ଥାନାରେ ଅଭିଯୋଗ ହୋଇଥିଲା। ନଦୀପଠାରୁ ମୃତଦେହ ମିଳିବା ଖବରପାଇ ଉକ୍ତ ନର୍ସିଂହୋମ କର୍ମଚାରୀ ଓ ଯୁବତୀଙ୍କ ମା’ ପ୍ରତିମା ପାତ୍ର ଯାଇ ଚିହ୍ନଟ କରିଥିଲେ। ବିରିଡ଼ି ଅତିରିକ୍ତ ତହସିଲଦାର ସୌମ୍ୟା ପଟ୍ଟନାୟକଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଅନ୍ୟପକ୍ଷରେ ଯୁବତୀଙ୍କୁ ହତ୍ୟା କରାଯାଇଥିବା ତାଙ୍କ ମା’ ବିରିଡ଼ି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ମାମଲା ନଂ.୧୧୬/୧୯ ରୁଜୁ କରି ତଦନ୍ତ ଚଳାଇଛି। ଏହି ହତ୍ୟାକାଣ୍ଡରେ ବିରିଡ଼ି ଥାନା ହାଜିପୁର ଗ୍ରାମର ଜଣେ ଯୁବକ ପ୍ରତ୍ୟକ୍ଷ ଭାବେ ସମ୍ପୃକ୍ତ ଥିବା ଏତଲାରେ ଦର୍ଶାଯାଇଛି। ଯୁବତୀଙ୍କ ସହ ଅଭିଯୁକ୍ତ ଯୁବକଙ୍କର ଆଗରୁ ପ୍ରେମ ସମ୍ପର୍କ ଥିବା କୁହାଯାଉଛି। ତେବେ କେଉଁ ପରିସ୍ଥିତିରେ ଏହି ହତ୍ୟାକାଣ୍ଡ ଘଟିଲା ତାହା ଜଣାପଡ଼ିନାହିଁ। ପୋଲିସ ଘଟଣାର ତଦନ୍ତ ଚଳାଇଛି।


ନୀହାରିକା ପାତ୍ର (ଫାଇଲ ଫଟୋ)

- ଗତ ୮ ତାରିଖରୁ ନିଖୋଜ ଥିଲେ
- ବିଲୁଆଖାଇ ନଦୀପଠାରୁ ମିଳିଲା ଗଳିତ ମୃତଦେହ

# ସମ୍ବଲପୁର ବୈଦିକ କଲେଜରେ ର୍‍ୟାଗିଂ

ସମ୍ବଲପୁର,୧୭।୯(ବ୍ୟୁରୋ)

ସମ୍ବଲପୁର ସହର ଉପକଣ୍ଠରେ ଥିବା ଶାସନ ଥାନା ଅନ୍ତର୍ଗତ ବୈଦିକ ଇଣ୍ଟରନ୍ୟାଶନାଲ ଘରୋଇ କଲେଜରେ ଜଣେ ଛାତ୍ରଙ୍କୁ ର୍‍ୟାଗିଂ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ର୍‍ୟାଗିଂର ଶିକାର ହୋଇଛନ୍ତି କଲେଜର ଯୁକ୍ତ ୨ ପ୍ରଥମ ବର୍ଷ କଳାର ଛାତ୍ର ଅଭିଷେକ ମିଶ୍ର। ତାଙ୍କୁ ତାଙ୍କର କେତେ ଜଣ ସହପାଠୀ ଓ ସିନିୟର ଛାତ୍ର ମିଶି ଲୁହାଛଡ ଓ ବେଲ୍ଟରେ ପିଟି ଲହୁଲୁହାଣ କରିଛନ୍ତି। ହେଲେ ଘଟଣାକୁ ଚାପି ଦେବାକୁ ଏଥିରେ ସମ୍ପୃକ୍ତ ଥିବା ବୌଦ୍ଧ ଜିଲାର ୪ ଜଣ ଛାତ୍ରଙ୍କୁ କଲେଜ କର୍ତ୍ତୃପକ୍ଷ ଛୁଟିରେ ଘରକୁ ପଠାଇ ଦେଇଛନ୍ତି। ମଙ୍ଗଳବାର ଅଭିଷେକଙ୍କ ମା, ବାପା ପୁଅକୁ ଭେଟିବାକୁ ଆସିବା ପରେ ଏହି ଘଟଣା ପ୍ରଘଟ ହୋଇଛି। ତାଙ୍କ ବାପା ଗୌରଚରଣ ମିଶ୍ର ଶାସନ ଥାନାରେ ଏ ନେଇ ଅଭିଯୋଗ କରିଛନ୍ତି। ପରେ କଲେଜ କର୍ତ୍ତୃପକ୍ଷ ତାଙ୍କୁ ଧମକାଇ ମାମଲା ଉଠାଇ ନେବାକୁ ଚାପ ପକାଉଛନ୍ତି ବୋଲି ଅଭିଯୋଗ ହୋଇଛି।

ଶନିବାର ଅଭିଷେକଙ୍କ ସିନିୟର ସ୍ମୃତିମାନ ମହାକୁଡ, ସହପାଠୀ ରାଜକୁମାର ଧରୁଆ, ଆକାଶ ସାହୁ, ଅଂଶୁମାନ ମଉଲା ମିଶି ଅଭିଷେକଙ୍କୁ ର୍‍ୟାଗିଂ କରି ଲହୁଲୁହାଣ କରିଥିଲେ। ଶନିବାର ଏହି ଘଟଣା ଘଟିଥିଲେ ବି କଲେଜ କର୍ତ୍ତୃପକ୍ଷ ଏ ସମ୍ପର୍କରେ ତାଙ୍କ ପରିବାର ଲୋକଙ୍କୁ ନ ଜଣାଇ ଚାପି ରଖିଥିଲେ। ସ୍କୁଲରେ ଆରଏସ୍‌ଏସ୍‌ର ଏକ କାର୍ଯ୍ୟକ୍ରମରେ ଅଧ୍ୟକ୍ଷଙ୍କ ସମେତ ସମସ୍ତ କର୍ମଚାରୀ ବ୍ୟସ୍ତ ରହିଥିଲେ। ଆହତ ଅଭିଷେକଙ୍କୁ ପ୍ରାଥମିକ ଚିକିତ୍ସା କରି କଲେଜର ଏକ କୋଠରିରେ କର୍ତ୍ତୃପକ୍ଷ ପକାଇ ରଖିଥିଲେ। ଅଭିଷେକଙ୍କୁ ଏଭଳି ମାନସିକ ଚାପ ଦିଆଯାଇଛି ଯେ, ସେ ଘଟଣା ସମ୍ପର୍କରେ ପରିବାର ବର୍ଗଙ୍କୁ ଫୋନ୍ ଯୋଗେ ମଧ୍ୟ ଜଣାଇ ନ ଥିଲେ। ତେବେ ଥାନାରେ ଅଭିଯୋଗ କଲାପରେ ଅଧ୍ୟକ୍ଷ ଆନନ୍ଦ ଅଗ୍ରୱାଲ ଧମକ ଚମକ ଦେଉଛନ୍ତି। ମାମଲା ପ୍ରତ୍ୟାହାର ନ କଲେ ଓଲଟା ଅଭିଷେକଙ୍କ ବାପା ଗୌରଚରଣଙ୍କ ବିରୋଧରେ ଅଭିଯୋଗ କରାଯିବ। ସେ କଲେଜର କିଛି ବି କରି ପାରିବେ ନାହିଁ ବୋଲି ଧମକାଉଛନ୍ତି ବୋଲି ଗୌରଚରଣ କହିଛନ୍ତି। ତେବେ ଏ ସମ୍ପର୍କରେ ଅଧ୍ୟକ୍ଷ ଅଗ୍ରୱାଲ ଗଣମାଧ୍ୟମ ଆଗରେ କିଛି କହିବାକୁ ମନା କରି ଦେଇଛନ୍ତି। ଅନ୍ୟପକ୍ଷେ ପୁଅକୁ ଗୁରୁତର ଅବସ୍ଥାରେ ଦେଖି ମା’ ବାରମ୍ବାର ଅଚେତ ହୋଇଯାଉଥିଲେ। ପୁଅକୁ ପାଠ ପଢାଇବା ପାଇଁ ଜମି ବିକ୍ରି କରି ଉକ୍ତ ଶିକ୍ଷାନୁଷ୍ଠାନରେ ନାମ ଲେଖାଇଥିଲେ। ବର୍ଷକୁ ୧ ଲକ୍ଷ ୧୫ ହଜାର ଟଙ୍କା କଲେଜ ନେବ। ହେଲେ ପୁଅର ଜୀବନ ସୁରକ୍ଷିତ ନୁହେଁ। ଏଣୁ କେଉଁ ଭରସାରେ ଏଠି ପୁଅକୁ ଛାଡିବେ ବୋଲି ପ୍ରଶ୍ନ କରିଛନ୍ତି। ସେହିଭଳି ଏହି ଘଟଣାରେ ଛାତ୍ରମାନେ ଯେତିକି ଦାୟୀ କଲେଜ କର୍ତ୍ତୃପକ୍ଷ ମଧ୍ୟ ସେତିକି ଦାୟୀ ବୋଲି ସେ କହିଛନ୍ତି। ତେଣୁ ଏଥିରେ ସମ୍ପୃକ୍ତ ଛାତ୍ରମାନଙ୍କ ସହ କଲେଜ ମାଲିକଙ୍କୁ ମଧ୍ୟ ଗିରଫ କରାଯାଉ ବୋଲି ଅଭିଷେକଙ୍କ ମା, ଓ ବାପା ଦାବି କରିଛନ୍ତି। ଏ ସମ୍ପର୍କରେ ଏସ୍‌ପି କନୱର ବିଶାଲ ସିଂ କହିଛନ୍ତି ଯେ, ଏହା ଏକ ସମ୍ବେଦନଶୀଳ ଘଟଣା। ପୋଲିସ ଏହାକୁ ଗୁରୁତର ସହ ନେଇଛି। ମାମଲା ରୁଜୁ କରି ଘଟଣାର ତଦନ୍ତ କରାଯାଉଛି। ରିପୋର୍ଟ ଆସିଲା ପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।


ଆଶିଷଙ୍କ ଦେହରେ ମାଡ଼ ଦାଗ।

- ଯୁକ୍ତ ୨ ପ୍ରଥମ ବର୍ଷ କଳା ଛାତ୍ରଙ୍କୁ ଲୁହାଛଡ, ବେଲ୍ଟରେ ମାଡ଼
- ପ୍ରାଥମିକ ଚିକିତ୍ସା ପରେ ଏକ ରୁମ୍‌ରେ ପକାଇ ରଖାଯାଇଥିଲା

## ଭିଜିଲାନ୍ସ ଜାଲରେ କୋଟିପତି କନିଷ୍ଠ କିରାଣି

ବ୍ରହ୍ମପୁର ଅଫିସ,୧୭।୯

ସ୍ୱତନ୍ତ୍ର ଭିଜିଲାନ୍ସ ଜଜଙ୍କ ଦ୍ୱାରା ଜାରି ହୋଇଥିବା ୱାରେଣ୍ଟ ବଳରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଏମ୍‌କେସିଜି ମେଡିକାଲ କଲେଜ କନିଷ୍ଠ କିରାଣି ଅଜିତ କୁମାର ସାହୁଙ୍କ ଘର ସମେତ ୫ ସ୍ଥାନରେ ମଙ୍ଗଳବାର ଭିଜିଲାନ୍ସ ଏକ କାଳୀନ ଚଢାଉ କରିଛି। ତାଙ୍କର ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୧ କୋଟି ୭୬ ଲକ୍ଷ ୨୬ ହଜାର ୬୬୭ ଟଙ୍କା ହେବ ବୋଲି ଆକଳନ କରାଯାଇଥିବା ଭିଜିଲାନ୍ସ ଏସ୍‌ପି ମାୟାଧର ସ୍ୱାଇଁ ସୂଚନା ଦେଇଛନ୍ତି। ଅଜିତଙ୍କ ଆମ୍ବପୁଆ ଶିବପଦ୍ମା କଲୋନୀସ୍ଥିତ ଡ୍ୟୁପ୍ଲେକ୍ସ ଅଟ୍ଟାଳିକା, ଗଜପତିନଗର ୭ମ ଲେନରେ ଥିବା ୩ ମହଲା ବିଶିଷ୍ଟ ଘର, ଲାଞ୍ଜିପଲ୍ଲୀରେ ଥିବା ୩ ମହଲା ଘର, ଏମ୍‌କେସିଜି ହସ୍ପିଟାଲର କାର୍ଯ୍ୟାଳୟ ଓ ଲାଞ୍ଜିପଲ୍ଲୀରେ ଥିବା ଚନ୍ଦନ ଟ୍ରେଡର୍ସ ନାମକ ଏକ ସିମେଣ୍ଟ ଗୋଦାମରେ ଚଢାଉ କରାଯାଇଥିଲା। ଖବର ଲେଖାହେବାସୁଦ୍ଧା ତଦନ୍ତ ଜାରିରହିଛି।


## ୬ଷ୍ଠ ଜନ୍ମଦିନ ଶୁଭେଚ୍ଛା



ତ୍ରିଶା ତନୟା

ଆଜି ତୋର ୬ଷ୍ଠ ତମ ଜନ୍ମବାର୍ଷିକ ଉତ୍ସବରେ ପିତା ସଞ୍ଜୟ ପରିଡ଼ା ଙ୍କ ସମେତ ମା’, ମାମୁ, ମାଇଁ, ଜେଜେମା’, ଆଇ ଶୁଭ ଆଶୀର୍ବାଦ କାମନା କରୁଛନ୍ତି।

ଶୁଭେଚ୍ଛାସହ:
ବନ୍ଧୁ ବାନ୍ଧବ ଓ ପରିବାର ବର୍ଗ

ଧ-୧୪୩୮୧




## ଜିଲା ଚିଠି
### ଭଦ୍ରକ

# ଆଶାରେ ମେଡିକାଲ କଲେଜ

ଭଦ୍ରକ ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ଦିନକୁ ଦିନ ତେଜିବାରେ ଲାଗିଛି। ଜିଲାର ବୁଦ୍ଧିଜୀବୀ ଫୋରମ, ଯୁବ ଯାଦବ ସଂଘ, ମେଡିକାଲ କଲେଜ ସଂଗ୍ରାମୀ ସେନା ଭଳି ବିଭିନ୍ନ ସାମାଜିକ ସଙ୍ଗଠନ ଏହି ଦାବିରେ ଜନମତ ସୃଷ୍ଟି କରି ସରକାର ଓ ପ୍ରଶାସନ ଉପରେ ଚାପ ପକାଇବା ଆରମ୍ଭ କରିଛନ୍ତି। ସେମାନେ ନିଜ ନିଜର ରଣକୌଶଳ ଓ ଦାବି ନେଇ ପଥପ୍ରାନ୍ତ ସଭା, ଦସ୍ତଖତ ଅଭିଯାନ ଭଳି କାର୍ଯ୍ୟକ୍ରମ କରୁଛନ୍ତି। ସମସ୍ତଙ୍କ ଲକ୍ଷ୍ୟ ଏକ। ମେଡିକାଲ କଲେଜ ପ୍ରତିଷ୍ଠା ହେଉ। କେନ୍ଦ୍ର ସରକାର ୭୫ଟି ସ୍ଥାନରେ ମେଡିକାଲ କଲେଜ ପ୍ରତିଷ୍ଠା କରିବେ ବୋଲି ଘୋଷଣା କରିବା ପରେ ଏସବୁ ସଙ୍ଗଠନ ମେଡିକାଲ କଲେଜ ଖୋଲିବା ଦାବିରେ ଅଡ଼ି ବସିଛନ୍ତି। ବିକାଶ କ୍ଷେତ୍ରରେ ପଛୁଆ ରହିଥିବା ଭଦ୍ରକ ଜିଲାରେ ଏଭଳି ଦାବିର ଯଥାର୍ଥତାକୁ ବିଭିନ୍ନ ମହଲରୁ ସମର୍ଥନ ଦିଆଯାଉଛି। ବିଭିନ୍ନ ରାଜନୈତିକ ଦଳ ମଧ୍ୟ ସମର୍ଥନ ଜଣାଉଛନ୍ତି। ହେଲେ ଗୋଟିଏ ବ୍ୟାନରରେ ଦାବି ଉପସ୍ଥାପନ କରାଯାଉ ନ ଥିବାରୁ ଏହାର ସେଭଳି ପ୍ରଭାବ ଅନୁଭୂତ ହେଉ ନାହିଁ। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଲୋକଙ୍କ ଦାବିକୁ ଅଣଦେଖା କରି ନୀରବତା ଅବଲମ୍ବନ କରୁଥିବାରୁ ମେଡିକାଲ କଲେଜ ପ୍ରତିଷ୍ଠା ସ୍ୱପ୍ନ ଅଧୁରା ହୋଇ ରହିଛି। ଦୀର୍ଘ ଦୁଇବର୍ଷ ହେଲା ଜିଲାରେ ଏହି ଦାବି ନେଇ ଆନ୍ଦୋଳନ ମୁଣ୍ଡ ଟେକିଛି। ଜିଲାରେ ମଧ୍ୟ ବନ୍ଦ ପାଳନ କରାଯାଇଛି। ରାଜନେତା ଓ ଲୋକପ୍ରତିନିଧି ଏହି ଦାବିକୁ ସମର୍ଥନ କରୁଥିବା କହୁଥିଲେ ମଧ୍ୟ ଆନ୍ଦୋଳନକାରୀଙ୍କଠାରୁ ସମ ଦୂରତା ବଜାୟ ରଖୁଥିବା ଚର୍ଚ୍ଚାକୁ ଆସୁଛି। ଏଭଳି ସ୍ଥିତି ଦେଖି ‘ସମସ୍ତେ କାନ୍ଦୁଛନ୍ତି, କାହାରି ଆଖିରେ ଲୁହ ନାହିଁ’ ବୋଲି ଅନେକେ ଆଲୋଚନା କରୁଛନ୍ତି। ଭୌଗୋଳିକ ଅବସ୍ଥିତି ଓ ଗମନାଗମନ ସୁବିଧା ଦୃଷ୍ଟିରୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟ ଉପରେ ଏହି ଜିଲା ସମେତ ପଡ଼ୋଶୀ କେନ୍ଦୁଝର, ଯାଜପୁର, କେନ୍ଦ୍ରାପଡ଼ା ଏବଂ ବାଲେଶ୍ୱର ଜିଲାର ଉପାନ୍ତ ଅଞ୍ଚଳବାସୀ ନିର୍ଭର କରିଆସୁଛନ୍ତି। ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟ ୧୬ ନଂ ଜାତୀୟ ରାଜପଥର ଅନତି ଦୂରରେ ଅବସ୍ଥିତ ଥିବାରୁ ଏଠାରେ ଦୁର୍ଘଟଣାଜନିତ ରୋଗୀଙ୍କ ଭିଡ଼ ପ୍ରାୟତଃ ଲାଗିରହୁଛି। ପ୍ରତିଦିନ ଏହି ଚିକିତ୍ସାଳୟର ବହିର୍ବିଭାଗରେ ପ୍ରାୟ ୧୮୦୦ ରୋଗୀ ଚିକିତ୍ସିତ ହେଉଛନ୍ତି। ଅନ୍ତର୍ବିଭାଗରେ ୩୦୦ ଶଯ୍ୟା ରହିଛି। ଉନ୍ନତ ଓ ଆଧୁନିକ ଚିକିତ୍ସା ସେବା ପାଇବା ଲାଗି ଲୋକେ କଟକ ଭଳି ଦୂର ସ୍ଥାନକୁ ଯାଇ ଅଧିକାଂଶ ସମୟରେ ଚିକିତ୍ସିତ ହେଉଥିବା ଦେଖିବାକୁ ମିଳୁଛି। ଜିଲା ମୁଖ୍ୟ ଡାକ୍ତରଖାନା ସମ୍ପ୍ରସାରଣ ଓ ସ୍ଥାନାନ୍ତର ଯୋଜନା ଆଜି ସୁଦ୍ଧା ପ୍ରସ୍ତାବରେ ଅଟକି ରହିଛି। ଏଠାରେ ମେଡିକାଲ କଲେଜ ପ୍ରତିଷ୍ଠା ହେଲେ ଅଞ୍ଚଳବାସୀ ଉନ୍ନତ ଚିକିତ୍ସା ସେବା ପାଇବା ସହ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ଉନ୍ନତି ଆସିପାରନ୍ତା ବୋଲି ଜିଲାବାସୀ ଆଶା ବାନ୍ଧି ବସିଛନ୍ତି। ଗତ ସାଧାରଣ ନିର୍ବାଚନ ବେଳେ ଏହି ପ୍ରସଙ୍ଗ ବେଶ୍ ଚର୍ଚ୍ଚାକୁ ଆସିଥିଲା। ନିର୍ବାଚନ ପରେ କେତେକ ସଙ୍ଗଠନ ଆନ୍ଦୋଳନ ଜାରି ରଖିଥିଲେ ମଧ୍ୟ ପୂର୍ବରୁ ରାଜ୍ୟ ଓ କେନ୍ଦ୍ର ସରକାର ମେଡିକାଲ କଲେଜ ପ୍ରତିଷ୍ଠା କଥା କହି ଏବେ କାହିଁକି ନୀରବତା ଅବଲମ୍ବନ କରୁଛନ୍ତି ତାହା ସଂଶୟର କାରଣ ହୋଇଛି।

– ବିଭୁପ୍ରସାଦ ବେହେରା

- ୨୪ତମ କନ୍‌ଷ୍ଟେବଲ ବ୍ୟାଚ୍‌ର ପାସିଂଆଉଟ୍ ପରେଡ

# ନିଷ୍ଠାର ସହ କର୍ତ୍ତବ୍ୟ ପାଳନ ପାଇଁ ଡିଜିପିଙ୍କ ପରାମର୍ଶ



ଡିଜିପି ଅଭିବାଦନ ଗ୍ରହଣ କରୁଛନ୍ତି।

- ଯୋଗଦେଲେ ନବନିଯୁକ୍ତ ୨୬୬ ମହିଳା କନ୍‌ଷ୍ଟେବଲ
- ପ୍ରଶିକ୍ଷଣ ପରୀକ୍ଷାରେ କୃତୀ ୪ଜଣ ପୁରସ୍କୃତ

**ଭୁବନେଶ୍ୱର,୧୭।୯(ବ୍ୟୁରୋ):** ନବନିଯୁକ୍ତ ମହିଳା କନଷ୍ଟେବଳ ୨୪ତମ ବ୍ୟାଚ୍‌ର ଦୀକ୍ଷାନ୍ତ ସମାରୋହ (ପାସିଂ ଆଉଟ୍ ପରେଡ଼) ମଙ୍ଗଳବାର ସକାଳେ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଟ୍ରାଫିକ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଅନୁଷ୍ଠିତ ହୋଇଯାଇଛି। ପୋଲିସ ଡିଜି ବି.କେ. ଶର୍ମା ମୁଖ୍ୟ ଅତିଥିଭାବେ ଯୋଗଦେଇ ପରେଡ଼ରେ ଅଭିବାଦନ ଗ୍ରହଣ କରିଥିଲେ। ସେ ନବନିଯୁକ୍ତ ମହିଳା କନ୍‌ଷ୍ଟେବଲମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ନିଜ କର୍ତ୍ତବ୍ୟକୁ ନିଷ୍ଠା ଓ ସାଧୁତାର ସହ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ। କନଷ୍ଟେବଲମାନେ ହେଉଛନ୍ତି ପୋଲିସ ବ୍ୟବସ୍ଥାର ମୂଳଦୁଆ। ଆସନ୍ତା ୨ରୁ ମୁଖ୍ୟମନ୍ତ୍ରୀଙ୍କ ‘ମୋ ସରକାର’ କାର୍ଯ୍ୟକ୍ରମ ପୋଲିସ ବିଭାଗରେ ରାଜ୍ୟବ୍ୟାପୀ କରାଯିବ। ତେଣୁ ଅତ୍ୟନ୍ତ ଭଦ୍ର, ନମ୍ର ଓ ଉତ୍ତମ ବ୍ୟବହାର ପ୍ରଦର୍ଶନ ପୂର୍ବକ ଜନସାଧାରଣଙ୍କ ଆସ୍ଥାଭାଜନ ହେବାକୁ ଚେଷ୍ଟା କର। ବୃତ୍ତିଗତ କାର୍ଯ୍ୟ ସମ୍ପାଦନ ସମୟରେ ବ୍ୟକ୍ତିଗତ ସ୍ୱାର୍ଥ ଛାଡ଼ି ଉତ୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟକରିବା ସହ ଓଡିଶା ପୋଲିସର ସୁନାମକୁ ବଜାଇ ରଖିବାକୁ ଡିଜିପି ଶର୍ମା ଆହ୍ୱାନ ଦେଇଥିଲେ। ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଯୋଗଦେଇ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିବା ସହ ନବନିଯୁକ୍ତ କନ୍‌ଷ୍ଟେବଲଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏସିପି ଟ୍ରେନିଂ ସୂର୍ଯ୍ୟକାନ୍ତ ମହାନ୍ତି ପରେଡ କମାଣ୍ଡରଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ।

ସମାରୋହରେ ୨୧ ଜିଲାରୁ ନବନିଯୁକ୍ତ ୨୬୬ ଜଣ ମହିଳା କନ୍‌ଷ୍ଟେବଲ ସାମିଲ ହୋଇଥିଲେ। ସେମାନେ ଜାନୁୟାରୀ ୨୨ରୁ ୬ ମାସ ଧରି ପ୍ରଶିକ୍ଷଣ ନେଇଥିଲେ। ପ୍ରଶିକ୍ଷଣ ସମୟରେ ସେମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ଅପରାଧ ସମ୍ବନ୍ଧୀୟ ଆଇନ, ମାନବିକ ଅଧିକାର, ଜନସାଧାରଣଙ୍କୁ ବ୍ୟବହାର, ପୋଲିସର କର୍ତ୍ତବ୍ୟ, ଅସ୍ତ୍ରଶସ୍ତ୍ର, ଟ୍ରାଫିକ ପରିଚାଳନା, ଭିଡ଼ ନିୟନ୍ତ୍ରଣ, ଲାଠି ଡ୍ରିଲ୍, ବିନା ଅସ୍ତ୍ରରେ ଯୁଦ୍ଧ କୌଶଳ ଶିକ୍ଷା ଓ ଯୋଗ ଆଦି ଉପରେ ତାଲିମ ପ୍ରଦାନ କରାଯାଇଥିଲା। ଶେଷରେ ପ୍ରଶିକ୍ଷଣ ସମ୍ବନ୍ଧୀୟ ପରୀକ୍ଷା କରାଯାଇଥିଲା। ଏଥିରେ ପୁରୀ ଜିଲାର କନ୍‌ଷ୍ଟେବଲ ସଜନୀ ସାହୁ ପ୍ରଥମ, ବଲାଙ୍ଗୀର ଜିଲାର ଦୀପାଳି ବାରିକ ଦ୍ୱିତୀୟ ଓ ଖୋର୍ଦ୍ଧା ଜିଲାର ମଧୁମିତା ବଳବନ୍ତରାୟ ତୃତୀୟ ସ୍ଥାନ ହାସଲ କରିଥିଲେ। ଏମାନଙ୍କୁ ଡିଜିପି ପୁରସ୍କୃତ କରିଥିଲେ। ସେହିଭଳି ଯାଜପୁର ଜିଲାର କନ୍‌ଷ୍ଟେବଲ ପାର୍ବତୀ ସାହୁଙ୍କୁ ଶ୍ରେଷ୍ଠ ଶୃଙ୍ଖଳିତ ପ୍ରଶିକ୍ଷାର୍ଥିନୀଭାବେ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ଆଇପିଏସ୍ ଓ ଅନ୍ୟ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

# ମ୍ୟାଲେରିଆ ପ୍ରବଣ ଜିଲାରେ ବଣ୍ଟନ ହେବ ୨୬ ଲକ୍ଷ ଔଷଧୀୟ ମଶାରି

ଭୁବନେଶ୍ୱର, ୧୭।୯(ବ୍ୟୁରୋ)

କେନ୍ଦ୍ର ସରକାର ଓଡ଼ିଶାକୁ ୨୬ଲକ୍ଷ ୫୪ହଜାର ଔଷଧୀୟ ମଶାରି ବଣ୍ଟନ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଏହାର ସୂଚାରୁରୂପେ କାର୍ଯ୍ୟକାରିତା ପାଇଁ ମଙ୍ଗଳବାର ସ୍ୱାସ୍ଥ୍ୟ ବିଭାଗର ଷ୍ଟିଅରିଂ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା ଅଧ୍ୟକ୍ଷତା କରି ଔଷଧୀୟ ମଶାରି ବଣ୍ଟନ କ୍ଷେତ୍ରରେ ମ୍ୟାଲେରିଆ ପ୍ରବଣ ଜିଲାଗୁଡ଼ିକୁ ଅଗ୍ରାଧିକାର ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କ୍ରମରେ କେନ୍ଦ୍ରରୁ ମିଳିଥିବା ଔଷଧୀୟ ମଶାରି ଅତ୍ୟଧିକ ମ୍ୟାଲେରିଆ ପ୍ରବଣ ଗଜପତି, ଗଞ୍ଜାମ, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା ଓ ସୁନ୍ଦରଗଡ଼ ଜିଲାକୁ ପ୍ରଥମେ ଦିଆଯିବ। ଏହାପରେ ମ୍ୟାଲେରିଆ ନିୟନ୍ତ୍ରଣର ପୂର୍ବାବସ୍ଥାକୁ ଆସିଯାଇଥିବା ନୂଆପଡ଼ା, ମୟୂରଭଞ୍ଜ, ସୋନପୁର, ଅନୁଗୋଳ, ବରଗଡ଼ ଓ ଖୋର୍ଦ୍ଧା ଜିଲାକୁ ଏବଂ ପର୍ଯ୍ୟାୟକ୍ରମେ ନିୟନ୍ତ୍ରଣ ଅବସ୍ଥାକୁ ଆସିଯାଇଥିବା ଅବଶିଷ୍ଟ ୧୪ ଜିଲାକୁ ମଶାରି ବଣ୍ଟନରେ ସାମିଲ କରିବା ପାଇଁ ବୈଠକରେ ସ୍ଥିର ହୋଇଛି। ତେବେ ମଶାରି ବଣ୍ଟନ ଓ ଏହାର ଠିକ୍ ବ୍ୟବହାର ନେଇ ଲୋକଙ୍କ ମଧ୍ୟରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଚଳାଇବାକୁ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ୨୦୧୭ରେ କେନ୍ଦ୍ର ସରକାର ରାଜ୍ୟକୁ ୧କୋଟି ୧୩ଲକ୍ଷ ଔଷଧୀୟ ମଶାରି ପ୍ରଦାନ କରିଥିଲେ। ଏହାକୁ ବିଭିନ୍ନ ମ୍ୟାଲେରିଆ ପ୍ରବଣ ଜିଲାରେ ବଣ୍ଟନ କରାଯାଇଥିଲା। ଫଳରେ ରାଜ୍ୟରେ ମ୍ୟାଲେରିଆକୁ ପ୍ରାୟ ୮୦ ପ୍ରତିଶତ ନିୟନ୍ତ୍ରଣ କରାଯାଇ ପାରିଥିଲା, ଯାହାକୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ମଧ୍ୟ ପ୍ରଶଂସା କରିଥିଲେ। ଏହି ମଶାରିର ଅବଧି ପ୍ରାୟ ୩ବର୍ଷ ଥିବାବେଳେ ଓଡ଼ିଶାକୁ ପୁନର୍ବାର ମଶାରି ଯୋଗାଇଦେବା ଲାଗି ରାଜ୍ୟ ସରକାର କେନ୍ଦ୍ରକୁ ଅନୁରୋଧ କରିଥିଲେ। ତଦନୁଯାୟୀ କେନ୍ଦ୍ର ସରକାର ୨୬ଲକ୍ଷ ୫୪ହଜାର ମଶାରି ଯୋଗାଇ ଦେଇଥିବାବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ଆହୁରି ଅଧିକ ମଶାରି ମିଳିବାର ସମ୍ଭାବନା ରହିଛି। ଆସନ୍ତା ବର୍ଷ କେନ୍ଦ୍ର ସରକାର ରାଜ୍ୟକୁ ଆଉ ୧କୋଟି ୧୩ଲକ୍ଷ ମଶାରି ଯୋଗାଇଦେବାର ସୂଚନା ମିଳିଛି। ସେହି ମଶାରି ଆସିଲେ ୨୦୧୭ରେ ଯୋଗାଯାଇଥିବା ମଶାରିଗୁଡ଼ିକର ସ୍ଥାନ ନେବ ବୋଲି କର୍ତ୍ତୃପକ୍ଷ ସ୍ଥିର କରିଛନ୍ତି। ଏହା ବ୍ୟତୀତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଜିଲା ଖଣିଜ ପାଣ୍ଠି (ଡିଏମ୍‌ଏଫ୍)ରୁ ମଶାରି ଖରିଦ କରିବା ପାଇଁ ସରକାର ସ୍ଥିର କରିବା ପରେ ଏ ନେଇ ଟେଣ୍ଡର ପ୍ରକ୍ରିୟା ଚୂଡ଼ାନ୍ତ ହୋଇଛି।


## ମନେ ପଡ଼ନ୍ତି

### ଶ୍ରଦ୍ଧାଞ୍ଜଳି



ବିନତାଶ୍ୱ ମଲ୍ଲିକ
ଅଧିଷ୍ଠାନ: ୨୫।୦୩।୧୯୮୬
ତିରୋଧାନ: ୧୮।୦୯।୨୦୧୩
ଶ୍ରୀଅରବିନ୍ଦ ନଗର, ଚନ୍ଦ୍ରଶେଖରପୁର,
ଭୁବନେଶ୍ୱର-୭୫୧୦୧୬
ଜନ୍ମ ମୃତ୍ୟୁର ଏ ପୃଥିବୀରେ
ଭୁଲି ନହେଲା ପରି ସ୍ମୃତି ଏକା ତୋ’ର!
ଶ୍ରୀମା’ ଶ୍ରୀଅରବିନ୍ଦଙ୍କ ପରମ କୃପାରୁ
ତୋ’ ଆତ୍ମାର ଉତ୍ତରଣ
ଜାରି ରହୁ- ଏତିକି ପ୍ରାର୍ଥନା।
-ପରିବାର, ପରିଜନ ଓ
ବିନତାଶ୍ୱ ମଲ୍ଲିକ ସ୍ମାରକୀ ନ୍ୟାସ-

ଧ-୧୪୩୮୫

### ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଶଙ୍କର୍ଷଣ ବେହୁରା
ଆବିର୍ଭାବ: ୦୩।୦୯।୧୯୨୭
ତିରୋଧାନ: ୩୦।୦୯।୧୯୯୬
ଆପଣଙ୍କର ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ ଏତିକି ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
ଶୋକସନ୍ତପ୍ତ:
ପୁଅ: କ୍ଷୀରୋଦ କୁମାର ବେହୁରା,
ବୋହୂ: ବନଜା ବେହୁରା,
ନାତି: ହିମାଂଶୁ ବେହୁରା।

ଧ-୧୪୩୮୦



## CAR FOR SALE

One **Indigo GLX** Petrol Car of 2009 model of HUDCO, Bhubaneswar is available for sale as is where is basis. For further details please visit **HUDCO** website **www.hudco.org** or **Contact : 7684877227.**

**Sd./- Regional Chief,**
**HUDCO, Bhubaneswar**

## ଇ-ନିଲାମ - କନକାଷ୍ଟ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍ (ପରିସମାପନରେ)

### ଇନ୍‌ସଲଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି କୋଡ୍, ୨୦୧୬ ଅଧୀନରେ ପରିସମ୍ପତ୍ତି ବିକ୍ରୟ

ମାନନୀୟ ଜାତୀୟ କମ୍ପାନୀ ଆଇନ ନ୍ୟାୟାଧିକରଣ, କୋଲକାତା ଖଣ୍ଡପୀଠଙ୍କ ୨୬ ସେପ୍ଟେମ୍ବର, ୨୦୧୮ର ଆଦେଶ ଦ୍ୱାରା ନିଯୁକ୍ତ ପରିସମାପକଙ୍କ ଦ୍ୱାରା ଗଠିତ ଲିକ୍ୱିଡେସନ୍ ଇଷ୍ଟେଟ୍‌ର ଅଂଶରେ ପରିଣତ ହୋଇଥିବା କନକାଷ୍ଟ ଷ୍ଟିଲ୍ ଆଣ୍ଡ ପାୱାର୍ ଲିମିଟେଡ୍ (ପରିସମାପନରେ) ମାଲିକାନାରେ ଥିବା ପରିସମ୍ପତ୍ତି ଓ ସମ୍ପତ୍ତିଗୁଡ଼ିକର ବିକ୍ରୟ।
ଆଗ୍ରହୀ ଆବେଦନକାରୀମାନେ କର୍ପୋରେଟ୍ ଋଣୀଙ୍କ ୱେବ୍‌ସାଇଟ୍ http://concastispat.com/nclt.html ଏବଂ ଇ-ନିଲାମ ୱେବ୍‌ସାଇଟ୍ https://ncltauction.auctiontiger.netରେ ଅପ୍‌ଲୋଡ୍ ହୋଇଥିବା ବିସ୍ତୃତ ଇଓଆଇ ପ୍ରକ୍ରିୟା ଦସ୍ତାବିଜ ଏବଂ ପରିସମ୍ପତ୍ତି ବିକ୍ରୟ ପ୍ରକ୍ରିୟା ସ୍ମାରକ ଦେଖିପାରନ୍ତି।
ନିଲାମ ବିକ୍ରୟ ଇ-ନିଲାମ ପ୍ଲାଟ୍‌ଫର୍ମ ମାଧ୍ୟମରେ (ପ୍ରତ୍ୟେକ ୧୫ ମିନିଟର ଅସୀମିତ ସମୟବୃଦ୍ଧି ସହିତ) କରାଯିବ: https://ncltauction.auctiontiger.net

| ପରିସମ୍ପତ୍ତି ଲଟ୍ | ବିକ୍ରୟ ପଦ୍ଧତି | ନିରୀକ୍ଷଣ ତାରିଖ | ନିଲାମର ତାରିଖ ଓ ସମୟ | ସଂରକ୍ଷିତ ମୂଲ୍ୟ (ଆଇଏନ୍‌ଆର୍) | ଇଏମ୍‌ଡି ପରିମାଣ ଏବଂ ଦାଖଲର ଅନ୍ତିମ ତିଥି |
|---|---|---|---|---|---|
| ପରିସମ୍ପତ୍ତି ଲଟ୍ ନଂ.୧- ବାଙ୍କୁରା ୟୁନିଟ୍ | ଚାଲୁ ବ୍ୟବସାୟ ଭାବେ | ୧୦ ଅକ୍ଟୋବର ୨୦୧୯ ପୂର୍ବରୁ | ୨୨ ଅକ୍ଟୋବର ୨୦୧୯, ୧୩.୦୧ ଘ. ରୁ ୨୩ ଅକ୍ଟୋବର ୨୦୧୯ ୧୩.୦୦ ଘ. | ୨୫୩.୩୭ କୋଟି | ୧୭ ଅକ୍ଟୋବର ୨୦୧୯ କିମ୍ବା ତାହା ପୂର୍ବରୁ ୨୫ କୋଟି |
| ପରିସମ୍ପତ୍ତି ଲଟ୍ ନଂ.୪- ଝାରସୁଗୁଡ଼ା ୟୁନିଟ୍ | ମିଳିତ ଭାବେ- ବନ୍ଦ ୟୁନିଟ୍ | ୧୦ ଅକ୍ଟୋବର ୨୦୧୯ ପୂର୍ବରୁ | ୨୧ ଅକ୍ଟୋବର ୨୦୧୯, ୧୨.୦୧ ଘ. ରୁ ୨୨ ଅକ୍ଟୋବର ୨୦୧୯, ୧୨.୦୦ ଘ. | ୩୦୨.୬୮ କୋଟି | ୧୬ ଅକ୍ଟୋବର ୨୦୧୯ କିମ୍ବା ତାହା ପୂର୍ବରୁ ୩୦ କୋଟି |

ଇ-ନିଲାମ ସମ୍ପର୍କିତ ପ୍ରଶ୍ନ ପାଇଁ, ଯୋଗାଯୋଗ କରନ୍ତୁ: ଶ୍ରୀଯୁକ୍ତ ନଓନୀତ କୁମାର / ଶ୍ରୀଯୁକ୍ତ ସପ୍ତର୍ଷି ବୈଦ୍ୟଙ୍କ ସହିତ +୯୧ ୭୯୦୩୫ ୭୫୦୯୫/ ୯୮୩୬୦ ୭୦୯୯୨, ଇମେଲ୍: LQ.Concast@in.gt.com
**କ୍ଷୀତିଜ ଛାଓଛାରିଆ**
**କନକାଷ୍ଟ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍ (ପରିସମାପନରେ)ର ପରିସମାପକ**
ଆଇବିବିଆଇ ପଞ୍ଜୀକରଣ ନଂ.- ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୦୩୫୮/୨୦୧୭-୧୮/୧୦୬୧୬
ପଞ୍ଜୀକୃତ ଠିକଣା: ମାର୍ଫତ୍ ବି. ଛାଓଛାରିଆ ଆଣ୍ଡ କୋ
୮ଏ ଏବଂ ବି, ସତ୍ୟମ୍ ଟାୱାର୍, ୩, ଆଲିପୁର ରୋଡ୍, କୋଲକାତା – ୭୦୦୦୨୭ । ଇମେଲ୍: Kshitiz@bccoindia.com




"ସ୍ୱାଭାବିକ ଭାବେ ଯେଉଁ କାର୍ଯ୍ୟ କରିବାକୁ ତୁମେ ଇଚ୍ଛା କରୁଛ କର। ମାତ୍ର ତୁମେ ଏକ ଉନ୍ନତ ଉଦ୍ଦେଶ୍ୟ ବା ମନୋଭାବ ନେଇ ସେ କାର୍ଯ୍ୟଟି କର। ପରିସ୍ଥିତିକୁ ପରିବର୍ତ୍ତନ କରିଦେଇପାରେ କେବଳ ତୁମର ମନୋଭାବ। -ଶ୍ରୀମା



# ନୂଆ ଯୁଗର ଡ୍ରୋନ୍

ବିଶ୍ୱର ସର୍ବବୃହତ୍ ତୈଳ ଉତ୍ପାଦକ ସାଉଦି ଆରବର କମ୍ପାନୀ 'ସାଉଦି ଆରାମ୍କୋ'ର ଦୁଇଟି ତୈଳ କୂପ ଉପରେ ୟେମେନୀ ବିଦ୍ରୋହୀ ଗୋଷ୍ଠୀ ୧୪ ସେପ୍ଟେମ୍ବରରେ ଡ୍ରୋନ୍ ଆକ୍ରମଣ କରିଥିଲା। ଫଳରେ ସେଠାରେ ତୈଳ ଉତ୍ପାଦନ ବାଧାପ୍ରାପ୍ତ ହୋଇଛି। ଆରାମ୍କୋ ଦୈନିକ ପ୍ରାୟ ୧୦୦ ମିଲିୟନ୍ ବ୍ୟାରେଲ୍ ତେଲ ଉତ୍ପାଦନ କରୁଥିବା ବେଳେ ଏହି ଆକ୍ରମଣ ଯୋଗୁ ଏହା ଅଧାକୁ ଖସିଆସିଛି। ଏହି ଘଟଣା ପରେ ବିଶ୍ୱ ତୈଳ ବଜାରରେ ଯୋଗାଣ ହ୍ରାସ ପାଇବାର ସବୁ ଆଶଙ୍କା ଦେଖାଦେଇଛି। ଫଳସ୍ୱରୂପ ୧୬ ସେପ୍ଟେମ୍ବରରେ ଅଶୋଧିତ ତେଲ ଦରରେ ନିଆଁ ଲାଗିଛି। ଗୋଟିଏ ଦିନରେ ଏହା ୨୮ ବର୍ଷର ରେକର୍ଡ ଭାଙ୍ଗି ବ୍ୟାରେଲ ପିଛା ୭୧.୯୫ ଡଲାରରେ ପହଞ୍ଚିଛି। ତେଣୁ ଆଗାମୀ ଦିନରେ ତେଲ ଦର ଆହୁରି ବଢ଼ିପାରେ। କାରଣ ତୈଳ ଉତ୍ପାଦକ ଦେଶସମୂହ ଓପେକ୍ ପୂର୍ବରୁ ଦୈନିକ ୧.୧ ମିଲିୟନ ବ୍ୟାରେଲ ତେଲ ଉତ୍ପାଦନ କମାଇବ ବୋଲି ନିଷ୍ପତ୍ତି ନେଇସାରିଛି। ଏଥିସହ ଆରାମ୍କୋ ଉପରେ ଆକ୍ରମଣଜନିତ ଉତ୍ପାଦନ ହ୍ରାସ ପରିସ୍ଥିତିକୁ ଆହୁରି ସଙ୍ଗିନ କରିବ। ଚାହିଦା ତୁଳନାରେ ଅଭାବ ଯୋଗୁ ଦରବୃଦ୍ଧି ପାଇବା ସ୍ୱାଭାବିକ।

ଆରାମ୍କୋ ଉପରେ ଡ୍ରୋନ୍ ଆକ୍ରମଣ ନେଇ ଆମେରିକା ଓ ଇରାନ୍ ମଧ୍ୟରେ ଯୁଦ୍ଧ ହେବାର ଆଶଙ୍କା ଦରବୃଦ୍ଧିର ଆଉ ଏକ କାରଣ ହୋଇପାରେ। ଡ୍ରୋନ୍ ଆକ୍ରମଣ ପଛରେ ଇରାନ୍‌ର ହାତ ଥିବା ଆମେରିକା ଅଭିଯୋଗ କରୁଛି। ଏଥିରେ ସାମିଲ ଥିବା ହୁତି ବିଦ୍ରୋହୀଙ୍କୁ ଇରାନ୍ ସାମରିକ ସହାୟତା ଯୋଗାଉଛି ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଅଭିଯୋଗ କରିଛନ୍ତି। ଏଣୁ ଇରାନ୍ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ବିଚାର ଚାଲିଥିବା ଟ୍ରମ୍ପ କହିବା ପରେ ଇରାନ୍ ମଧ୍ୟ ଯୁଦ୍ଧ ଲାଗି ପ୍ରସ୍ତୁତ ଥିବା କହିଛି। ଏହିସବୁ ସମୀକରଣକୁ ଦେଖିଲେ ମନେହେଉଛି ଯେପରି ସମଗ୍ର ବିଶ୍ୱ ପ୍ରଭାବିତ ହେବା ନିଶ୍ଚିତ। ଭାରତ ସକାଶେ ଏହା 'ବୋଝ ଉପରେ ନଳିତା ବିଡ଼ା' ସଦୃଶ ହେବ। ମାନ୍ଦାବସ୍ଥା ଦେଇ ଗତି କରୁଥିବା ଭାରତର ଅର୍ଥନୀତି ଆହୁରି ବିଗିଡ଼ିଯିବ। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଗଭର୍ନର ଶକ୍ତିକାନ୍ତ ଦାସ ଏହାକୁ ନେଇ ଚେତାବନୀ ଦେଇ ସାରିଲେଣି। ତାଙ୍କ ମତରେ ଅଶୋଧିତ ତେଲ ଦର ବଢ଼ିଲେ ଦେଶର ଚାଲୁ ଖାତା ନିଅଣ୍ଟ (ସିଏଡି) ଏବଂ ବିତ୍ତୀୟ ନିଅଣ୍ଟ (ଫିସ୍କାଲ ଡେଫିସିଟ) ଯଥେଷ୍ଟ ବଢ଼ିଯିବ। ଫଳରେ ଦେଶ ଅଧିକ ଡଲାର ଖର୍ଚ୍ଚ କରିବାକୁ ବାଧ ହେବ ଏବଂ ମୁଦ୍ରା ଉପରେ ଏହାର ଘୋର ପ୍ରଭାବ ପଡ଼ିବ। ଏହା ଜଣାଶୁଣା ଯେ, ତେଲ ଦର ବଢ଼ିଲେ ସାମଗ୍ରୀ ମୂଲ୍ୟ ବୃଦ୍ଧି ପାଇବ। ଏହା ମୁଦ୍ରାସ୍ଫୀତିକୁ ବଢ଼ାଇବା ସହ ଆର୍‌ବିଆଇର ରେପୋ ରେଟ୍ ହ୍ରାସ ସମ୍ଭାବନାକୁ ରୋକିବ। ଏହା ଦ୍ୱାରା ସୁଧହାର ବୃଦ୍ଧି ପାଇଲେ ବିନିର୍ମାଣ ଓ ଅଟୋମୋବାଇଲ କ୍ଷେତ୍ର ରଣ ନେବାରୁ ଦୂରେଇ ଯିବେ। ଧ୍ୱଂସେଇ ପଡ଼ିଥିବା ଏହି କ୍ଷେତ୍ର ଆହୁରି ମନ୍ଥର ହୋଇଯିବ। ଏହାର ପ୍ରଭାବ ଦେଶର ଜିଡିପି ଉପରେ ମଧ୍ୟ ପଡ଼ିପାରେ। ଏଭଳି ସ୍ଥଳେ ସରକାରଙ୍କୁ ତେଲ ଉପରୁ ଟିକସ କମ କରିବାକୁ ପଡ଼ିପାରେ।

ପେଟ୍ରୋଲିୟମ୍ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ସାଉଦି ଆରବର ତୈଳ କୂପ ଉପରେ ହୋଇଥିବା ଆକ୍ରମଣ ଯୋଗୁ ଭାରତର ତୈଳ ଯୋଗାଣ ଉପରେ ସେଭଳି ପ୍ରଭାବ ପଡ଼ିବ ନାହିଁ। କିନ୍ତୁ ସମୀକ୍ଷକଙ୍କ ମତରେ ତେଲ ଦର ୫ରୁ ୬ ଟଙ୍କା ବୃଦ୍ଧି ପାଇଲେ ଏହାର ପ୍ରଭାବ ଭାରତୀୟ ଅର୍ଥନୀତିକୁ ପ୍ରଭାବିତ କରିବ। ଯେତେବେଳେ ଆର୍‌ବିଆଇ ଗଭର୍ନର ଆଶଙ୍କା କଲେଣି ଯେ ଅନ୍ତର୍ଜାତୀୟ ବଜାରରେ ତୈଳ ଦର ବଢ଼ିଲେ ଏହା ଦେଶର ଆର୍ଥିକ କ୍ଷେତ୍ରରେ ପ୍ରଭାବ ପକାଇବ, ସେତେବେଳେ ଦେଶବାସୀ ସଜାଗ ହେବା ଉଚିତ। ଜନସାଧାରଣ ପୂର୍ବାପେକ୍ଷା ଅଧିକ ପବ୍ଲିକ୍ ଟ୍ରାନ୍ସପୋର୍ଟର ସାଧାରଣ ପରିବହନକୁ ବ୍ୟବହାର କରିବା ଦରକାର ହୋଇପଡ଼ିଲାଣି। ଜୀବାଶ୍ମ ଇନ୍ଧନ ଯେହେତୁ ସୀମିତ ରହିଛି, ସେଥିପ୍ରତି ଦୃଷ୍ଟି ଦିଆଗଲେ ଭାରତ ବିଦେଶରୁ କରୁଥିବା ଆମଦାନୀକୁ ଅନେକାଂଶରେ କମାଇ ଦିଆଯାଇପାରନ୍ତା। ଯେତେବେଳେ ଏକ ଦେଶର ଅର୍ଥନୀତି ଧ୍ୱଂସେଇ ଯାଉଛି ସେହି ସମୟରେ ସରକାରୀ ସ୍ତରରୁ ସାଧାରଣ ନାଗରିକ ଯାଏ ସମସ୍ତେ ଆର୍ଥିକ ଦୁଃସ୍ଥିତିକୁ ବୁଝିବା ଦରକାର।

କୁମ୍ଭୀର ପିଲାଟିକୁ ନେଇ ମଝି ନଈରେ ଥିବାବେଳେ ଯଦି ମା' ଭାବେ ଯେ ତା' ଛୁଆ ପହଁରିବାରେ ଦକ୍ଷ ହୋଇଗଲାଣି, ତାହା ନିଶ୍ଚିତ ଭାବେ ମା'ର ଅଦୂରଦର୍ଶିତା ବୋଲି କୁହାଯାଇପାରେ। ଭାରତୀୟ ଅର୍ଥନୀତି ଏବେ ଯେଉଁ ସ୍ତରରେ ପହଞ୍ଚିଛି ଏବଂ ପ୍ରତ୍ୟେକ ଦିନ ପ୍ରତି କ୍ଷେତ୍ର ଯେଭଳି କ୍ଷତି ସହି ଚାଲିଛନ୍ତି ସେଥିରୁ ବୁଝିବାକୁ ହେବ ଯେ ଭବିଷ୍ୟତ ଅର୍ଥନୀତି ବିଗିଡ଼ିବାକୁ ଯାଉଛି। ଏଭଳି ସ୍ଥଳେ କେନ୍ଦ୍ର ସରକାରରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ଥିବା ବ୍ୟକ୍ତି ବାସ୍ତବ ସ୍ଥିତିକୁ ଲୁଚାଇବା ଠିକ୍ ନୁହେଁ। ବରଂ ସମାଧାନର ପ୍ରକୃତ କାରଣ ଖୋଜାଯିବା ଦରକାର। ସାଧାରଣ ଲୋକେ ଜାଣିଛନ୍ତି ଯେ, ତେଲ ଦର ବଢ଼ିଲେ ଏହାର ବୋଝ ଦେଶବାସୀଙ୍କ ଉପରେ ପଡ଼ିବ। ତେଣୁ ନେତୃତ୍ୱ ନେଉଥିବା ବ୍ୟକ୍ତି ପରିସ୍ଥିତିର ଗମ୍ଭୀରତାକୁ ବୁଝି ତୁରନ୍ତ ପଦକ୍ଷେପ ନ ନେଲେ 'ନେଡ଼ି ଗୁଡ଼ କହୁଣି'କୁ ବୋହିଯାଇଥିବ।

ଶେଷରେ ଅନ୍ୟ ଏକ ଦିଗକୁ ଦୃଷ୍ଟି ପକାଯାଇପାରେ। ୟେମେନୀ ଡ୍ରୋନ୍ ଆକ୍ରମଣରେ ଆରାମ୍କୋର ତୈଳ କୂପରେ ନିଆଁ ଲାଗିଯିବା ଫଳରେ ଆଜି ଏହା ପ୍ରମାଣିତ କରୁଛି ଯେ, ଡ୍ରୋନ୍ ମାଧ୍ୟମରେ ବଡ଼ଧରଣର ଯୁଦ୍ଧ ଘଟାଇବା ସମ୍ଭବପର ହୋଇଗଲାଣି। ମଣିଷର ଉପସ୍ଥିତି ବିନା ଏହି ସ୍ୱୟଂଚାଳିତ ଉଡ଼ାଜାହାଜ ଅନ୍ୟ ଦେଶର ଗୁରୁତ୍ୱପୂର୍ଣ୍ଣ ଅଂଶ ଉପରେ ଆକ୍ରମଣ କରି ଧ୍ୱଂସ କରିପାରୁଛି। ଏଥିରୁ ବୁଝିବାକୁ ହେବ ଯେ, ଭାରତୀୟ ବାୟୁସେନାର ପାଇଲଟ ଅଭିନନ୍ଦନ ଯେଉଁଭଳି ଆକ୍ରମଣ କରିବାକୁ ଯାଇ ପାକିସ୍ତାନରେ ଗଳିପଡ଼ିଥିଲେ ତାହା ଏବେ ଅତୀତ ହୋଇଗଲାଣି। ୟେମେନ୍ ଭଳି ଛୋଟ ଅନୁନ୍ନତ ଦେଶର ଏକ ବିଦ୍ରୋହୀ ଗୋଷ୍ଠୀ ଯେପରି ଡ୍ରୋନ୍ ଆକ୍ରମଣ କରିପାରିଛି, ତାହା ପ୍ରମାଣ କରୁଛି ଯେ, ଭାରତୀୟ ପ୍ରତିରକ୍ଷା ବ୍ୟବସ୍ଥାରେ ଅନେକ କାର୍ଯ୍ୟ ବାକି ରହିଛି। ସେହି ପୁରୁଣା ଢଙ୍ଗରେ ସଫଳତା ହାସଲ କରିବା ସମ୍ଭବପର ହେବ ନାହିଁ।

# କେତେ ଜରୁରୀ ଭିଆଇପି ସୁରକ୍ଷା

ଶରତ ଚନ୍ଦ୍ର ମିଶ୍ର

ଖଲିସ୍ଥାନ ଆନ୍ଦୋଳନ, ମାଓବାଦ, ଆତଙ୍କବାଦ ଓ ଦେଶରେ ହିଂସାର ବାତାବରଣ ହେତୁ, ନେତାମାନଙ୍କର ସୁରକ୍ଷା ବର୍ତ୍ତମାନ ଦେଶର ଏକ ବଡ଼ ଦାୟିତ୍ୱ। ଶିଳ୍ପପତି ଓ ଅଭିନେତାମାନେ ମଧ୍ୟ ସୁରକ୍ଷାର ବଳୟ ମଧ୍ୟରେ ରହିବାକୁ ଚାହୁଁଛନ୍ତି। ଶିଳ୍ପପତି ଓ ଅଭିନେତାମାନେ ସରକାରୀ ସୁରକ୍ଷାର ଖର୍ଚ୍ଚ ପ୍ରଦାନ କରନ୍ତି, କିନ୍ତୁ ରାଜନେତା, ଅମଲାତନ୍ତ୍ରୀ ଓ ବିଚାରପତିମାନଙ୍କ ସୁରକ୍ଷାର ବ୍ୟୟ ଟିକସଦାତା ବହନ କରେ।

ମହାତ୍ମା ଗାନ୍ଧୀଙ୍କ ନିଧନ (ଜାନୁୟାରୀ ୧୯୪୮) ସମୟରେ ନିରାପତ୍ତା ବ୍ୟବସ୍ଥା ଓ ଗୋଇନ୍ଦା ସଂସ୍ଥା ସଙ୍ଗଠିତ ନ ଥିଲା। ମହାତ୍ମା ଗାନ୍ଧୀ ନିଜେ କୌଣସି ପୋଲିସ ସୁରକ୍ଷା ଗ୍ରହଣ କରୁ ନ ଥିଲେ। ଇନ୍ଦିରା ଗାନ୍ଧୀଙ୍କ ନିଧନ (୧୯୮୪) ପରେ ଭିଆଇପି ସୁରକ୍ଷାର ଗୁରୁତ୍ୱ ଅନୁଭୂତ ହେଲା ଏବଂ ପ୍ରଧାନମନ୍ତ୍ରୀ ଓ ତାଙ୍କ ପରିବାରର ସୁରକ୍ଷା ନିମନ୍ତେ ସ୍ପେଶାଲ ପ୍ରୋଟେକ୍ସନ ଗ୍ରୁପ୍ (ଏସ୍‌ପିଜି) ନାମକ ଏକ ସ୍ୱତନ୍ତ୍ର ସଂସ୍ଥା ଗଠନ ହେଲା। ଏଥିନିମନ୍ତେ ୧୯୮୮ରେ ଏକ ଆଇନ ମଧ୍ୟ ପ୍ରଣୟନ କରାଗଲା। ପ୍ରଧାନମନ୍ତ୍ରୀ ପଦବୀରେ ନ ଥାଇ ୧୯୯୧ ମସିହାରେ ରାଜୀବ ଗାନ୍ଧୀ ନିର୍ବାଚନ ପ୍ରଚାର କରୁଥିଲେ ଓ ଅନେକ ସମୟରେ ସେ ପୋଲିସର କର୍ଡନ ମାନୁ ନ ଥିଲେ ବୋଲି ଅଭିଯୋଗ ହେଉଥିଲା। ତାଙ୍କ ପାଖରେ ଏସ୍‌ପିଜିର କଡ଼ା ସୁରକ୍ଷା ନ ଥିଲା ଓ ଏଲ୍‌ଟିଟିଇ ଆତତାୟୀଙ୍କ ହାତରେ ସେ ଓ ତାଙ୍କର ଦେହରକ୍ଷୀ ପ୍ରାଣ ହରାଇଲେ। ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ନରସିଂହ ରାଓ ଏସ୍‌ପିଜି ଆଇନକୁ ସଂଶୋଧନ କରି ପୂର୍ବତନ ପ୍ରଧାନମନ୍ତ୍ରୀ ଓ ତାଙ୍କ ପରିବାର ଦଶବର୍ଷ ପର୍ଯ୍ୟନ୍ତ ଏସ୍‌ପିଜି ସୁରକ୍ଷାପ୍ରାପ୍ତ ହେବେ ବୋଲି ବ୍ୟବସ୍ଥା କଲେ। ତତ୍କାଳୀନ ପୂର୍ବତନ ପ୍ରଧାନମନ୍ତ୍ରୀ ଭି.ପି. ସିଂହ ଏ ସୁରକ୍ଷା ଚାହାନ୍ତି ନାହିଁ ବୋଲି ପ୍ରସ୍ତାବ ଦେଲେ ମଧ୍ୟ ତାହା ଗ୍ରହଣ କରାଗଲା ନାହିଁ। ନରସିଂହ ରାଓ ପ୍ରଧାନମନ୍ତ୍ରୀ ପଦରୁ ଯିବାର ପାଞ୍ଚ ମାସ ପରେ ମାଲିମକଦ୍ଦମାରେ ଛନ୍ଦି ହେଲେ ଓ ତାଙ୍କର ନିରାପତ୍ତା ବ୍ୟବସ୍ଥା କୋର୍ଟ ପରିସରରେ ସଚଳ ରଖିବା ସମ୍ଭବପର ନୁହେଁ ବୋଲି ଦିଲ୍ଲୀ ପୋଲିସ ଆବେଦନ କଲେ। କୋର୍ଟ ନରସିଂହ ରାଓଙ୍କ ବିଚାର ବିଜ୍ଞାନ ଭବନକୁ ସ୍ଥାନାନ୍ତର କରିବାକୁ ଆଦେଶ ଦେଲେ।

ଅଟଳବିହାରୀ ବାଜପେୟୀଙ୍କ ପ୍ରଧାନମନ୍ତ୍ରିତ୍ୱ ସମୟରେ ଏସ୍‌ପିଜି ଆଇନର ପୁନଃ ସଂଶୋଧନ ହେଲା। ପୂର୍ବତନ ପ୍ରଧାନମନ୍ତ୍ରୀ ଓ ତାଙ୍କ ପରିବାର ଏସ୍‌ପିଜି ସୁରକ୍ଷା ମାତ୍ର ଏକବର୍ଷ ନିମନ୍ତେ ପାଇବେ ଓ ଆବଶ୍ୟକ ସ୍ଥଳେ ଏହା ପ୍ରତିବର୍ଷ ନବୀକରଣ ହେବାର ବ୍ୟବସ୍ଥା ରହିଲା। ଏହି ନୂତନ ବ୍ୟବସ୍ଥା ଅନୁସାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଆଇ.କେ. ଗୁଜରାଲ ଓ ଦେବେଗୌଡାଙ୍କ ଏସ୍‌ପିଜି ସୁରକ୍ଷା ପ୍ରତ୍ୟାହାର କରି ନିଆଗଲା। ଅଳ୍ପଦିନ ତଳେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କର ଏସ୍‌ପିଜି ସୁରକ୍ଷାକୁ ଜେଡ୍ ପ୍ଲସକୁ ହ୍ରାସ କରାହୋଇଛି। ବର୍ତ୍ତମାନ ପ୍ରଧାନମନ୍ତ୍ରୀଙ୍କ ବ୍ୟତୀତ କେବଳ ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଏସ୍‌ପିଜି ସୁରକ୍ଷା ଉପଭୋଗ କରୁଛନ୍ତି।

ଏସ୍‌ପିଜି ସୁରକ୍ଷା ପରେ ଜେଡ୍ ପ୍ଲସ ସୁରକ୍ଷା ବ୍ୟବସ୍ଥା, ଯେଉଁମାନଙ୍କ ଜୀବନ ଅତ୍ୟନ୍ତ ବିପଦସଙ୍କୁଳ, ସେଇମାନଙ୍କୁ ପ୍ରଦାନ କରାଯାଏ। ଏଥିରେ ମାୟାବତୀ ଓ ଅନିଲ ଅମ୍ବାନୀଙ୍କ ସମେତ ୧୭ ଜଣ ବ୍ୟକ୍ତି ଅଛନ୍ତି। ଏ ପ୍ରକାର ବ୍ୟକ୍ତିଙ୍କ ସୁରକ୍ଷା ନିମନ୍ତେ ୫୫ ଜଣ ସୁରକ୍ଷା କର୍ମୀ ନିୟୋଜିତ ହୁଅନ୍ତି। ସେମାନଙ୍କ ମଧ୍ୟରେ ବିଶେଷ ତାଲିମପ୍ରାପ୍ତ ୧୦ ଜଣ ବ୍ଲାକ୍ କ୍ୟାଟ୍ ଅନ୍ତର୍ଭୁକ୍ତ। ତା' ପର ହେଲା ଜେଡ୍ ସୁରକ୍ଷା। ଏ ପ୍ରକାର ବ୍ୟକ୍ତିଙ୍କ ସୁରକ୍ଷା ନିମନ୍ତେ ପାଞ୍ଚ ଜଣ ବ୍ଲାକ୍ କ୍ୟାଟ୍‌ଙ୍କ ସମେତ ୨୨ ଜଣ ସୁରକ୍ଷା କର୍ମୀ ନିୟୋଜିତ ହୁଅନ୍ତି। ୱାଇ ପର୍ଯ୍ୟାୟ ସୁରକ୍ଷାରେ ଦୁଇଜଣ ବ୍ଲାକ୍ କ୍ୟାଟ୍‌ଙ୍କ ସମେତ ୧୧ ଜଣ ସୁରକ୍ଷା କର୍ମୀ ନିୟୋଜିତ ହୁଅନ୍ତି। ସବୁଠାରୁ କମ୍ ସୁରକ୍ଷା ବ୍ୟବସ୍ଥା ହେଲା ଏକ୍ସ ପର୍ଯ୍ୟାୟ। ଏଥିରେ ମାତ୍ର ଦୁଇଜଣ ଅସ୍ତ୍ରଧାରୀ ସୁରକ୍ଷା କର୍ମୀ ନିୟୋଜିତ ହୁଅନ୍ତି।

ଅଧୁନା ଏଇ ସୁରକ୍ଷାଧାରୀଙ୍କ ସଂଖ୍ୟା ଆଶାତୀତ ଭାବରେ ବୃଦ୍ଧି ପାଇଛି। ଏକ ଆକଳନ (୨୦୧୭) ଅନୁସାରେ ୨୦,୮୨୮ ବ୍ୟକ୍ତି ଏହି ସ୍ୱତନ୍ତ୍ର ସୁବିଧା ଉପଭୋଗ କରୁଛନ୍ତି। ସେମାନଙ୍କ ସେବାରେ ୫୬,୯୯୪ ପୋଲିସ କର୍ମୀ ନିୟୋଜିତ ଅଛନ୍ତି। ଏତଦ୍‌ବ୍ୟତୀତ ଦିଲ୍ଲୀ ପୋଲିସର ଶତକଡା ୪୦ ଭାଗ କର୍ମୀ ଭିଆଇପି ସୁରକ୍ଷାରେ ନିୟୋଜିତ। ଦେଶରେ ପ୍ରତି ୬୬୩ ଜଣ ନାଗରିକଙ୍କ ନିମନ୍ତେ ଜଣେ ପୋଲିସ କର୍ମୀର ବ୍ୟବସ୍ଥା ଥିଲାବେଳେ ପ୍ରତି ସୁରକ୍ଷାଧାରୀଙ୍କ ନିମନ୍ତେ ହାରାହାରି ୩ ଜଣ ପୋଲିସ କର୍ମୀଙ୍କ ବ୍ୟବସ୍ଥା ଟିକସଦାତାଙ୍କ ଅର୍ଥରେ କରାହୋଇଛି। ସୁରକ୍ଷାଧାରୀଙ୍କ ସଂଖ୍ୟା ଆନୁମାନିକ ଭାବରେ ପଞ୍ଜାବରେ ସବୁଠାରୁ ଅଧିକ। ଜିଲା ସ୍ତରରେ ବିଚାରପତିମାନଙ୍କ ନିମନ୍ତେ ମଧ୍ୟ ସୁରକ୍ଷା କର୍ମୀଙ୍କ ବ୍ୟବସ୍ଥା ପଞ୍ଜାବରେ ଅଛି।

ଅନେକ ଅମଲାତନ୍ତ୍ରୀ ଅବସର ଗ୍ରହଣର ଅବ୍ୟବହିତ ପୂର୍ବରୁ ନିଜ ଜୀବନକୁ ବିପଦ ଥିବା ଦର୍ଶାଇ ଏକ୍ସ ବର୍ଗର ସୁରକ୍ଷାପ୍ରାପ୍ତ ହେଉଛନ୍ତି। ଫଳତଃ ଅବସର ପରେ ମଧ୍ୟ ଦୁଇଜଣ ସରକାରୀ ଲୋକର ସେବାପ୍ରାପ୍ତ ହେଉଛନ୍ତି। ଅନେକ ସୁରକ୍ଷାଧାରୀ ସେମାନଙ୍କ ସୁରକ୍ଷା କର୍ମୀଙ୍କର ଅସଦ୍ ଉପଯୋଗ କରନ୍ତି ଓ ସେମାନଙ୍କୁ ଗୃହଭୃତ୍ୟ ଭଳି ବ୍ୟବହାର କରନ୍ତି ବୋଲି ଅଭିଯୋଗ ହୁଏ। ଉତ୍ତରପ୍ରଦେଶ ଓ ପଞ୍ଜାବରେ କେତେକ ଏମ୍‌ଏଲ୍‌ଏ ସାଙ୍ଗରେ ଦୁଇଜଣ ଶସ୍ତ୍ରଧାରୀ ପୋଲିସ ଧରି ଗ୍ରାମାଞ୍ଚଳରେ ନିଜର ବିରୋଧୀମାନଙ୍କୁ ଡରାଇବାର ମଧ୍ୟ ଅଭିଯୋଗ ହୁଏ।

ଅଯଥାରେ ନିଜକୁ ବିପଦଗ୍ରସ୍ତ ବୋଲି ପ୍ରତିପାଦିତ କରି ସୁରକ୍ଷାବାହିନୀର ବଳୟ ମଧ୍ୟରେ ରହିବା ଏକ ସାମନ୍ତବାଦୀ ଚିନ୍ତାଧାରାର ପରିପ୍ରକାଶ। ଏ ଲେଖକ ୧୯୬୪ ମସିହାରେ ଓଡ଼ିଶା ରାଜ୍ୟପାଳଙ୍କ ଏଡିସି ଥିବା ସମୟରେ କେବଳ ରାଜ୍ୟପାଳଙ୍କ ଗାଡ଼ିକୁ ପାଇଲଟ ଗାଡ଼ି ଦିଆଯାଉଥିଲା। ଦିଲ୍ଲୀରେ ସୁପ୍ରିମ୍‌କୋର୍ଟ ପ୍ରଧାନ ବିଚାରପତି ନିଜ ଗାଡ଼ିରେ ଘରୁ ଅଫିସକୁ ବିନା କୌଣସି ସୁରକ୍ଷାରେ ଯିବାଆସିବା କରୁଥିଲେ। ଗତ ଶତାବ୍ଦୀର ନବେ ଦଶକ ବେଳକୁ ଅବସ୍ଥା ବଦଳିବା ଆରମ୍ଭ ହେଲା। ଏ ଲେଖକ ୧୯୯୩ ମସିହାରେ ପୋଲିସ ମହାନିର୍ଦ୍ଦେଶକ ଥିବା ସମୟରେ ତତ୍କାଳୀନ ମୁଖ୍ୟ ନିର୍ବାଚନ କମିଶନର ଟି.ଏନ୍. ଶେଷାନ ଭୁବନେଶ୍ୱର ଗସ୍ତରେ ଆସିଲେ। ବିମାନବନ୍ଦରଠାରୁ ରାଜ୍ୟ ଅତିଥିନିବାସକୁ ସେ ଆସିଲା ବେଳେ ତାଙ୍କ ନିମନ୍ତେ ବୁଲେଟ ପ୍ରୁଫ୍ ଗାଡିର ବ୍ୟବସ୍ଥା ହୋଇ ନ ଥିଲା ବୋଲି ସେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁବାବୁଙ୍କ ପାଖରେ ଅଭିଯୋଗ କଲେ। ବିଜୁବାବୁ ମୋତେ ପଚାରିବାରୁ, ଶେଷାନଙ୍କ ପ୍ରତି ଓଡ଼ିଶାରେ କୌଣସି ବିପଦ ନାହିଁ, ତେଣୁ ଦିଲ୍ଲୀର ବିମାନରେ ବୁଲେଟ୍ ପ୍ରୁଫ୍ ଗାଡି ନବାଆଣିବାରେ ଅଯଥା ଖର୍ଚ୍ଚ କରିବାର ଆବଶ୍ୟକତା ନ ଥିଲା ବୋଲି ମୁଁ ବୁଝାଇଲି। ତାଙ୍କ ଜୀବନ ପ୍ରତି କୌଣସି ବିପଦ ନାହିଁ ବୋଲି ତୁମେ କିପରି ନିଶ୍ଚିତ ହେଲ ବୋଲି ମୁଖ୍ୟମନ୍ତ୍ରୀ ପ୍ରଶ୍ନ କଲେ। ମୁଁ ଉତ୍ତର ଦେଲି ଯେ, କେବଳ ଓଡ଼ିଶା ପୋଲିସ ନୁହେଁ, ଶେଷାନ ନିଜେ ମଧ୍ୟ ବିପଦ ନ ଥିବା କଥା ଜାଣନ୍ତି। କାରଣ ବିନା ସୁରକ୍ଷାରେ ସେ ଫରେଷ୍ଟ ପାର୍କର ଏକ ଘରକୁ ନିଜ ବନ୍ଧୁ ଦର୍ଶନ ନିମନ୍ତେ ଯାଇଥିଲେ। ଏହା କେବଳ ଏକ ମାନସିକତାର ପ୍ରଶ୍ନ ବୋଲି ମୁଖ୍ୟମନ୍ତ୍ରୀ ମୋ ସଙ୍ଗରେ ରାଜି ହେଲେ।

ଦେଶର ବହୁ ପୋଲିସ ଶକ୍ତି ଭିଆଇପିଙ୍କ ସୁରକ୍ଷାରେ ଅଯଥା ବ୍ୟୟିତ ହେଉଛି। ବର୍ତ୍ତମାନର ମୋଦି ସରକାର ଅବଶ୍ୟ ଏହାକୁ ହ୍ରାସ କରିବା ନିମନ୍ତେ ଉଦ୍ୟମ କରୁଛନ୍ତି। କିନ୍ତୁ କୌଣସି ରାଜନୈତିକ ନେତା ସୁରକ୍ଷା ହ୍ରାସକୁ ସହଜରେ ଗ୍ରହଣ କରୁନାହାନ୍ତି। ଏ ଭିଆଇପି ସଂସ୍କୃତି ଓ ସାମନ୍ତବାଦୀ ଚିନ୍ତାଧାରାକୁ ସରକାର କଠିନ ହସ୍ତରେ ଲୋପ କରିବାକୁ ଉଦ୍ୟମ କରିବା ଆବଶ୍ୟକ ଓ ସେଥିରେ ଜନସାଧାରଣ ସରକାରଙ୍କୁ ସହଯୋଗ କରିବା ନିତାନ୍ତ ଜରୁରୀ।

ମୋ-୯୯୩୭୪୨୨୫୨୧

# ଆମ ସଂସ୍କୃତିରେ ଶ୍ରାଦ୍ଧ

## ପିତୃପକ୍ଷ ଉପଲକ୍ଷେ

ଅଲେଖ ଚନ୍ଦ୍ର ମିଶ୍ର

"ପ୍ରିୟ ପୁତ୍ର! ଯାହା ମୁଁ ଖୁସିରେ ନିଜ ହାତରେ ତତେ ଦେଇଥାନ୍ତି ତାକୁ ତୁ ମୋଠାରୁ ଜୋର୍‌କରି ଛଡ଼େଇ ନେଲୁ (ସାମ୍ରାଜ୍ୟ)। ସେଥିରେ ମୋର ଦୁଃଖ ନାହିଁ। ମୃତ୍ୟୁର ଯନ୍ତା ଭଳି ଏ ନିର୍ଜନ କାରାଗାରରେ ବନ୍ଦୀ କଲୁ। ତଥାପି ଦୁଃଖ ନାହିଁ। ଖାଇବା ପିଇବା ବନ୍ଦ କରିଦେଲୁ। ତେବେ ବି ଦୁଃଖ ନାହିଁ। ଦୁଃଖ ଖାଲି ଏଇଥି ପାଇଁ ଯେ ଏହି ସାମ୍ରାଜ୍ୟର ସୁରକ୍ଷା ପାଇଁ ମୁଁ ଯେଉଁ ନିରୀହ ହିନ୍ଦୁମାନଙ୍କୁ ଅନେକ କଷ୍ଟ ଦେଇଛି, କେତେ ଉଦାର ସେମାନଙ୍କର ହୃଦୟ, କେତେ ମହାନ୍ ସେମାନଙ୍କ ସଂସ୍କୃତି! ମୃତ୍ୟୁ ପରେ ବି ସେମାନେ ନିଜ ମାତାପିତାଙ୍କୁ ଖାଇବା ପିଇବାକୁ ଦିଅନ୍ତି। ଅଥଚ ମୁଁ ବଞ୍ଚିଥିଲା ବେଳେ ତୁ ମତେ ମୁଠାଏ ଖାଇବାକୁ କି ଢୋକେ ପିଇବାକୁ ନ ଦେଇ କଲବଲ କରି ମାରୁଛୁ। ହାୟ...!"

ଇଏ ଥିଲା ମୋଗଲ ସମ୍ରାଟ ଶାହାଜାହାନ୍‌ଙ୍କର ତାଙ୍କ ପୁତ୍ର ଔରଙ୍ଗଜେବଙ୍କ ପାଇଁ ଅନ୍ତିମ ବାର୍ତ୍ତା। ସେ ଦିନ ଯାହା ବିଳାସୀ ବାଦ୍‌ଶାହଙ୍କର ହୃଦୟକୁ ବ୍ୟଥିତ କରିଥିଲା ତା'ର ରହସ୍ୟ ଉନ୍ମୋଚନ ପାଇଁ ସାରା ବିଶ୍ୱ ବି କୌତୂହଳୀ। ତାହା ହେଲା ହିନ୍ଦୁ ସଂସ୍କୃତିର ମହାନ୍ ପରମ୍ପରା ଓ ପାରିବାରିକ ମମତାର ବନ୍ଧନ, ଯାହା ମୃତ୍ୟୁ ପରେ ବି ଅତୁଟ ରହେ। ଅବଶ୍ୟ ମୃତକଙ୍କ ପାଇଁ ବିଭିନ୍ନ ଦେଶରେ ବିଭିନ୍ନ ପ୍ରଥା ପ୍ରଚଳିତ। କେଉଁଠି ପୀରାମିଡ୍ ଗଢ଼ାହୁଏ ତ କେଉଁଠି ସମାଧି ବନାଯାଏ। କେଉଁଠି ଗମ୍ବୁଜ (ଟମ୍ବ) ତିଆରି ହୁଏ ତ କେଉଁଠି ସ୍ମୃତିସ୍ତମ୍ଭ (ପ୍ରତିମୂର୍ତ୍ତି) ତୋଳାହୁଏ। ହେଲେ ପ୍ରାୟ ସର୍ବତ୍ର ମୃତ୍ୟୁ ପରବର୍ତ୍ତୀ ପ୍ରକ୍ରିୟା ଏତିକିରେ ଶେଷ ହୋଇଯାଏ, ଯାହା ଏକକାଳୀନ ଅନୁଷ୍ଠାନ। କିନ୍ତୁ ପିଢ଼ିପିଢ଼ି ଧରି ମୃତକଙ୍କ ସ୍ମୃତିଚାରଣ କରିବା କେବଳ ହିନ୍ଦୁ ସଂସ୍କୃତିରେ ହିଁ ଦେଖିବାକୁ ମିଳେ। ମୃତ୍ୟୁ ପରଠାରୁ ପକ୍ଷବ୍ୟାପୀ ସଂସ୍କାରାଦି ପ୍ରେତକ୍ରିୟା ସହିତ ଯେଉଁ ମାସିକ ଓ ସାମ୍ବତ୍ସରିକ ବିଧିବିଧାନ ରହିଛି ତା'ର ଏକ ଅଂଶବିଶେଷ ହେଲା 'ଶ୍ରାଦ୍ଧ' (ଶ୍ରଦ୍ଧାରୁ ଉତ୍ପନ୍ନ)।

ଆର୍ଯ୍ୟ ସଂସ୍କୃତିର ମୂଳପିଣ୍ଡ ଚତୁର୍ବେଦ ମଧ୍ୟରୁ ଋକ୍‌ବେଦରେ ଏହି ସମଗ୍ର ପ୍ରକ୍ରିୟାର ବିଶଦ ବର୍ଣ୍ଣନା କରାଯାଇଛି, ଯାହାର କିଞ୍ଚିତ୍ ସୂଚନା ନିମ୍ନରେ ପ୍ରଦତ୍ତ ହେଲା। ମୃତ୍ୟୁ ପରେ ଜୀବ ପ୍ରେତଲୋକରେ ପ୍ରବେଶ କରେ, ଯେଉଁଠି ତା'ର ସୂକ୍ଷ୍ମ ଶରୀର ଦୁଃଖ, ଶୋକ, ଯନ୍ତ୍ରଣା, ଅବସୋସ, ଅସମ୍ପୂର୍ଣ୍ଣ କାମନା ଇତ୍ୟାଦିର ସମ୍ମୁଖୀନ ହୁଏ। ସେଠାରେ ଆଲୋକ, ଜଳ, ପବନ, ଭୋଜନର ଅଭାବ ଥାଏ। ତେଣୁ ଶ୍ରାଦ୍ଧ କର୍ମରେ ଦୀପ, ଜଳ, ବ୍ୟଞ୍ଜନ, ଭୋଜ୍ୟ (ପାକସିଦ୍ଧ ଅନ୍ନାଦି) ତାକୁ ଅର୍ପଣ କରାଯାଏ। ଦାନ, ଧ୍ୟାନ, ବ୍ରାହ୍ମଣ ଭୋଜନ, ନାମ ସଂକୀର୍ତ୍ତନ ଇତ୍ୟାଦି କଲା ପରେ ସେ ପ୍ରେତଲୋକର ଯନ୍ତ୍ରଣାରୁ ମୁକ୍ତ ହୋଇ ପିତୃଲୋକକୁ ଗମନ କରେ ଯେଉଁଠି ଶାନ୍ତି ଓ ଆନନ୍ଦ ମିଳେ। ଏହି ପ୍ରକ୍ରିୟାକୁ ପରବର୍ତ୍ତୀ ବଂଶଧରମାନେ ଶିଖନ୍ତି ଏବଂ ଆଚରଣ କରନ୍ତି, ଯାହାଫଳରେ ଜୀବ ଏ ସୁବିଧାରୁ ବଞ୍ଚିତ ହୁଏନା। ସେଥିପାଇଁ ସମସ୍ତେ ଚାହାନ୍ତି, ତାଙ୍କର ବଂଶ ଲୋପ ନ ହେଉ ବା ବଂଶରେ ଜାରଜ, ବର୍ଣ୍ଣସଂକର ବା ପ୍ରତିଲୋମଜ ସନ୍ତାନ ଜନ୍ମ ନ ହୁଅନ୍ତୁ। କାରଣ ତାହାହେଲେ ମୃତ୍ୟୁପରେ ସେ 'ଲୁପ୍ତପିଣ୍ଡୋଦକ' ହୋଇ ବା ପିଣ୍ଡପାଣି ନ ପାଇ ନରକଗାମୀ ହେବ। (ସଂକରୋ ନରକାୟୈବ କୁଳଘ୍ନାନାଂ କୁଳସ୍ୟଚ, ପତନ୍ତି ପିତରାଃ ହ୍ୟେଷାଂ ଲୁପ୍ତପିଣ୍ଡୋଦକକ୍ରିୟାଃ- ଗୀତା)।

ଶ୍ରାଦ୍ଧ ବର୍ଷକରେ ଥରେ ପ୍ରାଣୀର ମୃତ୍ୟୁ ଦିବସରେ ଅନୁଷ୍ଠିତ ହୁଏ। କାରଣ ମୃତ୍ୟୁଲୋକର ଏକବର୍ଷ ପିତୃଲୋକର ଏକଦିନ ସହିତ ସମାନ। ଏହା ପାର୍ବଣ (ତିନିପୁରୁଷ ପାଇଁ) କିମ୍ବା ଏକୋଦିଷ୍ଟ (ଏକ ପୁରୁଷ ପାଇଁ) ହୋଇପାରେ। ସାମ୍ବତ୍ସରିକ ଶ୍ରାଦ୍ଧ ବ୍ୟତୀତ ମହାଳୟା ଶ୍ରାଦ୍ଧ, ପୟାଶ୍ରାଦ୍ଧ, ଗୟା ଶ୍ରାଦ୍ଧ ଓ ଶ୍ରୀମନ୍ଦିର ବାଇଶି ପାହାଚରେ ଶ୍ରାଦ୍ଧ ଆଦି ସାମଗ୍ରିକ ଶ୍ରାଦ୍ଧକର୍ମର ଆନୁଷଙ୍ଗିକ। ଶାସ୍ତ୍ରରେ ଅଛି- "ସୂର୍ଯ୍ୟେ କନ୍ୟାଗତେ ଶ୍ରାଦ୍ଧଂ ଯୋ ନ କୁର୍ଯ୍ୟାତ୍ ଗୃହାଶ୍ରମୀ। ଧନପୁତ୍ରାଦି କୁତଃ ତସ୍ୟ ପିତୃନିଃଶ୍ୱାସପୀଡ଼ନାତ୍॥" କନ୍ୟା ବା ଆଶ୍ୱିନ ମାସରେ ଯେଉଁ ଗୃହସ୍ଥ ପିତୃପକ୍ଷ ଶ୍ରାଦ୍ଧ ନ ଦିଏ ପିତୃପୁରୁଷଙ୍କର ନିଃଶ୍ୱାସରେ ତା'ର ଧନ ଓ ସନ୍ତାନଙ୍କର ଅମଙ୍ଗଳ ହୁଏ। ଆଶ୍ୱିନ କୃଷ୍ଣପକ୍ଷ ପ୍ରତିପଦାଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ପନ୍ଦର ଦିନକୁ ପିତୃପକ୍ଷ କୁହାଯାଏ। ଯାହାର ପିତୃପୁରୁଷ ଯେଉଁ ତିଥିରେ ମୃତ୍ୟୁବରଣ କରିଥିବେ ଏହି ପନ୍ଦର ଦିନ ମଧ୍ୟରେ ସେହି ତିଥିରେ ସେ ଶ୍ରାଦ୍ଧ କରିବା ବିଧି। କୌଣସି କାରଣରୁ ଏହି ତିଥିରେ ଶ୍ରାଦ୍ଧ ଦେଇ ନ ପାରିଲେ ମହାଳୟା ଅମାବାସ୍ୟା ଦିନ ଶ୍ରାଦ୍ଧ କରିବ। ସେଦିନ ବି ସମ୍ଭବ ନ ହେଲେ ତା' ପର ଦୀପାବଳି ଅମାବାସ୍ୟାରେ ମିଳେ ଶେଷ ସୁଯୋଗ, ଯାହାକୁ ପୟାଶ୍ରାଦ୍ଧ କୁହାଯାଏ। ଏହିଦିନ ପୂର୍ବପୁରୁଷ (ବଡବଡୁଆ)ଙ୍କୁ ଆହ୍ୱାନ କରାଯାଏ- ବଡବଡୁଆ ହୋ! ଅନ୍ଧାରରେ ଆସ, ଆଲୁଅରେ ଯାଅ, ବାଇଶିପାହାଚରେ ଗଡ଼ଗଡ଼ଉଥାଅ।

ବିହାରର ଗୟାଠାରେ ତ୍ରିସ୍ତରୀୟ (ବିଷ୍ଣୁ ପାଦତୀର୍ଥେ, ଗୟାଶିରେ, ଅକ୍ଷୟବଟ ତଳେ ଏବଂ ଫଲ୍‌ଗୁନଦୀତଟେ) ଶ୍ରାଦ୍ଧ ପ୍ରଦାନ କଲେ ପିତୃପୁରୁଷ ମୁକ୍ତିଲାଭ କରନ୍ତି ଏବଂ ଲୌକିକ ଶ୍ରାଦ୍ଧ ପାଇଁ ଆଉ ଅପେକ୍ଷା କରନ୍ତି ନାହିଁ ବୋଲି ଶାସ୍ତ୍ରରେ ବର୍ଣ୍ଣିତ। ଗୟା ପରେ ନାଭିଗୟା (ଯାଜପୁରର ବିରଜା କ୍ଷେତ୍ରସ୍ଥ) ଓ ଶ୍ରୀମନ୍ଦିରର ବାଇଶି ପାହାଚରେ ପିଣ୍ଡଦାନ ଦେଲେ ସମଗ୍ର ଶ୍ରାଦ୍ଧ ପ୍ରକ୍ରିୟାର ସମାପ୍ତି ଘଟେ।

ଉପଯୁକ୍ତ ପୁରୋହିତଙ୍କ ଦ୍ୱାରା ଶ୍ରାଦ୍ଧ କରିବା ଉଚିତ। ଲୋକଙ୍କୁ ଖାଇବାକୁ ଦେଲେ ପିତୃପୁରୁଷ ସନ୍ତୁଷ୍ଟ ହୁଅନ୍ତି। ତେଣୁ ଶ୍ରାଦ୍ଧଦିନ ବ୍ରାହ୍ମଣଭୋଜନ ଦେବାର ନିୟମ ଅଛି। ଶ୍ରାଦ୍ଧ ଦିନ ତେଲ ଲଗାଇବା ଅନୁଚିତ। (ବ୍ରତୋପବାସେ ଶ୍ରାଦ୍ଧେ ଚ ନ ତୈଳଂ ସେବତେ ନରଃ)। ପିଣ୍ଡଦାନ ପୂର୍ବରୁ ପାନଭୋଜନ ନିଷିଦ୍ଧ। ଦ୍ୱିବାର ଅନ୍ନଭକ୍ଷଣ ବି ନିଷିଦ୍ଧ। ଓଦା ଲୁଗା ଶୁଖେଇବା (ଶ୍ରାଦ୍ଧ ଶେଷ ପର୍ଯ୍ୟନ୍ତ) ମନା। ଶ୍ରାଦ୍ଧ ଦିନ ଗୀତାପାଠ କରଣୀୟ। (ପିତୃନୁଦ୍ଦିଶ୍ୟ ଯଃ ଶ୍ରାଦ୍ଧେ ଗୀତାପାଠଂ କରୋତି ହି, ସନ୍ତୁଷ୍ଟାଃ ପିତରଃ ତସ୍ୟ ନିରୟାଦ୍ ଯାନ୍ତି ସ୍ୱର୍ଗତିମ୍।)

ଏହାଛଡା ପ୍ରତ୍ୟେକ ଗୃହସ୍ଥ ପ୍ରତିଦିନ ସ୍ନାନ ପରେ ଓଦାବସ୍ତ୍ରରେ ପିତୃକୁଳ ଓ ମାତୃକୁଳର ତିନି ପୁରୁଷଙ୍କୁ ଅର୍ଘ୍ୟ (ଜଳ) ଦାନ କଲେ ସେମାନେ ପ୍ରୀତ ହୋଇ ବଂଶବୃଦ୍ଧି ପାଇଁ ଆଶୀର୍ବାଦ କରନ୍ତି। ସମୟର ଯେତେ ଅଭାବ ଥିଲେ ବି ଆମକୁ ଜନ୍ମ ଦେଇଥିବା ମାତାପିତାଙ୍କ ପାଇଁ ବର୍ଷକରେ ଥରଟିଏ ଏତିକି କର୍ମ କରିବା କ'ଣ ଅସମ୍ଭବ? ବରଂ ସେମାନଙ୍କର ଜୀବଦ୍ଦଶାରେ ଆମେ ଯଦି ସେମାନଙ୍କ ନିକଟରେ କିଛି ତ୍ରୁଟି କରିଥାଉ ଶ୍ରାଦ୍ଧ ମାଧ୍ୟମରେ ତା'ର ସଂଶୋଧନ ହୁଏ। ଅତଏବ ଶ୍ରାଦ୍ଧ ପ୍ରତି କୌଣସି ପ୍ରକାର କୁଣ୍ଠାବୋଧ ରହିବା ଉଚିତ ନୁହେଁ।

ଭୁବନେଶ୍ୱର, ମୋ-୯୪୩୮୬୭୩୮୯୮

## ଏଇ ଭାରତରେ

ପରିବାରକୁ ପିଲାଟିଏ ଆସିଲେ ସମସ୍ତେ ଯେମିତି ଖୁସି ହୁଅନ୍ତି ସେମିତି ତା'ର ଜନ୍ମଦିନକୁ ଜାକଜମକରେ ପାଳନ କରି ଶୁଭେଚ୍ଛା ଅଜାଡି ଦିଅନ୍ତି। ମଙ୍ଗଳ କାମନା କରି ପୂଜାପାଠ କରନ୍ତି। ଭୋଜିଭାତର ଆସର ବି ଜମିଯାଏ। କିନ୍ତୁ ଜଣେ କିଶୋରଙ୍କ ଜନ୍ମଦିନକୁ ଗୁଜରାଟର ଏକ ପରିବାର ଯେଉଁ ଢଙ୍ଗରେ ପାଳନ କରିଛି ତାହା ଜାଣିଲେ ତାଙ୍କର ଦେଶଭକ୍ତି ଭାବନାକୁ ଶ୍ରେୟ ନ ଦେଇ ରହିପାରିବେନି। ଗୁଜରାଟ ମୋର୍‌ବି ଜିଲାର ସ୍ୱାପର ଗାଁରେ ରହନ୍ତି ମେରଜା ପରିବାର। ଏହି ପରିବାର ୧୯ ବର୍ଷୀୟ ପୁତ୍ର ଦୀପର ଜନ୍ମଦିନକୁ ନିଆରା ଢଙ୍ଗରେ ପାଳନ କରିଛି। ଦୀପଙ୍କ ପିତା ପରେଶଭାଇ ମେରଜା ଜନ୍ମଦିନ ଅବସରରେ ଗାଁ ରାସ୍ତା ମରାମତି କରିବାକୁ ନିଷ୍ପତ୍ତି ନେଇ ଏକ ନୂଆ ବାର୍ତ୍ତା ଦେଇଛନ୍ତି। ପୂରା ପରିବାର ଦୁଇଟି ଟ୍ରାକ୍ଟର ଓ ଏକ ଲୋଡର ନେଇ ଗାଁ ରାସ୍ତା ମରାମତି କରିବାକୁ ବାହାରି ଯାଇ ୧୦୦ ମିଟର ରାସ୍ତାକୁ ଘଣ୍ଟାଏ ଭିତରେ ମରାମତି କରିଦେଇଛନ୍ତି। ଗାଁରୁ ମୁଖ୍ୟ ରାସ୍ତାକୁ ଯୋଡୁଥିବା ରାସ୍ତା ଏତେ ଖରାପ ଥିଲା ଯେ, ସେଥିରେ ଯିବାଆସିବା କରିବା କଷ୍ଟକର ହୋଇପଡୁଥିଲା। ମେରଜା ପରିବାର ସଦସ୍ୟମାନେ ରାସ୍ତା ମରାମତି କରିବା ଦେଖି ଗାଁ ଲୋକେ ମଧ୍ୟ ତାଙ୍କ ସହ କାମରେ ଲାଗିଯାଇଥିଲେ। ସବୁ କଥାରେ ସରକାର କରିବେ କହିବା ଠିକ୍ ନୁହେଁ। ଗାଁ ରାସ୍ତାର ଦାୟିତ୍ୱ ମଧ୍ୟ ଆମ ସମସ୍ତଙ୍କର ବୋଲି କହିଛନ୍ତି ମେରଜା ପରିବାରର ମୁଖ୍ୟ ତଥା ଦୀପଙ୍କ ପିତା ପରେଶଭାଇ ମେରଜା।

## ୨୫ ବର୍ଷ ତଳର ଧରିତ୍ରୀ

୧୮ ସେପ୍ଟେମ୍ବର ୧୯୯୪

- ଚାଇନାର କେନ୍ଦ୍ରୀୟ ହୁବେଇ ପ୍ରଦେଶର ବାଦୋଙ୍ଗ ସହର ନିକଟରେ ଏକ ଯାତ୍ରୀବାହୀ ବସ୍ ରାସ୍ତା ଉପରୁ ୧୧୦ ଫୁଟ ଗଭୀର ଏକ ନାଳ ମଧ୍ୟକୁ ଖସିପଡ଼ିବା ଫଳରେ ୫୪ ଜଣ ଯାତ୍ରୀଙ୍କ ମୃତ୍ୟୁ।
- ପି. ଶିବଶଙ୍କର ସିକିମର ନୂତନ ରାଜ୍ୟପାଳ ନିଯୁକ୍ତ।

## ଚିରନ୍ତନୀ

ଜଳେ ସ୍ଥଳେ ଆକାଶରେ ବିନାଶର କୋଟି ରୂପ ଧରି
ବିପୁଳ ପ୍ରାଣ-ପ୍ରବାହ ବିଶ୍ୱମୟ ରହିଅଛି ଭରି,
ଭୁବନର ପ୍ରତି ରନ୍ଧ୍ରେ ପ୍ରତି ଅବକାଶେ
ଜୀବନର ଚେତନା ବିଭାସେ! (ସୃଜନ ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | C | 2 | | B | 0 | | | 4 | | 3 | | | | |
| | 0 | | C | 3 | 4 | B | | | 5 | A | | | | |
| | D | | | | | | | 2 | | B | | | A | 7 |
| | | 8 | | | 6 | | | | 4 | | | | C | |
| | | B | 1 | | | 8 | E | | | | 9 | 0 | | |
| 0 | | C | 9 | | B | | | D | | 4 | | | | A |
| 8 | | | | | 3 | | | | | | 7 | | 1 | |
| | E | | 0 | | | | 1 | 6 | | | | | 5 | 3 |
| | | 9 | | 7 | | | | | | | E | | | 8 |
| | | 6 | | 1 | | A | 3 | 9 | | C | | B | E | |
| | | | D | | 7 | | A | E | 6 | | | | 3 | |
| 3 | | | 4 | | | | | | | 2 | | | | 1 |
| | 2 | | | | | | 7 | | | 5 | C | | | |
| D | 6 | | | 5 | | | | | | | | | | 9 |
| | 1 | 7 | | | | C | | 5 | 3 | | D | | 0 | E |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | 6 | 8 | 2 | C | 1 | B | 9 | D | A | 0 | 7 | 4 | 3 | 5 |
| 9 | 7 | B | A | 3 | 6 | 0 | 5 | 4 | D | 8 | E | 1 | 2 | C |
| 4 | 0 | 3 | B | 5 | 9 | E | 7 | 8 | 1 | 2 | C | D | 6 | A |
| C | 5 | 2 | E | 0 | D | 1 | A | 3 | 6 | 4 | 9 | 7 | B | 8 |
| 1 | A | D | 7 | 8 | 4 | 2 | C | 6 | 3 | B | 5 | 0 | E | 9 |
| 8 | 4 | 1 | 0 | 7 | B | C | 2 | A | E | 9 | 6 | 3 | 5 | D |
| D | E | 5 | C | 1 | A | 6 | 4 | 0 | 2 | 3 | B | 9 | 8 | 7 |
| 0 | 9 | C | 3 | D | 2 | 7 | 8 | B | 5 | A | 4 | 6 | 1 | E |
| 2 | 3 | A | 6 | 9 | 8 | 5 | E | 1 | 7 | C | D | B | 0 | 4 |
| 6 | B | 7 | 5 | 4 | E | 3 | D | 9 | 8 | 1 | 0 | C | A | 2 |
| B | 8 | 6 | 4 | E | 7 | 9 | 3 | 2 | C | 5 | 1 | A | D | 0 |
| A | 2 | E | 8 | 6 | 0 | D | 1 | C | 4 | 7 | 3 | 5 | 9 | B |
| 3 | C | 9 | 1 | 2 | 5 | 8 | B | 7 | 0 | D | A | E | 4 | 6 |
| 7 | D | 0 | 9 | A | 3 | 4 | 6 | 5 | B | E | 8 | 2 | C | 1 |
| 5 | 1 | 4 | D | B | C | A | 0 | E | 9 | 6 | 2 | 8 | 7 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଆଇନରେ ଗଳାବାଟ

ମହାଶୟ,

ଓଡ଼ିଶା ଶାସନରେ ଓଡ଼ିଆ ଭାଷାର ବ୍ୟବହାର କରିବାରେ ଖିଲାପକାରୀଙ୍କୁ ଦଣ୍ଡବିଧାନ କରିବା ଦାବିରେ ଓଡ଼ିଶା ଭାଷା ଆନ୍ଦୋଳନକାରୀଙ୍କ ପକ୍ଷରୁ ଦୀର୍ଘ ୮୭୮ ଦିନ ଧରି ଆନ୍ଦୋଳନ ହୋଇଥିଲା। ଏହାଫଳରେ ଗତ ଅଗଷ୍ଟ ୧୫ ତାରିଖଠାରୁ ଭାଷା ନିୟମାବଳୀ ରାଜ୍ୟ ସରକାର କାର୍ଯ୍ୟକାରୀ କଲେ। ଏହି ନିୟମାବଳୀରେ ଉଲ୍ଲେଖ ରହିଲା ଯେ, ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ପର୍ଯ୍ୟାପ୍ତ ବ୍ୟବହାରରେ ବାରମ୍ବାର ଖିଲାପ କଲେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଦଣ୍ଡବିଧାନ କରାଯିବ। 'ପର୍ଯ୍ୟାପ୍ତ ବ୍ୟବହାରର ବାରମ୍ବାର ଖିଲାପ' ପରିବର୍ତ୍ତେ 'ସମ୍ପୂର୍ଣ୍ଣ ବ୍ୟବହାରରେ ଖିଲାପ' ଶବ୍ଦାବଳୀ ଉଲ୍ଲେଖ କରାଯାଇଥିଲେ କଥାଟା ଅଧିକ ସ୍ପଷ୍ଟ ହୋଇଥାନ୍ତା। ନିୟମାବଳୀରେ ଏହି ଯେଉଁ ଗଳାବାଟ ରହିଗଲା, ତାହାର ଦୁରୁପଯୋଗ ହେବ ଓ କେହି ଓଡ଼ିଆ ଭାଷା ବ୍ୟବହାର କରିବେ ନାହିଁ କିମ୍ବା କେହି ଦଣ୍ଡିତ ହେବେ ନାହିଁ। ଏଣୁ ଓଡ଼ିଆ ଭାଷାରେ ଓଡ଼ିଶା ଶାସନ ଏକ ପ୍ରଶ୍ନବାଚୀ ହୋଇ ରହିଯିବ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

### ବିକୃତ ରୂପରେ ଗଣେଶ ପୂଜା

ନିକଟରେ ଧୁମ୍‌ଧାମରେ ଗଣେଶ ପୂଜା କରାଯାଇଛି। କିନ୍ତୁ ପ୍ରାୟ ଅଧିକାଂଶ ସ୍ଥାନରେ ବିଭିନ୍ନ କଦାକାର ରୂପରେ ବିଘ୍ନରାଜଙ୍କର ପୂଜାର୍ଚ୍ଚନା କରାଯାଇଛି। ଏହାକୁ ଦେଖି ବିଭିନ୍ନ ସମ୍ପ୍ରଦାୟ ଆମକୁ ପରିହାସ କରିବାକୁ ପଛାଉନାହାନ୍ତି। ଏହା କ'ଣ ସିଦ୍ଧିଦାତାଙ୍କ ପ୍ରତି ଆମର ପ୍ରକୃତ ଭକ୍ତିଭାବ? ଗଣେଶଙ୍କ ମୂର୍ତ୍ତିକୁ କଦାକାର ନ କରି ପ୍ରକୃତ ରୂପରେ ତାଙ୍କୁ ନିଷ୍ଠାର ସହ ପୂଜା କରିବା ଉଚିତ।

ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗା ନଗର, ଭୁବନେଶ୍ୱର

### ସରକାରୀ କଲୋନୀରେ ଚୋରି

ଭୁବନେଶ୍ୱର ଆଠନମ୍ବରସ୍ଥିତ ଜଣେ ବରିଷ୍ଠ ଆଇଏଏସ୍ ଅଧିକାରୀ ସରକାରୀ ବାସଭବନ (୪-ଆର୍)ରୁ ଚୋରି ହୋଇଥିବା ଖବର ନିକଟରେ ପ୍ରକାଶିତ ହୋଇଥିଲା। ଦିଲ୍ଲୀସ୍ଥିତ ସରକାରୀ କଲୋନୀଗୁଡିକ ଚାରିପଟେ ସୁଦୀର୍ଘ ପାଚେରି ଥାଏ। ଏହି କଲୋନୀଗୁଡିକରେ ଅନେକ ଫାଟକ ଥିଲେ ସୁଦ୍ଧା କଲୋନୀ ବାସିନ୍ଦାଙ୍କ କମିଟି ଏହାର ଖୋଲିବା ଓ ବନ୍ଦହେବା ସମୟ ନିର୍ଦ୍ଧାରିତ କରିଥାନ୍ତି। ଚାନ୍ଦା ଆଦାୟ କରାଯାଇ ଏକ ସିକ୍ୟୁରିଟି ଏଜେନ୍ସି ମାଧ୍ୟମରେ ଦିନ ଓ ରାତି ଅନେକ ଗାର୍ଡ ମୁତୟନ ଥାନ୍ତି। ଭୁବନେଶ୍ୱରର ସରକାରୀ କଲୋନୀଗୁଡ଼ିକରେ ଅନୁରୂପ ବ୍ୟବସ୍ଥା ଉଭୟ ସରକାର ଆଉ ବାସିନ୍ଦାମାନଙ୍କ ତରଫରୁ କରାଗଲେ ଚୋରିକୁ ଅନେକାଂଶରେ ରୋକାଯାଇପାରନ୍ତା।

ସୁଧାଂଶୁ ଶେଖର ମିଶ୍ର, ବ୍ଲକ କଲୋନୀ, ଆଠଗଡ଼, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ସାରଦା ଚିଟ୍‌ଫଣ୍ଡ ଠକେଇ ମାମଲାରେ କୋଲକାତାର ପୂର୍ବତନ ପୋଲିସ କମିଶନର ରାଜୀବ କୁମାରଙ୍କୁ ମଙ୍ଗଳବାର ବରସାତ୍ ଜିଲା ଓ ସେସନ୍ସ କୋର୍ଟରୁ ଝଟକା ଲାଗିଛି। ତାଙ୍କ ଆଗୁଆ ଜାମିନ ଆବେଦନକୁ କୋର୍ଟ ଖାରଜ କରିଦେଇଛନ୍ତି। ସିବିଆଇ ତାଙ୍କୁ ହାଜର ହେବା ଲାଗି ନୋଟିସ ଜାରି କରିଥିବାବେଳେ ତାଙ୍କ ଅଡୁଆ ଏବେ ବଢିବାରେ ଲାଗିଛି। ସିବିଆଇ ପକ୍ଷରୁ ତାଙ୍କୁ ଧରିବା ଲାଗି ସ୍ୱତନ୍ତ୍ର ଟିମ ଗଠନ କରାଯାଇଛି। କୋର୍ଟରେ ସେ ହାଜର ହେବାଲାଗି ସିବିଆଇ ଡିଜିପି ଓ ମୁଖ୍ୟ ଶାସନସଚିବଙ୍କୁ ପତ୍ର ଲେଖିଥିବା ଜଣାପଡ଼ିଛି।

### ୨୫% ଲୁହାପଥର ଉପଯୋଗ ପାଇଁ ଖଣି ମନ୍ତ୍ରଣାଳୟର ଅନୁମତି ପ୍ରସଙ୍ଗ

# ଦେଶର ଇସ୍ପାତ ଶିଳ୍ପର କଞ୍ଚାମାଲ ପାଇଁ ବଡ଼ ପଦକ୍ଷେପ: ଧର୍ମେନ୍ଦ୍ର

ଭୁବନେଶ୍ୱର,୧୭।୯(ବ୍ୟୁରୋ)

ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ(ସେଲ୍) ନିଜ ଉତ୍ପାଦିତ ଲୁହାପଥରର ୨୫ ପ୍ରତିଶତ ଘରୋଇ ବଜାରରେ ପ୍ରଦାନ କରିବା ପାଇଁ ଖଣି ମନ୍ତ୍ରଣାଳୟକୁ ଅନୁମତି ଦେଇଛି। ଖଣି ମନ୍ତ୍ରଣାଳୟର ଏହି ନିଷ୍ପତ୍ତି ଦେଶର ଇସ୍ପାତ ଶିଳ୍ପର ବିକାଶ ପାଇଁ ଏକ ବଡ ପଦକ୍ଷେପ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଏହି ଅନୁମତି ପାଇଁ ବାରମ୍ବାର ପ୍ରୟାସ କରିବା ପରେ ଏବଂ ଖଣି ମନ୍ତ୍ରଣାଳୟର ସମ୍ମତି ପରେ ଧର୍ମେନ୍ଦ୍ର ଖୁସି ବ୍ୟକ୍ତ କରିଛନ୍ତି। ମନ୍ତ୍ରଣାଳୟର ଏହି ଅନୁମତି ୨ ବର୍ଷ ପାଇଁ ବଳବତ୍ତର ରହିବ । ଏହି ଅନୁମତି ଆଧାରରେ ଓଡିଶା, ଝାଡଖଣ୍ଡ ଓ ଛତିଶଗଡ ଭଳି ରାଜ୍ୟରେ ୭ ନିୟୁତ ଟନ୍ ଲୁହାପଥରକୁ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ସହ ଘରୋଇ ବଜାରରେ ଉପଯୋଗ କରାଯାଇପାରିବ। ଏହା ସେଲ୍‌ର ଆବଶ୍ୟକତା ପୂରଣ କରିବା ସହ ଘରୋଇ ବଜାରର ଇସ୍ପାତ ଉତ୍ପାଦନକାରୀଙ୍କ ପାଇଁ ମଧ୍ୟ ଲାଭଦାୟକ ହେବ । ଅନ୍ୟ ଏକ ପୃଥକ୍ ନିଷ୍ପତ୍ତିରେ ସେଲ୍ ପାଖରେ ଓଡିଶା, ଝାଡଖଣ୍ଡ ଓ ଛତିଶଗଡ ରାଜ୍ୟଗୁଡିକରେ ଗଚ୍ଛିତ ଥିବା ୭୦ ନିୟୁତ ଟନ୍ ନିମ୍ନମାନର ଲୁହା ପାଇଁ ଏବଂ ଲୁହା ପଥରକୁ ବିକ୍ରି କରିବା ପାଇଁ ଅନୁମତି ମିଳିଛି । ଏଥିପାଇଁ ସମ୍ପୃକ୍ତ ରାଜ୍ୟ ସରକାରଙ୍କ ଅନୁମତି ନେଇ ସେଲ୍ ଏହାକୁ ବିକ୍ରି କରିପାରିବ ବୋଲି ଖଣି ବିଭାଗ ତରଫରୁ କୁହାଯାଇଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଏମ୍ଏମ୍‌ଡିଆର୍ ଆକ୍ଟ ୧୯୫୭ ଅନୁସାରେ ୨୦୨୦ ମାର୍ଚ୍ଚ ସୁଦ୍ଧା ୩୧ଟି କାର୍ଯ୍ୟକ୍ଷମ ଖଣିର ଲିଜ୍ ଅବଧି ଶେଷ ହେବ। ଏହି ଅବଧି ଶେଷ ହେବା ପରେ ବଜାରରେ ୬୦ ନିୟୁତ ଟନ୍ ଲୁହାପଥର କମ୍ ପଡିବ। ଧର୍ମେନ୍ଦ୍ର କହିଛନ୍ତି, ଭାରତୀୟ ଇସ୍ପାତ ଶିଳ୍ପର କଞ୍ଚାମାଲ ଆବଶ୍ୟକତା ପୂରଣ କରିବା ସରକାରଙ୍କ ପ୍ରାଥମିକତା । ଖଣି ମନ୍ତ୍ରଣାଳୟର ଏହି ନିଷ୍ପତ୍ତି କଞ୍ଚାମାଲ ଆବଶ୍ୟକତା ପୂରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି ଧର୍ମେନ୍ଦ୍ର କହିଛନ୍ତି ।

# ଅର୍ଥ ବିଭାଗରେ ଅଦଳବଦଳ

ଭୁବନେଶ୍ୱର, ୧୭।୯(ବ୍ୟୁରୋ)

ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ଅଧୀନରେ କାର୍ଯ୍ୟରତ ଓଡ଼ିଶା ଟ୍ୟାକ୍ସେସନ୍ ଏଣ୍ଡ ଆକାଉଣ୍ଟସ୍ ସର୍ଭିସ-୨ର ୫୪ ଜଣ ଅଧିକାରୀଙ୍କୁ ଅଦଳବଦଳ କରାଯାଇଛି। ଏ ସଂକ୍ରାନ୍ତରେ ବିଭାଗ ପକ୍ଷରୁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି। ବଦଳି ହୋଇଥିବା ଅଧିକାରୀମାନେ ହେଉଛନ୍ତି- ସଚ୍ଚିଦାନନ୍ଦ ସାହୁ, ଧରଣୀଧର ଦାସ, ଦିନେଶ କୁମାର ବାଗ୍, ସୁଧାଂଶୁ ଶେଖର ଦାସ, ସନ୍ଧ୍ୟାରାଣୀ ପଟ୍ଟନାୟକ, ଚିନ୍ମୟ କୁମାର ପ୍ରଧାନ, ପ୍ରମୋଦ ସେଠୀ ଏବଂ ଲକ୍ଷ୍ମଣ ବାରିକ ପ୍ରମୁଖ।

# ୨ ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

ରାଇକିଆ,୧୭।୯(ଡ଼ି.ଏନ.ଏ)

ବିଭିନ୍ନ ପ୍ରଲୋଭନ ଦେଖାଇ ଦୁଇ ନାବାଳିକାଙ୍କୁ ପୃଥକ ସମୟରେ ବଳାତ୍କାର କରିଥିବା ଅଭିଯୋଗରେ କନ୍ଧମାଳ ଜିଲା ରାଇକିଆ ଥାନା ପୋଲିସ ଜଣେ ଯୁବକଙ୍କୁ ମଙ୍ଗଳବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଫିରିଙ୍ଗିଆ ବ୍ଲକ ପବିଙ୍ଗିଆ ଅଞ୍ଚଳର ସୁନୀଲ ଦିଗାଲ। ତାଙ୍କୁ ଫୁଲବାଣୀ ସ୍ୱତନ୍ତ୍ର କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଜେଲ ପଠାଇ ଦିଆଯାଇଛି। ସୁନୀଲ ୨ ବର୍ଷ ତଳେ ରାଇକିଆ ଅଞ୍ଚଳରେ ଏକ ରାସ୍ତା ନିର୍ମାଣକାରୀ ସଂସ୍ଥାରେ ଗାଡ଼ି ଚଳାଉଥିଲେ। ସେ ସମୟରେ ରାଇକିଆ ଥାନା ଅଞ୍ଚଳର ଜଣେ ନାବଳିକାଙ୍କ ସହ ତାଙ୍କର ସମ୍ପର୍କ ହୋଇଥିଲା। ପରେ ବିଭିନ୍ନ ପ୍ରଲୋଭନ ଦେଖାଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଏପରିକି ନାବାଳିକାଙ୍କୁ ସେ କିଛିଦିନ ପାଇଁ ଫୁଲବାଣୀ ନେଇଯାଇଥିଲେ। ଏ ନେଇ ନାବାଳିକାଙ୍କ ବାପା ରାଇକିଆ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଚଢ଼ାଉ କରି ନାବାଳିକାଙ୍କୁ ଉଦ୍ଧାର କରିଥିଲେ ମଧ୍ୟ ସୁନୀଲ ଫେରାର ହୋଇଯାଇଥିଲେ। ସେହିପରି ରାଇକିଆ ଥାନା ଅଞ୍ଚଳର ଅନ୍ୟ ଜଣେ ନାବାଳିକାଙ୍କ ବାପା ମଧ୍ୟ ସୁନୀଲଙ୍କ ଉପରେ ସମାନ ଅଭିଯୋଗ ଆଣିଥିଲେ। ସୁନୀଲ ପ୍ରଲୋଭିତ କରି ତାଙ୍କ ଝିଅକୁ ବଳାତ୍କାର କରିଥିବା ନେଇ ଗତ ୩ ତାରିଖରେ ଥାନାରେ ବାପା ଅଭିଯୋଗ କରିଥିଲେ । ପୋଲିସ ନଂ. ୬୦/୧୯ରେ ମାମଲା ରୁଜୁ କରି ତଦନ୍ତ କରିଥିଲା । ପୋଲିସ ୨ ପୀଡ଼ିତା ନାବାଳିକାଙ୍କ ବୟାନ ରେକର୍ଡ କରିଥିବା ମଙ୍ଗଳବାର ଖବରଦାତା ସମ୍ମିଳନୀରେ ଜି.ଉଦୟଗିରି ଏସ୍‌ଡିପିଓ ଜୟକୃଷ୍ଣ ବେହେରା ଓ ଥାନା ଅଧିକାରୀ ଅଲେଖ ଗରଡ଼ିଆ ସୂଚନା ଦେଇଛନ୍ତି।

## ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ନାବାଳକ ଅଟକ

ପାଇକମାଲ,୧୭।୯(ଡି.ଏନ.ଏ.): ବରଗଡ଼ ଜିଲା ପାଇକମାଲ ଥାନା ଅଞ୍ଚଳରେ ଜଣେ ୯ବର୍ଷର ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ନାବାଳିକା ଜଣକ ସୋମବାର ଅପରାହ୍ନ ୫ଟା ସମୟରେ ସାଙ୍ଗମାନଙ୍କ ସହ ଲୁଚକାଳି ଖେଳ ଖେଳୁଥିଲେ। ସେତିକିବେଳେ ୧୪ ବର୍ଷର ଜଣେ ନାବାଳକ ବାଡି ପଛପଟେ ନାବାଳିକାଙ୍କୁ ଡାକିନେଇ ବଳାତ୍କାର କରିଥିଲେ। ନାବାଳିକାଙ୍କ ଅଜା କୌଣସି କାରଣ ନେଇ ବାଡିକୁ ଯାଇଥିବାବେଳେ ନାବାଳିକାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ପରେ ପୀଡିତାଙ୍କୁ ପଦ୍ମପୁର ଚିକିତ୍ସାଳୟରେ ଭର୍ତ୍ତିକରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ମଙ୍ଗଳବାର ନାବାଳିକାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ଅଣାଯାଇଥିଲା। ଖବର ପାଇ ଜିଲା ଶିଶୁ ମଙ୍ଗଳ ସମିତି ଚେୟାରମ୍ୟାନ ସୁଜିତ କୁମାର ଦାସ, ସଭ୍ୟା ଅଞ୍ଜୁ ଅଗ୍ରୱାଲ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମଞ୍ଜୁ ଏକ୍କା ପ୍ରମୁଖ ହସ୍ପିଟାଲରେ ପହଞ୍ଚି ପରିବାର ଲୋକଙ୍କ ସହ ଘଟଣା ସଂକ୍ରାନ୍ତରେ ଆଲୋଚନା କରି ପୀଡିତାଙ୍କ ବୟାନ ରେକର୍ଡ କରିଥିଲେ। ପରେ ନାବାଳିକାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା(ନଂ. ୧୬୯/୧୯) ରୁଜୁ କରି ନାବାଳକଙ୍କୁ ଅଟକ ରଖି ଡାକ୍ତରୀମାଇନା ପାଇଁ ପଦ୍ମପୁର ଡାକ୍ତରଖାନାକୁ ପଠାଯାଇଥିବା ପାଇକମାଲ ଥାନା ଆଇଆଇସି ବିଶ୍ୱଜିତ ମନବୋଧ କହିଛନ୍ତି।

# ସରକାରୀ କାର୍ଯ୍ୟକ୍ରମରେ ବିଧାୟକଙ୍କୁ ଡକାଯାଉନି: ଭାଜପା

ଭୁବନେଶ୍ୱର,୧୭।୯(ବ୍ୟୁରୋ)

ବିଧାୟକମାନଙ୍କୁ ଜିଲା ପ୍ରଶାସନ ପଚାରୁନାହିଁ। ଲୋକଙ୍କୁ ବିଭିନ୍ନ ସରକାରୀ ଯୋଜନାର ସହାୟତା ବଣ୍ଟନ କାର୍ଯ୍ୟକ୍ରମରେ ପୁରୀ ଏବଂ ବ୍ରହ୍ମଗିରି ବିଧାୟକଙ୍କୁ ପଚରାଯାଉନାହିଁ। ନିକଟରେ ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଇଥିବା ଋଣ ମେଳାରେ ମଧ୍ୟ ନିମନ୍ତ୍ରଣ କରାଯାଇ ନ ଥିବା ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ, ଏହି ମେଳାରେ ଯୋଗଦେବା ପାଇଁ ପ୍ରଥମେ ଟେଲିଫୋନ ଆସିଥିଲା। ଏହାର ଦୁଇଦିନ ପରେ ଏକ ଏସ୍ଏମ୍ଏସ୍ ଦ୍ୱାରା ଯୋଗ ନ ଦେବା ଲାଗି କୁହାଯାଇଥିବା ସେ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ପୁରୀ ବିଧାୟକ ଜୟନ୍ତ ଷଡଙ୍ଗୀ କହିଛନ୍ତି, ବାତ୍ୟା ଫନୀରେ କ୍ଷତିଗ୍ରସ୍ତ ହୋଇଥିବା ଚିଲିକାର ବୋଟ୍ ମାଲିକ, ପୁରୀ ଓ ଚିଲିକା ଆଞ୍ଚଳିକ ମତ୍ସ୍ୟଜୀବୀଙ୍କୁ ସୋମବାର ରାଜ୍ୟ ସରକାରଙ୍କ ତରଫରୁ ସହାୟତା ଦିଆଗଲା । ନିୟମ ଅନୁସାରେ ସରକାରଙ୍କ କାର୍ଯ୍ୟକ୍ରମରେ ସେଠାକାର ସ୍ଥାନୀୟ ନିର୍ବାଚିତ ଜନ ପ୍ରତିନିଧିମାନଙ୍କୁ ଡକାଯିବା କଥା। କିନ୍ତୁ ହୀନ ରାଜନୈତିକ ଉଦ୍ଦେଶ୍ୟ ରଖି ପୁରୀ ଓ ବ୍ରହ୍ମଗିରିର ବିଧାୟକମାନଙ୍କୁ ସରକାର ସେଥିରେ ସାମିଲ କଲେ ନାହିଁ। ଫନୀ ଯୋଗୁ ବ୍ରହ୍ମଗିରି ଓ ପୁରୀରେ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିଲା। ଏହି ଦୁଇ ନିର୍ବାଚନମଣ୍ଡଳୀର ବିଧାୟକ ଭାଜପାର ହୋଇଥିବାରୁ କ୍ଷୟକ୍ଷତି ଆକଳନ ହେଉ କିମ୍ବା କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ପ୍ରଦାନ କଥାରେ ଜିଲା ପ୍ରଶାସନ ଡାକିଲେ ନାହିଁ।

ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର କହିଛନ୍ତି, କେବଳ ଶାସକ ଦଳ ନେତାମାନଙ୍କ ସୁପାରିସ ଆଧାରରେ ବିଜେଡି କର୍ମୀମାନଙ୍କୁ କ୍ଷତିପୂରଣ, ପକ୍କାଘର, ବୋଟ୍, ମାଛ ଧରା ଡଙ୍ଗା ମିଳୁଛି। ଏଥିରେ ବ୍ୟାପକ ଅନିୟମିତତା ହେଉଛି । ଜିଲା ପ୍ରଶାସନ ପୁରୀ ଜିଲାର କିଛି ବିଜେଡି ନେତାଙ୍କ ସଖୀ କଣ୍ଢେଇ ପାଲଟିଛି। ଗଣତନ୍ତ୍ରରେ ଜଣେ ବିଧାୟକଙ୍କ ଅଧିକାର କ୍ଷୁଣ୍ଣ କରିବାର ହୀନ ରାଜନୀତି କରା ନ ଯାଉ ବୋଲି ସେ କହିଛନ୍ତି। ଏନେଇ ଭାଜପାର ଏକ ପ୍ରତିନିଧି ଦଳ ମୁଖ୍ୟ ଶାସନ ସଚିବ ଅସୀତ ତ୍ରିପାଠୀଙ୍କ ନିକଟରେ ଅଭିଯୋଗ ମଧ୍ୟ କରିଛନ୍ତି। ଏହା ବ୍ୟତୀତ କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ରାଜ୍ୟ ସରକାର ନିଜ ନାଁରେ କରିବା କଥାକୁ ମୁଖ୍ୟ ଶାସନ ସଚିବଙ୍କ ନିକଟରେ ଉକ୍ତ ପ୍ରତିନିଧି ଦଳ ଉପସ୍ଥାପିତ କରିଥିବା ଭାଜପା ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପୋଲା ଖିଆ,**
**ମେଲା ଶୁଆ ।**

କେତେଜଣ ବ୍ୟକ୍ତି କଷ୍ଟ କରି କାମଦାମ କରିବାକୁ ଆଗ୍ରହ ଦେଖାଇ ନ ଥାନ୍ତି। ପେଟ ପୋଷିବା ପାଇଁ ପରର ହାତ ଟେକାକୁ ଚାହିଁ ରହିଥାନ୍ତି। ନିଜେ କିଛି ନ କରି ସବୁବେଳେ ଅନ୍ୟର ସାହାଯ୍ୟ ସମର୍ଥନ ଲୋଡିଥାନ୍ତି। ଶ୍ରମ ନ କରି ସବୁବେଳେ ଅନ୍ୟ ଉପରେ ନିର୍ଭର କରୁଥିବା ଅଯୋଗ୍ୟ, ଅପଦାର୍ଥ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ପତ୍ତୁରି ସୁନା ଦଣ୍ଡିକି,**
**ଶିମିଳି ତୁଳା ମାଣ୍ଡିକି ।**
**ରାଣ୍ଡି ସଙ୍ଗେ ଭାବ କଲେ**
**ନିତି ଯାଉଥିବ ଫାଣ୍ଡିକି ।**

ଆଗକାଳରେ ମହିଳାମାନେ ନାକରେ ଦଣ୍ଡି ନାମକ ଏକ ଗହଣା ପିନ୍ଧୁଥିଲେ, ଯାହାକି ଏକ ପତଳା ସୁନା ପତରରେ ତିଆରି ହୋଇଥାଏ। ଶିମିଳି ତୁଳା ଭାରି ନରମ। ସେଥିରେ ତକିଆ କଲେ ମୁଣ୍ଡକୁ କାଟି ନ ଥାଏ। ସେହିପରି ବିଧବା ନାରୀ ସହ ଭାବ ବଢ଼େଇଲେ ଲୋକଙ୍କଠାରୁ ଛି ଛାକର ଶୁଣିବାକୁ ପଡ଼ିଥାଏ। ଭଲରେ ମନ୍ଦରେ ଥାନାରେ ଏତଲା ଦିଆଯିବା ଫଳରେ ଥାନାଦାରଠାରୁ ତାଗିଦା ଶୁଣିବାକୁ ପଡ଼ିବା ସହ ସବୁବେଳେ ଥାନା, କଚେରି ଦୌଡ଼ିବାକୁ ପଡ଼ିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ମୋଦିଙ୍କ ଜନ୍ମଦିନ ପାଳିଲେ ଭାଜପା ନେତା

ଭୁବନେଶ୍ୱର,୧୭।୯(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୬୯ତମ ଜନ୍ମଦିନ ରାଜ୍ୟ ଭାଜପା ପକ୍ଷରୁ ସତ୍ୟନଗରସ୍ଥିତ ଉତ୍କଳ ଦୃଷ୍ଟିହୀନ ସଂଘଠାରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ସହ ପାଳନ କରାଯାଇଛି । ରାଜ୍ୟ ଭାଜପା ନେତୃବୃନ୍ଦ ଛେନାପୋଡ କାଟିବା ସହ ଚକୋଲେଟ ବାଣ୍ଟି ଜନ୍ମଦିନ ପାଳନ କରିଥିଲେ । ସ୍ୱାଧୀନତା ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଦେଶର ବିକାଶ ଯାତ୍ରାରେ ମୋଦିଙ୍କ ଶାସନ କାଳରେ ଦେଶର ଗରିବ ସବୁଠୁ ବେଶି ଲାଭାନ୍ୱିତ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ପ୍ରତିଦିନ ଜନସାଧାରଣଙ୍କୁ ସେବା ଯୋଗାଇ ଚାଲିଛନ୍ତି । ସେଥିପାଇଁ ଦେଶବ୍ୟାପୀ ମୋଦିଙ୍କ ଜନ୍ମ ସପ୍ତାହକୁ ସେବା ସପ୍ତାହ ଭାବେ ପାଳନ କରାଯାଉଛି । ଭାଜପା ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପସଭାପତି ଠାକୁର ରଞ୍ଜିତ ଦାସ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଥରେ ମାତ୍ର ବ୍ୟବହୃତ ହେଉଥିବା ପ୍ଲାଷ୍ଟିକ ବର୍ଜନ ଓ ଜଳ ସଂରକ୍ଷଣ ପାଇଁ ଶପଥପାଠ କରାଇଥିଲେ। ଏହାସହ ବୃକ୍ଷରୋପଣ, ଟ୍ରାଫିକ୍ ନିୟମ ପାଳନ, ସୌରଶକ୍ତି ବ୍ୟବହାର, ସ୍ୱଚ୍ଛତା, ଗରିବ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଦେବା ପାଇଁ ମଧ୍ୟ ସଂକଳ୍ପ ନିଆଯାଇଛି। ସେହିପରି ଜିଲା ଭୁବନେଶ୍ୱର କମିଟି ପକ୍ଷରୁ ମଧ୍ୟ ଜନ୍ମଦିବସ ପାଳନ କରାଯାଇଛି।

# ମତ୍ସ୍ୟ ଚାଷରେ ଓଡ଼ିଶାକୁ ଅଗ୍ରଣୀ ରାଜ୍ୟରେ ପରିଣତ କରାଯିବ: ମନ୍ତ୍ରୀ

ଭୁବନେଶ୍ୱର,୧୭।୯(ବ୍ୟୁରୋ)

ରାଜ୍ୟରେ ଦୀର୍ଘ ୪୮୦ କିମି ସମୁଦ୍ର ଉପକୂଳ ଓ ପର୍ଯ୍ୟାପ୍ତ ମଧୁର ଜଳର ଉତ୍ସ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ପାଇଁ ସୁଯୋଗ ଆଣିଛି । ଏହାକୁ ଉପଯୋଗ କରି ଓଡ଼ିଶାକୁ ମତ୍ସ୍ୟ ଉତ୍ପାଦନରେ ଅଗ୍ରଣୀ ରାଜ୍ୟରେ ପରିଣତ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି। ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ସମ୍ମିଳନୀ କକ୍ଷରେ ମଙ୍ଗଳବାର ମତ୍ସ୍ୟ ବିଭାଗ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିଲା। ଏହି ଅବସରରେ ଅରୁଣ କହିଛନ୍ତି, ମତ୍ସ୍ୟ ଚାଷ ପ୍ରତି ଲୋକଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦେବା ଜରୁରୀ। ଏହାସହ ମଧୁର ଜଳ ମାଛ ପାଇଁ କିପରି ଆଗୁଆ ମାଛ ଯାଆଁଳ ପ୍ରସ୍ତୁତ କରି ଚାଷୀମାନଙ୍କୁ ଯୋଗାଇ ଦିଆଯାଇ ପାରିବ ସେଥିପାଇଁ ଆସନ୍ତା ୩୦ ତାରିଖ ସୁଦ୍ଧା ଏକ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

### ୧୦ ଗ୍ରାମ୍ ବ୍ରାଉନ ସୁଗାର ଜବତ

# ୩ ବ୍ୟବସାୟୀ ଗିରଫ

ଭୁବନେଶ୍ୱର,୧୭।୯(ବ୍ୟୁରୋ)

ଖଣ୍ଡଗିରି ଥାନା ପୋଲିସ ୩ଜଣ ବ୍ରାଉନ ସୁଗାର ବ୍ୟବସାୟୀଙ୍କୁ ଗିରଫ କରିଛି। ସେମାନଙ୍କ ଠାରୁ ୧୦ ଗ୍ରାମ୍ ବ୍ରାଉନ ସୁଗାର, ଦୁଇଟି ମୋବାଇଲ୍ ଓ ଗୋଟିଏ ବାଇକ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ଖୋର୍ଦ୍ଧା ମଠସାହିର କିରଣ କୁମାର ସ୍ୱାଇଁ(୩୬), ବ୍ରାହ୍ମଣସାହିର ଶୁଭମ କୁମାର ଦାଶ(୨୫) ଓ ପତିତ ପାବନ ଭୁଜବଳ(୩୬)। ସେମାନଙ୍କ ବିରୋଧରେ ପୋଲିସ କେସ୍ ନଂ-୫୦୮/୧୯ ଦଫା ୨୧(ବି)ଏନ୍‌ଡିପିଏସ୍ ଆକ୍ଟ ଲଗାଇ କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ୩ ବ୍ୟବସାୟୀ ଖୋର୍ଦ୍ଧାରୁ ଜଣେ ନିଶା ମାଫିଆଙ୍କ ଠାରୁ ବ୍ରାଉନ୍ ସୁଗାର ଆଣି ରାଜଧାନୀ ଏବଂ ଏହାର ଉପକଣ୍ଠରେ ବ୍ୟବସାୟ କରନ୍ତି। ବିଶେଷ କରି ଇଂଜିନିୟରିଂ କଲେଜ ଏବଂ ମେଡିକାଲ କଲେଜ ଛାତ୍ରୀଛାତ୍ରଙ୍କୁ ବ୍ରାଉନ ସୁଗାର ଦେଇଥାନ୍ତି। ସବୁଦିନ ପରି ସୋମବାର ଅପରାହ୍ନ ୨ଟା ସମୟରେ ସେମାନେ ଖଣ୍ଡଗିରି ଥାନା ଅଞ୍ଚଳରେ ଥିବା ଏକ ମେଡିକାଲ କଲେଜ ନିକଟରେ ବ୍ରାଉନ ସୁଗାର ବ୍ୟବସାୟ କରିବା ପାଇଁ ଗ୍ରାହକଙ୍କୁ ଅପେକ୍ଷା କରିଥିଲେ। ଖବର ପାଇ ପୋଲିସ ସେଠାରେ ଚଢ଼ାଉ କରି ୩ ଜଣଙ୍କୁ କାବୁ କରିବା ପରେ ଯାଞ୍ଚ କରିବାରୁ ସେମାନଙ୍କ ନିକଟରୁ ୧୦ ଗ୍ରାମ୍‌ର ବ୍ରାଉନ ସୁଗାର ମିଳିଥିଲା।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BUSINESS
HINDUSTAN TOWER
ନାମ ନୁହେଁ କାମ କହିଥାଏ।
25 ବର୍ଷ ଧରି ଆପଣଙ୍କ ଭରସାଯୋଗ୍ୟ କମ୍ପାନୀ
Hindustan Tower Group
Govt. Regd କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ ରେଡିଏଶନ୍ ଫ୍ରି ଟାୱାର ଲଗାନ୍ତୁ, ଅଗ୍ରିମ ୨୦ ଲକ୍ଷ, ଭଡ଼ା 60,000 + ବାଇକ୍ । 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
8929313996
7042350747
4397, Arya Pura, Old Subzi Mandi, Delhi-110007

FINANCE

ଋଣ
ପ୍ରଥମ 100 କଲରଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ୍
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 50,00,000 ପର୍ଯ୍ୟନ୍ତ ଋଣ
ଆଦର୍ଶ ଫାଇନାନ୍ସ
ମାର୍କେଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7289999543
7289948952
SCO- 106, Second Floor, Vishal Tower, Cannaught Place, Delhi.

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Reg. No. - U6519TN198PLC00855)
ମାର୍କେଶିଟ୍, ପ୍ରପର୍ଟି, ପର୍ସନାଲ, ଗ୍ରୁପ୍, ବ୍ୟବସାୟ ।
ସମସ୍ତ ଋଣ 3-4 ଦିନରେ ଘରେ ବସି ପାଆନ୍ତୁ । 2% ସୁଧ 40% ରିହାତି।
7310644620
9499439810
VISHAL ENCLAVE, M. ROAD, UP

KUBER FINANCE
Kuber ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, କୃଷି ଆଧାରକାର୍ଡ ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ମାତ୍ର ୧ ଦିନରେ, 2% ସୁଧ 40% ଛାଡ । ଘରେ ବସି ପାଆନ୍ତୁ
ଖର୍ଚ୍ଚ ଲୋନ ପାସ ହେଲା ପରେ
Plot No-14/524, Chandini Chowk, Kolkata
8146524009
8146359004

ASTROLOGY

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, ବିବାହରେ ବାଧା
3 ଘଣ୍ଟାରେ ଘରେ ବସି ସମାଧାନ।
81 26 92 24 05
ହରିଦ୍ୱାର

Hi-Tech Telecom Company Ltd.
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 60,000,00/-, ଭଡା 40,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ। ଦରମା - 20,000/- ଓ ଅନ୍ୟାନ ସୁବିଧା ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ କରନ୍ତୁ
ଠକ ମାନ ଙ୍କୁ ସାବଧାନ !
10, 2nd Floor, Subramanya Arcade. Tower D, Bannerghatta Main Road Banglore, Karnataka - 560029
Call or SMS Now
9728782718

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
NRC FINANCE
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
99901-64008
99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

FINANCE
ବିଶ୍ୱାସର ପ୍ରତୀକ, ଲୋନର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ BPL ଆଧାରକାର୍ଡ ଲୋନ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
Mob: 9351833615
Address - 12, Govt. Place (East), 2nd floor, Kolkata, west Bengal- 700069

CAPITAL FINANCE
ପାର୍ବଣ ଋତୁରେ ଲୋନ ମେଳା
୨୦ ବର୍ଷରୁ କ୍ୟାପିଟାଲ ଫାଇନାସ ଦ୍ୱାରା ନିଜର ମାର୍କସିଟ, ପଶୁପାଳନ, ଆଧାରକାର୍ଡ, ହୋମ୍, ମାଛଚାଷ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୪୮ ଘଣ୍ଟାରେ । ୨% ସୁଧ ୪୦%ଛାଡ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
8607237523

Shinghania Tower
ନିଜର ଛାତ, ଜମି, କ୍ଷେତ, ଫ୍ଲାଟ୍ ଉପରେ ଡିଜିଟାଲ ଟାୱାର ଲଗାନ୍ତୁ। ଘରେ ବସି ରୋଜଗାର କରନ୍ତୁ । ଅଗ୍ରିମ 60 ଲକ୍ଷ + ଭଡ଼ା 45000/- + ବାଇକ୍
ଯୋଗାଯୋଗ: 8887232676
Add- Ashoka puram, Mysore, Karnataka- Pin Code 570008

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଦରେ ଦିଆଯାଉଛି । ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ । ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା ।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

BASUNDHAR FINANCE
ପର୍ସନାଲ, ବିଜିନେସ, ମାର୍କେଶିଟ୍, ଗୃହ, ଶିକ୍ଷା, କୃଷି, ଗାଈ ଓ କୁକୁଡା ପାଳନ ଇତ୍ୟାଦି BASUNDHAR FINANCE ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି।
ସୁଧ = 1%
CONTACT
7683914951
9658224887
Plot No.4720, Shahnajaf Rd, Chandigarh-226002, At-Hemamura, Luhapank, Rairakhol, Sambalpur-768106

EDUCATION

ADMISSION OPEN
MAA TARA TARINI SCHOOL OF NURSING, Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi.
We also offered Course (OT Technician, DMLT X-ray Technician)
Contact No:
9437425759
8280476992
Email : maataratarinison@gmail.com

ଆଗେ ଆସନ୍ତୁ, ଆଗେ ପାଆନ୍ତୁ
GOVT. APPROVED ପଞ୍ଜୀକୃତ କମ୍ପାନୀ
GLOBAL TOWER
ନିଜର ଖାଲି ଜମି, ଛାତ, କ୍ଷେତ୍ର, ପ୍ଲଟ୍‌ରେ ଡିଜିଟାଲ ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ ୨୦ ଲକ୍ଷ, ଭଡ଼ା + 75000 + 25,000ର ଅନ୍ୟାନ୍ୟ ସୁବିଧା + ରହିବା ଖାଇବା ଫ୍ରି + ବାଇକ୍
7325835499
B-36/7 A-Block Vijay Enclave Burari New Delhi 74

FINANCE
ଲୋନ ଧମାକା ପ୍ରଥମେ ଆସନ୍ତୁ ପ୍ରଥମ ପାଆନ୍ତୁ Vasundhara Capital ଭାରତର ଏକ ନମ୍ବର କମ୍ପାନୀ ପ୍ରପର୍ଟି, ମାର୍କସିଟ୍, ପର୍ସନାଲ, ଆଧାରକାର୍ଡ, ବିଜିନେସ, ଷ୍ଟାଟପ୍, କ୍ଷୁଦ୍ର ବ୍ୟବସାୟ ଏବଂ ଦୋକାନୀମାନେ ଋଣ ଘରେ ବସି ୩୬ ଘଣ୍ଟା ମଧ୍ୟରେ ପାଆନ୍ତୁ । କମ୍ ସୁଧ ଏବଂ ସହଜ କିସ୍ତି । କର୍ମଚାରୀ ଓ ମହିଳାଙ୍କ ପାଇଁ ବିଶେଷ ରିହାତି ।
Office No. 2b/44, Indra Complex, Main Market Road, Ranchi, Jharkhand, 834001
9582606103
9654417419


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ମୁଁ ୪୭ ବର୍ଷରେ ମେକ୍‌ଅପ ସେଲ୍ଫି ଶେୟାର କରିବାକୁ ପସନ୍ଦ କରେନି।
-ଲିସା ରାୟ, ଅଭିନେତ୍ରୀ

# ମୁଣ୍ଡ ବଢ଼ାଇଛି ମୁଣ୍ଡବଥା



## ଜାକିରଙ୍କୁ ମିଳୁନି ହେଲ୍‌ମେଟ

**ଅହମ୍ମଦାବାଦ:** ସାରା ଦେଶରେ ଲାଗୁ ହୋଇଛି ସଂଶୋଧିତ ମୋଟର ଯାନ ନିୟମ। ଏହାପରେ ସବୁଠି କଡ଼ାକଡ଼ି ହୋଇଛି ଟ୍ରାଫିକ୍ ରୁଲ୍। ନିୟମ ଭାଙ୍ଗୁଥିବା ଗାଡ଼ି ଚାଳକ ମୋଟା ଅଙ୍କର ଜରିମାନା ଦେବା ଏବେ ପ୍ରତିଦିନ ଶିରୋନାମା ପାଲଟୁଛି। ହେଲେ ଗୁଜରାଟର ଛୋଟା ଉଦୟପୁର ଜିଲାରେ ଟ୍ରାଫିକ୍ ନିୟମ ଉଲ୍ଲଂଘନ କରି ଧରାପଡ଼ିଥିବା ଜଣେ ବ୍ୟକ୍ତିଙ୍କ ଚାଲାଣ କଟାଯିବା ବେଳେ ଦ୍ୱନ୍ଦ୍ୱରେ ପଡ଼ିଯାଇଥିଲା ପୋଲିସ। ବାଇକ୍ ଚାଳକ ଜଣକ ନିଜର ସମସ୍ୟା କହିବା ବେଳକୁ ସମସ୍ତଙ୍କ ମୁଣ୍ଡ ଚକ୍କର କାଟିଥିଲା। ଦାୟିତ୍ୱରେ ଥିବା ଟ୍ରାଫିକ ପୋଲିସ ଅଧିକାରୀ ମଧ୍ୟ ଏକଥା ଭାବିବାକୁ ଲାଗିଲେ ଯେ, ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କ ଚାଲାଣ କଟାଯିବ କି ନାହିଁ। ସବୁ ସମସ୍ୟା ମୂଳରେ ରହିଥିଲା ସମ୍ପୃକ୍ତ ବ୍ୟକ୍ତିଙ୍କ ବିଶାଳକାୟ ମୁଣ୍ଡ, ଯେଉଁଥିପାଇଁ ବଜାରରେ ତାଙ୍କ ମୁଣ୍ଡକୁ ଫିଟ୍ ହେଲା ଭଳି ହେଲ୍‌ମେଟ ମିଳୁନାହିଁ।

ସମ୍ପୂର୍ଣ୍ଣ ଘଟଣାଟି ଏହିପରି। ଛୋଟା ଉଦୟପୁର ଜିଲା ବେଡେଲୀ ଅଞ୍ଚଳରେ ବିନା ହେଲ୍‌ମେଟରେ ବାଇକ୍ ଚଳାଉଥିବାବେଳେ ଧରାପଡ଼ିଥିଲେ ଜାକିର ମେମନ। ଯାଞ୍ଚବେଳେ ତାଙ୍କ ପାଖରେ ଗାଡ଼ିର ସମସ୍ତ ବୈଧ କାଗଜପତ୍ର ରହିଥିଲା। କେବଳ ହେଲ୍‌ମେଟ ପିନ୍ଧି ନ ଥିବାରୁ ପୋଲିସ ତାଙ୍କୁ ଜରିମାନା ଦେବାକୁ କହିଥିଲା। ହେଲେ ଜାକିର ଯେତେବେଳେ ନିଜର ସମସ୍ୟା କହିଲେ, ସେତେବେଳେ ପୋଲିସ ପଡ଼ିଥିଲା ଅକଳରେ। ଜାକିରଙ୍କ କହିବା କଥା, ତାଙ୍କ ମୁଣ୍ଡକୁ ଫିଟ୍ ହେବା ଭଳି ହେଲ୍‌ମେଟ ବଜାରରେ ମିଳୁନାହିଁ। ସବୁ ଦୋକାନରୁ ତାଙ୍କୁ ନିରାଶ ହେବାକୁ ପଡୁଛି। ସେ ଆଇନକୁ ସମ୍ମାନ ଦେଇ ଶିଖିଥିବା ଜଣେ ବ୍ୟକ୍ତି। ହେଲିମେଟ ନ ଥିବାରୁ ଅନେକ ସମୟରେ ତାଙ୍କୁ ଅପଦସ୍ଥ ହେବାକୁ ପଡୁଛି। ହେଲେ ସେ ଅସହାୟ। ଏ ସମ୍ପର୍କରେ ସେ ପୋଲିସକୁ ଅବଗତ କରାଇଛନ୍ତି। ଏହାକୁ ନେଇ ତାଙ୍କ ପରିବାର ଲୋକେ ମଧ୍ୟ ଚିନ୍ତାରେ ପଡ଼ିଥିବା ଜାକିର କହିଛନ୍ତି। ଏ ନେଇ ବାଡେଲିରେ ଟ୍ରାଫିକ୍ ଇନ୍ସପେକ୍ଟର ବସନ୍ତ ରାଠବା କୁହନ୍ତି, ଜାକିରଙ୍କ ସମସ୍ୟାକୁ ପୋଲିସ ହୃଦୟଙ୍ଗମ କରିପାରୁଛି। ଏଥିପାଇଁ ତାଙ୍କ ଉପରେ ଜରିମାନାର ବୋଝ ଲଦାଯାଇ ପାରିବ ନାହିଁ। ତାଙ୍କ ପାଖରେ ଗାଡ଼ିର ଅନ୍ୟ ସମସ୍ତ କାଗଜପତ୍ର ମହଜୁଦ ଅଛି।

ସୂଚନାଯୋଗ୍ୟ, କେନ୍ଦ୍ର ସରକାରଙ୍କ ପକ୍ଷରୁ ଲାଗୁ କରାଯାଇଥିବା ଜରିମାନାକୁ ଗୁଜରାଟ ରାଜ୍ୟ ସରକାର ଗତ ସପ୍ତାହରେ କୋହଳ କରିଛନ୍ତି। ରାଜ୍ୟରେ ହେଲ୍‌ମେଟ ଏବଂ ସିଟ୍‌ବେଲ୍ଟ ସମ୍ପର୍କିତ ନିୟମ ଭାଙ୍ଗିଥିବା ଚାଳକଙ୍କୁ ୧୦୦୦ ପରିବର୍ତ୍ତେ ୫୦୦ ଟଙ୍କାର ଚାଲାଣ କାଟିବାକୁ ଧାର୍ଯ୍ୟ କରାଯାଇଛି।

# ଟିକ୍‌ଟକ୍ ପ୍ରେମରେ ସବ୍ ଇନ୍ସପେକ୍ଟର

## ପୋଲିସ ପୋଷାକରେ ଭିଡିଓ କରି ଫସିଲେ

ଫେସ୍‌ବୁକ୍, ଟୁଇଟର, ଇନ୍‌ଷ୍ଟାଗ୍ରାମ୍ ପରେ ଏବେ ସମସ୍ତେ ଟିକ୍‌ଟକ୍ ମାୟାରେ ବାୟା। ଏହି ଟିକ୍‌ଟକ୍ ପ୍ରେମରେ ଫସିଛନ୍ତି ଲକ୍ଷ୍ନୌ ସିଟି ଥାନାର ସବ୍ ଇନ୍ସପେକ୍ଟର ମହମ୍ମଦ ଆରିଫ୍। ସେ ପୋଲିସ ପୋଷାକରେ ଥିବାବେଳେ ଦୁଇଟି ଭିଡିଓ ଟିକ୍‌ଟକ୍‌ରେ ପୋଷ୍ଟ କରିଛନ୍ତି, ଯାହା ଖୁବ୍ ଭାଇରାଲ ହୋଇଛି। ଗୋଟିଏ ଭିଡିଓରେ ସେ ବଲିଉଡ୍ ଅଭିନେତା ଅମିତାଭ ବଚ୍ଚନଙ୍କ ଏକ ସଂଳାପ କହୁଥିବା ଦେଖାଯାଉଛି। ସେ କହୁଛନ୍ତି,ଏଇଟା ପୋଲିସ ଷ୍ଟେଶନ। ତୁମ ବାପାଙ୍କ ଘର ନୁହେଁ। ଯେତେବେଳେ ଯାଏ ବସିବାକୁ କୁହା ନ ଯାଇଛି ସେ ପର୍ଯ୍ୟନ୍ତ ଠିଆହୋଇ ରୁହ। ସେହିଭଳି ଅନ୍ୟ ଏକ ଭିଡିଓରେ ଅଜୟ ଦେବଗନ୍‌ଙ୍କ ଡାଏଲଗ୍ 'ପୋଲିସ ସହ ବନ୍ଧୁତା କିମ୍ବା ଶତ୍ରୁତା କରିବା ଠିକ୍ ନୁହେଁ' ବୋଲି ଆରିଫ୍ କହୁଛନ୍ତି। ତାଙ୍କ ପାଖରେ ଥିବା ଏକ ଟେବୁଲ ଉପରେ ବନ୍ଧୁକ ରଖାଯାଇଥିବା ଦେଖାଯାଉଛି। ଏହି ଦୁଇ ଭିଡିଓ ଭାଇରାଲ ହେବା ପରେ ଲକ୍ଷ୍ନୌ ସିନିୟର ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୋଲିସ (ଏସ୍ଏସ୍‌ପି) କଳାନିଧି ନୈଥାନୀ ଏ ନେଇ ଆରିଫଙ୍କଠାରୁ ସ୍ପଷ୍ଟୀକରଣ ମଗାଯାଇଛି ବୋଲି ଗଣମାଧ୍ୟମକୁ କହିଛନ୍ତି। ପୋଲିସ ପୋଷାକରେ ଥିବାବେଳେ ଅନୁଶାସନ ମଧ୍ୟରେ ରହିବା କଥା। ଏ ନେଇ ସବୁ ଅଫିସରଙ୍କୁ ନିର୍ଦ୍ଦେଶ ଜାରି କରାଯାଇଛି। ମନେପକାଇ ଦିଆଯାଇପାରେ ଯେ, ଏହା ପୂର୍ବରୁ ଗୁଜରାଟର ଜଣେ ମହିଳା ପୋଲିସ ଥାନା ଭିତରେ ଡ୍ୟାନ୍ସ କରୁଥିବାର ଏକ ଭିଡିଓ ଟିକ୍‌ଟକ୍‌ରେ ପୋଷ୍ଟ କରିଥିଲେ। ଏହାପରେ ତାଙ୍କୁ ନିଲମ୍ବନ କରାଯାଇଥିଲା।



# ଡିଜିଟାଲ ନକ୍ସା ଆଙ୍କିବ ଡ୍ରୋନ୍

ସର୍ଭେ ଅଫ୍ ଇଣ୍ଡିଆ ପ୍ରଥମେ ଡ୍ରୋନ୍ ସହାୟତାରେ ଦେଶର ଡିଜିଟାଲ ନକ୍ସା କରୁଛି। ବିଜ୍ଞାନ ଓ ପ୍ରାଦ୍ୟୌଗିକ ବିଭାଗ ସହଯୋଗରେ ଏହି କାର୍ଯ୍ୟ ଦୁଇ ବର୍ଷରେ ଶେଷ ହେବ। ଏଥିପାଇଁ ତିନୋଟି ଡିଜିଟାଲ କେନ୍ଦ୍ର ମଧ୍ୟ ଖୋଲାଯାଇଛି। ସମଗ୍ର ଦେଶର ଭୌଗୋଳିକ ଡିଜିଟାଲ ଡାଟା ପ୍ରସ୍ତୁତ କରାଯିବ। ସାଟେଲାଇଟ ଦ୍ୱାରା ନିୟନ୍ତ୍ରିତ ହେଉଥିବା ଜିପିଏସ୍ ସିଷ୍ଟମ୍‌ଠାରୁ ଡିଜିଟାଲ ନକ୍ସା ଠିକ୍ ତଥ୍ୟ ଦେବ। କିନ୍ତୁ ଦେଶର ସୁରକ୍ଷା ଦୃଷ୍ଟିକୋଣରୁ କେତେକ ସମ୍ବେଦନଶୀଳ ସ୍ଥାନକୁ ଏହି ନକ୍ସାରେ ସ୍ଥାନ ଦିଆଯିବ ନାହିଁ। ସାରା ଦେଶରେ ୨୫୦୦ଟି ଗ୍ରାଉଣ୍ଡ କଣ୍ଟ୍ରୋଲ ପଏଣ୍ଟସ୍‌କୁ ଆଧାରକରି ଏହି ନକ୍ସା ପ୍ରସ୍ତୁତ କରାଯାଉଛି। ନୂଆ ନକ୍ସା ପାଇଁ ଭର୍ଚୁଆଲ ସିଓଆରଏସ (ଶତତ ସଞ୍ଚାଳନ ସନ୍ଦର୍ଭ ଷ୍ଟେଶନ)ସିଷ୍ଟମ ମଧ୍ୟ ଉପଯୋଗ କରାଯାଇଛି। ହରିୟାଣା, ମହାରାଷ୍ଟ୍ର ଓ କର୍ଣ୍ଣାଟକରେ ପ୍ରଥମେ ଏହି ଯୋଜନା ଆରମ୍ଭ କରାଯାଇଛି। ଡିଜିଟାଲ ନକ୍ସା ମାଧ୍ୟମରେ ଜମିଜମା ସମ୍ବନ୍ଧୀୟ ସବୁ ବିବରଣୀ ପ୍ରାପ୍ତ ହୋଇପାରିବ। ଭାରତରେ ଏବେ ଯେଉଁ ନକ୍ସା ପ୍ରଚଳିତ ହେଉଛି ତାହାକୁ ବ୍ରିଟିଶ ସର୍ଭେୟର କର୍ନଲ ସାର୍ ଜର୍ଜ ଏଭରେଷ୍ଟ ୧୮୩୦ ମେ୧ରେ ପ୍ରସ୍ତୁତ କରିଥିଲେ।

# 'ମନ୍ ବୈରାଗୀ'ର ପ୍ରଥମ ପୋଷ୍ଟର ରିଲିଜ୍

**ମୁମ୍ବାଇ:** ପ୍ରଯୋଜକ ସଞ୍ଜୟ ଲୀଳା ଭଂସାଲୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜୀବନୀ ଉପରେ ପ୍ରସ୍ତୁତ କରୁଛନ୍ତି ଚଳଚ୍ଚିତ୍ର। ମଙ୍ଗଳବାର ମୋଦିଙ୍କ ୬୯ତମ ଜନ୍ମଦିନ ଅବସରରେ ଫିଲ୍ମର ପ୍ରଥମ ପୋଷ୍ଟର ରିଲିଜ୍ କରାଯାଇଥିଲା। 'ମନ୍ ବୈରାଗୀ' ଶୀର୍ଷକ ଏହି ଫିଲ୍ମର ପ୍ରଥମ ଲୁକ୍ ବାହୁବଳୀ ଆକ୍ଟର ପ୍ରଭାସ ଏବଂ ବଲିଉଡ୍ ଖିଲାଡ଼ି ଅକ୍ଷୟ କୁମାର ପ୍ରଥମେ ଟୁଇଟରେ ଶେୟାର କରିଥିଲେ। ମୋଦିଙ୍କ ଜୀବନର ଅକୁହା ଓ ଅଜଣା କାହାଣୀ ଉପରେ ଆଧାରିତ ଏହି ଫିଲ୍ମଟିକୁ ବର୍ତ୍ତମାନ ପର୍ଯ୍ୟନ୍ତ ସର୍ବସମ୍ମୁଖ ଓ ଗଣମାଧ୍ୟମଠାରୁ ଦୂରରେ ରଖାଯାଇଥିଲା। ଫିଲ୍ମ 'ମନ୍ ବୈରାଗୀ'ର ପ୍ରଯୋଜନା ସଞ୍ଜୟ ଲୀଳା ଭଂସାଲୀ ଏବଂ ମହାବୀର ଜୈନ କରୁଥିବାବେଳେ କାହାଣୀ ଓ ନିର୍ଦ୍ଦେଶନା ଦାୟିତ୍ୱ ନେଇଛନ୍ତି ସଞ୍ଜୟ ତ୍ରିପାଠୀ। ଭଂସାଲୀଙ୍କ ଅନୁସାରେ ଅନେକ ଗବେଷଣା ଓ ତଥ୍ୟ ସଂଗ୍ରହ କରିବା ପରେ କାହାଣୀ ପ୍ରସ୍ତୁତ ହୋଇଛି। ମୋଦିଙ୍କ ଯୁବାବସ୍ଥାରେ ଆସିଥିବା ଏକ ଟର୍ନିଂ ପଏଣ୍ଟ ବିଷୟରେ କେହି ଜାଣନ୍ତି ନାହିଁ, ଯାହା ଜାଣିବା ପରେ ସେ ଖୁବ୍ ପ୍ରଭାବିତ ଓ ସମସ୍ତେ ଜାଣିବା ଆବଶ୍ୟକ ବୋଲି ସେ କହିଛନ୍ତି।



ପ୍ରଥମ ଲୁକ୍‌ରେ କ୍ଲୋଜ୍ ଅପ୍‌ରେ ଜଣେ ଯୁବକଙ୍କ ଚେହେରା ଦେଖିବାକୁ ମିଳିଛି। ଏହାସହ ଏକ ବସ୍ ଓ କିଛି ଦୂରରେ ଢିଲା ଶାର୍ଟ ଓ ପ୍ୟାଣ୍ଟ ପିନ୍ଧି ଝୁଲା ବ୍ୟାଗ୍ ଧରି ଏକ ଯୁବକ ମରୁଭୂମିରୁ ଯାତ୍ରା କରୁଥିବା ଦେଖିବାକୁ ମିଳିଛି। ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ଜୀବନୀ ଉପରେ ଆଧାରିତ ଫିଲ୍ମ 'ପିଏମ୍ ନରେନ୍ଦ୍ର ମୋଦି' ନାମରେ ଆଉ ଏକ ଫିଲ୍ମ ନିର୍ମାଣ ହୋଇସାରିଛି। ଯେଉଁଥିରେ ବିବେକ ଓବରୟଙ୍କୁ ମୋଦିଙ୍କ ଭୂମିକାରେ ଦେଖିବାକୁ ମିଳିଥିଲା।

# ମନ୍ଦିରକୁ ୧.୨୫ କିଲୋର ସୁନା ମୁକୁଟ ଦାନ

**ବାରଣାସୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ୬୯ ବର୍ଷରେ ପଦାର୍ପଣ କରିଛନ୍ତି। ଏହି ଅବସରରେ ତାଙ୍କ ନିର୍ବାଚନମଣ୍ଡଳୀ ବାରାଣସୀରେ ଥିବା ପ୍ରଶଂସକମାନେ ସଙ୍କଟମୋଚନ ହନୁମାନଙ୍କ ମନ୍ଦିରକୁ ୧.୨୫ କିଲୋ ଓଜନର ଏକ ସୁନା ମୁକୁଟ ଦାନ କରିଛନ୍ତି। ଅରବିନ୍ଦ ସିଂ ନାମକ ମୋଦିଙ୍କର ପ୍ରଶଂସକ ମୋଦିଙ୍କ ଜନ୍ମଦିନ ପୂର୍ବରୁ ଅର୍ଥାତ୍ ସୋମବାର ଏହି ମୁକୁଟ ମନ୍ଦିରକୁ ଦାନ କରିଥିବା ଜଣାପଡିଛି। ଅରବିନ୍ଦ କହିଛନ୍ତି ସେ ମାନସିକ କରିଥିଲେ ଯଦି ମୋଦି ଦ୍ୱିତୀୟ ଥର ଲାଗି ଶାସନ କ୍ଷମତାକୁ ଆସିବେ ତେବେ ସେ ଭଗବାନଙ୍କୁ ସୁନାର ମୁକୁଟ ଚଢାଇବେ। ଆଉ ଏହା ଫଳବତି ହେବାରୁ ସେ ମୋଦିଙ୍କ ଜନ୍ମ ଦିନରେ ଏହି ସୁନା ମୁକୁଟ ମନ୍ଦିରକୁ ଦାନ କରିଥିବା ପ୍ରକାଶ କରିଛନ୍ତି।



# କୌଣସି ଦଳରେ ଯୋଗଦେଉନି

## ଊର୍ମିଳା ମାତୋଣ୍ଡକର

ମୁମ୍ବାଇ

ଅଭିନେତ୍ରୀରୁ ରାଜନେତା ସାଜିଥିବା ଊର୍ମିଳା ମାତୋଣ୍ଡକର କଂଗ୍ରେସ ଛାଡ଼ିବା ପରେ କେଉଁ ରାଜନୈତିକ ଦଳର ହାତ ଧରିବେ, ତାକୁ ନେଇ ସସ୍‌ପେନ୍ସ ଜାରି ରହିଛି। ସେ କୌଣସି ଦଳରେ ଯୋଗଦେଉ ନାହାନ୍ତି ବୋଲି ମଙ୍ଗଳବାର ସ୍ପଷ୍ଟ କରିଛନ୍ତି। ଶିବସେନା ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେଙ୍କ ବ୍ୟକ୍ତିଗତ ସହଯୋଗୀ ମିଲିନ୍ଦ ନର୍‌ଭେକରଙ୍କ ସହ କ୍ରମାଗତ ଯୋଗାଯୋଗରେ ଥିବା ଊର୍ମିଳା ଦଳଡ଼ିଆଁ କରିପାରନ୍ତି ବୋଲି କୁହାଯାଉଛି। ଅକ୍ଟୋବରରେ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ହେବାକୁ ଯାଉଥିବାବେଳେ ଏଭଳି ସମ୍ଭାବନା ସୃଷ୍ଟିହେବା ସ୍ୱାଭାବିକ। ସାଧାରଣ ନିର୍ବାଚନ ପୂର୍ବରୁ ଊର୍ମିଳା କଂଗ୍ରେସରେ ଯୋଗଦେଇଥିଲେ। ଉତ୍ତର ମୁମ୍ବାଇ ଲୋକ ସଭା ଆସନରୁ ଦଳୀୟ ଟିକେଟ୍‌ରେ ଲଢ଼ି ଥିଲେ। ୨,୪୧,୪୩୧ ଭୋଟ ପାଇଁ ଭାଜପାର ଭୋପାଲ ସେଟ୍ଟୀଙ୍କଠାରୁ ହାରିବା ପରେ ଊର୍ମିଳା ଗତ ୧୦ ତାରିଖରେ କଂଗ୍ରେସ ପରିତ୍ୟାଗ କରିଥିଲେ। ମୁମ୍ବାଇ କଂଗ୍ରେସର ନେତାମାନେ ଦଳକୁ ସୁଦୃଢ଼ କରିବାପାଇଁ ଅକ୍ଷମ ଅଥବା ଅନିଚ୍ଛୁକ। ତେବେ ସେ କଂଗ୍ରେସ ଛାଡିବା ପରେ ମଧ୍ୟ ଲୋକଙ୍କ ଲାଗି କାମ ଜାରି ରଖିବେ ବୋଲି କହିଥିଲେ। ମହାରାଷ୍ଟ୍ର ନିର୍ବାଚନ ପୂର୍ବରୁ ସେ ଶିବସେନାରେ ଯୋଗଦେବାର ସମ୍ଭାବନା ରହିଥିବାବେଳେ ମଙ୍ଗଳବାର ସେ ଏହାକୁ ଅସ୍ୱୀକାର କରିଛନ୍ତି। କୌଣସି ଦଳରେ ଏବେ ଯୋଗଦେବାର ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଊର୍ମିଳାଙ୍କ ସମ୍ଭାବ୍ୟ ଦଳବଦଳକୁ ନେଇ କଂଗ୍ରେସ କିମ୍ବା ଶିବସେନା ପକ୍ଷରୁ କିଛି କୁହାଯାଇନାହିଁ।



# ସବୁଠୁ ମହଙ୍ଗା ପରିବା, କିଲୋ ୮୨ ହଜାର ଟଙ୍କା



ଦୁନିଆରେ ଏଭଳି ଏକ ପରିବା ରହିଛି, ଯାହା ମୂଲ୍ୟ ସାମ୍ନାରେ ଆଳୁ, ଟମାଟୋ କି ପିଆଜ ଦର ବାଲିଗୋଡି ସହ ସମାନ। ଅବିଶ୍ୱସନୀୟ ଲାଗୁଥିଲେ ମଧ୍ୟ ସତ। ପରିବାର ନାଁ ହପ୍ ଶୁଟ୍ସ। ଏହାର ମୂଲ୍ୟ କିଲୋ ପ୍ରତି ୧୦୦୦ ୟୁରୋ ବା ପ୍ରାୟ ୮୨,୦୦୦ ଟଙ୍କା। ଏହାସତ୍ତ୍ୱେ ମଧ୍ୟ ବିଭିନ୍ନ ଦେଶରେ ଏହାର ଚାହିଦା ଅଧିକ ରହିଛି। ଏହି ପରିବା ଗଛ କିଛି ମାତ୍ରାରେ ଶତାବରୀ ସଦୃଶ ଦେଖାଯାଏ। କିଛି ଲୋକ ଏହାକୁ ତରକାରୀ ବ୍ୟତୀତ ଆଚାର କରି ଖାଇଥାନ୍ତି। ଏଥିରେ ଥିବା ଫୁଲ ପାଟିକୁ ଖୁବ୍ ରାଗ ଲାଗିଥାଏ। ବ୍ରିଟେନ୍, ଜର୍ମାନୀ ସମେତ ଅନ୍ୟ ୟୁରୋପୀୟ ଦେଶରେ ବାଇଗଣୀ ରଙ୍ଗର ଏହି ପରିବାକୁ କେବଳ ବସନ୍ତ ଋତୁରେ ଚାଷ କରାଯାଏ। ଗଛର ସବୁଠୁ ବଡ଼ ବିଶେଷତ୍ୱ ହେଉଛି ଏହା ଗୋଟିଏ ଦିନରେ ୬ ଇଞ୍ଚ ପର୍ଯ୍ୟନ୍ତ ବଢ଼ିଥାଏ। ଭାରତର ହିମାଳୟ କ୍ଷେତ୍ର ହପ୍ ଶୁଟ୍ସର ଅନ୍ୟ ଏକ ପ୍ରକାର ପରିବାର ଚାଷ କରାଯାଏ, ଯାହାକୁ ସ୍ୱଞ୍ଚ ମଶରୁମ୍ ବୋଲି କୁହାଯାଏ।

## ଘର ସଜାଇବାରେ ବ୍ୟବହାର ହେଉଥିଲା ପପ୍‌କର୍ନ

ପପକର୍ନକୁ ୪ହଜାର ବର୍ଷ ପୂର୍ବେ ଖାଇବା ପରିବର୍ତ୍ତେ ଲୋକେ ଘର ସଜାଇବା ଓ ଅଳଙ୍କାର ତିଆରି କରିବାରେ ବ୍ୟବହାର କରୁଥିଲେ। ପ୍ରଥମେ ଆମେରିକାର ମୂଳ ବାସିନ୍ଦା ଏହାକୁ ଖାଇବା ଆରମ୍ଭ କରିଥିଲେ। ଏହାପରେ ଆମେରିକାରେ ରହୁଥିବା ୟୁରୋପୀୟମାନେ ଏହାକୁ ଖାଇବା ଆରମ୍ଭ କରିଥିଲେ। ପ୍ରଥମ କରି ବିଶ୍ୱରେ ୧୩୪ ବର୍ଷ ପୂର୍ବେ ଅର୍ଥାତ୍ ୧୮୮୫ରେ ପପକର୍ନ ବା ମକା ଭାଜିବା ମେଶିନ୍ ଆସିଥିଲା। ଆମେରିକାର ଚାର୍ଲସ କ୍ରେଟର ଏହାକୁ ତିଆରି କରିଥିଲେ। ପ୍ରକୃତରେ ସେ ସମୟରେ ସେ ବାଦାମ ଭାଜିବାକୁ ମେଶିନ୍ ତିଆରି କରୁକରୁ ଏହା ଭୁଲ୍ ବଶତଃ ପପକର୍ନ ଭାଜିବା ମେଶିନରେ ପରିଣତ ହୋଇଥିଲା। ଇତିହାସ କହେ ୪ହଜାର ବର୍ଷ ତଳେ ପ୍ରଥମେ ନ୍ୟୁ ମେକ୍ସିକୋରେ ପପକର୍ନ ଦେଖିବାକୁ ମିଳିଥିଲା। ହେଲେ ଏହାକୁ ଖିଆଯାଏ ବୋଲି କେହି ଜାଣି ନ ଥିଲେ। ସେଥିପାଇଁ ଏହାକୁ ଘର ସଜାଇବା ଓ ଗହଣା ତିଆରି କରିବାରେ ବ୍ୟବହାର କରାଯାଉଥିଲା। ଐତିହାସିକ ଏଣ୍ଡ୍ରୁ ସ୍ମିଥଙ୍କ ମତରେ ଚାର୍ଲସ କ୍ରେଟର ଓ ତାଙ୍କ ସହଯୋଗୀ ପପକର୍ନ ମେଶିନକୁ ୧୮୯୩ରେ ୱାର୍ଲ୍ଡ ଫେୟାର ନେଇ ଯାଇଥିଲେ। ସେଠାରେ ସେ ଲୋକଙ୍କୁ ଡାକି ଡାକି ପପକର୍ନ ଖାଇବାକୁ ଦେଉଥିଲେ। ଆଉ ଯଦି କେହି ମେଶିନ କିଣୁଥିଲେ ତାଙ୍କୁ ଗୋଟିଏ ବ୍ୟାଗ୍ ମାଗଣାରେ ଦେଉଥିଲେ। ହେଲେ ଆଜି ଚାର୍ଲସ କ୍ରେଟରଙ୍କ କମ୍ପାନୀ ଆମେରିକାରେ ପପକର୍ନ ମେଶିନ ପ୍ରସ୍ତୁତ କରୁଥିବା ସବୁଠାରୁ ବଡ କମ୍ପାନୀ ବୋଲି କୁହାଯାଉଛି।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉପକୂଳ ଓ ଦକ୍ଷିଣ କେନ୍ଦ୍ରୀୟ ଓଡ଼ିଶାର କେତେକ ଜିଲାରେ ପାଗ ମେଘୁଆ ରହିବା ସହ ବର୍ଷା ଓ ଘଡ଼ଘଡ଼ି ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**–ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୫ ଡିଗ୍ରୀ ଏବଂ ସର୍ବନିମ୍ନ ୨୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
| --- | --- | --- |
| ବାଲେଶ୍ୱର | ୩୩.୨ | ୨୫.୦ |
| ଚାନ୍ଦବାଲି | ୩୫.୮ | ୨୭.୦ |
| କଟକ | ୩୩.୦ | ୨୪.୦ |
| ପାରାଦ୍ୱୀପ | ୩୩.୦ | ୨୭.୯ |
| ଭୁବନେଶ୍ୱର | ୩୪.୨ | ୨୫.୯ |
| ଗୋପାଳପୁର | ୩୪.୯ | ୨୭.୬ |
| ପୁରୀ | ୩୩.୨ | ୨୭.୦ |
| ଅନୁଗୋଳ | ୩୫.୧ | ୨୨.୦ |
| ବାରିପଦା | ୩୩.୪ | ୨୬.୦ |
| ଝାରସୁଗୁଡ଼ା | ୩୩.୬ | ୨୫.୮ |
| କେନ୍ଦୁଝର | ୩୧.୬ | ୨୩.୨ |
| ସମ୍ବଲପୁର | ୩୪.୮ | ୨୫.୬ |
| ସୁନ୍ଦରଗଡ଼ | ୨୯.୦ | ୨୧.୫ |
| ହୀରାକୁଦ | ୩୩.୩ | ୨୬.୩ |
| ତାଳଚେର | ୩୩.୩ | ୨୪.୬ |
| ଭବାନୀପାଟଣା | ୩୪.୦ | ୨୪.୬ |
| ବଲାଙ୍ଗୀର | ୩୪.୦ | ୨୬.୦ |
| କୋରାପୁଟ | ୩୧.୦ | ୨୦.୦ |
| ଫୁଲବାଣୀ | ୩୮.୮ | -- |
| ଟିଟିଲାଗଡ଼ | ୩୫.୦ | ୨୧.୦ |
| ମାଲକାନଗିରି | ୨୯.୨ | -- |
| ସୋନପୁର | ୩୪.୨ | ୨୨.୨ |
| ଦାରିଙ୍ଗିବାଡ଼ି | ୨୯.୯ | ୧୯.୦ |

ଡିଗ୍ରୀ ସେଲ୍‌ସିୟସ୍

# ମୋଦିଙ୍କୁ ସମ୍ମାନିତ କରିବ ବିଲ୍ ଆଣ୍ଡ୍ ମେଲିଣ୍ଡା ଗେଟ୍‌ସ୍ ଫାଉଣ୍ଡେଶନ



## ସ୍ୱଚ୍ଛ ଭାରତ ଅଭିଯାନ ପାଇଁ ଗ୍ଲୋବାଲ ଗୋଲ୍ସ ଆୱାର୍ଡ

**ନ୍ୟୁୟର୍କ:** ସ୍ୱଚ୍ଛ ଭାରତ ଅଭିଯାନ ଦିଗରେ ଦୃଢ଼ ସଂକଳ୍ପ ଓ ନେତୃତ୍ୱ ପାଇଁ ବିଲ୍ ଆଣ୍ଡ୍ ମେଲିଣ୍ଡା ଗେଟ୍‌ସ୍ ଫାଉଣ୍ଡେଶନ୍ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ 'ଗ୍ଲୋବାଲ ଗୋଲ୍ସ ଆୱାର୍ଡ' ପ୍ରଦାନ କରାଯିବ। ଜାତିସଂଘ ସାଧାରଣ ସଭା ସେସନ୍‌ରେ ଯୋଗଦେବାକୁ ମୋଦି ନ୍ୟୁୟର୍କ ଗସ୍ତ କରିବେ। ଏହି ଅବସରରେ ବ୍ଲୁମ୍‌ବର୍ଗ ଗ୍ଲୋବାଲ ବିଜ୍‌ନେସ୍ ଫୋରମଠାରେ ସେ ବିଶ୍ୱ ସମୁଦାୟ ଏବଂ କର୍ପୋରେଟ୍ ଅଧିକାରୀମାନଙ୍କୁ ସମ୍ବୋଧିତ କରିବେ।

ପ୍ରଧାନମନ୍ତ୍ରୀ ମୋଦିଙ୍କୁ ୨୦୧୯ ବର୍ଷ ପାଇଁ 'ଗ୍ଲୋବାଲ ଗୋଲ୍ସ ଆୱାର୍ଡ' ପ୍ରଦାନ କରାଯିବ। ଯେଉଁ ନେତାମାନେ ନିଜ ମହତ୍‌କାର୍ଯ୍ୟ ଦ୍ୱାରା ଦେଶ ଓ ବିଶ୍ୱସ୍ତରରେ ପ୍ରଭାବ ପକାଇବା ଦିଗରେ ସଂକଳ୍ପବଦ୍ଧ ସେହି ବ୍ୟକ୍ତିତ୍ୱଙ୍କୁ ଏହି ବିଶେଷ ସମ୍ମାନ ପ୍ରଦାନ କରାଯାଇଥାଏ। ପ୍ରଧାନମନ୍ତ୍ରୀ ୨୦୧୪ ଅକ୍ଟୋବର ୨ରୁ ସ୍ୱଚ୍ଛ ଭାରତ ମିଶନ୍ ଏକ ମହତ୍ ଉଦ୍ଦେଶ୍ୟ ସହ ଆରମ୍ଭ କରିଥିଲେ। ଏହି ଅଭିଯାନର ଲକ୍ଷ୍ୟ ଥିଲା ସାରା ଦେଶବାସୀଙ୍କୁ ସ୍ୱଚ୍ଛତା ଦିଗରେ ସଚେତନ କରାଇବା ଉଦ୍ଦେଶ୍ୟ ରହିଥିଲା ଗାନ୍ଧିଜୀଙ୍କ ୧୫୦ତମ ଜନ୍ମବାର୍ଷିକୀ ଅବସରରେ ଏକ ଶ୍ରଦ୍ଧାଞ୍ଜଳିପୂର୍ବକ ସାର୍ବଜନୀନ ସ୍ୱଚ୍ଛତା କ୍ଷେତ୍ରରେ ଏହି ଅଭିଯାନକୁ ଫଳପ୍ରଦ କରାଇ ମିଶନ୍‌କୁ ତ୍ୱରାନ୍ୱିତ କରିବା। ଏହି ଅଭିଯାନ ମାଧ୍ୟମରେ ୨୦୧୯ ଅକ୍ଟୋବର ୨ ମଧ୍ୟରେ ସର୍ବସାଧାରଣରେ ଶୌଚ ନ କରିବାକୁ ବର୍ତ୍ତମାନ ସୁଦ୍ଧା ୯ କୋଟି ଶୌଚାଳୟ ନିର୍ମାଣ କରାଯାଇଥିବାବେଳେ ଗ୍ରାମୀଣ ସ୍ୱଚ୍ଛତା କାର୍ଯ୍ୟକାରିତା ୯୮% ଗ୍ରାମରେ ଫଳପ୍ରଦ ହୋଇପାରିଛି। ୪ବର୍ଷ ପୂର୍ବେ ଗ୍ରାମୀଣ ସ୍ୱଚ୍ଛତା କାର୍ଯ୍ୟକାରିତା କେବଳ ୩୮% ଥିଲା। ଫାଉଣ୍ଡେଶନ ପକ୍ଷରୁ ଆସନ୍ତା ୨୪ ତାରିଖରେ ୪ର୍ଥ ଆନୁଆଲ୍ ଗୋଲ୍‌କିପର୍ସ 'ଗ୍ଲୋବାଲ ଗୋଲ୍ସ ଆୱାର୍ଡ' ପ୍ରଦାନ କାର୍ଯ୍ୟକ୍ରମର ଆୟୋଜନ କରାଯିବ। ଏହି ଅବସରରେ ୫୦କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କୁ ସ୍ୱଚ୍ଛତା ପ୍ରଦାନ କରିଥିବାରୁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ୪ର୍ଥ ଗୋଲ୍‌କିପର୍ ଭାବେ 'ଗ୍ଲୋବାଲ ଗୋଲ୍ସ ଆୱାର୍ଡ' ପ୍ରଦାନ କରାଯିବ ବୋଲି ଫାଉଣ୍ଡେଶନ ପକ୍ଷରୁ ସୂଚନା ମିଳିଛି।



ଯାହା ହୁଏତ କେବେ ଘଟିବ ନାହିଁ, ତାହା ପାଇଁ ଉଦ୍‌ବେଗ ଭିତରେ ରହିବା ଦ୍ୱାରା ବହୁ ଶକ୍ତିର ଅପଚୟ ହୋଇଥାଏ।
- ଫ୍ରାଙ୍କ୍‌ଲିନ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ପୂର୍ବାହ୍ନ ୧୦ଟାରୁ ରାତି ୧୦ଟା।
- ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ୩୭ତମ ପ୍ରତିଷ୍ଠା ଦିବସ, ସୂଚନା ଭବନ, ପୂର୍ବାହ୍ନ ୧୧।
- ଟାଇମ୍ ପାସ ପକ୍ଷରୁ ପୁସ୍ତକ ଉନ୍ମୋଚନ ସମାରୋହ, ହୋଟେଲ କେଶରୀ, ସନ୍ଧ୍ୟା ୬ଟା।

**କଟକ**

- ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ଏମ୍‌ପି ସାରଙ୍ଗଧର ଦାସଙ୍କ ୬୨ତମ ଶ୍ରାଦ୍ଧବାର୍ଷିକୀ ପାଳନ, ସାରଙ୍ଗଧର ଦାସଙ୍କ ସମାଧିପୀଠ, ସତୀଚଉରା ଶ୍ମଶାନ, ସକାଳ ୮ଟା ୩୦।
- ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ସତ୍‌ସଙ୍ଗ କାର୍ଯ୍ୟକ୍ରମ, ବିଶ୍ୱବିଦ୍ୟାଳୟ ପରିସର, ଅରିଲୋ, ସନ୍ଧ୍ୟା ୬ଟା।

## ଅଜିତ୍ ପଟ୍ଟନାୟକଙ୍କୁ ନୂତନ ନିଯୁକ୍ତି

**କଟକ ଅଫିସ, ୧୭ା୯:** ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ କ୍ରମେ ବାଲେଶ୍ୱରରେ ଅବସ୍ଥାପିତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର (ପି.ପି)ଅଜିତ୍ କୁମାର ପଟ୍ଟନାୟକଙ୍କୁ ଭୁବନେଶ୍ୱର ଭିଜିଲାନ୍ସ ସ୍ୱତନ୍ତ୍ର ଅଦାଲତରେ ପବ୍ଲିକ ପ୍ରସିକ୍ୟୁଟର ଭାବେ ନିଯୁକ୍ତି ଦିଆଯାଇଛି। ପଟ୍ଟନାୟକ ୨୦୧୨ରୁ ୨୦୧୮ ପର୍ଯ୍ୟନ୍ତ କଟକରେ ପବ୍ଲିକ ପ୍ରସିକ୍ୟୁଟର ଭାବେ କାର୍ଯ୍ୟ କରୁଥିଲେ। ସେ ବହୁ ଚର୍ଚ୍ଚିତ ମାଜିଷ୍ଟ୍ରେଟ ହତ୍ୟା ମାମଲା, ମହିମା ମିଶ୍ରଙ୍କ ବିରୋଧରେ ଖାନନଗର ବୋମାମାଡ଼ ଓ ଧଳସାମନ୍ତ ଭ୍ରାତାଙ୍କ ବିରୋଧରେ ମାମଲା ପରିଚାଳନା କରିଥିଲେ। ସେହିପରି ଗଞ୍ଜାମରେ ପବ୍ଲିକ ପ୍ରସିକ୍ୟୁଟର ରମେଶ ଜେନାଙ୍କ ବିରୋଧରେ ଚିକେନ୍ ରବି ହତ୍ୟା ଓ ଜମି ହଡ଼ପ, ପୂର୍ବତନ ମେୟରଙ୍କ ବିରୋଧରେ ଦାଦାବଟି ଆଦାୟ ଆଦି ମାମଲା ପରିଚାଳନା କରିଥିଲେ। ପଟ୍ଟନାୟକଙ୍କୁ ଉଚ୍ଚ ଦଣ୍ଡହାର ପାଇଁ ଗତ ଜାନୁୟାରୀରେ ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ସମ୍ବର୍ଦ୍ଧିତ କରିଥିଲେ।

### ଓଡ଼ିଆକୁ ବଞ୍ଚାଇ ରଖିବାର ପ୍ରୟାସ

# ଲୋକପ୍ରିୟ ହେଉଛି 'ଖାଣ୍ଟି କଟକିଆ'

**ଭୁବନେଶ୍ୱର,୧୭ା୯(ବ୍ୟୁରୋ)**






**ସର୍ଟ ଫିଲ୍ମ ଏବଂ ଡକ୍ୟୁମେଣ୍ଟାରୀ ପାଇଁ ଚାଲିଛି ପ୍ରକ୍ରିୟା**

ଷ୍ଟାଣ୍ଡଅପ୍ କମେଡି, ଓପନ୍ ମାଇକ୍, ମ୍ୟୁଜିକ୍ ଭିଡ଼ିଓ ଏବଂ କ୍ଷୁଦ୍ର ଓଡ଼ିଆ ଚଳଚ୍ଚିତ୍ର। କେବଳ ଏତିକି ନୁହେଁ, ଖାଣ୍ଟି ଓଡ଼ିଆ ଶବ୍ଦ ଓ ହଜିଯାଉଥିବା ଢଗକୁ ନେଇ ଏକ ନିଆରା ମର୍ଚାଣ୍ଡାଇଜ୍ ବ୍ରାଣ୍ଡ୍। ଏଭଳି ବିଭିନ୍ନ ମାଧ୍ୟମରେ ଯୁବପିଢିଙ୍କ ମଧ୍ୟରେ ଓଡ଼ିଆକୁ ଲୋକପ୍ରିୟ କରାଇବାର ପ୍ରୟାସ କରୁଛି 'ଖାଣ୍ଟି କଟକିଆ'। ଫେସ୍‌ବୁକ୍‌ର ଏକ ଛୋଟ ପେଜ୍‌ରୁ ଆରମ୍ଭ ହୋଇଥିବା ଖାଣ୍ଟି କଟକିଆ ଆଜି ସାରା ଓଡ଼ିଶାରେ ଏକ ଲୋକପ୍ରିୟ ଗ୍ରୁପ୍ ଭାବେ ପରିଚିତ। ବିଭିନ୍ନ ସମୟରେ ଷ୍ଟାଣ୍ଡ୍ ଅପ୍ ଶୋ', ଓପନ୍ ମାଇକ୍ ଇଭେଣ୍ଟ ଆଦିର ଆୟୋଜନ କରୁଥିବା ଏହି ଗ୍ରୁପ୍ ଯୁବ କଳାକାରମାନଙ୍କୁ ଏକ ଉତ୍କୃଷ୍ଟ ପ୍ଲାଟଫର୍ମ ଯୋଗାଇ ଦେବାସହ ଉପାର୍ଜିତ ଅର୍ଥକୁ ସମାଜ ପାଇଁ କିଛି ଭଲ କରିବାରେ ଉପଯୋଗ କରିଥାଏ। ଯାହାକି ଏହି ଗ୍ରୁପ୍‌ର ଆଉ ଏକ ସ୍ୱତନ୍ତ୍ରତା।

୨୦୧୬ରେ ସନ୍ଦୀପ ଆଚାର୍ଯ୍ୟଙ୍କ ଦ୍ୱାରା 'ଖାଣ୍ଟି କଟକିଆ' ନାମରେ ଆରମ୍ଭ ହୋଇଥିବା ଏହି ଫେସ୍‌ବୁକ୍ ପେଜ୍ ଓଡ଼ିଆ ମିମ୍‌ସ ସହ କଟକ ଉପରେ ବିଭିନ୍ନ ହାସ୍ୟକଥା ଲେଖି ଲୋକପ୍ରିୟତା ହାସଲ କରିଥିଲା। ଧୀରେ ଧୀରେ କଟକରୁ ସାରା ଓଡ଼ିଶାକୁ ବ୍ୟାପିବା ସହ ବର୍ତ୍ତମାନର ଯୁବପିଢିଙ୍କ ମଧ୍ୟରେ ହଜିଯାଉଥିବା ଓଡ଼ିଆ ଭାଷାକୁ ବଞ୍ଚାଇ ରଖିବାର ପ୍ରୟାସ ଆରମ୍ଭ କରିଥିଲା। ମିମ୍‌ସରୁ ଆରମ୍ଭ ହୋଇଥିବା ଖାଣ୍ଟି କଟକିଆ ପରେ ପରେ ସହରର ବିଭିନ୍ନ ସ୍ଥାନରେ ଓପନ ମାଇକ୍ ଇଭେଣ୍ଟ ଆୟୋଜନ କରିଥିଲା। ସବୁଠାରୁ ବଡ଼କଥା ହେଉଛି ବର୍ତ୍ତମାନ ସୁଦ୍ଧା ଏହା ୧୦ରୁ ଊର୍ଦ୍ଧ୍ୱ ଓପନ୍ ମାଇକ୍ ଇଭେଣ୍ଟ ଆୟୋଜନ କରିସାରିଥିବାବେଳେ ପ୍ରତି ଇଭେଣ୍ଟରୁ ମିଳୁଥିବା ଅର୍ଥକୁ ଏମାନେ ସାମାଜିକ କାମରେ ବିନିଯୋଗ କରିଛନ୍ତି। କଟକରେ ଥିବା ବିଭିନ୍ନ ଅନାଥାଶ୍ରମକୁ ଏହି ଗ୍ରୁପ୍ ସମସ୍ତ ଅର୍ଥ ଦାନ କରିଥାନ୍ତି। ସନ୍ଦୀପ ପ୍ରଥମେ ଏକା ଷ୍ଟାଣ୍ଡଅପ୍ ଶୋ' କରୁଥିବାବେଳେ ଏବେ ୪ରୁ ୫ଜଣ ଯୁବ କଳାକାର ଟିମ୍‌ରେ ସାମିଲ ହୋଇଛନ୍ତି। ଉଚିତ୍ ପ୍ଲାଟଫର୍ମ ପାଇ ପାରୁନଥିବା ପ୍ରତିଭାବାନ୍ କଳାକାରମାନଙ୍କୁ ଏହା ଏକ ମଞ୍ଚ ପ୍ରଦାନ କରିଛି। କ୍ଷୁଦ୍ର ଚଳଚ୍ଚିତ୍ର ଜଗତରେ ଓଡ଼ିଶାର ନାମ ବହୁ ପଛରେ ଥିବାବେଳେ ଏହାକୁ ପ୍ରମୋଟ କରିବାକୁ ଟିମ୍ ପକ୍ଷରୁ ଓଡ଼ିଆ ସର୍ଟ ଫିଲ୍ମ ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ସ୍ୱଳ୍ପ ବଜେଟରେ କିଭଳି ମୌଳିକଧର୍ମୀ କାହାଣୀକୁ ନେଇ ସର୍ଟ ଫିଲ୍ମ ଏବଂ ଡକ୍ୟୁମେଣ୍ଟାରୀ ପ୍ରସ୍ତୁତ ହୋଇପାରିବ ସେଦିଗରେ ଏହା କାମ କରୁଛି। ଏହାସହ ଜିରୋ ବଜେଟରେ ମ୍ୟୁଜିକ୍ ଭିଡ଼ିଓ ପ୍ରସ୍ତୁତ କରୁଛି ଖାଣ୍ଟି କଟକିଆ, ଯାହାକି ଏହି ଗ୍ରୁପ୍‌ର ଆଉ ଏକ ମାଇଲ୍‌ଷ୍ଟୋନ୍। ଏବେ ହଜିଯାଉଥିବା ଓଡ଼ିଆ ଶବ୍ଦ ଏବଂ ଢଗଢମାଳିକୁ ନେଇ ଏକ ମର୍ଚାଣ୍ଡାଇଜ୍ କ୍ଲୋଦିଂ ବା ପୋଷାକ ବ୍ରାଣ୍ଡ୍ ଆରମ୍ଭ କରିଛି। ଯୁବପିଢିଙ୍କ ମଧ୍ୟରେ ଓଡ଼ିଆ ଭାଷା ପ୍ରତି ଆଗ୍ରହ ସୃଷ୍ଟି କରିବାକୁ ଖାଣ୍ଟି କଟକିଆ ଏଭଳି ଏକ ଅଭିନବ ପ୍ରୟାସ ଆରମ୍ଭ କରିଥିବାବେଳେ ଏହା ବିଶେଷଭାବେ ଆଦୃତ ହୋଇଛି। ଆଗକୁ ଓଡ଼ିଆ ଭାଷା, ଓଡ଼ିଆ ଫିଲ୍ମ କ୍ଷେତ୍ରରେ କାର୍ଯ୍ୟ କରିବାକୁ ଲକ୍ଷ୍ୟ ରଖିଥିବା ଖାଣ୍ଟି କଟକିଆ ଓଡ଼ିଆ କଳାକାରମାନଙ୍କୁ ଏକ ଉତ୍କୃଷ୍ଟ ପ୍ଲାଟଫର୍ମ ଯୋଗାଇଦେବ ବୋଲି ସନ୍ଦୀପ କହିଛନ୍ତି।

### ନିଆରା ଢଙ୍ଗରେ ଜନ୍ମଦିନ ପାଳିଲେ ଆକାଶ

# ବରିଷ୍ଠ ନାଗରିକଙ୍କୁ ଶ୍ରୀକ୍ଷେତ୍ର ବୁଲାଇଲେ



**ପୁରୀ ଅଫିସ, ୧୭ା୯**

**ମହାପ୍ରଭୁଙ୍କୁ ଦର୍ଶନ ସହ ମହାପ୍ରସାଦ ସେବନ କରାଇଲେ**

ନିଆରା ଢଙ୍ଗରେ ଜନ୍ମଦିନ ପାଳିଛନ୍ତି ସିନେ ଅଭିନେତା ତଥା ମୋ କଲେଜ ଅଧକ୍ଷ ଆକାଶ ଦାସ ନାୟକ। ମଙ୍ଗଳବାର ଆକାଶ ଅସହାୟ ବୃଦ୍ଧାବୃଦ୍ଧଙ୍କ ଗହଣରେ ପାଳିଛନ୍ତି ଜନ୍ମଦିନ। ୨୦ ଜଣ ବରିଷ୍ଠ ନାଗରିକଙ୍କୁ ଶ୍ରୀକ୍ଷେତ୍ର ବୁଲାଇଛନ୍ତି। ମହାପ୍ରଭୁଙ୍କୁ ଦର୍ଶନ କରାଇବା ସହ ସେମାନଙ୍କୁ ମହାପ୍ରସାଦ ସେବନ କରାଇଛନ୍ତି।

ପୂର୍ବାହ୍ନରେ ଆକାଶ ଏବଂ ଟିମ୍ ଉତ୍ତର ସ୍ୱେଚ୍ଛାସେବୀମାନେ ଭୁବନେଶ୍ୱରସ୍ଥିତ ଶ୍ରୀକ୍ରିଷ୍ଣା ଜରାଶ୍ରମର ୨୦ ଅନ୍ତେବାସୀଙ୍କୁ ଏକ ବସ୍‌ରେ ଆଣି ସମୁଦ୍ରକୂଳରେ ପହଞ୍ଚିଥିଲେ। ସମୁଦ୍ର କୂଳରେ ପ୍ରାୟ ଦେଢ ଘଣ୍ଟା ବିତାଇବା ପରେ ଶ୍ରୀମନ୍ଦିରକୁ ଯାଇଥିଲେ। ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ବେଢା ପରିସର ବିଭିନ୍ନ ମନ୍ଦିର ବୁଲିଥିଲେ ବରିଷ୍ଠ ନାଗରିକ। ଏହାପରେ ସମସ୍ତେ ଆନନ୍ଦ ବଜାରରେ ବସି ମହାପ୍ରସାଦ ସେବନ କରି ଫେରିଯାଇଥିଲେ। ଆକାଶଙ୍କ ସହ ସ୍ତ୍ରୀ ଶୁଭ୍ରାଜ୍ୟୋତି, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉତ୍ତର ୨୦ ଏବଂ ଉଇ ଫର୍ ୟୁର ୫ ଜଣ ସଦସ୍ୟ ଥିଲେ। ଏଭଳି ୧୦ ବର୍ଷ ହେଲା ନିଆରା ଢଙ୍ଗରେ ଜନ୍ମଦିନ ପାଳୁଥିବା ଆକାଶ କହିଛନ୍ତି, ଖୁସି ବାଣ୍ଟିଲେ ବଢ଼େ। କାହା ମୁହଁରେ ଯଦି ଟେନାଏ ହସ ଫୁଟାଇ ପାରିବା ତେବେ ଆମ ଜୀବନ ବି ଆନନ୍ଦମୟ ହୋଇଉଠିବ।

# 'କ୍ରାନ୍ତିଧାରା' ପାଇବ ଏସିଆନ୍ ଏକ୍ସଲେଣ୍ଟ୍ ଫିଲ୍ମ ଆୱାର୍ଡ

**ଭୁବନେଶ୍ୱର,୧୭ା୯(ବ୍ୟୁରୋ)**

ଓଡ଼ିଆ ଚଳଚ୍ଚିତ୍ର 'କ୍ରାନ୍ତିଧାରା' ସମ୍ମାନଜନକ ଚଳଚ୍ଚିତ୍ର ପୁରସ୍କାର 'ଏସିଆନ୍ ଏକ୍ସଲେଣ୍ଟ୍ ଫିଲ୍ମ ଆୱାର୍ଡ' ପାଇବାକୁ ମନୋନୀତ ହୋଇଛି। ଦକ୍ଷିଣ କୋରିଆର ସିଓଲ୍‌ଠାରେ ଅନୁଷ୍ଠିତ ହେବାକୁ ଥିବା ସିଓଲ୍ ଅନ୍ତର୍ଜାତୀୟ ୟୁଥ୍ ଫିଲ୍ମ ଫେଷ୍ଟିଭାଲ୍‌ରେ 'କ୍ରାନ୍ତିଧାରା'କୁ ଏହି ପୁରସ୍କାର ପ୍ରଦାନ କରାଯିବ। ଏହାସହ ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ଅତିଥିଭାବେ ଯୋଗଦେବାକୁ ଫିଲ୍ମର ନିର୍ଦ୍ଦେଶକ ହିମାଂଶୁ ଖଟୁଆଙ୍କୁ ଫେଷ୍ଟିଭାଲ୍ କମିଟି ପକ୍ଷରୁ ନିମନ୍ତ୍ରିତ କରାଯାଇଛି। ବିଶ୍ୱ ଚଳଚ୍ଚିତ୍ର ଜଗତରେ ଏସିଆନ୍ ଏକ୍ସଲେଣ୍ଟ୍ ଚଳଚ୍ଚିତ୍ର ପୁରସ୍କାର ଏକ ଗୁରୁତ୍ୱପୂର୍ଣ୍ଣ ସମ୍ମାନ। ଓଡ଼ିଆ ଫିଲ୍ମ 'କ୍ରାନ୍ତିଧାରା'କୁ ଏହି ସମ୍ମାନ ମିଳିବା ଦ୍ୱାରା ବିଶ୍ୱ ଦରବାରରେ ଓଡ଼ିଆ ଫିଲ୍ମକୁ ଏକ ସ୍ୱତନ୍ତ୍ର ସ୍ଥାନ ମିଳିବ। ଡ. ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା କାଦମ୍ବିନୀ ମିଡ଼ିଆ ବ୍ୟାନରରେ ନିର୍ମିତ ଏହି ଚଳଚ୍ଚିତ୍ରର ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ହିମାଂଶୁ ଖଟୁଆ ଦେଇଥିବାବେଳେ ଡ. ଇତି ସାମନ୍ତଙ୍କ କ୍ଷୁଦ୍ରଗଳ୍ପ 'ଝଡ଼ପରର ସୂର୍ଯ୍ୟ'ର କାହାଣୀ ଉପରେ ଏହା ଆଧାରିତ। ରାଜନୈତିକ ପ୍ରେକ୍ଷାପଟରେ ଜଣେ ନାରୀର ସଂଘର୍ଷମୟ ଗାଥାକୁ ଏକ ସକାରାତ୍ମକ ଦିଗରେ ଏଥିରେ ଉପସ୍ଥାପିତ କରାଯାଇଛି। ପୂର୍ବରୁ ଏହି ଚଳଚ୍ଚିତ୍ର ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ହାସଲ କରିଥିବାବେଳେ ବହୁ ଜାତୀୟ ଓ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହୋଇ ପ୍ରଶଂସିତ ହୋଇଛି। ଫିଲ୍ମର ମୁଖ୍ୟ ଭୂମିକାରେ ଗାର୍ଗୀ ମହାନ୍ତି ଅଭିନୟ କରିଥିବାବେଳେ ଅନ୍ୟାନ୍ୟ ପ୍ରମୁଖ ଭୂମିକାରେ ସମରେଶ ରାଉତରାୟ, ଦେବାଶିଷ ପାତ୍ର, ପ୍ରିୟ ମିଶ୍ର, ବିଜୟଲକ୍ଷ୍ମୀ ପ୍ରହରାଜ, ବିଦ୍ୟୁତପ୍ରଭା ପଟ୍ଟନାୟକ, ଭକ୍ତ ପ୍ରହ୍ଲାଦ ଚରଣ ପଟ୍ଟନାୟକ ଏବଂ ଚୌଧୁରୀ ଜୟପ୍ରକାଶ ଦାସ ଅଭିନୟ କରିଛନ୍ତି।






# ତୋରଣରେ ଜମ୍ମୁ-କଶ୍ମୀର ପ୍ୟାଲେସ






**କଟକ ରୋଡ,୭ା୯(ଡି.ଏନ୍.ଏ.)**

- ପାରମ୍ପରିକ ବାଦ୍ୟ ଉପରେ ଗୁରୁତ୍ୱ
- ଅଷ୍ଟମୀରେ ଖେଚୁଡ଼ି, ଦଶମୀରେ ଦହି ପଖାଳ ଭୋଗ

ଚଳିତ ବର୍ଷ ବଣିଖାଲ ଦୁର୍ଗାପୂଜା ସମିତି ୫୬ବର୍ଷରେ ପଦାର୍ପଣ କରିଛି। ପୂର୍ବରୁ ଅନେକ ତୋରଣ ନେଇ ଚର୍ଚ୍ଚାକୁ ଆସିଥିବା ପୂଜା ସମିତି ଏ ବର୍ଷ ସହରାଞ୍ଚଳ ରାସ୍ତା କଡରେ ଜମ୍ମୁ-କଶ୍ମୀର ପ୍ୟାଲେସ ନିର୍ମାଣ କରିବ। ତୋରଣର ଉଚ୍ଚତା ୮୦ଫୁଟ ଓ ଓସାର ୧୨୦ଫୁଟ ରହିବ। ଯାହାକି ମୁଖ୍ୟ ଆକର୍ଷଣ ହେବ ବୋଲି ସମିତି ଅବାହକ ପର୍ଶୁରାମ ଜେନା କହିଛନ୍ତି। ସେହିଭଳି ମେଢ ଓ ମୂର୍ତ୍ତିର ଉଚ୍ଚତା ୨୨ଫୁଟ ରଖାଯିବା ପାଇଁ ସ୍ଥିର ହୋଇଛି। ଏ ନେଇ ପୂଜା ବଜେଟ ୩୫ଲକ୍ଷ ଟଙ୍କା ରଖାଯାଇଥିବା କର୍ମକର୍ତ୍ତାଙ୍କ ପକ୍ଷରୁ କୁହାଯାଇଛି। ବିଭିନ୍ନ ରଙ୍ଗବେରଙ୍ଗର ପଥର ସହ ଲଣ୍ଡନ ଫିତାରେ ପୂଜାମଣ୍ଡପ ଆଭ୍ୟନ୍ତରୀଣ ସଜା ହେବ। ଅଷ୍ଟମୀ ତିଥିରୁ ନବମୀ ପର୍ଯ୍ୟନ୍ତ ଖେଚୁଡି ଭୋଗ ଓ ଦଶମୀ ତିଥିରେ ଦୁର୍ଗାଙ୍କ ନିକଟରେ ଦହି ପଖାଳ ଭୋଗ ଲାଗି ହେବ। ମଣ୍ଡପ ପରିସରରେ ୨୦ ସିସି କ୍ୟାମେରା ଖଞ୍ଜାଯିବ। ଶାନ୍ତିଶୃଙ୍ଖଳା ଓ ଭିଡ ନିୟନ୍ତ୍ରଣ ପାଇଁ କମିଶନରେଟ ପୋଲିସ ସହ ୨୫ ସ୍ୱେଚ୍ଛାସେବୀ ନିୟୋଜିତ ରହିବେ। ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗଙ୍କ ପାଇଁ ସମିତି ପକ୍ଷରୁ ହ୍ୱିଲ ଚେୟାରର ବ୍ୟବସ୍ଥା କରାଯିବ। ଷଷ୍ଠୀ ଠାରୁ ଦଶମୀ ପର୍ଯ୍ୟନ୍ତ କଟକ, ଭୁବନେଶ୍ୱର ଓ ବ୍ରହ୍ମପୁର କଳାକାରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ।



"ଦୀର୍ଘ ବର୍ଷ ଧରି ବଣିଖାଲ ପୂଜା ସମିତି ଶାନ୍ତି ଶୃଙ୍ଖଳାରେ ଉତ୍ସବ ଜାରି ରଖିଛି। ବିଭିନ୍ନ ସମୟରେ ଅନେକ ପରିକଳ୍ପନା ନେଇ ଏଠାରେ ନିର୍ମାଣ ହେଉଥିବା ତୋରଣ କ୍ରମେ ଲୋକଙ୍କୁ ଆକୃଷ୍ଟ କରିଛି।

**- ସୁଶାନ୍ତ କୁମାର ଜେନା(ସଭାପତି)**



"ବରିଷ୍ଠ ନାଗରିକ ଓ ମହିଳା ଶ୍ରଦ୍ଧାଳୁଙ୍କ ପାଇଁ ସମିତି କର୍ମକର୍ତ୍ତା ସବୁବେଳେ ସ୍ୱତନ୍ତ୍ର ଧ୍ୟାନ ଦେଇଥାଏ। ଚଳିତ ଥର ମଧ ଏହା ଜାରି ରହିବା ସହ ଅଷ୍ଟମୀ ତିଥିଠାରୁ ଦଶମୀ ପର୍ଯ୍ୟନ୍ତ ମଣ୍ଡପରେ ମହିଳା ସ୍ୱେଚ୍ଛାସେବୀ ରହିବେ।

**- ସୁଜନ କୁମାର ଜେନା(ସମ୍ପାଦକ)**



"ଚଳିତ ବର୍ଷ କମିଶନରେଟ ପୋଲିସ ପକ୍ଷରୁ ଡିଜେ ବାଦ୍ୟ ଉପରେ କଟକଣା ଜାରି କରାଯାଇଛି ତେଣୁ ଏ ବର୍ଷ ପାରମ୍ପାରିକ ବାଦ୍ୟ ଉପରେ ଗୁରୁତ୍ୱ ଦେଉଛୁ। କଳାହାଣ୍ଡି, କେନ୍ଦୁଝର, ମୟୂରଭଞ୍ଜ ଓ ଫୁଲବାଣୀ ଅଞ୍ଚଳର ବାଦ୍ୟକାର ଏଥର ସେମାନଙ୍କର କଳା ପ୍ରଦର୍ଶନ କରିବେ।

**- ଶୈଳେନ୍ଦ୍ର ଜେନା(ଉପ ସଭାପତି)**

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



ଅଭିଷେକ



ଶୁଭଲକ୍ଷ୍ମୀ



ଅସିତ୍



ରଞ୍ଜିତ୍



ସବୀର



ସିରାଜ୍‌ଅଲୀ



ସୁମନ୍

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ www.dharitri.com/category/selfie/



ଯବାନ ଓ କିଷାନର ଜୟ ହିଁ
ଦେଶ ଓ ଜାତିର ଜୟ।
- ଲାଲବାହାଦୁର ଶାସ୍ତ୍ରୀ

# ଦେବଶିଳ୍ପୀଙ୍କୁ ଆରାଧନା

## କଟକ



ଖପୁରିଆ ଛକସ୍ଥିତ ସରକାରୀ ଆଇ.ଟି.ଆଇ



ବାଙ୍କୀ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ



ଆଠଗଡ଼ ମା'ବାଉତି ମୋଟରଚାଳକ ସଂଘ



ଲିଙ୍କରୋଡ୍‌ସ୍ଥିତ କଟକ ଘରୋଇ ବସ୍ ମାଲିକ ସଂଘ କାର୍ଯ୍ୟାଳୟ



ବାଦାମବାଡ଼ିସ୍ଥିତ କଟକ ମହାନଗର ଅଟୋସଂଘ



କ୍ୟାଣ୍ଟନମେଣ୍ଟ ରୋଡ଼ସ୍ଥିତ ବିଦ୍ୟୁତ୍ କାର୍ଯ୍ୟାଳୟ

## ଭୁବନେଶ୍ୱର



ଭୁବନେଶ୍ୱର ଭିଏସ୍‌ଏସ୍ ନଗରସ୍ଥିତ ବିଦ୍ୟୁତ୍ କାର୍ଯ୍ୟାଳୟରେ ବିଶ୍ୱକର୍ମା ପୂଜା



ଏଜି ଛକ ହାଇଲେଭଲ୍ ୱାଟର ଟ୍ୟାଙ୍କ୍ ପରିସର



ୟୁନିଟ୍-୩ ଖାରବେଳ ନଗର ସବ୍‌ଷ୍ଟେଶନ



ମାଷ୍ଟରକ୍ୟାଣ୍ଟିନ୍ ଅଟୋ ମାଲିକ ସଂଘ



ରସୁଲଗଡ଼ ବିଦ୍ୟୁତ୍ କାର୍ଯ୍ୟାଳୟ



କଳ୍ପନା ଛକ ମିନିଟ୍ରକ୍ ମାଲିକ ସଂଘ



ବାପୁଜୀନଗର ଅଟୋ ମାଲିକ ସଂଘ



ଭୁବନେଶ୍ୱର ରସୁଲଗଡ଼ ଶିଳ୍ପାଞ୍ଚଳସ୍ଥିତ ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ବିଶ୍ୱକର୍ମା ପୂଜା

## ପୁରୀ



ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି



ପୁରୀ ଜିଲା ବିଶ୍ୱକର୍ମା ମହାସଭା



ଗୋପ



ସେସୁ କାର୍ଯ୍ୟାଳୟ

## ଖୋର୍ଦ୍ଧା



ଚିଲିକା



ଜଟଣୀ ଅଟୋରିକ୍ସା ଆସୋସିଏଶନ



ଜଟଣୀ ସେସୁ କାର୍ଯ୍ୟାଳୟ



ଜଟଣୀସ୍ଥିତ ରାଜ୍ୟ ପଣ୍ୟାଗାର ନିଗମ



ନୟାପଲ୍ଲୀ ବିଦ୍ୟୁତ୍ କାର୍ଯ୍ୟାଳୟ



ଜୟଦେବ ବିହାର ଅଟୋ ମହାସଂଘ



ୟୁନିଟ୍-୨ ସେସୁ କାର୍ଯ୍ୟାଳୟ

### ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ଓ ଆର୍ଦ୍ରଭୂମି ସୁରକ୍ଷା ମାମଲା

## କୋର୍ଟରେ ହାଜର ହେଲେ ବିଭାଗୀୟ ପ୍ରମୁଖ ସଚିବ

**କଟକ ଅଫିସ,୧୭।୯**

ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ଓ ଆର୍ଦ୍ରଭୂମି ସୁରକ୍ଷା ମାମଲାରେ ଜଙ୍ଗଲ ଓ ପରିବେଶ ବିଭାଗ ପ୍ରମୁଖ ସଚିବ ଡ. ମୋନା ଶର୍ମା ମଙ୍ଗଳବାର ହାଇକୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ହୋଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ କେ. ଏସ୍. ଝାବେରି ଓ ଜଷ୍ଟିସ କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାରେ ପ୍ରମୁଖ ସଚିବଙ୍କୁ ବ୍ୟକ୍ତିଗତ ହାଜର ହେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ସଚିବଙ୍କ ପରିବର୍ତ୍ତେ ବିଭାଗର ବରିଷ୍ଠ ବୈଜ୍ଞାନିକ ବସନ୍ତ ସାହୁ ହାଜର ହୋଇଥିଲେ। ଏ ନେଇ ହାଇକୋର୍ଟ ବିରକ୍ତିଭାବ ପ୍ରକାଶ କରିବା ସହ ବୁଧବାର ସଚିବଙ୍କୁ ବ୍ୟକ୍ତିଗତ ହାଜର ହେବାକୁ ଆଦେଶ ଦେଇଥିଲେ। ଏହି ମାମଲାରେ ନିଯୁକ୍ତ ଆମିକସ୍ କ୍ୟୁରି ମୋହିତ ଅଗ୍ରୱାଲ ମଙ୍ଗଳବାର ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି ଯେ, ଚିଲିକାକୁ ବିପଦମୁକ୍ତ କରିବା ପାଇଁ ହାଇକୋର୍ଟଙ୍କ ଆଦେଶକୁ ସରକାର ଠିକ୍ ଭାବେ କାର୍ଯ୍ୟକାରୀ କରୁନାହାନ୍ତି। ସେହିପରି ଗଠିତ କମିଟି ବୈଠକରେ ଜିଲାପାଳମାନେ ମଧ୍ୟ ଉପସ୍ଥିତ ହେଉନାହାନ୍ତି। ଏଥିଯୋଗୁ ଚିଙ୍ଗୁଡ଼ି ଘେରି ମୁକ୍ତ କରିବା ସମ୍ଭବ ହେଉନାହିଁ। ବାଂଲାଦେଶୀ ଚିହ୍ନଟ ପାଇଁ ରାଜ୍ୟ ଗୃହ ବିଭାଗ କେନ୍ଦ୍ର ଗୃହ ମନ୍ତ୍ରାଳୟକୁ ଚିଠି ଦେବାକୁ ଆମିକସ୍ କ୍ୟୁରି କହିଥିଲେ। କିନ୍ତୁ ଆମିକସ୍ କ୍ୟୁରିଙ୍କ କଥାକୁ କମିଟିରେ ଗ୍ରହଣ କରା ନ ଯିବାରୁ ସେ ଗତ ୯ତାରିଖରେ ହାଇକୋର୍ଟରେ ଏକ ସତ୍ୟପାଠ ଦାଖଲ କରିଥିଲେ। ଯେଉଁଥିରେ କମିଟି କିପରି ମନମୁଖୀ ଭାବେ କାର୍ଯ୍ୟ କରୁଛି ଏବଂ କୋର୍ଟଙ୍କ ଆଦେଶକୁ କାର୍ଯ୍ୟକାରୀ କରାଯାଉନାହିଁ ତାହା ଅଦାଲତଙ୍କୁ ଅବଗତ କରାଇଥିଲେ।

ଅନ୍ୟପକ୍ଷରେ ସଚିବ ଭୁଲ ସ୍ୱୀକାର କରିବା ସହ ଆଉ ଆଗକୁ ଏଭଳି ହେବ ନାହିଁ ବୋଲି ଅଦାଲତଙ୍କୁ କହିଛନ୍ତି। ଉଚ୍ଛେଦରେ ସହଯୋଗ କରିବା ପାଇଁ ହାଇକୋର୍ଟ ଗୃହ ବିଭାଗ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଅକ୍ଟୋବର ୨୧ତାରିଖରେ ହେବ। ଜଙ୍ଗଲ ଓ ପରିବେଶ ବିଭାଗର ସମୀକ୍ଷା ବୈଠକରେ ପୁରୀ, ଖୋର୍ଦ୍ଧା, ଗଞ୍ଜାମ ଏବଂ କେନ୍ଦ୍ରାପଡା ଜିଲାର ଜିଲାପାଳମାନେ ଉପସ୍ଥିତ ରହିବା ସହ ଘେରି ଉଚ୍ଛେଦ ତ୍ୱରାନ୍ୱିତ ଦିଗରେ ପଦକ୍ଷେପ ନେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଛି।

### ୨୦୦ ବିଶ୍ୱକର୍ମା ମଣ୍ଡପରେ ବାର୍ତ୍ତା ବାଣ୍ଟିଲା 'ଜୟ ଓଡ଼ିଶା'

## ସୁରକ୍ଷିତ, ପ୍ରଦୂଷଣମୁକ୍ତ ସହର ପାଇଁ ଆହ୍ୱାନ

**ଭୁବନେଶ୍ୱର, ୧୭।୯(ବ୍ୟୁରୋ):** ସଡ଼କ ସୁରକ୍ଷା ନିୟମ ପାଳନ କରି ସହରକୁ ସୁରକ୍ଷିତ ଓ ଦୁର୍ଘଟଣାମୁକ୍ତ କରିବା ସହ ପ୍ରଦୂଷଣ କମାଇବାକୁ ସଚେତନତା ଅଭିଯାନ କରିଛି 'ଜୟ ଓଡ଼ିଶା'। 'ଜୟ ଓଡ଼ିଶା' ପ୍ରତିଷ୍ଠାତା ରୁଦ୍ରନାରାୟଣ ସାମନ୍ତରାୟଙ୍କ ନେତୃତ୍ୱରେ ଆଜି ସହରର ୨୦୦ ବିଶ୍ୱକର୍ମା ମଣ୍ଡପରେ ଏହି ସଂକଳ୍ପ ନିଆଯାଇଛି। 'ଜୟ ଓଡ଼ିଶା'ର ସ୍ୱେଚ୍ଛାସେବୀମାନେ ମଣ୍ଡପ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇଛନ୍ତି। ସଡ଼କ ସୁରକ୍ଷା ନିୟମ ମାନିବେ ଓ ଅନ୍ୟକୁ ସଚେତନ କରିବେ ବୋଲି ସେମାନେ ସଂକଳ୍ପ ନେଇଛନ୍ତି। ଆଗକୁ ମଧ୍ୟ ଦୁର୍ଗାପୂଜାରେ ଏହି ଅଭିଯାନ ଜାରି ରହିବ ବୋଲି ସାମନ୍ତରାୟ କହିଛନ୍ତି। ସମସ୍ତେ ଟ୍ରାଫିକ ନିୟମ ମାନି ଯେଭଳି ଦାୟିତ୍ୱ ସମ୍ପନ୍ନ ନାଗରିକ ହେବେ ସେଥିପାଇଁ ଏହି ପ୍ରୟାସ କରାଯାଉଛି ବୋଲି ସେ କହିଛନ୍ତି।





ଯବାନ ଓ କିଷାନର ଜୟ୍ ହିଁ
ଦେଶ ଓ ଜାତିର ଜୟ୍।
- ଲାଲବାହାଦୁର ଶାସ୍ତ୍ରୀ

## ସଂକ୍ଷେପରେ

### ପେଟରୁ ବାହାରିଲା ୪ କିଲୋ ଟ୍ୟୁମର



ଭୁବନେଶ୍ୱର,୧୭।୯(ବ୍ୟୁରୋ): ୬୦ ବର୍ଷୀୟ ବ୍ୟକ୍ତିଙ୍କଠାରୁ ୩୦ ସେମି ଗୋଲେଇ ବିଶିଷ୍ଟ ୪ କିଗ୍ରାର ଏକ ବଡ଼ ଟ୍ୟୁମର୍ ବାହାରିଛି। ଏକାଧିକ ଅଙ୍ଗ ଏବଂ ଟିସ୍ୟୁ ସହିତ ସମ୍ପୃକ୍ତ ଥିବା ଏହି ଟ୍ୟୁମରକୁ ଜଟିଳ ଅସ୍ତ୍ରୋପଚାର ପ୍ରକ୍ରିୟା ମାଧ୍ୟମରେ କଢ଼ାଯାଇଛି। ବି.ଆର. ଲାଇଫ୍ କଳିଙ୍ଗ ହସ୍ପିଟାଲ ପକ୍ଷରୁ ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ କରାଯାଇ ଏହି ସଫଳ ଅସ୍ତ୍ରୋପଚାର କରାଯାଇଛି। ଆଠଗଡ଼ର ବାସିନ୍ଦା ପ୍ରତାପ କୁମାର ଶତପଥୀଙ୍କର ଦୁଇମାସ ହେଲା ପେଟରେ ଭୀଷଣ ଯନ୍ତ୍ରଣା ହେଉଥିଲା। ନିଃଶ୍ୱାସ-ପ୍ରଶ୍ୱାସ ନେବାରେ ଅସୁବିଧା ହେବା ସହ ଖାଦ୍ୟ ଢୋକିବାରେ ସମସ୍ୟା ହେଉଥିଲା। ସ୍ୱାସ୍ଥ୍ୟ ପରୀକ୍ଷା ପରେ ଗତ ୩୦ ବର୍ଷ ହେଲା ତାଙ୍କ ପେଟରେ ଫୁଟବଲ ଆକାରର ଟ୍ୟୁମର ବଢୁଥିବା ଜଣାପଡ଼ିଥିଲା। ତଳ ଛାତି, ଉପର ପେଟ, ହୃଦୟ, ହୃତ୍‌ପିଣ୍ଡ ଆବରଣକାରୀ ଝିଲ୍ଲୀ, ହୃଦୟ ସହିତ ସଂଯୋଗ କରୁଥିବା ମୁଖ୍ୟ ଧମନୀ, ପେଟ ସହିତ ସଂପୃକ୍ତ ଧମନୀରେ ଏହି ଟ୍ୟୁମର୍ ଚାପ ସୃଷ୍ଟି କରୁଥିଲା। ବି.ଆର. ଲାଇଫ୍ କଳିଙ୍ଗ ହସ୍ପିଟାଲର ସର୍ଜିକାଲ ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜିଷ୍ଟ ଡା. ବୃନ୍ଦାବନ ନାହାକଙ୍କ ତତ୍ତ୍ୱାବଧାନରେ ଏହି ଜଟିଳ ଅସ୍ତ୍ରୋପଚାର ହୋଇଥିଲା। ସର୍ଜିକାଲ ଅଙ୍କୋଲୋଜି ପ୍ରଣାଳୀ ମାଧ୍ୟମରେ ଏକାଧିକ ଟିସ୍ୟୁ ସଂଯୋଗ ଥାଇ ମଧ୍ୟ ସମ୍ପୂର୍ଣ୍ଣ ରୂପେ ଏହି ଟ୍ୟୁମରକୁ କଢ଼ାଯାଇଥିଲା। ୩ଘଣ୍ଟାର ଏହି ଅସ୍ତ୍ରୋପଚାରରେ ଅତ୍ୟାଧୁନିକ ସର୍ଜିକାଲ ଏବଂ କ୍ଲିନିକାଲ ଜ୍ଞାନକୌଶଳ ପ୍ରୟୋଗ କରାଯାଇଥିଲା। ଟ୍ୟୁମର କଢ଼ାଯିବାର ପରବର୍ତ୍ତୀ ସମୟରେ ଏହା ସହିତ ସଂଯୋଗ ହୋଇଥିବା ଅନ୍ୟ ଅଙ୍ଗଗୁଡ଼ିକୁ ଠିକ୍ କରାଯାଇଥିଲା ବୋଲି ଜେନେରାଲ ସର୍ଜରୀର ବରିଷ୍ଠ ଡାକ୍ତର ପ୍ରଦୀପ କୁମାର ମିଶ୍ର କହିଛନ୍ତି।

### ଡ୍ରଗ୍ସ ଡିଲର ଏସ୍.କେ. ରାଜା ଗିରଫ ମାମଲା

# ବ୍ରାଉନ୍‌ସୁଗାରରୁ ବହୁ କୋଟି ସମ୍ପତ୍ତିର ମାଲିକ



- ବାଲେଶ୍ୱରରେ ୨୫ କୋଟିର ବିଳାସପୂର୍ଣ୍ଣ ଘର
- ୪ ଅତ୍ୟାଧୁନିକ ବୋଟ, ୫ ବ୍ୟବସାୟ ପ୍ରତିଷ୍ଠାନ

ଭୁବନେଶ୍ୱର,୧୭।୯(ବ୍ୟୁରୋ)

ବ୍ରାଉନସୁଗାର ବ୍ୟବସାୟରୁ ବହୁ କୋଟି ସମ୍ପତ୍ତିର ମାଲିକ। ଆନ୍ତଃଦେଶୀୟ ଡ୍ରଗ୍ସ ଡିଲର ତଥା ଓଡ଼ିଶାରେ ବ୍ରାଉନସୁଗାର କାରବାରର କିଙ୍ଗପିନ୍ ଏସ୍.କେ. ରାଜା ଗିରଫ ହେବା ପରେ ତାଙ୍କ ସାମ୍ରାଜ୍ୟ ଓ ସମ୍ପତ୍ତିର ସୁରାକ ପାଇଛି ଏସ୍‌ଟିଏଫ୍। ମିଳିଥିବା ସୂଚନାନୁସାରେ, ରାଜାର ଅମାପ ସମ୍ପତ୍ତି ରହିଛି। ବାଲେଶ୍ୱରରେ ୨୫କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟର ବିଳାସପୂର୍ଣ୍ଣ କୋଠା। ଏଥିରେ ସମସ୍ତ ଅତ୍ୟାଧୁନିକ ବ୍ୟବସ୍ଥା ରହିଛି। ଏହାସହ ରାଜାଙ୍କର ୪ଟି ଅତ୍ୟାଧୁନିକ ବୋଟ୍ ରହିଛି। ବାଂଲାଦେଶରୁ ଓଡ଼ିଶାକୁ ବ୍ରାଉନସୁଗାର ଆଣିବାରେ ଏସବୁ ବୋଟ୍‌କୁ ବ୍ୟବହାର କରନ୍ତି। ସେହିଭଳି କଳାକାରବାରରୁ ମିଳୁଥିବା ଅର୍ଥକୁ ସେ ବହୁଗୁଣା କରିବାକୁ ଅନ୍ୟ ବ୍ୟବସାୟରେ ଲଗାଇଥିଲେ। ଜୋତା ଶୋ'ରୁମ୍ ସମେତ ୪ ବ୍ୟବସାୟ ପ୍ରତିଷ୍ଠାନ ରହିଛି। ତେବେ ଏ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ମିଳିପାରି ନ ଥିଲେ ମଧ୍ୟ ଓଡ଼ିଶା ସମେତ ରାଜ୍ୟ ବାହାରେ ବିଭିନ୍ନ ବ୍ୟବସାୟ ଚାଲିଥିବା ଏସ୍‌ଟିଏଫ୍ ଜାଣିବାକୁ ପାଇଛି।

#### ପାଣି ଭିତରେ ବାଂଲାଦେଶରୁ ଆସୁଥିଲା

ରାଜା ସମୁଦ୍ର ପଥରେ ବାଂଲାଦେଶରୁ କଲିକତା ଓ ଓଡ଼ିଶାକୁ ବ୍ରାଉନସୁଗାର ଆଣନ୍ତି। ନିଜର ୪ ବୋଟ ସହ ବିଭିନ୍ନ ସମୟରେ ଟ୍ରଲ୍ ଓ ଅନ୍ୟ ମାଛଧରା ବୋଟକୁ ବ୍ୟବହାର କରନ୍ତି। ଏଥିପାଇଁ ସେ ଏକାଧିକ ବ୍ୟକ୍ତିଙ୍କୁ ନିୟୋଜିତ କରିଥିବାବେଳେ ଅଧିକାଂଶ କମ୍ ବୟସର ବୋଲି ଜଣାପଡିଛି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ପୋଲିସ ବା କୋଷ୍ଟଗାର୍ଡର ଯାଞ୍ଚରୁ ବର୍ତ୍ତିବା ପାଇଁ ସେ ଅଭିନବ ପନ୍ଥା ଆପଣାଇଥିଲେ। ଯାଞ୍ଚ ପୂର୍ବରୁ ବ୍ରାଉନସୁଗାରକୁ ସୁରକ୍ଷିତ ଜରିରେ ବାନ୍ଧି ସମୁଦ୍ର ପାଣିରେ ଛାଡ଼ି ଦିଅନ୍ତି। ଉକ୍ତ ବ୍ରାଉନସୁକାର ଭର୍ତ୍ତି ଜରିକୁ ମଜଭୁତ ରଶିଦ୍ୱାରା ବୋଟ୍‌ର ନଜର ପଡୁ ନ ଥିବା ଏକ କୋଣରେ ବାନ୍ଧିଥାନ୍ତି। ଉକ୍ତ ବୋଟ ଉପରେ ସୁରକ୍ଷାବାହିନୀର ନଜର ରହୁଥିବାରୁ ଅଧିକାଂଶ ସମୟରେ ଏପରି ଅବସ୍ଥାରେ ପାଣି ଭିତରେ ହିଁ ଉପକୂଳକୁ ଅଣାଯାଇଥାଏ। ସେହିପରି ମତ୍ସ୍ୟଜୀବୀ ଭାବେ ଯିବାଆସିବା କରୁଥିବାରୁ ମାଛପେଟରେ ମଧ୍ୟ ବ୍ରାଉନସୁଗାର ଚାଲାଣ ଚାଲିଥିଲା। ନିକଟରେ ବାଲେଶ୍ୱର ପୋଲିସ ଏପରି ଘଟଣାର ପର୍ଦ୍ଦାଫାସ କରିଥିଲା।

#### ମିଳିଲା ଆଫ୍‌ଗାନିସ୍ତାନ, ନେପାଳ ଲିଙ୍କ୍

ଆଫ୍‌ଗାନିସ୍ତାନରେ ଏହି ବ୍ରାଉନସୁଗାର ତିଆରି ହୁଏ। ଡିଲା ସୁରକ୍ଷା ବ୍ୟବସ୍ଥା ରହିଥିବାରୁ ସେଠାରୁ ନିଶା ମାଫିଆମାନେ ବାଲଂଦେଶକୁ ଚାଲାଣ କରିଥାନ୍ତି। ସେଠାରୁ ରାଜାଙ୍କ ଭଳି ଭାରତର ବହୁ ଡ୍ରଗ୍ସ ଡିଲର ଏଭଳି ଅଭିନବ ଉପାୟରେ ବ୍ରାଉନସୁଗାର ଓ ଅନ୍ୟ ନିଶାଦ୍ରବ୍ୟ ଆଣି କଳାସାମ୍ରାଜ୍ୟ ବିସ୍ତାର କରିଚାଲିଛନ୍ତି। ବାଂଲାଦେଶରୁ ରାଜା ଆଣୁଥିବା ବ୍ରାଉନସୁଗାର ନେପାଳ, ଗୋଆ, ରାଜସ୍ଥାନ ଭଳି ଅନ୍ୟ ରାଜ୍ୟକୁ ଚାଲାଣ କରୁଥିଲେ। ମିଳିଥିବା ସୂଚନାନୁସାରେ, ରାଜାଙ୍କ ଶ୍ୱଶୁର ଘର ନେପାଳ। ସେ ସେଠାରେ ମଧ୍ୟ ଏହି ନିଶା ବେପାର ସାମ୍ରାଜ୍ୟ ବିସ୍ତାର କରିଛନ୍ତି। ନେପାଳରେ ରାଜା ବ୍ୟବସାୟ ପ୍ରତିଷ୍ଠାନ ନାଁରେ ନିଶା କାରବାର କରୁଥିଲେ ବୋଲି ଏସ୍‌ଟିଏଫ୍ ଜାଣିବାକୁ ପାଇଛି।

#### ଏସ୍‌ଟିଏଫ୍ ଅଫିସରେ ରାଜାଙ୍କ ମା', ସ୍ତ୍ରୀ
#### ବ୍ରାଉନସୁଗାର ଥିଲା ପାରିବାରିକ ବ୍ୟବସାୟ

ଅନ୍ୟପକ୍ଷରେ ମଙ୍ଗଳବାର ରାଜାଙ୍କ ମା' ଓ ସ୍ତ୍ରୀ ଏସ୍‌ଟିଏଫ୍ ଅଫିସକୁ ଆସିଥିଲେ। ସେମାନଙ୍କୁ ପଚରାଉଚରାବେଳେ ଅଧିକାରୀମାନେ ବହୁ ନୂଆ ତଥ୍ୟ ପାଇଛନ୍ତି। ତାଙ୍କ ପରିବାର ବ୍ରାଉନସୁଗାର ବ୍ୟବସାୟ ବଂଶାନୁକ୍ରମିକ ଚଳାଇଛନ୍ତି। ରାଜାଙ୍କ ବାପା ଓ ଭାଇ ବ୍ରାଉନସୁଗାର ବ୍ୟବସାୟ କରୁଥିଲେ। ବାପାଙ୍କ ମୃତ୍ୟୁ ଘଟିବା ପରେ ଭାଇ ଏହିବ୍ୟବସାୟକୁଆଗକୁନେଇଥିଲେ। ହେଲେ ଏବେ ସେ ବ୍ରାଉନସୁଗାର ମାମଲାରେ ଗିରଫ ହୋଇ ଜେଲରେ ଅଛନ୍ତି। ତେଣୁ ଏହି ବ୍ୟବସାୟ ସହ ଜଡ଼ିତ ଥିବା ରାଜା ମଙ୍ଗ ଧରିଥିଲେ ବୋଲି ସେମାନେ କହିଥିବା ସୂଚନା ମିଳିଛି।

#### ଆଜିଠାରୁ ୭ଦିନିଆ ରିମାଣ୍ଡରେ ଆଣିବ ଏସ୍‌ଟିଏଫ୍

ରାଜାଙ୍କୁ ବୁଧବାରଠାରୁ ୭ଦିନିଆ ରିମାଣ୍ଡରେ ଆଣିବ ଏସ୍‌ଟିଏଫ୍। ରାଜାଙ୍କ କଳାସାମ୍ରାଜ୍ୟର ପର୍ଦ୍ଦାଫାଶ ହେବ। ଆଫ୍‌ଗାନିସ୍ତାନ ଓ ବାଂଲାଦେଶ ଲିଙ୍କ୍‌ର ଅଧିକ ଖୋଳତାଡ଼ କରିବ ଏସ୍‌ଟିଏଫ୍। ଏଥିପାଇଁ ମଙ୍ଗଳବାର କୋର୍ଟ ଅନୁମତି ଦେଇଛନ୍ତି। ରାଜା ଲିଙ୍କ୍‌ରେ କେଉଁମାନେ ଅଛନ୍ତି, ସେ କେଉଁଠୁ ବ୍ରାଉନସୁଗାର ଆଣନ୍ତି, ଆନ୍ତଃରାଷ୍ଟ୍ର ସ୍ତରରେ ଏହାର ଚେର କେଉଁଠିକୁ ଲମ୍ବିଛି ଜାଣିବା ପାଇଁ ଏସ୍‌ଟିଏଫ୍ ଜେରା କରିବ। ଭୁବନେଶ୍ୱରରେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଡିଜିପି ବି.କେ. ଶର୍ମା ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଓଡିଶାକୁ ବ୍ରାଉନ୍‌ସୁଗାର ଚାଲାଣ ଉପରେ ରୋକ୍ ଲଗାଇବା ପାଇଁ ପୋଲିସ ସ୍ୱତନ୍ତ୍ର ଅପରେଶନ ଚଳାଇଛି। ରାଜା ଗିରଫ ହେବା ପରେ ତା'ର ସମସ୍ତ ଲିଙ୍କ୍ ସଂକ୍ରାନ୍ତରେ ଅଧିକ ଖୋଳତାଡ ଚାଲିଥିବା ସେ କହିଛନ୍ତି।

## ସୁଦର୍ଶନଙ୍କୁ ଧନ୍ୟବାଦ ଜଣାଇଲେ ପ୍ରଧାନମନ୍ତ୍ରୀ

ପୁରୀ ଅଫିସ, ୧୭।୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ସୋମବାର ପୁରୀ ବେଳାଭୂମିରେ ବାଲୁକା କଳା ପ୍ରସ୍ତୁତ କରିଥିଲେ। ଏହି ବାଲୁକା କୃତିରେ ସୁଦର୍ଶନ ପ୍ରଧାନମନ୍ତ୍ରୀଙ୍କୁ ସ୍ୱଚ୍ଛ ଭାରତ ଅଭିଯାନର ବିନ୍ଧାଣୀ ଭାବେ ଦର୍ଶାଇବା ସହ ଶୁଭେଚ୍ଛା ଜଣାଇଥିଲେ। ୪ ଫୁଟ୍ ଉଚ୍ଚ ଏବଂ ୧୦ ଫୁଟ୍ ଚଉଡ଼ାର ଏହି ବାଲୁକା କଳାର ଫଟୋକୁ ମଙ୍ଗଳବାର ସେ ପ୍ରଧାନମନ୍ତ୍ରୀଙ୍କୁ ଟୁଇଟ୍ କରିଥିଲେ। ପ୍ରଧାନମନ୍ତ୍ରୀ ଏହି କଳାତ୍ମକ ଶୁଭେଚ୍ଛା ପାଇଁ ସୁଦର୍ଶନଙ୍କୁ ଧନ୍ୟବାଦ ଜଣାଇଛନ୍ତି।




## ଆଜି କଟକ ବନ୍ଦ

କଟକ ଅଫିସ, ୧୭।୯

ହିନ୍ଦୁସେନା ଏବଂ କଟକ ସଦର ସୁରକ୍ଷା କମିଟି ପକ୍ଷରୁ ବୁଧବାର ୧୨ ଘଣ୍ଟିଆ କଟକ ବନ୍ଦ ଡାକରା ଦିଆଯାଇଛି। ବିଭିନ୍ନ କାର୍ଯ୍ୟାଳୟ ସ୍ଥାନାନ୍ତର ନ କରିବା, ଟ୍ରାଫିକ ନିୟମ କୋହଳ ସମୟକୁ ୬ମାସ ବଢାଇବା, ଉଠାବ୍ୟବସାୟୀଙ୍କୁ ଥଇଥାନ, ଦଶହରା ପୂର୍ବରୁ ରାସ୍ତା ଓ ଡ୍ରେନ୍ ମରାମତି କରାଯିବା ଆଦି ଦାବିରେ ଏହି ବନ୍ଦ ଡାକରା ଦିଆଯାଇଛି। ୧୯୯୦ରୁ ଅଦ୍ୟାବଧି କଟକ ସହରରୁ ବହୁ ସରକାରୀ କାର୍ଯ୍ୟାଳୟ ଉଠାଇ ନିଆଯାଇଛି। ଏହାବାଦ୍ ମଧ୍ୟ ସରକାର ଅନ୍ୟ କାର୍ଯ୍ୟାଳୟ ଉଠାଇ ନେବାକୁ ଚକ୍ରାନ୍ତ ଚଳାଇଛନ୍ତି। ସେହିପରି ରାସ୍ତାପାର୍ଶ୍ୱରେ ବହୁ ଛୋଟ ବ୍ୟବସାୟୀ ବ୍ୟବସାୟ କରି ପରିବାର ଭରଣପୋଷଣ କରନ୍ତି। କିନ୍ତୁ ଟ୍ରାଫିକ ନିୟମ କଟକଣା ଯୋଗୁ ସେମାନଙ୍କ ବ୍ୟବସାୟ ବନ୍ଦ ହେବାକୁ ବସିଲାଣି। ସେମାନଙ୍କୁ ଥଇଥାନ ବଦଳରେ ଉଚ୍ଛେଦ କରାଯାଉଛି ବୋଲି ଉପରୋକ୍ତ ସଙ୍ଗଠନ ଦ୍ୱୟର କର୍ମକର୍ତ୍ତା କହିଛନ୍ତି। ବନ୍ଦ ଡାକରାକୁ ସହରର ବିଭିନ୍ନ ସଙ୍ଗଠନ ସମର୍ଥନ ଜଣାଇଛନ୍ତି। ଏ ନେଇ କଟକ ସଦର ସୁରକ୍ଷା କମିଟିର ସଭାପତି ଅଭିଷେକ ଜେନା କହିଛନ୍ତି, କେବଳ ମେଡିକାଲ, ଆମ୍ବୁଲାନ୍ସ, ଅଗ୍ନିଶମ ସେବା ଭଳି ଜରୁରିକାଳୀନ ସେବା ଅବ୍ୟାହତ ରହିବ। ସେହିପରି କଟକ ଡିସିପି ଅଖିଳେଶ୍ୱର ସିଂ କହିଛନ୍ତି, ବନ୍ଦକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସହରର ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଆଇନଶୃଙ୍ଖଳା ପରିସ୍ଥିତି ଯେପରି ବ୍ୟାହତ ନ ଘଟେ ସେଥିପ୍ରତି ଧ୍ୟାନ ଦିଆଯାଉଛି। ଜରୁରୀ ସେବା କ୍ଷେତ୍ରରେ ସମସ୍ତ ପ୍ରକାର ସୁବିଧା ସହଯୋଗ କରିବା ଉପରେ ଗୁରୁତ୍ୱ ଦିଆଯାଉଛି।

#### କାର୍ଯ୍ୟରେ ଯୋଗଦେବେନି ହାଇକୋର୍ଟ ଆଇନଜୀବୀ

କଟକ ଅଫିସ, ୧୭।୯

ବନ୍ଦ ଡାକରା ଯୋଗୁ କାର୍ଯ୍ୟରେ ଯୋଗଦେବାରେ ସମସ୍ୟା ସୃଷ୍ଟି ହୋଇପାରେ। ତେଣୁ ହାଇକୋର୍ଟର ଆଇନଜୀବୀମାନେ ବୁଧବାର କାର୍ଯ୍ୟରେ ଯୋଗଦେବେ ନାହିଁ ବୋଲି ବାର୍ ଆସୋସିଏଶନ ପକ୍ଷରୁ କୁହାଯାଇଛି। ହାଇକୋର୍ଟ ବାର୍ ଆସୋସିଏଶନର କାର୍ଯ୍ୟକାରିଣୀ ପରିଷଦରେ ଏହି ନିଷ୍ପତ୍ତି ହୋଇଥିବା ସମ୍ପାଦକ ସଞ୍ଜୟ କୁମାର ଦାସ ସୂଚନା ଦେଇଛନ୍ତି।



ମୁଣ୍ଡଳି ନିକଟ ମହାନଦୀ ପଠାରେ ମଙ୍ଗଳବାର ଫସି ରହିଥିବା ହାତୀପଲ।

## ମହାନଦୀ ମଝିପଠାରେ ହାତୀପଲ

ନରାଜ,୧୭।୯(ଡି.ଏନ.ଏ)

ମୁଣ୍ଡଳି ନିକଟସ୍ଥ ମହାନଦୀ ପଠାରେ ସୋମବାର ବିଳମ୍ବିତ ରାତିରେ ଏକ ହାତୀପଲ ଆସି ଅଟକି ଯାଇଥିବା ଦେଖାଯାଇଛି। ଏହି ହାତୀପଲରେ ୧୧ଗୋଟି ହାତୀ ଥିବାବେଳେ ସେଥିରୁ ମାଇ ୪ଟି, ପୁରୁଷ ୩ଟି ଓ ଛୁଆହାତୀ ୪ଟି ଅଛନ୍ତି। ହାତୀପଲ ଆଠଗଡ ଜଙ୍ଗଲରୁ ମେଘା ନିକଟବର୍ତ୍ତୀ ଶୁକାସନ ଜଙ୍ଗଲଦେଇ ଚନ୍ଦକା- ଡମପଡା ହସ୍ତୀ ଅଭୟାରଣ୍ୟକୁ ମହାନଦୀ ପାର ହୋଇ ଆସୁଥିବାବେଳେ ଅଧା ନଈରେ ଥିବା ଏକ ପଠାରେ ଅଟକି ଯାଇଛନ୍ତି। ସକାଳ ହେବାପରେ ହାତୀଗୁଡିକ ପଠା ମଧ୍ୟରେ ଥିବା ବଡ ବଡ ଗଛ ତଳେ ରହିଥିବାର ଲୋକେ ଦେଖିଥିଲେ। ହାତୀମାନେ ରାତ୍ର ସମୟରେ ଜଙ୍ଗଲ ପରିବର୍ତ୍ତନ କରୁଥିବାରୁ ସକାଳ ଓ ଦିନର ଅଧିକ ଖରା ପାଇଁ ହାତୀପଲ ସେହି ଗଛ ମୂଳେ ହିଁ ଆଶ୍ରୟ ନେଇଥିଲେ। ଅନ୍ୟପଟେ ହାତୀ ଥିବା ଖବର ଶୁଣି ଲୋକମାନଙ୍କ ଭିଡ ହେଉଥିବାରୁ ହାତୀମାନେ ଆସୁ ନ ଥିବାର ଅନ୍ୟ ଏକ କାରଣ ହୋଇପାରେ। ପରେ ଡମପଡ଼ା ବନ ବିଭାଗର ରେଞ୍ଜର ସଂଗ୍ରାମ କେଶରୀ ମହାନ୍ତି, ଭଗିପୁର ସେକ୍ସନର ଡେପୁଟି ରେଞ୍ଜର ନିରଞ୍ଜନ ମହାପାତ୍ର ଓ ବନ ବିଭାଗର କର୍ମଚାରୀମାନେ ସେଠାରେ ପହଞ୍ଚି ହାତୀମାନଙ୍କ ଉପରେ ଗତିବିଧି ଲକ୍ଷ୍ୟ କରିବା ପାଇଁ ଦୁଇଟି ଟିମ ଗଠନ କରିଛନ୍ତି। ଗୋଟିଏ ଟିମ ମୁଣ୍ଡଳି ନିକଟବର୍ତ୍ତୀ ନୁଆସାହିଠାରେ ଜଗିରହିଥିବା ବେଳେ ଭଗିପୁରରେ ଅନ୍ୟ ଟିମ ହାତୀପଲର ଗତିବିଧି ଦୂରବିକ୍ଷଣ ଯନ୍ତ୍ର ସାହାଯ୍ୟରେ ନଜର ରଖିଛନ୍ତି। ସନ୍ଧ୍ୟା ହେଲେ ଏହି ହାତୀମାନେ ଚନ୍ଦକା-ଡମପଡା ଅଭୟାରଣ୍ୟ ଅଭିମୁଖେ ପଠାଯିବା ପାଇଁ ଉଦ୍ୟମ କରାଯିବ ବୋଲି ବନ ବିଭାଗର ଅଧିକାରୀ ପ୍ରକାଶ କରିଛନ୍ତି।

### ବସ୍ ଟର୍ମିନାଲ, ବସ୍‌ଷ୍ଟାଣ୍ଡ ପୁନରୁଦ୍ଧାର ମାମଲାରେ ସତ୍ୟପାଠ ଦାଖଲ

## କାର୍ଯ୍ୟ ହୋଇ ନ ଥିବା ମାନିଲା ବିଭାଗ

କଟକ ଅଫିସ,୧୭।୯

ଗୋପାଳପୁର ବସ୍ ଟର୍ମିନାଲ ନିର୍ମାଣ ଓ ବାଦାମବାଡ଼ି ବସ୍‌ଷ୍ଟାଣ୍ଡର ପୁନରୁଦ୍ଧାର ମାମଲାରେ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ସତ୍ୟପାଠ ଦାଖଲ କରାଯାଇଛି। ତେବେ ଉଭୟ କାର୍ଯ୍ୟର ଆରମ୍ଭ ଓ ଶେଷ ନେଇ ସତ୍ୟପାଠରେ କୌଣସି ନିର୍ଦ୍ଦିଷ୍ଟ ସମୟ ଉଲ୍ଲେଖ କରାଯାଇନାହିଁ। ତେଣୁ ଏହି କାର୍ଯ୍ୟ ଶେଷହେବା ନେଇ ଅନିଶ୍ଚିତତା ପ୍ରକାଶ ପାଇଛି। ମାମଲାର ବିବରଣୀ ଅନୁଯାୟୀ, ଗୋପାଳପୁର ମୌଜାରେ ୪୨ ଏକର ୬୪୦ ଡେସିମିଲ ସରକାରୀ ଜାଗାରେ ବସ୍ ଟର୍ମିନାଲ ନିର୍ମାଣ ପାଇଁ ରାଜ୍ୟ ସରକାର ୫ବର୍ଷ ତଳେ ବାଣିଜ୍ୟ ଓ ପରିବହନ ବିଭାଗକୁ ଜମି ହସ୍ତାନ୍ତର କରିଥିଲେ। ମାତ୍ର ବସ୍ ଟର୍ମିନାଲ ତ ଦୂରର କଥା ଏପର୍ଯ୍ୟନ୍ତ ପାଚେରି ନିର୍ମାଣ ହୋଇନାହିଁ। ଏ ସମ୍ପର୍କରେ ବାଣିଜ୍ୟ ଓ ପରିବହନ ବିଭାଗ ଗତ ଅଗଷ୍ଟ ୨୬ତାରିଖରେ ହାଇକୋର୍ଟଙ୍କୁ ସତ୍ୟପାଠ ଜରିଆରେ ଜଣାଇଛି। ପାଚେରି ନିର୍ମାଣ ଆସନ୍ତା ଅକ୍ଟୋବର ସୁଦ୍ଧା ଶେଷ ହେବ ବୋଲି ସତ୍ୟପାଠରେ ଉଲ୍ଲେଖ କରିଛି।

ସେହିପରି ବାଦାମବାଡ଼ି ବସଷ୍ଟାଣ୍ଡ ପୁନରୁଦ୍ଧାର କାର୍ଯ୍ୟ ହୋଇନାହିଁ ବୋଲି ସତ୍ୟପାଠରେ ସ୍ୱୀକାର କରାଯାଇଛି। ଏହି କାର୍ଯ୍ୟ କେବେ ଶେଷ ହେବ ତାହା କିନ୍ତୁ ଉଲ୍ଲେଖ ହୋଇନାହିଁ। ଗୋପାଳପୁର ବସ୍ ଟର୍ମିନାଲ ନିର୍ମାଣ କାର୍ଯ୍ୟ କେବେ ଆରମ୍ଭ ଓ ଶେଷ ହେବ ତାହା ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଦର୍ଶାଯାଇନାହିଁ। ଏଥିରୁ ଉକ୍ତ ଦୁଇଟି କାର୍ଯ୍ୟ ସମ୍ପୂର୍ଣ୍ଣ ହେବାରେ ଅନିଶ୍ଚିତତା ଦେଖାଦେଇଛି। ବସ୍ ଟର୍ମିନାଲ ନିର୍ମାଣ ପାଇଁ ବର୍ତ୍ତମାନ ୩୫ ଏକର ଜାଗା ବିଭାଗ ଦଖଲରେ ଅଛି ଓ ବାକି ୭ ଏକର ଜାଗା ବିବାଦରେ ଥିବା କଥା ଗଣମାଧ୍ୟମରେ ପ୍ରକାଶ ପାଇଛି। ବାଣିଜ୍ୟ ଓ ପରିବହନ ବିଭାଗ ମଧ୍ୟ ଏ କଥାକୁ ଅସ୍ୱୀକାର କରିନାହିଁ। ଉକ୍ତ ସତ୍ୟପାଠରେ ଏକକିତା ନକଲ ଆବେଦନକାରୀଙ୍କ ଓକିଲଙ୍କୁ ବାଣିଜ୍ୟ ଓ ପରିବହନ ବିଭାଗର ଓକିଲ ଦେଇଥିବାବେଳେ ଏହା ଉପରେ ଆବେଦନକାରୀ ପ୍ରତିଜବାବ ହାଇକୋର୍ଟରେ ଦାଖଲ କରିବା ପାଇଁ ପ୍ରସ୍ତୁତ ହେଉଛନ୍ତି।

### ଭୁବନେଶ୍ୱର ରେଳ ଷ୍ଟେଶନ

## ଟ୍ରେନ୍‌ରେ ରୋଗୀଙ୍କୁ ମିଳିଲା ଅମ୍ଳଜାନ

ଭୁବନେଶ୍ୱର,୧୭।୯(ବ୍ୟୁରୋ)

ଯାତ୍ରୀଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ଭୁବନେଶ୍ୱର ରେଳ ଷ୍ଟେଶନ ବେଶ୍ ତତ୍ପର। ମଙ୍ଗଳବାର ଦୁରନ୍ତୋ ଏକ୍ସପ୍ରେସରେ ହାଓଡ଼ାରୁ ଯଶୋବନ୍ତପୁର ଯାଉଥିବା ଫୁସ୍‌ଫୁସ୍ ରୋଗରେ ପୀଡ଼ିତ ଜଣେ ଯାତ୍ରୀଙ୍କୁ ହଠାତ୍ ଅକ୍ସିଜେନ ସିଲିଣ୍ଡର ଆବଶ୍ୟକ ପଡ଼ିଲା। ଟ୍ରେନରେ ଉପସ୍ଥିତ ଟିଟିଆଇଙ୍କ ଜରିଆରେ ଭୁବନେଶ୍ୱର ଷ୍ଟେଶନକୁ ଖବର ମିଳିବା ପରେ ତତ୍‌କ୍ଷଣାତ ଅମ୍ଳଜାନ ସିଲିଣ୍ଡର ସହ ଜଣେ ଡାକ୍ତରଙ୍କ ବ୍ୟବସ୍ଥା କରାଯାଇଥିଲା। ଟ୍ରେନ ଷ୍ଟେଶନରେ ପହଞ୍ଚିବା କ୍ଷଣି ପ୍ଲାଟଫର୍ମରେ ଉପସ୍ଥିତ ଡାକ୍ତର ସୋନାଲି ଗଡନାୟକ ଉକ୍ତ ଯାତ୍ରୀ ଜଣଙ୍କୁ ଚିକିତ୍ସା କରିବା ସହ ଅକ୍ସିଜେନ ସିଲିଣ୍ଡରରେ ଶ୍ୱାସକ୍ରିୟା ବ୍ୟବସ୍ଥା କରିଥିଲେ। ଏହାସହ ପରବର୍ତ୍ତୀ ଷ୍ଟେଶନ ବିଶାଖାପାଟଣାରେ ମଧ୍ୟ ପୁନର୍ବାର ଅମ୍ଳଜାନ ଭର୍ତ୍ତି କରିବା ବ୍ୟବସ୍ଥା କରାଯାଇଥିଲା। ପରେ ଷ୍ଟେଶନ କର୍ତ୍ତୃପକ୍ଷ ଯାତ୍ରୀଜଣକ ବର୍ତ୍ତମାନ ପାଇଁ ସୁସ୍ଥ ଥିବା ନିଶ୍ଚିତ ହେବା ପରେ ଟ୍ରେନଟିକୁ ଛଡାଯାଇଥିଲା।



ଟ୍ରେନ୍ ଯାତ୍ରୀଙ୍କୁ ଅକ୍ସିଜେନ୍ ଦିଆଯାଉଛି।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

REQUIRED
Sales Officer for Marketing 'ALFA' make Diesel Engine, Pumpsets, Generators, Submersible Pumps in Western and South Odisha for Bhubaneswar Office.
WEST COAST DIESELS LLP
odisha@wcdllp.com
Contact: 9438164468, 9337003316

LEXUS PAINTS UTKAL
Requires Account Officer for their Bhubaneswar unit Male graduates may send their resume to.-
rafiqul.hoda@lexuspaints.com

Urgent Requirements for Salon Staff and Spa Female Therapist.
Contact Number:
9937287222
9178278761

Job opening for Medical Officer, ICU Sister, OT Sister, Pharmacist, Receptionist, Accounts Manager, Marketing Executives, Anesthesist.
Apply within Ten Days:
Sara Gastro and Laparoscopic Hospital
Ph. No.: 9090961601, 9090961602
Address: Plot No- 3564, Near Garage Chhak, BBSR, 751002

REQUIRED
Airport Ground Staff.(10th to Graduate) Airticketing, Airhostess, I.T.I, Diploma, X.man Guard Supervisor, Loader Driver. Salary 27500 to 95700. Sent your resume
akashaviationacademy11@gmail.com
9811057388 / 9811135247

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27,000/-. (Part Time/Full Time)
Contact: 9938676412

ପ୍ରକୃତ ବୟସଠାରୁ ଯଥେଷ୍ଟ କମ୍ ଜଣାପଡୁଥିବା ପରିବାରବିହୀନ ବିପତ୍ନିକ, ସୁସ୍ଥ ଅବସରପ୍ରାପ୍ତ ୬୧ ବର୍ଷୀୟ ଖଣ୍ଡାୟତ ଜାତିର ଅଫିସରଙ୍କ ପାଇଁ ସମ୍ବେଦନଶୀଳା ସହୃଦୟା ନିରାଶ୍ରୟା ବୟସ୍କା ମହିଳା ଆବଶ୍ୟକ।
ଯୋଗାଯୋଗ
7978449443 ଓ 9777605918

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., Monthly Salary upto Rs.25,000/-.
Contact Immediately
Mob: 8763257042

WANTED
One HR and Five Salesman. Experienced person will be preferred. Must be with two wheeler. Come with biodata to
HINDUSTAN JEWELLERS, BHUBANESWAR
Good Salary.

ସରସ୍ୱତୀ ଶିଶୁମନ୍ଦିର
ଗୁରୁଜୀ ଗୁରୁମା ଆବଶ୍ୟକ। ସେବକ ସେବିକା
9937574132

NIJUKTI SUCHANALAYA
Qualification: 10th, +2, +3, ITI
- Delivery Boy
- Havels - Bhusan - Private Bank and finance sector.
- Security Guard
- Home Skipping
Age limit: 18 to 45 years.
Salary: 8000 to 25000
Ph. No. 7749823581, 7749823616

Kerala Panchakarma Vaidyasala Bhubaneswar requires
- Panchakarma Therapist - 10 nos. (M/F) 8th Pass and above (Freshers can apply)
- Beautician - 5 Nos. (F)
- Ayurvedic Doctors - 2 Nos.
Experience candidates can Contact: Mob- 9937057118, 6370823466, 0674-2590053

Stipend Agent In LIC
- Rs.5000/- Stipend Per Month + High Commission.
- Bike/Car Adv, Home loan, Own Office Mediclaim, Gratuity, Club Membership & many more.
Age-18-35 yrs, Qual. : 10th & Above
7064693160
-: TO JOIN CONTACT :-
(For Bhubaneswar & Near Areas)

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

# ରାଜସ୍ୱ ସଂଗ୍ରହରେ ୭% ବୃଦ୍ଧି

**ଭୁବନେଶ୍ୱର, ୧୭।୯(ବ୍ୟୁରୋ)**

ଚଳିତ ବର୍ଷ ଅଗଷ୍ଟ ଶେଷ ସୁଦ୍ଧା ରାଜ୍ୟ ସରକାର ପୂର୍ବାପେକ୍ଷା ୭ ପ୍ରତିଶତ ଅଧିକ ରାଜସ୍ୱ ସଂଗ୍ରହ କରିଛନ୍ତି। ଅଣକର ସୂତ୍ରରୁ ରାଜସ୍ୱ ଆଦାୟ ୧୨%, କର ସୂତ୍ରରୁ ରାଜସ୍ୱ ଆଦାୟ ୫% ବୃଦ୍ଧି ପାଇଛି। ରାଜ୍ୟ ସରକାର ଏହି ସମୟରେ ୧୨,୩୧୫ କୋଟି ଟଙ୍କାର ରାଜସ୍ୱ ଆଦାୟ କରିସାରିଛନ୍ତି। ଅର୍ଥ ବିଭାଗ ପ୍ରମୁଖ ସଚିବ ଅଶୋକ ମୀନାଙ୍କ ପକ୍ଷରୁ ମଙ୍ଗଳବାର ସଚିବମାନଙ୍କ ବୈଠକରେ ଏହି ସୂଚନା ଦିଆଯାଇଛି। ପ୍ରଥମଥର ପାଇଁ ଲୋକାର୍ପିତ ହୋଇଥିବା ଖାରବେଳ ଭବନରେ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା।

ଗତବର୍ଷ ଅର୍ଥାତ ୨୦୧୮ ଅଗଷ୍ଟ ଶେଷ ସୁଦ୍ଧା ୧୧,୭୫୮ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମ ବ୍ୟୟବରାଦ

### ମୁଖ୍ୟ ଶାସନ ସଚିବଙ୍କ ସମୀକ୍ଷା

ପୂର୍ବାପେକ୍ଷା ୪% ହ୍ରାସ ପାଇଛି। ଚଳିତ ବର୍ଷ ସାଧାରଣ ନିର୍ବାଚନ ପ୍ରକ୍ରିୟା ୨ରୁ ୩ ମାସ ରହିଥିବାରୁ ଏପରି ହୋଇଥିବା କୁହାଯାଇଛି। ଚଳିତ ଥର ଏହା ୨୮% ରହିଛି, ଯାହା ପୂର୍ବ ବର୍ଷ ୩୨% ରହିଥିଲା। ତେଣୁ ଆଗାମୀ ମାସରେ କାର୍ଯ୍ୟକ୍ରମ ବ୍ୟୟବରାଦ ବୃଦ୍ଧି କରିବାକୁ ସବୁ ବିଭାଗ ସଚିବମାନଙ୍କୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଜିଲା ଖଣିଜ ପାଣ୍ଠି(ଡିଏମ୍ଏଫ୍)ର ପରିଚାଳନା ଏବଂ ପ୍ରକଳ୍ପ ଅଗ୍ରଗତି ନେଇ ମଧ୍ୟ ଆଲୋଚନା ହୋଇଛି। ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ସୂଚନାନୁଯାୟୀ, ଏବେ ସୁଦ୍ଧା ୧୨,୬୬୪ ପ୍ରକଳ୍ପ ବାବଦକୁ ୮୨୫୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ତନ୍ମଧ୍ୟରୁ ୮୦୬୭ କୋଟି ଟଙ୍କା ଆବଣ୍ଟନ ହୋଇସାରିଥିବା ଉନ୍ନୟନ କମିଶନର ସୂଚନା ଦେଇଛନ୍ତି। ସେହିପରି ୭୧% ଅର୍ଥ ପ୍ରାୟ ୫୭୨୨ କୋଟି ଟଙ୍କା ୯୨୪୧ ପ୍ରକଳ୍ପ ବାବଦକୁ ଦିଆଯାଇଛି। ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ପାନୀୟ ଜଳ, ଶିକ୍ଷା, ପରିବେଶ ସଂରକ୍ଷଣ, ପ୍ରଦୂଷଣ ନିୟନ୍ତ୍ରଣ, ସ୍ୱାସ୍ଥ୍ୟ ସୁବିଧା, ପରିମଳ, ଦକ୍ଷତା ବିକାଶ, ଗୃହ ନିର୍ମାଣ, ଶିଶୁ ମହିଳା ବିକାଶ ଏବଂ ଯୋଗାଯୋଗ କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇଛି। ସେହିପରି ଯୋଜନା କାର୍ଯ୍ୟକାରିତା ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପ୍ରଦତ୍ତ ୫'ଟି ମନ୍ତ୍ରକୁ ଅନୁପାଳନ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ କୃଷି ଉତ୍ପାଦନ କମିଶନର ପ୍ରଦୀପ୍ତ ମହାପାତ୍ର ଏବଂ ଇସ୍ପାତ ଓ ଖଣି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜ କୁମାର ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

# ୧୦ କୃଷି ଉପନିର୍ଦ୍ଦେଶକଙ୍କୁ କାରଣ ଦର୍ଶାଅ ନୋଟିସ୍

**ଭୁବନେଶ୍ୱର, ୧୭।୯(ବ୍ୟୁରୋ)**

**କଟକ ଅଫିସ,୧୭।୯:** ଅରୁଣାଚଳପ୍ରଦେଶର କେଆଇୱାଇଆଇଟି ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ୨୫ତମ ଜାତୀୟ ସିନିୟର ମହିଳା ଫୁଟବଲ ଚାମ୍ପିୟନଶିପ୍‌ର ଏକ ମ୍ୟାଚ୍‌ରେ ଓଡ଼ିଶା ୪-୦ ଗୋଲରେ କେରଳକୁ ପରାସ୍ତ କରିଛି। ଦଳ ପକ୍ଷରୁ ଦୀପା ନାୟକ ୨ଟି, ସୁଭଦ୍ରା ସାହୁ, ଯଶୋଦା ମୁଣ୍ଡା ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଲିଗ୍ ପର୍ଯ୍ୟାୟରେ ଓଡ଼ିଶା ୩ଟି ଯାକ ମ୍ୟାଚ ଜିତିବା ସହ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି।

# ମ୍ୟାଜିକ ନମ୍ବରକୁ ନେଇ ଅଙ୍କକଷା

**କଟକ ଅଫିସ,୧୭।୯**

## ଓସିଏ ନିର୍ବାଚନ

- ହେବ କଡ଼ା ଟକ୍କର
- ନିର୍ଣ୍ଣାୟକ ଭୂମିକା ନେବ ସ୍କୁଲ, କଲେଜ




ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ଆଗାମୀ କର୍ମକର୍ତ୍ତା ନିର୍ବାଚନରେ କଡ଼ା ଟକ୍କର ହେବାନେଇ ସମ୍ଭାବନା ଦୃଢ଼ୀଭୂତ ହେବାରେ ଲାଗିଛି। ମଙ୍ଗଳବାର ଓସିଏର ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ନେତୃତ୍ୱରେ ପୁରୀରେ ଅନୁଷ୍ଠିତ ବୈଠକରେ ଓସିଏ ସହ ଅନୁବନ୍ଧିତ ୩୩ଟି ୟୁନିଟର ସଦସ୍ୟ ଯୋଗ ଦେଇଥିବା ଏହି ଗୋଷ୍ଠୀ ପକ୍ଷରୁ ଦାବି କରାଯାଇଛି। ଫଳରେ ଏହି ଗୋଷ୍ଠୀ ସପକ୍ଷରେ ୪୦ରୁ ଊର୍ଦ୍ଧ୍ୱ ଭୋଟ ଥିବାନେଇ ଆକଳନ କରାଯାଉଛି। ଅନ୍ୟପକ୍ଷରେ ଆଗାମୀ ନିର୍ବାଚନରେ ଭାଗ ନେଉଥିବା ଅନ୍ୟ ଏକ ଗୋଷ୍ଠୀ ମଧ୍ୟ ତାଙ୍କ ସପକ୍ଷରେ ୩୭ରୁ ଊର୍ଦ୍ଧ୍ୱ ଭୋଟ ରହିଛି ବୋଲି ଏକ କ୍ଲବର ସମ୍ପାଦକ ଦାବି କରିଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ଉଭୟ ଗୋଷ୍ଠୀର ତୁହାକୁ ତୁହା ବୈଠକ ଓ ଭୋଟ ଆକଳନ ଆଗାମୀ ନିର୍ବାଚନର କଡ଼ା ପ୍ରତିଦ୍ୱନ୍ଦ୍ୱିତାକୁ ଦର୍ଶାଉଛି। ୭୩ ପ୍ରତିନିଧିଙ୍କୁ ନେଇ ହେଉଥିବା ରାଜ୍ୟର ଏହି କ୍ରିକେଟ ସଂଘର ନିର୍ବାଚନରେ ମ୍ୟାଜିକ ନମ୍ବର ହେଉଛି ୩୭। ଅତିକମରେ ଏହି ନମ୍ବରକୁ ଟପିବା ଉଭୟ ଗୋଷ୍ଠୀର ମୁଖ୍ୟ ଟାର୍ଗେଟ। ପୁରୀରେ ଅନୁଷ୍ଠିତ ବୈଠକରେ ଆଶୀର୍ବାଦ ନେତୃତ୍ୱ ନେଇଥିଲେ। ଏଥିରେ ଯୋଗ ଦେଇଥିବା ୩୩ଟି ୟୁନିଟ ମଧ୍ୟରୁ ୨୫ ଜିଲା ସଂଘ ଥିବା ଜଣାପଡ଼ିଛି। ସଭାପତି ପ୍ରାର୍ଥୀ ଭାବେ ପଙ୍କଜଲୋଚନ ମହାନ୍ତି ଓ ସମ୍ପାଦକ ପ୍ରାର୍ଥୀ ଭାବେ ସଞ୍ଜୟ ବେହେରାଙ୍କୁ ସମର୍ଥନ କରିବା ନେଇ ଆଲୋଚନା ହୋଇଥିଲା ବୋଲି ଏହି ଗୋଷ୍ଠୀ ପକ୍ଷରୁ ପ୍ରକାଶ କରାଯାଇଛି। ଉପସଭାପତି, ଯୁଗ୍ମ ସମ୍ପାଦକ ଓ କୋଷାଧକ୍ଷ ପଦବୀ ନେଇ କଣ ଆଲୋଚନା ହୋଇଛି ସ୍ପଷ୍ଟ ଭାବେ ସୂଚନା ଦିଆ ଯାଇନାହିଁ। ଏହି ୩ ପଦବୀ ମଧ୍ୟରୁ କୌଣସି ଏକ ପଦବୀ କ୍ଲବର ସମ୍ପାଦକଙ୍କୁ ଓ ଅନ୍ୟ ଦୁଇଟି ଜିଲା ସଂଘକୁ ଯିବ ବୋଲି ଆଲୋଚନା ହେଉଛି। ମ୍ୟାଜିକ ନମ୍ବର ୩୭ ସହଜରେ ଟପିହେବ ହେବ ବୋଲି ଏବେ ଆଶୀର୍ବାଦଙ୍କ ସମର୍ଥକମାନେ ଆଶା ବାନ୍ଧିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଅନ୍ୟ ଗୋଷ୍ଠୀ ପକ୍ଷରୁ ମଧ୍ୟ ସେମାନଙ୍କ ସପକ୍ଷରେ ୩୭ ସଦସ୍ୟ ରହିଥିବା ଦାବି କରାଯାଉଛି। ଆମେ ବି ପଛରେ ନାହୁଁ ବୋଲି କଟକର ଏକ କ୍ଲବର ସମ୍ପାଦକ ଦାବି କରିଛନ୍ତି। ଏହି ଗୋଷ୍ଠୀରୁ ସଭାପତି ଭାବେ ନବ ରଞ୍ଜନ ପଟ୍ଟନାୟକ ଓ ସମ୍ପାଦକ ଭାବେ ପ୍ରଦୀପ ଚୌହ୍ୱାନ ପ୍ରାର୍ଥିପତ୍ର ଦାଖଲ କରିବେ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ କଟକରେ କ୍ଲବ ସମ୍ପାଦକ ମାନଙ୍କୁ ନେଇ ଗଠିତ ଏହି ଗୋଷ୍ଠୀ ଅନେକ ସମୟରେ ବୈଠକ ଡାକିବା ସହ ଭୋଟ ଆକଳନକୁ ନେଇ ବ୍ୟସ୍ତ ରହୁଛନ୍ତି। ତେବେ ଉଭୟ ଗୋଷ୍ଠୀ ପାଇଁ ସ୍କୁଲ,କଲେଜ ଭୋଟ ହାତେଇବା ଏବେ ସୁଦ୍ଧା ସହଜ ହୋଇନି। ଉଭୟ ଗୋଷ୍ଠୀର ବୈଠକରେ ଜିଲା ସଂଘ, କ୍ଲବମାନେ ଯୋଗ ଦେଉଛନ୍ତି। ଏଣୁ ସ୍କୁଲ ଓ କଲେଜର ଭୋଟକୁ ନେଇ କେବଳ ପୂର୍ବାନୁମାନ ଲଗାଯାଉଛି। ସ୍କୁଲ, କଲେଜରୁ ୧୪ଟି ଭୋଟ ଥିବା ବେଳେ ରେଭେନ୍‌ଶା ଓ କିଟ୍ ବିଶ୍ୱବିଦ୍ୟାଳୟକୁ ମିଶାଇ ମୋଟ ୧୬ଟି ଭୋଟ ଏବେ ବି କୌଣସି ପକ୍ଷକୁ ଢ଼ଳି ନ ଥିବା କୁହାଯାଉଛି। ପାରାଦୀପ ପୋର୍ଟ, ପୂର୍ବତଟ ରେଲୱେ, ରାଉରକେଲା ଷ୍ଟିଲ ପ୍ଲାଣ୍ଟର ଭୋଟ ମଧ୍ୟ ଆକଳନ ପ୍ରକ୍ରିୟା ଭିତରେ ଅଛି। ଏହି ଭୋଟଗୁଡ଼ିକୁ ହାତେଇବାନେଇ ଏବେ ଜୋର୍‌ଦାର ପ୍ରୟାସ ଚାଲିଛି।

### ଥାଇଲାଣ୍ଡ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ

# ଦ୍ୱିତୀୟ ରାଉଣ୍ଡରେ ଦୀପ-ଦିଲେଶ୍ୱର



ଦିଲେଶ୍ୱର ରାଓ ଓ ଦୀପ୍ ରଞ୍ଜନ ବିଶୋଇ।

**ଭୁବନେଶ୍ୱର, ୧୭।୯(କ୍ରୀଡ଼ା ପ୍ରତିନିଧି)**

ବ୍ୟାଙ୍କକ୍‌ର ହୁଆମାର ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଥାଇଲାଣ୍ଡ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନର ଡବଲ୍ସ ଇଭେଣ୍ଟରେ ମଧ୍ୟ ଓଡ଼ିଶା ଖେଳାଳିଙ୍କ ଆରମ୍ଭ ଭଲ ହୋଇଛି। ମଙ୍ଗଳବାର ପ୍ରଥମ ରାଉଣ୍ଡରେ ଓଡ଼ିଶାର ଦୀପ୍ ରଞ୍ଜନ ବିଶୋଇ ଓ ଦିଲେଶ୍ୱର ରାଓ ଦକ୍ଷିଣ କୋରିଆର କ୍ୟୁଙ୍ଗ ସିନ୍ ଓ ଜାଭିୟର ଡିଭିଲାରୀଙ୍କୁ ୧୯-୨୧, ୨୧-୧୭, ୨୧-୧୬ ପଏଣ୍ଟରେ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିପରି ପ୍ରମୋଦ ଭଗତ ଓ ମନୋଜ ସରକାରଙ୍କ ଯୋଡ଼ି ସ୍କଟଲାଣ୍ଡର ରିଚାର୍ଡ ୱିଲିୟମ ଓ କଲିନ ଲେସ୍‌ଲିଙ୍କୁ ସିଧାସଳଖ ୨୧-୧୨, ୨୧-୧୨ରେ ହରାଇ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ପୂର୍ବରୁ ଦୀପ୍ ରଞ୍ଜନ, ଦିଲେଶ୍ୱର ଓ ପ୍ରମୋଦ ସିଙ୍ଗଲ୍ସର ପ୍ରଥମ ରାଉଣ୍ଡରେ ବିଜୟୀ ହୋଇଥିଲେ।

# ବାଏଙ୍କାଙ୍କ ନାମରେ ‘ଆଣ୍ଡ୍ରେସ୍କୁ ୱେ’




ବାଏଙ୍କା ଆଣ୍ଡ୍ରେସ୍କୁ ଓ ମିସିସାଗା ମେୟର ବୋନି କ୍ରୋମ୍ବି।

**ଟରୋଣ୍ଟୋ, ୧୭।୯:** ନିକଟରେ ଅଭିଜ୍ଞ ସେରେନା ୱିଲିୟମ୍ସଙ୍କୁ ହରାଇ ଐତିହାସିକ ୟୁଏସ୍ ଓପନ୍ ଗ୍ରାଣ୍ଡସ୍ଲାମ ଟ୍ରଫି ଜିତିବା ପରେ ଟେନିସ ଖେଳାଳି ବାଏଙ୍କା ଆଣ୍ଡ୍ରେସ୍କୁ କାନାଡାରେ ଷ୍ଟାର୍ କ୍ରୀଡ଼ାବିତ୍ ବନି ଯାଇଛନ୍ତି। ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବା ପରେ ଆଣ୍ଡ୍ରେସ୍କୁଙ୍କ ପାଇଁ ତାଙ୍କ ଘରୋଇ ସହର ମିସିସାଗାଠାରେ ଏକ ଭବ୍ୟ ସମ୍ବର୍ଦ୍ଧନା ର୍ୟାଲିର ଆୟୋଜନ କରାଯାଇଥିଲା, ଯାହାର ନାମ ‘ସି ଦି ନର୍ଥ’ ରଖାଯାଇଥିଲା। ଏହି ର୍ୟାଲି ଉତ୍ସବରେ କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡେଉ, ମିସିସାଉଗା ମେୟର ବୋନି କ୍ରୋମ୍ବି ଓ ଟରୋଣ୍ଟୋ ମେୟର ଜନ୍ ଟୋରୀ ଉପସ୍ଥିତ ରହିଥିଲେ। ଏହି ଅବସରରେ ଯୁବ କାନାଡା ଆଥ୍‌ଲେଟ୍‌ଙ୍କ ପାଇଁ ଅନୁକରଣୀୟ ପାଲଟିଥିବା ଆଣ୍ଡ୍ରେସ୍କୁଙ୍କୁ ଟୋରୀ ଧନ୍ୟବାଦ ଜଣାଇଥିଲେ। ସେହିଭଳି ମିସିସାଗା ମେୟର ବୋନି ଏହି ସହରର ଏକ ରାସ୍ତାକୁ ଆଣ୍ଡ୍ରେସ୍କୁଙ୍କ ନାମରେ ନାମକରଣ କରିଥିଲେ, ଯାହାର ନାମ ‘ଆଣ୍ଡ୍ରେସ୍କୁ ୱେ’ ରଖାଯାଇଛି। ୟୁଏସ୍ ଓପନ୍ ମହିଳା ସିଙ୍ଗଲ୍ସ ଫାଇନାଲରେ ଆଣ୍ଡ୍ରେସ୍କୁ ୬-୩, ୭-୫ ସିଧାସଳଖ ସେଟ୍‌ରେ ସେରେନାଙ୍କୁ ପରାସ୍ତ କରି ପ୍ରଥମ କାନାଡା ସିଙ୍ଗଲ୍ସ ଖେଳାଳିଭାବେ ଗ୍ରାଣ୍ଡସ୍ଲାମ ଟ୍ରଫି ଜିତିବାର ସଫଳତା ପାଇଥିଲେ।

### ପୁଣି ଶତକରୁ ବଞ୍ଚିତ ଗିଲ୍

**ମହୀଶୂର, ୧୭।୯ (ପି.ଟି.):** ଭାରତ-ଏ ଓ ଦକ୍ଷିଣ ଆଫ୍ରିକା-ଏ ଦଳ ମଧ୍ୟରେ ଅନ୍ତିମ ତଥା ୨ୟ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଛି। ପ୍ରଥମ ଦିବସ ଷ୍ଟମ୍ପ୍ସ ଅପସାରଣ ସୁଦ୍ଧା ଭାରତ-ଏ ପ୍ରଥମ ଇନିଂସରେ ୩ ଉଇକେଟ୍ ହରାଇ ୨୩୩ ରନ୍ କରିଛି। ପ୍ରାରମ୍ଭରୁ ଭାରତ-ଏ ଓପନର୍ ଅଭିମନ୍ୟୁ ଈଶ୍ୱରନ ଓ ୩ ନମ୍ବର ସ୍ଥାନରେ ଆସିଥିବା ପ୍ରିୟଙ୍କ ପଞ୍ଚାଲଙ୍କ ଉଇକେଟ୍ ହରାଇଥିଲା। ବେଙ୍ଗଲ ଡାହାଣହାତୀ ବ୍ୟାଟ୍ସମ୍ୟାନ ଈଶ୍ୱରନ ୫ ଓ ଗୁଜରାଟର ପଞ୍ଚାଲ ୬ ରନ କରିଥିଲେ। ତେବେ ଉଦୀୟମାନ ପଞ୍ଜାବ ବ୍ୟାଟ୍ସମ୍ୟାନ ତଥା ସିନିୟର ଟେଷ୍ଟ ଦଳରେ ସ୍ଥାନ ପାଇଥିବା ଶୁବମନ ଗିଲ୍ ଓ କରୁଣ ନାୟାରଙ୍କ ଦମ୍‌ଦାର ଅର୍ଦ୍ଧଶତକ ବଳରେ ଭାରତ-ଏ ପ୍ରଥମ ଦିବସରେ ସମ୍ମାନରକ୍ଷା କରିବାରେ ସମର୍ଥ ହୋଇଥିଲା। ଗିଲ୍ ୯୨ ରନ (୧୩୭ ବଲ୍, ୧୨ ଚୌକା, ୧ ଛକା)ର ଧୈର୍ଯ୍ୟପୂର୍ଣ୍ଣ ଇନିଂସ ଖେଳି ଅଳ୍ପକେ ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ୨୦ ବର୍ଷୀୟ ଡାହାଣହାତୀ ବ୍ୟାଟ୍ସମ୍ୟାନ ଗିଲ୍ ଚଳିତ ସିରିଜରେ ୨ୟଥର ପାଇଁ ନର୍ଭସ ନାଇଣ୍ଟିଜର ଶିକାର ହୋଇଛନ୍ତି। ଏଥିପୂର୍ବରୁ ପ୍ରଥମ ମ୍ୟାଚ୍‌ରେ ସେ ୯୦ ରନରେ ଆଉଟ୍ ହୋଇଥିଲେ।

# ମ୍ୟାଚ୍ ଫିକ୍ସିଂ ଆଇନ ପାଇଁ ପରାମର୍ଶ





**ମୋହାଲି,୧୭।୯ (ପି.ଟି.):** ଭାରତୀୟ କ୍ରିକେଟରୁ ଦୁର୍ନୀତିକୁ ମୂଳୋତ୍ପାଟନ କରିବାକୁ ହେଲେ ଏକ ମ୍ୟାଚ ଫିକ୍ସିଂ ଆଇନର ଆବଶ୍ୟକତା ରହିଛି। ଏକଥା କହିଛନ୍ତି, ବିସିସିଆଇ ଦୁର୍ନୀତି ନିବାରଣ ଶାଖା (ଏସିୟୁ) ମୁଖ୍ୟ ଅଜିତ ସିଂ ଶେଖାୱତ। ଏହାଛଡ଼ା ବେଟିଂକୁ ଆଇନସିଦ୍ଧ କରିବା ଲାଗି ମଧ୍ୟ ସେ ପ୍ରସ୍ତାବ ଦେଇଛନ୍ତି। ୨୦୧୮ଏପ୍ରିଲରେ ବିସିସିଆଇର ଦୁର୍ନୀତି ନିବାରଣ ଶାଖାର ଦାୟିତ୍ୱ ନେବା ପୂର୍ବରୁ ଶେଖାୱତ ରାଜସ୍ଥାନର ପୋଲିସ ଡିଜି ଥିଲେ। ଗତବର୍ଷ ଜାତୀୟ ଓ ଅନ୍ତର୍ଜାତୀୟ ସମେତ ୧୨ ଜଣ କ୍ରିକେଟରଙ୍କୁ ଦୁର୍ନୀତି କାର୍ଯ୍ୟକରିବା ଲାଗି ପ୍ରଲୋଭିତ କରାଯାଇଥିଲା। ତାମିଲନାଡୁ ପ୍ରିମିୟର ଲିଗ୍‌ରେ ମ୍ୟାଚ ଫିକ୍ସିଂ କାର୍ଯ୍ୟକଳାପ ଚାଲିଥିବା ଅଭିଯୋଗ ହେବାପରେ ତାହା ଉପରେ ନଜର ରଖାଯାଇଛି। ଜଣେ ବୁକି ତାଙ୍କୁ ଆପ୍ରୋଚ କରିଥିବା ଜଣେ ମହିଳା କ୍ରିକେଟର ଇତିମଧ୍ୟରେ ରିପୋର୍ଟ କରିଛନ୍ତି। ଚଳିତବର୍ଷ ମୁମ୍ବାଇ, କର୍ନାଟକ ଓ ତାମିଲନାଡୁରେ ଛୋଟମୋଟ ଘଟଣା ନଜରକୁ ଆସିଛି। ଦେଶରେ ମ୍ୟାଚ ଫିକ୍ସିଂ ଏବଂ ସ୍ପଟ୍ ଫିକ୍ସିଂ ରୋକିବା ସହଜ ମନେ ହେଉ ନାହିଁ। ତେଣୁ ଏକ ମ୍ୟାଚ ଫିକ୍ସିଂ ଆଇନର ଆବଶ୍ୟକତା ରହିଛି, ଏକ୍ଷେତ୍ରରେ ପୋଲିସର ଭୂମିକା କ’ଣ ରହିବ ତାହା ମଧ୍ୟ ସ୍ପଷ୍ଟ ହେବା ଦରକାର। ଇଂଲଣ୍ଡ ଏବଂ ଅଷ୍ଟ୍ରେଲିଆ ଭଳି ମ୍ୟାଚ ଫିକ୍ସିଂକୁ ଦେଶରେ ଏକ ଫୌଜଦାରି ଅପରାଧ ବିବେଚନା କରାଯିବା ଉଚିତ୍ ବୋଲି ଭାରତର ଲ’ କମିଶନ ଗତ ବର୍ଷ ମତବ୍ୟକ୍ତ କରି କହିଥିଲେ। ବେଟିଂକୁ ଯଦି ଆଇନସିଦ୍ଧ କରାଯାଏ ତେବେ ଏହା ଉପରେ କିଛି ନିୟନ୍ତ୍ରଣ ରହିବା ଉଚିତ୍। ସରକାର ମଧ୍ୟ ଏଥିରୁ ମୋଟା ଅଙ୍କର ରାଜସ୍ୱ ପାଇ ପାରିବେ ବୋଲି ଶେଖାୱତ ପ୍ରକାଶ କରିଛନ୍ତି। ବେଟିଂ ଆଇନସିଦ୍ଧ ହେବାଦ୍ୱାରା କିଏ ବେଟିଂ କରୁଛି ଏବଂ ସେ କେତେ ଟଙ୍କାର ବେଟିଂ ଲଗାଇଛନ୍ତି ସେ ସମ୍ପର୍କରେ ଡାଟା ମିଳିଯିବ। ଏହାଦ୍ୱାରା ବେଆଇନ ବେଟିଂ ଚଳାଇବା କଷ୍ଟକର ହୋଇ ପଡ଼ିବ। ବର୍ତ୍ତମାନ ବେଟିଂ ମାମଲାରେ ଧରାପଡ଼ିଲେ ଜରିମାନା ବଦଳରେ ଖସିଯାଇ ହେଉଛି। ପୁରୁଷ କ୍ରିକେଟରେ ଦୁର୍ନୀତି ନୂଆ କଥା ନୁହେଁ। କିନ୍ତୁ ଏବେ ମହିଳା କ୍ରିକେଟକୁ ଏହା ବ୍ୟାଧି ଗ୍ରାସ କଲାଣି। ଫେବୃୟାରୀରେ ଜଣେ ବୁକି ମ୍ୟାଚ ଫିକ୍ସିଂରେ ସାମିଲ ହେବା ଲାଗି ମହିଳା କ୍ରିକେଟରଙ୍କୁ ଆପ୍ରୋଚ କରିଥିବା ବିସିସିଆଇ ନିକଟରେ ରିପୋର୍ଟ ହୋଇଛି।

# ସଡନଡେଥ୍‌ରେ ଜିତିଲା ଓଡ଼ିଶା ପୋଲିସ



ବାରବାଟୀ ଷ୍ଟାଡିୟମ୍‌ରେ ଚାଲିଥିବା ନାଲ୍‌କୋ କପ୍ ରାଜ୍ୟସ୍ତରୀୟ ହକି ପ୍ରତିଯୋଗିତାର ଏକ ମ୍ୟାଚ୍।

**କଟକ ଅଫିସ,୧୭।୯**

## ନାଲ୍‌କୋ କପ୍ ରାଜ୍ୟ ହକି

ବାରବାଟୀ ଷ୍ଟାଡିୟମରେ ଚାଲିଥିବା ୧୭ତମ ନାଲକୋ କପ୍ ରାଜ୍ୟ ହକି ଚାମ୍ପିୟନଶିପରେ ମଙ୍ଗଳବାର ୪ଟି ମ୍ୟାଚ୍ ଖେଳାଯାଇଛି । ସୁନ୍ଦରଗଡ଼ ଓ ଓଡ଼ିଶା ପୋଲିସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଫଳାଫଳ ସଡନଡେଥ ପ୍ରକ୍ରିୟାରେ ନିର୍ଦ୍ଧାରିତ ହୋଇଥିଲା। ମ୍ୟାଚର ଦ୍ୱିତୀୟ କ୍ୱାର୍ଟରରେ ସୁନ୍ଦରଗଡ଼ ଓ ୩ୟ କ୍ୱାର୍ଟରରେ ଓଡ଼ିଶା ପୋଲିସ ୨ଟି ଲେଖାଏ ଗୋଲ ସ୍କୋର କରିଥିଲା। ୪ର୍ଥ କ୍ୱାର୍ଟରେ ଗୋଲ ଶୂନ୍ୟ ରହିବା ଯୋଗୁଁ ସଡନଡେଥର ସହାୟତା ନିଆଯାଇଥିଲା। ଏଥିରେ ଓଡ଼ିଶା ପୋଲିସ ୪-୩ ଗୋଲରେ ବିଜୟୀ ହୋଇଛି। ରାଉରକେଲା ଷ୍ଟିଲ ପ୍ଲାଣ୍ଟ ପେନାଲ୍ଟି ସୁଟ ଆଉଟ ଜରିଆରେ ୨-୧ ଗୋଲରେ ପୂର୍ବତଟ ରେଲୱେକୁ ପରାସ୍ତ କରିଛି। ୪ଟି ଯାକ କ୍ୱାର୍ଟରରେ କୌଣସି ଗୋଲ ହୋଇ ନ ଥିଲା। ଅନ୍ୟଏକ ମ୍ୟାଚରେ ସାଇ ସୁନ୍ଦରଗଡ଼ ୫-୦ ଗୋଲରେ ଝାରସୁଗୁଡ଼ାକୁ ପରାସ୍ତ କରିଛି । ସାଇ ପକ୍ଷରୁ ଅଜୟ ଏକ୍କା ସର୍ବାଧିକ ୨ଟି ଗୋଲ ସ୍କୋର କରିଥିଲେ । ଖୋର୍ଦ୍ଧା ଦଳ ୭-୨ ଗୋଲରେ କଟକକୁ ପରାସ୍ତ କରିଥିଲା । ପ୍ରଥମ ୩ଟି ଯାକ କ୍ୱାର୍ଟରରେ ଖୋର୍ଦ୍ଧା ଅଗ୍ରଣୀ ନେବା ସହ ମ୍ୟାଚ୍‌ରେ ସହଜ ବିଜୟ ହାସଲ କରିଥିଲା।

# ସ୍କଟ୍‌ଲାଣ୍ଡର ରେକର୍ଡ ଟି୨୦ ବିଜୟ

**ଲଣ୍ଡନ, ୧୭।୯ (ଏଏଫ୍‌ପି)**



ଜର୍ଜ ମୁନ୍‌ସୀ ଓ କାଇଲ୍ କୋଏଜର୍।

ଏଠାରେ ଚାଲିଥିବା ତ୍ରି-ରାଷ୍ଟ୍ରୀୟ ଟି୨୦ ସିରିଜର ଏକ ମ୍ୟାଚ୍‌ରେ ସ୍କଟ୍‌ଲାଣ୍ଡ୍ ୫୮ ରନରେ ନେଦରଲାଣ୍ଡ୍ସକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ସ୍କଟ୍‌ଲାଣ୍ଡ ଓପନର୍ ଜର୍ଜ ମୁନ୍‌ସୀ ଓ କାଇଲ୍ କୋଏଜର୍‌ଙ୍କ ମଧ୍ୟରେ ଓପନିଂ ଯୋଡ଼ିରେ ୨୦୦ ରନର ପାର୍ଟନରଶିପ୍ ହୋଇଥିଲା। ଟି୨୦ କ୍ରିକେଟ୍ ଇତିହାସରେ ଏହା ରେକର୍ଡ ୩ୟ ବୃହତ୍ ପାର୍ଟନରଶିପ୍‌ର ମାନ୍ୟତା ପାଇଛି।

ଡବ୍‌ଲିନସ୍ଥିତ ଦି ଭିଲେଜ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ସ୍କଟ୍‌ଲାଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୩ ଉଇକେଟ୍ ହରାଇ ୨୫୨ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଓପନର୍ ମୁନ୍‌ସୀ ୫୬ ବଲରୁ ୧୨୭ ରନର ଅପରାଜିତ ବିସ୍ଫୋରକ ଶତକୀୟ ଇନିଂସରେ ଖେଳିଥିଲେ। ଏହା ମଧ୍ୟରେ ୫ ଚୌକା ଓ ୧୪ ଛକା ସାମିଲ ରହିଥିଲା। ଟି୨୦ କ୍ରିକେଟ୍‌ରେ ଏହା ତାଙ୍କର ପ୍ରଥମ ଶତକ ଥିଲା। ସେହିଭଳି ଗୋଟିଏ ଓଭରରେ ସେ ୩୨ ରନ୍ ସଂଗ୍ରହ କରିଥିଲେ। ଏହିକ୍ରମରେ ଟି୨୦ରେ ଗୋଟିଏ ଓଭରରେ ସେ ୨ୟ ସର୍ବାଧିକ ରନ୍ ସଂଗ୍ରହକାରୀ ବ୍ୟାଟ୍ସମ୍ୟାନ ହୋଇଛନ୍ତି। ୨୦୦୭ରେ ଯୁବରାଜ ସିଂ ଇଂଲଣ୍ଡର ଷ୍ଟୁଆର୍ଟ ବ୍ରଡ୍‌ଙ୍କୁ ଗୋଟିଏ ଓଭରରେ ୬ ଛକା ମାରି ୩୬ ରନ କରି ତାଲିକାର ଶୀର୍ଷରେ ରହିଛନ୍ତି। ମୁନ୍‌ସୀଙ୍କ ସାଥୀ ଓପନର୍ ତଥା ଅଧିନାୟକ କୋଏଟଜର ୫୦ ବଲରୁ ୮୯ ରନ କରି ପ୍ରଥମେ ଆଉଟ୍ ହୋଇଥିଲେ। ତେବେ ଆଉଟ୍ ହେବା ପୂର୍ବରୁ ମୁନ୍‌ସୀ ଓ କୋଏଜରଙ୍କ ମଧ୍ୟରେ ଓପନିଂ ଯୋଡ଼ିରେ ୯୧ ବଲରୁ ୨୦୦ ରନର ପାର୍ଟନରଶିପ୍ ହୋଇଥିଲା। ନେଦରଲାଣ୍ଡ୍ସ ପକ୍ଷରୁ ଶେନ୍ ସାନ୍‌ତରଙ୍କୁ ୩ଟି ଯାକ ଉଇକେଟ୍ ମିଳିଥିଲା। ଜବାବରେ ନେଦରଲାଣ୍ଡ୍ସ ଅଧିନାୟକ ପିଟର୍ ସିଲର୍‌ଙ୍କ ଅପରାଜିତ ୯୬ ରନ (୪୯ ବଲ୍) ସତ୍ତ୍ୱେ ୨୦ ଓଭରରେ ୭ ଉଇକେଟ୍ ହରାଇ ୧୯୪ ରନ କରିବାକୁ ସମର୍ଥ ହୋଇଥିଲା। ପ୍ରଥମ ବିଜୟ ସହ ୪ ପଏଣ୍ଟ ପାଇ ସ୍କଟଲାଣ୍ଡ ତାଲିକାର ଶୀର୍ଷରେ ରହିଥିବାବେଳେ ଆୟର୍ଲାଣ୍ଡ (୨) ଓ ନେଦରଲାଣ୍ଡ୍ସ (୨) ଯଥାକ୍ରମେ ୨ୟ ଓ ୩ୟ ସ୍ଥାନରେ ରହିଛନ୍ତି।

## ଜାଜାଇ-ଘାନିଙ୍କ ନାମରେ ରେକର୍ଡ

ଟି୨୦ କ୍ରିକେଟ୍‌ରେ ରେକର୍ଡ ପାର୍ଟନରଶିପ୍ ଆଫଗାନିସ୍ତାନର ହଜରତୁଲ୍ଲା ଜାଜାଇ ଓ ଉସମାନ ଘାନିଙ୍କ ନାମରେ ରହିଛି। ୨୦୧୯ରେ ଆୟର୍ଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ଜାଜାଇ ଓ ଘାନି ଯୋଡ଼ି ପ୍ରଥମ ଉଇକେଟ୍‌ରେ ୨୩୬ ରନ୍ ସଂଗ୍ରହ କରିଥିଲେ। ସେହିଭଳି ୨୦୧୮ରେ ଅଷ୍ଟ୍ରେଲିଆର ଆରୋନ୍ ଫିଞ୍ଚ୍ ଓ ଡି ଆର୍ସି ସର୍ଟ ଯୋଡ଼ି ଜିମ୍ବାୱେ ବିପକ୍ଷରେ ପ୍ରଥମ ଉଇକେଟ୍‌ରେ ୨୨୩ ରନ ସଂଗ୍ରହ କରି ଏହି ତାଲିକାର ୨ୟ ସ୍ଥାନରେ ରହିଛନ୍ତି।

“ଗତ ରବିବାର ଓଟୋ ୱାଲିନଙ୍କ ବିପକ୍ଷ ମୁକାବିଲାରେ ଗୁରୁତର ଭାବେ କ୍ଷତାକ୍ତ ହୋଇଥିଲେ ସୁଦ୍ଧା ଆଗକୁ ଡେନ୍‌ଟେ ୱାଇଲ୍ଡରଙ୍କ ସହିତ ଲଢେଇ ପାଇଁ ମୁଁ ପ୍ରସ୍ତୁତ ।

–ଟାଇସନ ଫ୍ୟୁରି, ବ୍ରିଟିଶ ପ୍ରଫେସନାଲ ବକ୍ସର



“ଜଣେ କ୍ରିକେଟର ଭାବେ ଅତିରିକ୍ତ ଅଧିନାୟକ ଦାୟିତ୍ୱ ମୋ ପ୍ରଦର୍ଶନ ଉପରେ କି ପ୍ରଭାବ ପକାଇବ ତାହା ମୁଁ ଏବେଠାରୁ କହିପାରିବି ନାହିଁ ।

–କ୍ୱିଣ୍ଟନ ଡି'କକ୍, ଦକ୍ଷିଣ ଆଫ୍ରିକା ଟି୨୦ ଅଧିନାୟକ



## ସଂକ୍ଷେପରେ

### କ୍ୱାର୍ଟରରେ ଅମିତ୍, ମନୀଷ, ସଞ୍ଜୀତ

**ଏକଟେରିନବର୍ଗ, ୧୭।୯ (ପି.ଟି.):** ଏସିଆନ ସ୍ୱର୍ଣ୍ଣ ପଦକ ବିଜେତା ଅମିତ୍ ପଙ୍ଘାଲ (୫୨ କିଗ୍ରା), ରାଜ୍ୟଗୋଷ୍ଠୀ କ୍ରୀଡ଼ା ରୌପ୍ୟ ପଦକ ବିଜେତା ମନୀଷ କୌଶିକ (୬୩ କିଗ୍ରା) ଓ ସଞ୍ଜୀତ୍ (୯୧ କିଗ୍ରା) ଏଠାରେ ଚାଲିଥିବା ବିଶ୍ୱ ପୁରୁଷ ବକ୍ସିଂ ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ୫୨ କିଗ୍ରା ବର୍ଗର ବାଉଟ୍‌ରେ ପଙ୍ଘାଲ ତୁର୍କୀର ବାତୁହାନ ସିଟ୍‌ଫିଙ୍କୁ ୫-୦ରେ ପରାସ୍ତ କରିଥିଲେ। ସେହିଭଳି ମନୀଷ ସେହି ସମାନ ୫-୦ ପଏଣ୍ଟ ବ୍ୟବଧାନରେ ମଙ୍ଗୋଲିଆ ବକ୍ସର ଚିଜୋରିଗ୍ ବାତର୍ସୁଖଙ୍କୁ ହରାଇଛନ୍ତି। ଉଭୟ ଅମିତ୍ ଓ ମନୀଷ ଆର୍ମିରେ ଚାକିରି କରିଛନ୍ତି। ଯଦି ଅମିତ୍ ଏଠାରେ ପଦକ ଜିତନ୍ତି ତେବେ ଏହି ସମ୍ମାନଜନକ ପ୍ରତିଯୋଗିତାରେ ସେ ୨ୟଥର ପାଇଁ ପୋଡିୟମ ଫିନିଶ୍ କରିବେ। ଅପରପକ୍ଷରେ ବିଶ୍ୱ ଚାମ୍ପିୟନଶିପ୍‌ରେ କୌଶିକଙ୍କ ଏହା ପଦାର୍ପଣ। ଦ୍ୱିତୀୟ ସିଡ୍ ତଥା ଏସୀୟ ଚାମ୍ପିୟନ ପଙ୍ଘାଲ କ୍ୱାର୍ଟର୍‌ରେ ଫିଲିପାଇନର କାର୍ଲୋ ପାଲମ୍‌ଙ୍କୁ ଭେଟିବେ। ସେହିଭଳି କୌଶିକ ବ୍ରାଜିଲର ୱାଣ୍ଡରସନ ଡି ଓଲିଭରିଆଙ୍କ ସହ ଲଢ଼େଇ କରିବେ। ଅପରପକ୍ଷରେ ୯୧ କିଗ୍ରା ବିଭାଗରେ ସଞ୍ଜୀତ୍ ୩-୨ରେ ଦ୍ୱିତୀୟ ସିଡ୍ ଉଜବେକିସ୍ତାନର ସଞ୍ଜାର ତୁର୍ସୁନୋଭଙ୍କୁ ମାତ୍ ଦେଇଛନ୍ତି। ତୁର୍ସୁନୋଭ ପୂର୍ବ ସଂସ୍କରଣରେ ବ୍ରୋଞ୍ଜ ପଦକ ଜିତିଥିଲେ।

### ସାତ୍ୱିକ-ଅଶ୍ୱିନୀଙ୍କ ବିଜୟ

**ଚାଙ୍ଗଝୋଉ (ଚାଇନା), ୧୭।୯ (ପି.ଟି.):** ଦଶଲକ୍ଷ ଆମେରିକୀୟ ଡଲାର ପୁରସ୍କାର ରାଶିବିଶିଷ୍ଟ ଚାଇନା ଓପନ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ମିକ୍ସଡ୍ ଡବଲ୍ସରେ ଭାରତୀୟ ଯୋଡ଼ି ସାତ୍ୱିକ ସାଇରାଜ ରାନ୍‌କିରେଡ୍ଡୀ ଓ ଅଶ୍ୱିନୀ ପୋନାପ୍ପା ଦମ୍‌ଦାର ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ପ୍ରଥମ ରାଉଣ୍ଡର ଏକ ମୁକାବିଲାରେ ସାତ୍ୱିକ ଓ ଅଶ୍ୱିନୀ ଯୋଡ଼ି ୨୨-୨୦, ୧୭-୨୧, ୨୧-୧୭ ଗେମ୍‌ରେ ବିଶ୍ୱ ମାନ୍ୟତାର ୭ମ ସ୍ଥାନରେ ରହିଥିବା ପ୍ରବୀଣ ଜୋର୍ଡାନ ଓ ମେଲାଟି ଡାଏଭା ଓକ୍ତାଭିଏଣ୍ଟିଙ୍କୁ ପରାସ୍ତ କରିଥିଲେ। ବିଶ୍ୱ ମାନ୍ୟତାର ୨୬ତମ ସ୍ଥାନରେ ରହିଥିବା ଏହି ଭାରତୀୟ ଯୋଡ଼ି ମ୍ୟାଚ୍‌କୁ ଜିତିବାକୁ ୫୦ ମିନିଟ୍ ସମୟ ନେଇଥିଲେ।

# ଭାରତ-ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଟି୨୦ ଆଜି

**ମୋହାଲି, ୧୭।୯ (ପି.ଟି.)**

ହିମାଚଳ ପ୍ରଦେଶର ଧର୍ମଶାଳାଠାରେ ଖେଳାଯିବାକୁ ଥିବା ପ୍ରଥମ ଟି-୨୦ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହେବାରେ ଭାରତ ଓ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ବୁଧବାର ଦ୍ୱିତୀୟ ଦିନିକିଆରେ ପରସ୍ପରକୁ ଭେଟିବେ। ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜର ପ୍ରଥମ ମ୍ୟାଚ୍ ବାତିଲ ହୋଇଥିବାରୁ ସିରିଜ ହାତେଇବା ପାଇଁ ଏବେ ଉଭୟ ଦଳକୁ ବାକିଥିବା ୨ଟି ମ୍ୟାଚ୍ ବିଜୟୀ ହେବା ଜରୁରୀ ହୋଇ ପଡିଛି। ଫଳରେ ମୋହାଲିରେ ଖେଳାଯିବାକୁ ଥିବା ଏହି

## ଚାପରେ ପନ୍ତ

ମ୍ୟାଚ୍‌ର ଗୁରୁତ୍ୱ ଆହୁରି ବଢିଯାଇଛି। ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କ ଫର୍ମକୁ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଚିନ୍ତିତ ଅଛି। ଫଳରେ ପନ୍ତ ଚାପରେ ରହିଛନ୍ତି। ଅଷ୍ଟ୍ରେଲିଆରେ ଖେଳାଯିବାକୁ ଥିବା ଟି୨୦ ବିଶ୍ୱକପ୍ ଆଉ ମାତ୍ର ଗୋଟିଏ ବର୍ଷରୁ ସାମାନ୍ୟ କିଛି ଅଧିକ ସମୟ ରହିଛି। ଏପରି ସ୍ଥଳେ ଅଧିନାୟକ ବିରାଟ କୋହଲି ଦଳ ଗଠନକୁ ନେଇ ଯୋଜନା ପ୍ରସ୍ତୁତ କରୁଛନ୍ତି। ଫଳରେ ଯୁବ ଖେଳାଳିମାନେ ଆଶାନୁରୂପ ପ୍ରଦର୍ଶନ କରିବା ଉପରେ ସେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଅଧିକ ସୁଯୋଗ ଦେବାରୁ ସୁବିଧା ନ ଥିବାରୁ ଯୁବ ଖେଳାଳିମାନେ ସୀମିତ ମ୍ୟାଚ୍ ତଥା ସମୟ ମଧ୍ୟରେ ନିଜର ପ୍ରତିଭା ତଥା ଦକ୍ଷତା ପ୍ରତିପାଦନ କରିବାକୁ ପ୍ରୟାସ କରିବେ ବୋଲି ସେ ଆଶା ରଖିଛନ୍ତି।

ଏମାନଙ୍କ ମଧ୍ୟରେ ରହିଛନ୍ତି ୨୧ ବର୍ଷୀୟ ପନ୍ତ। ୨୦୧୭ରେ ସେ ପଦାର୍ପଣ କରିଥିବାରୁ ତାଙ୍କୁ ଏବେ ଯୁବ ଖେଳାଳି ବୋଲି କୁହାଯାଇ ପାରିବ ନାହିଁ। ଏହି ସିରିଜରେ ଏପର୍ଯ୍ୟନ୍ତ ଗୋଟିଏ ହେଲେ ବି ବଲ୍ ବୋଲିଂ କରାଯାଇନାହିଁ। ଏହା ସତ୍ତ୍ୱେ ପନ୍ତ ସମସ୍ତଙ୍କ ନଜରରେ ରହିଛନ୍ତି। ବାରମ୍ବାର ବେପରୁଆ ଭାବେ ଭୁଲ୍ ଶଟ୍ ଚୟନ କରି ପନ୍ତ ନିଜର ଉଇକେଟ ଫୋପାଡି ଆସିଛନ୍ତି। ଆଉ ଏଭଳି ଭୁଲ୍ ନ କରିବାକୁ ଟିମ୍ ମ୍ୟାନେଜମେଣ୍ଟ ପନ୍ତଙ୍କୁ ଅବଶ୍ୟ ସତର୍କ କରାଇଥିବ। ପ୍ରଥମ ମ୍ୟାଚ ପୂର୍ବରୁ ମଧ୍ୟ ହେଡ୍ କୋଚ୍ ରବି ଶାସ୍ତ୍ରୀ ଏ ନେଇ ପନ୍ତଙ୍କୁ ଅବଗତ କରାଇଥିଲେ। ଗତ ୱେଷ୍ଟଇଣ୍ଡିଜ ଗସ୍ତରେ ତ୍ରିନିଦାଦରେ ଅନୁଷ୍ଠିତ ମ୍ୟାଚ୍‌ରେ ପନ୍ତ ଖରାପ ଶଟ୍ ଚୟନ କରି ପ୍ରଥମ ବଲ୍‌ରେ ହିଁ ଆଉଟ ହୋଇଥିଲେ। ତେଣୁ ଏ ଭଳି ତ୍ରୁଟି ସେ ଯେପରି ନ ଦୋହରାନ୍ତି ସେ ପ୍ରତି ଧ୍ୟାନ ରହିବାର ଆବଶ୍ୟକତା ରହିଛି ବୋଲି ଶାସ୍ତ୍ରୀ କହିଛନ୍ତି। ଜଣେ ଖେଳାଳିଙ୍କ ପ୍ରତିଭା ଥାଉ କି ନଥାଏ ଏଭଳି ତ୍ରୁଟି ଦୋହରାଇବା ଅନାବଶ୍ୟକ ବୋଲି ସେ ସ୍ପଷ୍ଟ କରିଛନ୍ତି। କୋହଲି ମଧ୍ୟ ଧୋନୀଙ୍କୁ ଦଳରେ ନେବାକୁ ଇଚ୍ଛୁକ ରହିଛନ୍ତି। ଏପରି ସ୍ଥଳେ ନିଜ ପ୍ରତିଭାର ଯଥାର୍ଥତା ପ୍ରମାଣ ଦେବାକୁ ପନ୍ତଙ୍କ ଉପରେ ଚାପ ବଢିବାରେ ଲାଗିଛି।

ସୋମବାର ନେଟ୍ସରେ ଅବଶ୍ୟ ପନ୍ତ ଜୋର୍‌ଦାର ଅଭ୍ୟାସ କରିଛନ୍ତି। ପନ୍ତଙ୍କୁ ବାଦ୍ ଦେଲେ ଲେଗ୍ ସ୍ପିନର ରାହୁଲ ଚହର ଓ ଅଫ୍ ସ୍ପିନର ୱାଶିଂଟନ ସୁନ୍ଦର ଉପରେ ମଧ୍ୟ ଚାପ ରହିଛି। କୁଲଦୀପ ଯାଦବ ଓ ଯୁଜବେନ୍ଦ୍ର ଚହଲଙ୍କ ପଛରେ ପକାଇ ଏହି ଦୁଇ ସ୍ପିନରଙ୍କୁ କ୍ରମାଗତ ଦ୍ୱିତୀୟଥର ପାଇଁ ସିରିଜରେ ସାମିଲ କରାଯାଇଛି। ବିଶ୍ୱକପ୍ ପୂର୍ବରୁ ୨୦ଟି ଟି୨୦ ମ୍ୟାଚ୍ ଖେଳାଯିବ। ୮,୯ ଓ ୧୦ ନମ୍ବର ଖେଳାଳି ରନ୍ ସ୍କୋର କରନ୍ତୁ ବୋଲି ଟିମ୍ ମ୍ୟାନେଜମେଣ୍ଟ ଆଶା ରଖିଛି। ଦଳରେ ବ୍ୟାଟିଂ ଗଭୀରତ ରହିବା ଉପରେ ଗୁରୁତ୍ୱ ଦିଆଯାଉଛି। ମନୀଷ ପାଣ୍ଡେ ଓ ଶ୍ରେୟାସ ଆୟରଙ୍କ ପାଇଁ ମଧ୍ୟ ଏହି ସିରିଜ ବେଶ୍ ଗୁରୁତ୍ୱ ବହନ କରୁଛି। ମିଡଲ ଅର୍ଡରରେ ଏହି ଦୁଇ ଖେଳାଳି ଚମକ ଦେଖାଇବେ ବୋଲି ଆଶା କରାଯାଉଛି। ସେହିପରି ୱେଷ୍ଟଇଣ୍ଡିଜ ଗସ୍ତରେ ସେଭଳି କିଛି ଖାସ୍ କରିପାରି ନ ଥିବା ଅଭିଜ୍ଞ ଓପନର ଶିଖର ଧାୱନଙ୍କ ପାଇଁ ଏହି ସିରିଜ ସୁଯୋଗ ସୃଷ୍ଟି କରିଛି। ଧାୱନ ଏହି ଗ୍ରାଉଣ୍ଡରେ ଟେଷ୍ଟରେ ପଦାର୍ପଣ କରି ୧୮୭ ରନର ଶତକୀୟ ପାଳି ଖେଳିଥିଲେ। ପୁଣି ମୋହାଲିରେ ଗତ ମାର୍ଚ୍ଚରେ ସେ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ମ୍ୟାଚ୍‌ରେ ୧୪୩ ରନର ଶତକୀୟ ପାଳି ଖେଳିଥିଲେ। ଫଳରେ ଏଠାରେ ସେ ପୁଣି କମାଲ କରିବା ଆଶା କରାଯାଉଛି।

ଅପରପକ୍ଷରେ ଦକ୍ଷିଣ ଆଫ୍ରିକା ପାଇଁ ଭାରତକୁ ହରାଇବା ବଡ଼ ଚ୍ୟାଲେଞ୍ଜ ସଦୃଶ ହୋଇଛି। ଦଳ ପୁନର୍ଗଠନ ପ୍ରକ୍ରିୟା ଦେଇ ଗତି କରୁଥିବାରୁ ଦକ୍ଷିଣ ଆଫ୍ରିକା କଷ୍ଟକର ପରିସ୍ଥିତିର ସମ୍ମୁଖୀନ ହେବ। ତାରକା ଦ୍ରୁତ ବୋଲର କାଗିସୋ ରାବାଡ଼ାଙ୍କ ନେତୃତ୍ୱରେ ଦକ୍ଷିଣ ଆଫ୍ରିକା ଦ୍ରୁତ ବୋଲିଂ ଘରୋଇ ଦଳ ପାଇଁ ଅବଶ୍ୟ ସମସ୍ୟା ସୃଷ୍ଟି କରାଇବ। ମ୍ୟାଚ୍ ଜିତିବା ପାଇଁ ଭାରତୀୟ ଅଧିନାୟକ କୋହଲିଙ୍କୁ ରୋକିବାକୁ ଭ୍ରମଣକାରୀ ବୋଲର ପ୍ରୟାସ କରିବେ। ଏହି ମ୍ୟାଚ୍‌ର କଡ଼ା ସଂଘର୍ଷ ଦେଖିବାକୁ ମିଳିବ ଓ ଏହା ବେଶ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।



ଅଭ୍ୟାସ ସେସନ ଅବସରରେ ଶିଖର ଧାୱନ।

■ **ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ଶିଖର ଧାୱନ, ଲୋକେଶ ରାହୁଲ, ଶ୍ରେୟାସ ଆୟାର, ମନୀଷ ପାଣ୍ଡେ, ରିଷଭ ପନ୍ତ (ଉଇକେଟ- କିପର), ହାର୍ଦ୍ଦିକ ପାଣ୍ଡ୍ୟା, ରବୀନ୍ଦ୍ର ଜାଡେଜା, କ୍ରୁନାଲ ପାଣ୍ଡ୍ୟା, ୱାଶିଂଟନ ସୁନ୍ଦର, ରାହୁଲ ଚହର, ଖଲିଲ ଅହମ୍ମଦ, ଦୀପକ ଚହର ଓ ନବଦୀପ ସଇନି।

■ **ଦକ୍ଷିଣ ଆଫ୍ରିକା ଦଳ:** କ୍ୱିଣ୍ଟନ ଡିକକ୍ (ଅଧିନାୟକ), ରାସି ଭାନ ଡେର ଡୁସେନ (ଉପ- ଅଧିନାୟକ), ଟେମ୍ବା ବଭୁମା, ଜୁନିୟର ଡାଲା, ବିଜର୍ନ ଫର୍ଚ୍ୟୁନ୍, ବେଉରାନ ହେଣ୍ଡ୍ରିକ୍ସ, ରିଜା ହେଣ୍ଡ୍ରିକ୍ସ, ଡେଭିଡ ମିଲର, ଅନରିଚ୍ ନୋର୍ଜେ, ଆଣ୍ଡିଲ ଫେଲୁକ୍ୱାଓ, ଡ୍ୱେନ ପ୍ରିଟୋରିୟସ, କାଗିସୋ ରାବାଡ଼ା, ତାବ୍ରେଜ୍ ଶାମସି ଓ ଜର୍ଜ ଲିଣ୍ଡେ।

**ସମୟ: ୭ଟା, ସ୍ଥାନ: ମୋହାଲି**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ**

## ପିଲାଙ୍କ ଅସ୍ତ୍ରୋପଚାର ପାଇଁ ଗାଭାସ୍କରଙ୍କ ପାଣ୍ଠି ସଂଗ୍ରହ



**ନୂଆଦିଲ୍ଲୀ, ୧୭।୯ (ପି.ଟି.):** ହାର୍ଟ ଟୁ ହାର୍ଟ (ଏଚ୍ ଟୁ ଏଚ୍) ଫାଉଣ୍ଡେଶନ ସହ ଜଡିତ ରହିଥିବା ପୂର୍ବତନ ଭାରତୀୟ ଅଧିନାୟକ ସୁନୀଲ ଗାଭାସ୍କର ୬୦୦ ଗରିବ ପିଲାଙ୍କ ହାର୍ଟ ସର୍ଜରୀ ବା ହୃତ୍‌ପିଣ୍ଡ ଅସ୍ତ୍ରୋପଚାର ପାଇଁ ପାଣ୍ଠି ସଂଗ୍ରହ କରିଛନ୍ତି। ଆମେରିକା ଗସ୍ତରେ ସେ ବିଭିନ୍ନ ସହରକୁ ଯାଇ ଏହି ପାଣ୍ଠି ସଂଗ୍ରହ କରିଛନ୍ତି। ଭାରତର ସତ୍ୟ ସାଇ ସଞ୍ଜୀବନୀ ହସ୍ପିଟାଲରେ ଏହି ଅସ୍ତ୍ରୋପଚାର କରାଯିବ। ୨୦୧୨ଠାରୁ ଏହି ହସ୍ପିଟାଲ ମାଗଣାରେ ଏପର୍ଯ୍ୟନ୍ତ ୧୦,୦୦୦ ଅସ୍ତ୍ରୋପଚାର କରି ଏକ ମାଇଲଖୁଣ୍ଟ ଅତିକ୍ରମ କରିଛି। ଏଥି ମଧ୍ୟରୁ ୪୦୦ ଅସ୍ତ୍ରୋପଚାର ହାର୍ଟ ଟୁ ହାର୍ଟ ଫାଉଣ୍ଡେଶନ ଦ୍ୱାରା ସମ୍ଭବ ହୋଇପାରିଛି। ଗାଭାସ୍କର ଏଥିମଧ୍ୟରୁ ୩୪ ଆସ୍ତ୍ରୋପଚାର ପାଇଁ ପାଣ୍ଠି ସଂଗ୍ରହ କରିଛନ୍ତି। ଅର୍ଥାଭାବରୁ ଭାରତରେ ପ୍ରତିଦିନ ୨୫୦ ପିଲା ହୃଦୟ ଜନିତ ସମସ୍ୟାରେ ମୃତ୍ୟୁବରଣ କରୁଛନ୍ତି। ମହାରାଷ୍ଟ୍ର, ଛତିଶଗଡ଼ ଓ ହରିୟାଣାରେ ସତ୍ୟ ସାଇ ସଞ୍ଜିବନୀ ହସ୍ପିଟାଲର ଶାଖା ରହିଛି। ଏବେ ୩୬,୦୦୦ ପିଲା ଚିକିତ୍ସା ପାଇଁ ତାଲିକାଭୁକ୍ତ ହୋଇଛନ୍ତି। ଠିକ୍ ସମୟରେ ଚିକିତ୍ସା ନ ହେଲେ ଏମାନଙ୍କ ମଧ୍ୟରୁ ଅଧିକାଂଶ ପିଲା ମୃତ୍ୟୁ ବରଣ କରିବେ ବୋଲି ସଞ୍ଜୀବନୀ ହସ୍ପିଟାଲର ଅଧକ୍ଷ ସି. ଶ୍ରୀନିବାସ କହିଛନ୍ତି। ଆମେରିକା ଗସ୍ତରେ ଏହି ସଂସ୍ଥାକୁ କାଲିଫର୍ନିଆ, ମିଲପିଟାସ, ସାନ ଫ୍ରାନସ୍ସିକୋ ଓ ସିକାଗୋରେ ସମର୍ଥନ ମିଳିଥିଲା।

# ଭିତ୍ତିଭୂମିକୁ ଗାମ୍ବାଉଙ୍କ ପ୍ରଶଂସା

**ଭୁବନେଶ୍ୱର, ୧୭।୯ (ପି.ଟି)**

ହାଇପ୍ରୋଫାଇଲ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇଏସ୍‌ଏଲ୍)ର ନୂଆ କ୍ଲବ ତଥା ଫ୍ରାଞ୍ଚାଇଜି ଓଡ଼ିଶା ଏଫ୍‌ସି କୋଚ୍ ଜୋସେଫ୍ ଗାମ୍ବାଉ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ପରିଦର୍ଶନ କରିଛନ୍ତି। କ୍ଲବର ହୋମ ଗ୍ରାଉଣ୍ଡରେ ଥିବା ଭିତ୍ତିଭୂମି ଓ ଟ୍ରେନିଂ ସୁବିଧାସୁଯୋଗକୁ ସେ ପ୍ରଶଂସା କରିଛନ୍ତି। ତେବେ ଦୁଇଦିନିଆ ଗସ୍ତରେ ଏଠାକୁ ଆସିଥିବା ଗାମ୍ବାଉ ପ୍ରାକ୍ଟିସ ଗ୍ରାଉଣ୍ଡର ଉନ୍ନତି ନେଇ କେତେକ ମତାମତ ଦେଇଥିଲେ। ବୁଧବାର ସେ ଦୋହା ଯାତ୍ରା କରି ଦଳରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସ୍ପେନ୍ କୋଚ୍ ଗାମ୍ବାଉ ଗତବର୍ଷ ଦିଲ୍ଲୀ ଡାଇନାମୋସ୍‌ର କୋଚ୍ ରୂପେ କାର୍ଯ୍ୟ କରିଥିଲେ। ତେବେ ଦିଲ୍ଲୀ ଡାଇନାମୋସ ଓଡ଼ିଶା ଏଫ୍‌ସିରେ ପରିଣତ ହେବା ପରେ ତା'ର ବେସ୍ ମଧ୍ୟ ସ୍ଥାନାନ୍ତର ହୋଇଥିଲା। ଆଗାମୀ ୫ ବର୍ଷ ପାଇଁ କଳିଙ୍ଗ ଷ୍ଟାଡିୟମ ଓଡ଼ିଶା ଏଫ୍‌ସିର ନୂଆ ହୋମ୍ ଗ୍ରାଉଣ୍ଡ ରୂପେ ମାନ୍ୟତା ପାଇଛି। ଏଠାରେ ଥିବା ସୁବିଧାସୁଯୋଗ ଓ ଟ୍ରେନିଂ ବ୍ୟବସ୍ଥାର ମୂଲ୍ୟାଙ୍କନ ପାଇଁ ସେ ସୋମବାର ଭୁବନେଶ୍ୱରରେ ପହଞ୍ଚିଥିଲେ।

ପୂର୍ବରୁ କେବେ ଭୁବନେଶ୍ୱର ଆସି ନ ଥିଲି। ଭାରତର ଅନ୍ୟ ସହର ତୁଳନାରେ ଏହା ବହୁତ ଭଲ ବୋଲି ସେ କହିଛନ୍ତି। ଏଠାରେ ଦୁଇଦିନର ରହଣି ମଧ୍ୟରେ ଅଭ୍ୟାସ ପଡିଆରେ କିଛିଟା ପରିବର୍ତ୍ତନ କରିବାକୁ ପରାମର୍ଶ ଦେଇଛି। ଆଗାମୀ ଦୁଇ ସପ୍ତାହ ମଧ୍ୟରେ ରାଜ୍ୟ ସରକାର ଗ୍ରାଉଣ୍ଡରେ ଅବଶ୍ୟକୀୟ ପରିବର୍ତ୍ତନ କରିବେ ବୋଲି ଆଶା କରୁଥିବା କଥା ଗାମ୍ବାଉ କହିଛନ୍ତି। ଓଡ଼ିଶା ଏଫ୍‌ସି ଦଳ ଯୁବ ଓ ଅଭିଜ୍ଞ ଖେଳାଳିଙ୍କୁ ନେଇ ବେଶ୍ ସନ୍ତୁଳିତ ମନେହେଉଛି। କେତେକ ବିଦେଶୀ ଖେଳାଳିଙ୍କ ଉପସ୍ଥିତି ଦଳକୁ ଆହୁରି ଦୃଢ଼ କରିଛି ବୋଲି ମଙ୍ଗଳବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଯୁବ ବାର୍ସିଲୋନାର ଏହି ପୂର୍ବତନ କୋଚ୍ କହିଛନ୍ତି। ଯୁବ ଖେଳାଳିମାନେ ଅଧିକରୁ ଅଧିକ ଶିକ୍ଷା କରିବାକୁ ବେଶ୍ ଆଗ୍ରହୀ ଅଛନ୍ତି। ଦୁଇ ଜଣ ସ୍ଥାନୀୟ ଖେଳାଳି ଶୁଭମ୍ ଷଡଙ୍ଗୀ ଓ ୧୭ ବର୍ଷୀୟ ଗୋଲକିପର ଅଙ୍କିତ୍ ଭୂୟାଁ ଦଳରେ ସ୍ଥାନ ପାଇଛନ୍ତି। ଦୁଇ ଗୋଲ କିପର ଫ୍ରାନ୍‌ସିସ୍କୋ ଡୋରୋନସୋରୋ ଓ ମାର୍କୋସ ଟେବାରଙ୍କୁ ମଧ୍ୟ ଦଳ ବଜାୟ ରଖିଛି ବୋଲି ଗାମ୍ବାଉ କହିଛନ୍ତି। ଏହି ଦୁଇ ଖେଳାଳିଙ୍କୁ ବାଦ୍‌ଦେଲେ ଡିଫେଣ୍ଡର କାର୍ଲୋସ ଡେଲଗାଡୋ, ମିଡ୍‌ଫିଲ୍ଡର ଜିସ୍କୋ ହେର୍ନାଣ୍ଡେଜ୍, ଷ୍ଟ୍ରାଇକର ଅରିଡେନ ସାଣ୍ଟାନା ଓ ମିଡଫିଲ୍ଡର ମାର୍ଟିନ ପେରେଜ ଗୁଏଡ୍ସଙ୍କ ସହ ଦଳ ଚୁକ୍ତିରେ ସ୍ୱାକ୍ଷର କରିଛି। ଦଳ ଏବେ ଦୋହାରେ ସେସନ ପୂର୍ବର ପ୍ରସ୍ତୁତି ଚଳାଇଛନ୍ତି। ସେଠାରେ ଖେଳାଳିମାନେ ପୂର୍ବତନ ବାର୍ସିଲୋନା ଖେଳାଳି ଜାଭି ହେର୍ନାଣ୍ଡେଜ୍‌ଙ୍କ ସହ ପ୍ରସ୍ତୁତି ନେଇ ଆଲୋଚନା କରିଥିବା ବିଭିନ୍ନ ସୋସିଆଲ ମିଡିଆରେ ଦେଖିବାକୁ ମିଳିଥିଲା। ଜାଭିଙ୍କ ଉପସ୍ଥିତି ଖେଳାଳିଙ୍କୁ ବେଶ୍ ସହାୟତା ପ୍ରଦାନ କରିଛି ବୋଲି ସେ କହିଛନ୍ତି। ଆସନ୍ତାମାସରେ ପ୍ରଥମ ସପ୍ତାହରେ ଖେଳାଳିମାନେ ଏଠାରେ ଆସି ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ଅକ୍ଟୋବର ୧୯ ତାରିଖ ପର୍ଯ୍ୟନ୍ତ ଖେଳାଳିମାନେ ଏଠାରେ ଅଭ୍ୟାସ କରିବେ। ଏହାପରେ ଦଳ ଜାମସେଦପୁର ଗସ୍ତ କରି ସେଠାରେ ଲିଗ୍‌ର ପ୍ରଥମ ମ୍ୟାଚ୍ ଖେଳିବ। ନଭେମ୍ବର ୨୪ ତାରିଖରେ ଆଟଲେଟିକୋ ଡି କୋଲକାତା ବିପକ୍ଷରେ ଓଡ଼ିଶା ଏଫ୍‌ସି ତା'ର ପ୍ରଥମ ମ୍ୟାଚ୍ ଖେଳି ଅଭିଯାନ ଆରମ୍ଭ କରିବ।



ଜୋସେଫ୍ ଗାମ୍ବାଉ

# ଭିନେଶ୍‌ଙ୍କ ଅଲିମ୍ପିକ୍ ଆଶା ଉଜ୍ଜୀବିତ

**ନୁର୍-ସୁଲତାନ, ୧୭।୯ (ପି.ଟି.)**

## ରେସ୍‌ଲିଂ ବିଶ୍ୱ ଚାମ୍ପିୟନଶିପ୍

କାଜାଖସ୍ତାନରେ ଚାଲିଥିବା ରେସ୍‌ଲିଂ ବିଶ୍ୱ ଚାମ୍ପିୟନଶିପ୍‌ରେ ଷ୍ଟାର୍ ଭାରତୀୟ ମହିଳା ରେସ୍‌ଲର ଭିନେଶ ଫୋଗଟଙ୍କ ଟାଇଟଲ୍ ଜିତିବା ଆଶା ମଉଳିଯାଇଛି। ମଙ୍ଗଳବାର ଅନୁଷ୍ଠିତ ମହିଳା ୫୩ କିଗ୍ରା ବିଭାଗର ଏକ ବାଉଟ୍‌ରେ ଫୋଗଟ୍ ଡିଫେଣ୍ଡିଂ ଚାମ୍ପିୟନ ଜାପାନର ମାୟୁ ମୁକାଇଡାଙ୍କ ନିକଟରୁ ହାରି ଯାଇଛନ୍ତି। ଚଳିତ ସିଜନରେ ଜାପାନର ମାୟୁଙ୍କ ବିପକ୍ଷରେ ଫୋଗଟ୍‌ଙ୍କ ଏହା ଲଗାତର ୨ୟ ପରାଜୟ। ଏଥିପୂର୍ବରୁ ଚାଇନାରେ ଅନୁଷ୍ଠିତ ଏସିଆନ ଚାମ୍ପିୟନଶିପ୍‌ରେ ମାୟୁଙ୍କ ନିକଟରୁ ତାଙ୍କୁ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା। ପରାଜୟ ସତ୍ତ୍ୱେ ରାଜ୍ୟଗୋଷ୍ଠୀ ଓ ଏସିଆନ ଗେମ୍ସ ଟାଇଟଲ୍ ବିଜୟିନୀ ୨୫ ବର୍ଷୀୟା ଫୋଗଟ୍‌ଙ୍କ ପଦକ ଆଶା ଉଜ୍ଜୀବିତ ରହିଛି। ସେମିଫାଇନାଲରେ ପ୍ରବେଶ କରିଥିବା ମାୟୁ ଯଦି ଫାଇନାଲ ଟିକେଟ୍ ହାସଲ କରନ୍ତି ତେବେ ଭିନେଶ ରିପେଜ ରାଉଣ୍ଡ ଜରିଆରେ ବ୍ରୋଞ୍ଜ ପଦକ ସହ ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲର କରିବାର ସୁଯୋଗ ପାଇବେ। ସେହିଭଳି ମହିଳା ୫୦ କିଗ୍ରା ବିଭାଗର ଏକ ବାଉଟ୍‌ରେ ସୀମା ବିସଲା ପ୍ରି-କ୍ୱାର୍ଟରରେ ୨-୯ରେ ୩ଥର ଅଲିମ୍ପିକ ପଦକ ବିଜୟିନୀ ମାରିୟା ଷ୍ଟାଡ୍‌ନିକଙ୍କ ନିକଟରୁ ହାରିଯାଇଛନ୍ତି। ସୀମାଙ୍କ ନିକଟରେ ମଧ୍ୟ ବ୍ରୋଞ୍ଜ ପଦକ ଜିତିବାର ସୁଯୋଗ ରହିଛି।



ପ୍ରତିପକ୍ଷ ରେସ୍‌ଲରଙ୍କୁ ତଳେ ପକାଇ ଦେଇଛନ୍ତି ଭିନେଶ ଫୋଗଟ।

# ଦକ୍ଷିଣ ଆଫ୍ରିକା ଯୁବ ଦଳ ପାଇଁ କଡ଼ା ପରୀକ୍ଷା

**ସୌରଭ ଗାଙ୍ଗୁଲି**

ଉଭୟ ଭାରତ ଓ ଦକ୍ଷିଣ ଆଫ୍ରିକା ଏବେ ଯୁବ ଖେଳାଳିଙ୍କୁ ଦଳରେ ପ୍ରାଧାନ୍ୟ ଦେଇଛନ୍ତି। ଭାରତ ଏହି ପ୍ରକ୍ରିୟା ୨୦୧୯ ଆଇସିସି ବିଶ୍ୱକପ ପରେ ୱେଷ୍ଟଇଣ୍ଡିଜ ଗସ୍ତରୁ ଆରମ୍ଭ କରିଛି। ଦଳରେ ଏବେ କେତେକେ ଯୁବ ଖେଳାଳି ସ୍ଥାନ ନେଇ ସାରିଛନ୍ତି। ଭବିଷ୍ୟତକୁ ଦୃଷ୍ଟିରେ ରଖି ସେମାନଙ୍କୁ ମଝିରେ ବ୍ରେକ୍ ଦେବାର ମଧ୍ୟ ଯୋଜନା ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଭାରତ ଆସନ୍ତାବର୍ଷ ହେବାକୁଥିବା ଟି୨୦ ବିଶ୍ୱକପକୁ ଆଖି ଆଗରେ ରଖି ଯୋଜନା ପ୍ରସ୍ତୁତ କରୁନାହିଁ। କାରଣ ଗତ ବିଶ୍ୱକପକୁ ଦୃଷ୍ଟିରେ ରଖି ଅନେକ ଯୋଜନା ପ୍ରସ୍ତୁତ ହୋଇଥିଲା, ମାତ୍ର ତାହା ବିଶେଷ ଫଳପ୍ରଦ ହେଲାନାହିଁ। ତେଣୁ ଉପଲବ୍ଧ ଶ୍ରେଷ୍ଠ ଖେଳାଳିଙ୍କୁ କ୍ରମାଗତ ସୁଯୋଗ ଦିଆଯାଉଛି। କାରଣ ଘରୋଇ ସର୍କିଟରେ ପର୍ଯ୍ୟାପ୍ତ ପରିମାଣରେ ପ୍ରତିଭାସମ୍ପନ୍ନ ଖେଳାଳି ରହିଛନ୍ତି।

ବିରାଟ କୋହଲି, ରୋହିତ ଶର୍ମା, ଶିଖର ଧାୱନ, ହାର୍ଦ୍ଦିକ ପାଣ୍ଡ୍ୟା ଓ ରବୀନ୍ଦ୍ର ଜାଡେଜା ଦକ୍ଷତା ଦେଖାଇ ସାରିଛନ୍ତି। ଏବେ ଯୁବ ଖେଳାଳିମାନେ ସେମାନଙ୍କ ପ୍ରତିଭା ଦେଖାଇ ଭାରତୀୟ ଦଳକୁ ଆଗକୁ ବଢ଼ାଇବା ଆବଶ୍ୟକ ହେଉଛି। ଭାରତୀୟ ବୋଲିଂ ବିଭାଗରେ ଅନେକ ଯୁବ ପ୍ରତିଭା ଅଛନ୍ତି। ଖଲିଲ ଅହମଦ, ଦୀପକ ଚହର, ନଭଦୀପ ସଇନି ନିଜ ଦକ୍ଷତା ଦେଖାଇବା ଆରମ୍ଭ କରିଛନ୍ତି। ଭାରତୀୟ ଦୃଷ୍ଟିକୋଣରୁ ଯଶପ୍ରୀତ ବୁମ୍‌ରାଙ୍କ ପରି ଏମାନେ ଚମକ ସୃଷ୍ଟି କରିବା ଆବଶ୍ୟକ ହେଉଛି। ସମୟକ୍ରମେ ପରିପକ୍ୱତା ଦେଖାଇଥିବା ବୋଲରଙ୍କ ମଧ୍ୟରେ ଅଛନ୍ତି ବୁମ୍‌ରା, ଭୁବନେଶ୍ୱର କୁମାର ଓ ମହମ୍ମଦ ସାମି। ଏମାନେ ଯୁବ ଖେଳାଳିଙ୍କ ରୋଲମଡେଲ ହୋଇଛନ୍ତି । ଏମାନଙ୍କ ଉପସ୍ଥିତିରେ ଭାରତୀୟ ଫାଷ୍ଟ ବୋଲିଂ ସୁସ୍ଥ ପରମ୍ପରା ସୃଷ୍ଟି କରିପାରିଥିବା ପ୍ରତୀୟମାନ ହୋଇଛି। ରାହୁଲ ଚହର, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲଙ୍କ ପରି ସ୍ପିନରମାନେ ମଧ୍ୟ ସେମାନଙ୍କ ଦାୟିତ୍ୱ ସମ୍ପାଦନ କରୁଛନ୍ତି।

ବ୍ୟାଟିଂ ବିଭାଗରେ ମଧ୍ୟ କେତେକ ମୁହଁ ଲୋକଲୋଚନକୁ ଆସିଛନ୍ତି। ନିଜକୁ ପ୍ରମାଣିତ କରିବାପାଇଁ ସେମାନେ ସ୍ୱାଧୀନଭାବେ ଖେଳିବା ଆବଶ୍ୟକ କରୁଛନ୍ତି। ଶ୍ରେୟାସ ଆୟାର ଟି୨୦ ଦଳରେ ସ୍ଥାନ ପାଇଛନ୍ତି। ୱେଷ୍ଟଇଣ୍ଡିଜ ବିପକ୍ଷ ୫୦ ଓଭର ବିଶିଷ୍ଟ ଫର୍ମାଟରେ ଭଲ ପ୍ରଦର୍ଶନର ପୁରସ୍କାର ତାଙ୍କୁ ମିଳିଛି। ଲୋକେଶ ରାହୁଲ ବାଦ୍ ପଡ଼ିଥିବାରୁ ରୋହିତ ଓ ଶିଖର ଭାରତର ଶ୍ରେଷ୍ଠ ସମ୍ଭାବ୍ୟ ଓପନିଂ ଯୋଡ଼ି। ପ୍ରଦର୍ଶନରେ ଅସ୍ଥିରତା ଯୋଗୁ ଲୋକେଶ ଟେଷ୍ଟ ଦଳରୁ ମଧ୍ୟ ବାହାରେ ରହିଛନ୍ତି। ଏ କ୍ଷେତ୍ରରେ ଶ୍ରେୟାସ ଓ ମନୀଷ ପାଣ୍ଡେ ୪ ନମ୍ବରସ୍ଥାନ ଦୌଡ଼ରେ ରହିଛନ୍ତି। ହାର୍ଦ୍ଦିକ ପ୍ରତ୍ୟାବର୍ତ୍ତନ କରିଥିବାରୁ ସ୍ୱାଭାବିକଭାବେ ପ୍ରଥମ ପସନ୍ଦ ଅଲରାଉଣ୍ଡରଭାବେ ପ୍ରତି ଫର୍ମାଟରେ ସ୍ଥାନ ପାଇଛନ୍ତି।

ଦକ୍ଷିଣ ଆଫ୍ରିକା ଏବେ ପୁନର୍ଗଠନ ପଥରେ ରହିଛି। ଏହା ଏପରି ଏକ ଦଳ ଯାହାକୁ କି ସିଷ୍ଟମପ୍ରତି ଦୃଷ୍ଟି ଦେବାର ସମୟ ଆସିଛି। କିଛିବର୍ଷ ପୂର୍ବରୁ ଏହି ଦଳରେ ଅନେକ ଦକ୍ଷ ଏବଂ ପ୍ରତିଭା ସମ୍ପନ୍ନ ଖେଳାଳି ଥିଲେ। ମାତ୍ର ଦଳ ସେହି ସ୍ତର ବଜାୟ ରଖି ପାରିନାହିଁ। ବିଶ୍ୱ କ୍ରିକେଟରେ ଅନେକ ଦଳ କ୍ଷେତ୍ରରେ ଏପରି ଦେଖିବାକୁ ମିଳିଛି। ଅଷ୍ଟ୍ରେଲିଆ କ୍ରିକେଟକୁ ଦୃଷ୍ଟିରେ ରଖି ଏହି ଦଳକୁ ପୁନର୍ଗଠନ ହେବାର ଅଛି। ଅନେକ ନାମୀ ଖେଳାଳି ଅବସର ନେଇ ଯାଇଥିବାରୁ କ୍ୱିଣ୍ଟନ ଡିକକ୍‌ଙ୍କୁ ଦୃଷ୍ଟିରେ ରଖି ଦୀର୍ଘ ମିଆଦି ଯୋଜନା ପ୍ରସ୍ତୁତ ହେବା ଆବଶ୍ୟକ। ଭାରତ ଗସ୍ତ ଡିକକ୍ ଏବଂ କାଗିଶୋ ରାବାଡ଼ା ପ୍ରମୁଖ ଖେଳାଳିଙ୍କ ପାଇଁ ଅନେକ ସୁଯୋଗ ଆଣିବ। ନିକଟ ଅତୀତରେ ବ୍ୟାଟିଂ ବିଭାଗ ଏହି ଦଳପାଇଁ ଚିନ୍ତାର କାରଣ ହୋଇଛି। ତେଣୁ ଭାରତ ବିପକ୍ଷରେ ବଡ଼ ସ୍କୋର କରିବା ଦଳପାଇଁ ବଡ଼ ଚ୍ୟାଲେଞ୍ଜ ହେବ। ଭାରତକୁ ଭାରତରେ ଚ୍ୟାଲେଞ୍ଜ ଦେବା ଦକ୍ଷିଣ ଆଫ୍ରିକା ଯୁବ ଦଳପାଇଁ କଡ଼ା ପରୀକ୍ଷା ସଦୃଶ ହେବ।

–(ଗେମ୍‌ପ୍ଲାନ)

SEAGRAM'S
ROYAL STAG
MEGA MUSIC CDs

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୧୮/୨୦୧୯ Bhubaneswar, Wednesday, September 18/2019

## ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ୭୫ ମିଟର ଉଚ୍ଛେଦ ପ୍ରକ୍ରିୟା ଜୋର୍ ଧରିଲା

# ନିର୍ଭୁଲ ମାର୍କିଂ ପାଇଁ ଡିଜିପିଏସ୍ ସର୍ଭେ

■ ଖୋଲିଲା କଣ୍ଟ୍ରୋଲ ରୁମ୍, ସିଧା କଥା ହେବେ କ୍ଷତିଗ୍ରସ୍ତ

■ ୫ ଶିକ୍ଷାନବିସ ଆଇଏଏସ୍ ଅଧିକାରୀଙ୍କୁ ଦିଆଗଲା ଦାୟିତ୍ୱ

**ପୁରୀ ଅଫିସ, ୧୭।୯**

ଶ୍ରୀମନ୍ଦିର ସୁରକ୍ଷା ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ମେଘନାଦ ପାଚେରିଠାରୁ ୭୫ ମିଟର ମଧ୍ୟରେ ଥିବା ମଠ, ହୋଟେଲ, ଲଜ୍‌ଂ, ଧର୍ମଶାଳା, ଦୋକାନ ସବୁ ଉଚ୍ଛେଦ କରାଯିବ। କୌଣସି ବାସଗୃହ ରହିବ ନାହିଁ। ଏଥିପାଇଁ ପ୍ରଥମେ ସିଂହଦ୍ୱାରକୁ ଲାଗି ରହିଥିବା ସରକାରୀ ଏବଂ ବେସରକାରୀ ନିର୍ମାଣକୁ ଉଚ୍ଛେଦ କରାଯାଇଥିବା ବେଳେ ଅସୁରକ୍ଷିତ ଦର୍ଶାଇ ଲଙ୍ଗୁଳି, ଏମାର ଏବଂ ବଡ଼ ଆଖଡା ମଠ ଭଙ୍ଗାଯାଇଛି। ସୋମବାରଠାରୁ ୭୫ ମିଟର ଉଚ୍ଛେଦ ପାଇଁ ମାପଚୁପ ଆରମ୍ଭ କରାଯାଇଥିବା ବେଳେ ଦ୍ୱିତୀୟ ଦିନରେ ଡିଜିପିଏସ୍ ସର୍ଭେରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ମାର୍କିଂ କରାଯାଇଛି। ଏଥିସହ ପୂର୍ବ ଏବଂ ଉତ୍ତର ପାର୍ଶ୍ୱରେ କେଉଁ ପର୍ଯ୍ୟନ୍ତ ୭୫ ମିଟର ରହିଛି ତାହା ମାପ କରାଯାଇ ଚିହ୍ନ ଦିଆଯାଇଛି। ତେବେ ନିର୍ଭୁଲ ମାର୍କିଂ ଲାଗି ଡିଜିପିଏସ୍ ସର୍ଭେ କରାଯାଇଥିବା ଜିଲାପାଳ ବଲୱନ୍ତ ସିଂ କହିଛନ୍ତି।



ଗଣମାଧ୍ୟମକୁ ସର୍ଭେ ଏବଂ କ୍ଷତିଗ୍ରସ୍ତଙ୍କ ଥଇଥାନ ସଂକ୍ରାନ୍ତରେ ସୂଚନା ଦେଇ ଜିଲାପାଳ କହିଥିଲେ, ୭୫ ମିଟର ଐତିହ୍ୟ ସୁରକ୍ଷିତ ଅଞ୍ଚଳ ମଧ୍ୟରେ ଜମି ଅଧିଗ୍ରହଣ ହେବ। ଏଥିଲାଗି ସୋମବାରଠାରୁ ବିଧିବଦ୍ଧ ଭାବେ ସର୍ଭେ ଆରମ୍ଭ ହୋଇ ଡିମାର୍କେଶନ କରାଯାଉଛି। ଏଥିସହ ଜମି ଅଧିଗ୍ରହଣ ଆଇନ-୨୦୧୩ର ପ୍ରପୋଜାଲ ମଧ୍ୟ ସରକାରଙ୍କ ନିକଟକୁ ପଠାଯାଇଛି। ଏହି ସର୍ଭେ ପରେ ଉଚ୍ଛେଦ କାର୍ଯ୍ୟ ଚାଲିବ। ତେବେ ସାଧାରଣତଃ ରାଜସ୍ୱ ବା ଜମିଜମା ସଂକ୍ରାନ୍ତୀୟ କାମ ମାନୁଆଲ ଭାବେ କରାଯାଇଥାଏ। ଫାଙ୍କା ଜମିରେ ମାନୁଆଲରେ ମାପଚୁପ କିମ୍ବା ଚିହ୍ନ ଦେବାରେ ସେମିତି ସମସ୍ୟା ହୁଏ ନାହିଁ। କିନ୍ତୁ ଯେଉଁଠି ବହୁତ ନିର୍ମାଣ ଥାଏ ସେଠାରେ ମାନୁଆଲରେ ମାପଚୁପ କଲାବେଳେ ଭୁଲ୍‌ଭଟକା ହେବାର ସମ୍ଭାବନା ଅଧିକ ରୁହେ। ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ୭୫ ମିଟର ପରିଧି ମଧ୍ୟରେ ବହୁ ମଠ, ମନ୍ଦିର, ବାସଗୃହ, ବ୍ୟବସାୟ ପ୍ରତିଷ୍ଠାନ ରହିଛି। ବିଶେଷକରି ପଶ୍ଚିମ ପାର୍ଶ୍ୱରେ ଅଧିକାଂଶ ବାସଗୃହ ରହିଥିବା ବେଳେ ଉତ୍ତର ଏବଂ ଦକ୍ଷିଣ ପାର୍ଶ୍ୱରେ ବି ପୁରୁଣା କୋଠା ରହିଛି। ତେଣୁ ମାପଚୁପ ଏବଂ ଚିହ୍ନଟକୁ ନିର୍ଭୁଲ କରିବା ଲାଗି ଡିଜିପିଏସ୍ ସର୍ଭେ (ଡିଫରେନ୍‌ସିଆଲ ଗ୍ଲୋବାଲ ପୋଜିସନିଂ ସିଷ୍ଟମ) କରାଯାଉଛି। ଏହାଦ୍ୱାରା କାର୍ଯ୍ୟ ଶୀଘ୍ର ଏବଂ ତ୍ରୁଟିଶୂନ୍ୟ ହୋଇପାରିବ। ଡିଜିପିଏସ୍‌ର ମାପ ଏବଂ ଚିହ୍ନଟକୁ ମାନୁଆଲ ସହିତ ମଧ୍ୟ କ୍ରସ୍ ଚେକ୍ କରାଯିବ। ସେହିପରି ସୁରକ୍ଷିତ ଅଞ୍ଚଳ ମଧ୍ୟରେ ଥିବା ଘରୋଇ ଲୋକ ହୁଅନ୍ତୁ କି ମଠ ମହନ୍ତ ଅବା ବ୍ୟବସାୟୀ ସେମାନଙ୍କର ଯଦି କୌଣସି ଆପତ୍ତି ଅଭିଯୋଗ ଥାଏ ତେବେ ସିଧାସଳଖ ପ୍ରଶାସନ ସହିତ ଆଲୋଚନା କରିପାରିବେ। ଏଥିଲାଗି ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ମଙ୍ଗଳବାରଠାରୁ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ ଏହାର ମୁଖ୍ୟ ରହିଛନ୍ତି। କଣ୍ଟ୍ରୋଲ ରୁମ୍‌କୁ ଆସି ତାଙ୍କ ଅଭିଯୋଗ ଉପସ୍ଥାପନ କରିବା ସହ କ୍ଷତିପୂରଣ କିମ୍ବା ପୁନର୍ବାସ ଥଇଥାନ ସଂକ୍ରାନ୍ତରେ ଯାହା ବି କିଛି ସନ୍ଦେହ ଥିବ ତାହା ବୁଝିପାରିବେ। ଅତିରିକ୍ତ ଜିଲାପାଳଙ୍କ ସହିତ ଶିକ୍ଷାନବିସ ଆଇଏଏସ୍ ଅଧିକାରୀ ମଧ୍ୟ କଣ୍ଟ୍ରୋଲ ରୁମ୍‌ରେ ଉପସ୍ଥିତ ରହିବେ। କିନ୍ତୁ ଏଥିରେ ଅନ୍ୟ କାହାରିକୁ ମାଧ୍ୟମ ନ କରିବାକୁ ଜିଲାପାଳ କ୍ଷତିଗ୍ରସ୍ତଙ୍କୁ ଅନୁରୋଧ କରିଛନ୍ତି। ସେହିପରି ୫ ଶିକ୍ଷାନବିସ ଆଇଏଏସ୍ ଅଧିକାରୀଙ୍କ ବିଭିନ୍ନ ପ୍ରକାର ଦାୟିତ୍ୱ ଦିଆଯାଇଛି।



ପଞ୍ଜାବ ଅମୃତସରରୁ ପୁରୀ ମଙ୍ଗୁ ମଠ ପରିଦର୍ଶନରେ ଆସିଥିବା ଏସ୍‌ଜିପିସି ପ୍ରତିନିଧି ଦଳ।

## ମଙ୍ଗୁ ମଠ ପରିଦର୍ଶନ କଲେ ଏସ୍‌ଜିପିସି ପ୍ରତିନିଧି

# ପଞ୍ଜାବରେ ମିଥ୍ୟା ସୂଚନା ଭାଇରାଲ ହୋଇଛି

**ପୁରୀ ଅଫିସ, ୧୭।୯**

ଶ୍ରୀମନ୍ଦିର ସୁରକ୍ଷା ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ମେଘନାଦ ପାଚେରି କଡ଼ରୁ ୭୫ ମିଟର ମଧ୍ୟରେ ଉଚ୍ଛେଦ କରାଯିବ। ଏହା ପୂର୍ବରୁ ଅସୁରକ୍ଷିତ ଥିବା ଦର୍ଶାଇ ଲଙ୍ଗୁଳି ମଠ, ଏମାର ମଠ ଏବଂ ବଡ଼ ଆଖଡା ମଠ ଭଙ୍ଗାଯାଇଛି। ଆଗକୁ ଏକାଧିକ ମଠ ଭଙ୍ଗାଯିବା ପାଇଁ ମାପଚୁପ ସରିଥିବା ବେଳେ ଗତ କିଛିଦିନ ମଙ୍ଗୁ ମଠକୁ ନେଇ ବେଶ୍ ଚର୍ଚ୍ଚା ଚାଲିଛି। ଶିଖ୍ ଗୁରୁ ନାନକ ଦେବଙ୍କ ସହ ଜଡ଼ିତ ଏହି ମଠକୁ ନ ଭାଙ୍ଗିବା ପାଇଁ ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଥିଲେ। ଏହାପରେ ଦିଲ୍ଲୀରୁ ଶିଖ୍ ସମ୍ପ୍ରଦାୟର ଏକ ପ୍ରତିନିଧି ମଙ୍ଗୁ ମଠ ପରିଦର୍ଶନ କରିଥିଲେ। ମଙ୍ଗଳବାର ପଞ୍ଜାବ ଅମୃତସରରୁ ଶିରୋମଣି ଗୁରୁଦ୍ୱାର ପ୍ରବନ୍ଧକ କମିଟି (ଏସ୍‌ଜିପିସି)ର ୩ଜଣିଆ ପ୍ରତିନିଧି ମଙ୍ଗୁ ମଠ ପରିଦର୍ଶନ କରିଛନ୍ତି।

ଏହି ପ୍ରତିନିଧି ଦଳ ମଠରେ ପହଞ୍ଚି ମହନ୍ତ ଭବାନୀଶଙ୍କର ଦାସଙ୍କ ସହ ଆଲୋଚନା କରିଥିଲେ। ମଠ ସେବା ପୂଜା, ବର୍ତ୍ତମାନର ସ୍ଥିତି କଣ ଏବଂ ଉଚ୍ଛେଦ ସଂକ୍ରାନ୍ତରେ ପଚାରି ବୁଝିଥିଲେ। ଏଥିସହ ମଠରେ ଉପାସିତ ଠାକୁରଙ୍କୁ ଦର୍ଶନ କରିବା ସହ ଫଟୋ ଉଠାଇ ନେଇଥିଲେ। ଗଣମାଧ୍ୟମକୁ ସୂଚନା ଦେଇ ସେମାନେ କହିଥିଲେ ଯେ, ମଙ୍ଗୁ ମଠକୁ ନେଇ ପଞ୍ଜାବରେ ସାମାଜିକ ଗଣମାଧ୍ୟମରେ ଭୁଲ୍ ତଥ୍ୟ ଭାଇରାଲ ହୋଇଛି। ମଠକୁ ଭାଙ୍ଗି ଦିଆଯାଇଥିବା ନେଇ ମିଥ୍ୟା ପ୍ରଚାର କରାଯାଉଛି। ସାମ୍ପ୍ରଦାୟିକ ସଦ୍‌ଭାବନାରେ ଦ୍ୱନ୍ଦ୍ୱ ଉପୁଜାଇବା ପାଇଁ ଏଭଳି କରାଯାଉଛି। କିନ୍ତୁ ଏଠାକୁ ଆସି ଯାହା ଦେଖିଲୁ ସମ୍ପୂର୍ଣ୍ଣ ଭିନ୍ନ। ସରକାର ଠିକ୍ ଭାବେ ଏହାର ସଂରକ୍ଷଣ ଏବଂ ବିକାଶ କାର୍ଯ୍ୟ କରୁଛନ୍ତି। ଏ ନେଇ ସେମାନେ ଏସ୍‌ଜିପିସି ଅଧ୍ୟକ୍ଷଙ୍କୁ ରିପୋର୍ଟ ପ୍ରଦାନ କରିବେ। ଏସ୍‌ଜିପିସି ଅଧ୍ୟକ୍ଷ ସ୍ୱର୍ଣ୍ଣ ମନ୍ଦିର କମିଟିକୁ ଅବଗତ କରାଇବେ। ସ୍ୱର୍ଣ୍ଣ ମନ୍ଦିର କମିଟି ପଞ୍ଜାବ ସରକାରଙ୍କୁ ଜଣାଇବେ। ଏହି ପ୍ରତିନିଧି ମଙ୍ଗୁ ମଠ ସ୍ଥିତି ଅନୁଧ୍ୟାନ କରିସାରିବା ପରେ ଜିଲାପାଳଙ୍କ ସହ ଆଲୋଚନା କରିଥିବା ଜଣାପଡିଛି। ଏହି ପ୍ରତିନିଧି ଦଳରେ ଏସ୍‌ଜିପିସିର ଏକ୍‌ଜିକ୍ୟୁଟିଭ ସଦସ୍ୟ ଗୁରମିତ୍ ସିଂ, ସଦସ୍ୟ ହରଜପ୍ ସିଂ ଓ ଯୁଗ୍ମ ସମ୍ପାଦକ ସର୍ଦ୍ଦାର ସକ୍ତର ସିଂ ଆସିଥିଲେ। ଏମାନଙ୍କ ସହିତ ଓଡ଼ିଶା ଶିଖ୍ ପ୍ରତିନିଧି ବୋର୍ଡ ସଦସ୍ୟ ସତ୍‌ପାଲ ସିଂ, ଯଶପାଲ ସିଂ ସାମିଲ ଥିଲେ।

ଅନ୍ୟପକ୍ଷରେ ମଙ୍ଗୁ ମଠକୁ ନେଇ ଜିଲାପାଳ ବଲୱନ୍ତ ସିଂ କହିଛନ୍ତି, ସରକାର ଏହି ପ୍ରସଙ୍ଗରେ ତାଙ୍କର ଆଭିମୁଖ୍ୟ ଆରମ୍ଭରୁ ସ୍ପଷ୍ଟ କରିସାରିଛନ୍ତି। ୭୫ ମିଟର ମଧ୍ୟରେ ଥିବା କୌଣସି ମଠ, ମନ୍ଦିରରେ ପୂଜା ପାଉଥିବା ଠାକୁରଙ୍କ ବିଜେସ୍ଥଳୀ କିମ୍ବା ଗାଦିଘର ଭଙ୍ଗାଯିବ ନାହିଁ। କିନ୍ତୁ ଏହି ପରିସୀମା ମଧ୍ୟରେ ଥିବା ବାସସ୍ଥାନ ଏବଂ ବ୍ୟବସାୟିକ କୋଠା ଉଚ୍ଛେଦ କରାଯିବ। ତେଣୁ ମଙ୍ଗୁ ମଠ ସମେତ ଅନ୍ୟାନ୍ୟ ମଠରେ ଉପାସିତ ଠାକୁରଙ୍କ ବିଜେସ୍ଥଳୀକୁ ସୁରକ୍ଷିତ ରଖାଯିବ। ଗାଦିଘର ଏବଂ ବିଜେସ୍ଥଳୀକୁ ସଂରକ୍ଷିତ ଏବଂ ସୌନ୍ଦର୍ଯ୍ୟକରଣ କରାଯିବ।

## ଗଣମାଧ୍ୟମରେ ମୁହଁ ଖୋଲିବା ଖେଳାଳିଙ୍କୁ ମହଙ୍ଗା ପଡ଼ିଲା

# ଜିଲା, ରାଜ୍ୟସ୍ତରୀୟ ପ୍ରତିଯୋଗିତାରୁ ବାସନ୍ଦ ହେଲେ ଶିବାନୀ

**ପୁରୀ ଅଫିସ, ୧୭।୯**

ଗଣମାଧ୍ୟମ ଆଗରେ ମୁହଁ ଖୋଲିବା ଖେଳାଳିଙ୍କୁ ମହଙ୍ଗା ପଡ଼ିଲା। କଟକରେ ରାଜ୍ୟ କୁସ୍ତି ସଂଘ ଆନୁକୂଲ୍ୟରେ ହୋଇଥିବା କୁସ୍ତି ଚାମ୍ପିୟନଶିପ୍‌ରେ ପୁରୀର ଉଦୀୟମାନ କୁସ୍ତି ଖେଳାଳି ଶିବାନୀ ଜେନା ଭାଗନେଇଥିଲେ। ମାତ୍ର ତାଙ୍କ ପ୍ରତି ପକ୍ଷପାତିତା କରାଯାଇଥିବା ନେଇ ଗଣମାଧ୍ୟମ ଆଗରେ କହିଥିଲେ। ସୋମବାର ସଂଘ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ସଂଘର ପରବର୍ତ୍ତୀ ନିଷ୍ପତ୍ତି ପର୍ଯ୍ୟନ୍ତ ଶିବାନୀଙ୍କୁ ଜିଲା ଓ ରାଜ୍ୟସ୍ତରର ସମସ୍ତ ପ୍ରତିଯୋଗିତାରୁ ବାସନ୍ଦ କରାଯାଇଛି। ଏନେଇ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ଶିବାନୀ। କୁସ୍ତି ସଂଘ ମୋତେ ଅବହେଳା କରୁଛି। ମ୍ୟାଚରେ ପକ୍ଷପାତିତା କରାଯାଇଥିବା ସମ୍ପର୍କରେ ସଂଘକୁ ଅବଗତ କରିଛି। ମ୍ୟାଚରେ ମୁଁ ଭଲ ପ୍ରଦର୍ଶନ କରିଥିବା ସତ୍ତ୍ୱେ ମୋତେ ଜାଣିଶୁଣି ହରାଇ ଦିଆଗଲା। ବାରମ୍ବାର ସଂଘ ପକ୍ଷରୁ ଆମ ପ୍ରତି ଅବହେଳା କରାଯାଉଛି। ଏ ସମ୍ପର୍କରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବି। ଆବଶ୍ୟକ ପଡିଲେ ସଂଘ ବିରୋଧରେ କୋର୍ଟ ଯିବି ବୋଲି ଶିବାନୀ କହିଛନ୍ତି। ଅନ୍ୟପଟେ ଜିଲା କ୍ରୀଡା ସଂସଦ ସମ୍ପାଦକ ରବିଶଙ୍କର ପ୍ରତିହାରୀ କୁହନ୍ତି, ସଂଘ ଏ ସମ୍ପର୍କରେ ମୋ ସହ କୌଣସି ଆଲୋଚନା କରିନାହିଁ। ସଂଘ ଶିବାନୀଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ସେ ସମ୍ପର୍କରେ ଲିଖିତ ରିପୋର୍ଟ ପାଇନାହିଁ। ରିପୋର୍ଟ ପାଇବା ପରେ ଏ ସମ୍ପର୍କରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ।

# ବିଭିନ୍ନ ରେଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବେ ରାଷ୍ଟ୍ରପତି

**ଭୁବନେଶ୍ୱର, ୧୭।୯(ବ୍ୟୁରୋ)**

ଆସନ୍ତା ୨୭ତାରିଖରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଓଡ଼ିଶା ଆସିବାର କାର୍ଯ୍ୟକ୍ରମ ରହିଛି। ଏହି ଗସ୍ତ ସମୟରେ ସେ କିଛି ନୂତନ ରେଳ ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ କରିବେ। ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରେଳ ମନ୍ତ୍ରୀ ପୀୟୂଷ ଗୋୟଲ ଓ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ବିଡିଏ ଓ ଖୋର୍ଦ୍ଧାରୋଡ ରେଳ ଡିଭିଜନ ମଧ୍ୟରେ ଏକ ଏମଓୟୁ ସ୍ୱାକ୍ଷର ହେବାର ଯୋଜନା ରହିଛି। ପୂର୍ବ ପ୍ରସ୍ତାବିତ ପେଟ୍ରୋନସ ଟାୱାର ନିର୍ମାଣ ଏହାର ଅଂଶ ହୋଇପାରେ ବୋଲି ରେଳ ମନ୍ତ୍ରାଳୟ ସୂତ୍ରରୁ ଜଣାପଡିଛି। ଏଥିସହ ଭୁବନେଶ୍ୱର ମୁଖ୍ୟ ରେଳ ଷ୍ଟେଶନର ଉନ୍ନତୀକରଣ ପ୍ରକଳ୍ପ ଏଥିରେ ସ୍ଥାନ ପାଇବ ବୋଲି ଜଣାପଡିଛି।








3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



ଯଦି କାହାକୁ ସୁଖ ଦେଇ ନ ପାରୁଛ ଭଲ କଥା,
ତେବେ କାହାକୁ ଦୁଃଖ ଦିଅ ନାହିଁ।
-ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ରାସ୍ତା ଦବିବା ଘଟଣା ତୁରନ୍ତ ମରାମତି ପାଇଁ ଦାବି

**ମାହାଙ୍ଗା,୧୭।୯(ସ୍ୱ.ପ୍ର.):** ମାହାଙ୍ଗା ପୂର୍ତ୍ତ ବିଭାଗ ଅଧୀନ ଭେଡ଼ା-କୁଆଁପାଳ ରାସ୍ତାର ଭେଡ଼ାଠାରେ କେନାଲ ବନ୍ଧ ରାସ୍ତା ଦବି ଯାଇଥିଲା। ଏନେଇ ବିଭିନ୍ନ ଗଣମାଧମରେ ଖବର ପ୍ରକାଶ ପାଇଥିଲା। ଏହାପରେ ସ୍ଥାନୀୟ ବିଧାୟକ ତଥା ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଘଟଣାସ୍ଥଳ ପରିଦର୍ଶନ କରିବା ସହ ତଦନ୍ତ ପାଇଁ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଏକ ଟିମ ପହଞ୍ଚି ତଦନ୍ତ କରିଥିଲେ। ରାସ୍ତା ଦବିଥିବା ସ୍ଥାନର ତଳେ କେନାଲ ପାଣି ଦ୍ୱାରା ଘଲିଆ ସୃଷ୍ଟି ହୋଇଛି। ଯଦ୍ୱାରା ରାସ୍ତା ଦବିବା ସହ କଂକ୍ରିଟ୍ ୱାଲ ମଧ ଧସିଯାଇଛି ବୋଲି ସ୍ଥାନୀୟ ଲୋକେ ମଙ୍ଗଳବାର ଅଭିଯୋଗ କରିଛନ୍ତି। ତେଣୁ ଏହାକୁ ତୁରନ୍ତ ମରାମତି କରିବା ପାଇଁ ସେମାନେ ଦାବି କରିଛନ୍ତି। ସେହିପରି ପଙ୍ଗାମୁଣ୍ଡାଇ କେନାଲ ବନ୍ଧ ପୂର୍ତ୍ତ ବିଭାଗ ଦ୍ୱାରା ଉନ୍ନତୀକରଣ କାର୍ଯ୍ୟ କରାଯାଇଥିଲା। ଏହାର ଦକ୍ଷିଣ ପାର୍ଶ୍ୱରେ କେନାଲ ଥିବାରୁ ବାମ ପାର୍ଶ୍ୱ କେନାଲଠାରୁ ବହୁ ତଳେ ଚାଷ ଜମି ରହିଛି। ଫଳରେ ଏବେ କେନାଲରେ ପାଣି ଆସିବା ଦ୍ୱାରା ସେଠାରେ ଝର ସୃଷ୍ଟି ହୋଇ ଘଲିଆ ପଡିଥିଲା। ଯଦ୍ୱାରା ରାସ୍ତା ଦବି ଯାଇଥିଲା। ଏହି ରାସ୍ତାରେ ଯାତାୟାତବେଳେ ଘୋର ଅସୁବିଧା ସୃଷ୍ଟି ହେବା ସହ ରାସ୍ତା ଭାଙ୍ଗିଯିବା ସମ୍ଭାବନା ରହିଛି। ଏଣୁ ଏଠାରେ ଏବେ କାଠ ବଲ୍ଲା ଓ ବାଲି ବସ୍ତା ପକାଯାଇ ଅସ୍ଥାୟୀଭାବେ ରାସ୍ତାକୁ ସୁରକ୍ଷା ଦିଆଯାଇଛି। ତୁରନ୍ତ ୱାଲ ନିର୍ମାଣ କରାଯାଇ ରାସ୍ତାଟିକୁ ମରାମତି କରିବା ପାଇଁ ଭେଡ଼ା ସରପଞ୍ଚ ଦେବାଶିଷ ସିଂହ, ସମିତିସଭ୍ୟ ଦିଲୀପ ନାୟକ, ନିରଞ୍ଜନ ସାମଲ, କେଶବ ସାମଲ, ୱାର୍ଡସଭ୍ୟ ସୁମନ୍ତ ସାମଲ, ଅଭିରାମ ସିଂହ, ସୁବାସ ମଲିକ ଓ ପ୍ରିୟବ୍ରତ ରାଉତ ପ୍ରମୁଖ ଦାବି କରିଛନ୍ତି।

### ବାଙ୍କୀ ଭାଜପା ପକ୍ଷରୁ ୫୦ୟୁନିଟ୍ ରକ୍ତ ସଂଗ୍ରହ

**ବାଙ୍କୀ,୧୭।୯(ସ୍ୱ.ପ୍ର.):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିବସ ଉପଲକ୍ଷେ ମଙ୍ଗଳବାର ବାଙ୍କୀ ଭାଜପା ପକ୍ଷରୁ ଆଦିମାତା ଛକସ୍ଥ ଦଳୀୟ କାର୍ଯ୍ୟାଳୟଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ୫୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ସାମାଜିକ କର୍ମୀ ଶ୍ୟାମସୁନ୍ଦର ସାହୁ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ନେତା ଶୁଭ୍ରାଂଶୁ ମୋହନ ପାଢ଼ୀଙ୍କ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା। ନୟାଗଡ଼ ରକ୍ତଭଣ୍ଡାରର ଡାକ୍ତର ଓ କର୍ମଚାରୀ ରକ୍ତସଂଗ୍ରହ କରିଥିଲେ। ରମାକାନ୍ତ ସାହୁ, ସର୍ବେଶ୍ୱର ନାୟକ, କାହ୍ନୁଚରଣ ବେହେରା, ଶ୍ରୀକୃଷ୍ଣ ବେହେରା, ଦିଲୀପ ଦାସ, ରାଜକିଶୋର ଦାସ ପ୍ରମୁଖ ଦଳୀୟ କର୍ମକର୍ତ୍ତା ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଦେଶୀମଦ ଜବତ, ୨ ଗିରଫ

**ଆଠଗଡ଼,୧୭।୯(ସ୍ୱ.ପ୍ର.):** ଆଠଗଡ଼ ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୨୦ ଲିଟର ଦେଶୀମଦ ଜବତ କରାଯାଇଛି। ଏଥିସହିତ ଚୋରାମଦ ବ୍ୟବସାୟ କରୁଥିବା ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଖୁଣ୍ଟୁଣୀ ଥାନା ଅଧୀନ ରାଧାକିଶୋରପୁରର ପବିତ୍ର ବେହେରା ଓ ଗୁରୁଡ଼ିଝାଟିଆ ଥାନା କୁଶପଙ୍ଗି ଗ୍ରାମର ଅଶୋକ ପ୍ରଧାନ। ଅଶୋକଙ୍କଠାରୁ ୧୨ ଓ ପବିତ୍ରଙ୍କଠାରୁ ୮ ଲିଟର ମଦ ଜବତ କରାଯାଇଥିଲା। ଅବକାରୀ ନିରୀକ୍ଷକ ସଞ୍ଜୀତ ବାର୍ଲାଙ୍କ ନେତୃତ୍ୱରେ ଭାରପ୍ରାପ୍ତ ଅଧିକାରୀ ବିଜୟ ଭଞ୍ଜ ଓ ଅନ୍ୟ କର୍ମଚାରୀ ଏହି ଚଢ଼ାଉ କରିଥିଲେ।

### ସ୍ୱଚ୍ଛତା ପକ୍ଷ ଉଦ୍‌ଯାପିତ

**ନରସିଂହପୁର,୧୭।୯(ଡି.ଏନ୍.ଏ.):** ନରସିଂହପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଅନୁଷ୍ଠିତ ସ୍ୱଚ୍ଛତା ପକ୍ଷ ଉଦ୍‌ଯାପିତ ହୋଇଯାଇଛି। ଜେଆରସି, ଗାଇଡ୍ କ୍ୟାଡେଟ୍‌ମାନଙ୍କଦ୍ୱାରା ପ୍ରତ୍ୟହ ସଫେଇ କାର୍ଯ୍ୟ ହୋଇଥିଲା। ଏଥିସହ ଚିତ୍ରାଙ୍କନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସଭାରେ ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ଦେବଦତ୍ତ ମଳୟ ବରାଳ ଅଧକ୍ଷତା କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୌମ୍ୟାଶ୍ରୀ ପଣ୍ଡା, ସରୋଜ ସାହୁ, ସୁଶାନ୍ତ ସାହୁ, ଶିକ୍ଷୟିତ୍ରୀ ଗୀତାରାଣୀ ସିହ୍ନା, ବିଷ୍ଣୁ ପ୍ରିୟା ବେହେରା, ବିଷ୍ଣୁ ପ୍ରିୟା ପଣ୍ଡା ଓ ଜ୍ୟୋତିର୍ମୟୀ ସାହୁ ପ୍ରମୁଖ ଯୋଗଦେଇ ସ୍ୱଚ୍ଛତା ସମ୍ପର୍କରେ ବିଭିନ୍ନ ମତ ଦେଇଥିଲେ।

# ଯୌତୁକ ପାଇଁ ବଧୂହତ୍ୟା ଅଭିଯୋଗ, ଶ୍ୱଶୁର ଅଟକ

**ଲଳିତଗିରି,୧୭।୯(ସ୍ୱ.ପ୍ର.)**

ମାହାଙ୍ଗା ଥାନା ଅଧୀନ ଅକରପଡ଼ା ଗ୍ରାମରେ ଯୌତୁକ ପାଇଁ ଜଣେ ନବବଧୂଙ୍କୁ ହତ୍ୟା କରାଯାଇଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ସେ ହେଲେ ଗ୍ରାମର ମିର୍ଜା ଜୁମାବେଗଙ୍କ ବୋହୂ ସିରିନ ଫିରଦୋଷ(୨୧)। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ନବବଧୂଙ୍କ ଶ୍ୱଶୁରଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ଏନେଇ ପୋଲିସ ୩୦୨/୩୦୪ବି/ ୩୪ଆଇପିସି/୪ଡିପିଆର୍‌ରେ ମାମଲା ନଂ-୧୬୭/୧୯ରୁଜୁ କରିଛି। ସୂଚନା ଅନୁସାରେ, ବାଲିଚନ୍ଦ୍ରପୁର ଥାନା ପାରିପଲେଇ ଗ୍ରାମର ମିର୍ଜା ଗଫୁରଙ୍କ ଝିଅ ସିରିନ ଅକରପଡ଼ା ଗ୍ରାମର ମିର୍ଜା ଜୁମାବେଗଙ୍କ ପୁଅ ଇମରାନଙ୍କୁ ୨୦୧୮ ଡିସେମ୍ବରରେ ବିବାହ କରିଥିଲେ। ବିବାହ ସମୟରେ ଦାବି ମୁତାବକ ଯୌତୁକ ସିରିନଙ୍କ ପରିବାର ଲୋକେ ଦେଇଥିଲେ। ବିବାହର କିଛିଦିନ ପରେ ସିରିନଙ୍କ ସ୍ୱାମୀ ଦୁବାଇ ଚାଲି ଯାଇଥିଲେ। ଏହାପରେ ଶାଶୁ, ଶ୍ୱଶୁର ଓ ନଣନ୍ଦ ସିରିନଙ୍କୁ ବାପଘରୁ ଅଧିକ ଟଙ୍କା, ଗାଡ଼ି ଆଣିବାକୁ କହିଥିଲେ। ଏଥିସହିତ କିଛି ଜମି ପାଇଁ ମଧ ଦାବି କରିଥିଲେ। ଏହାକୁ ନେଇ ସିରିନଙ୍କ ପରିବାର ଓ ଶାଶୁଘର ଲୋକଙ୍କ ମଧରେ ଏକାଧିକ ବାର ଆଲୋଚନା ହୋଇଥିଲା। ସିରିନଙ୍କ ବାପଘର ଲୋକେ ଏଥି ନିମନ୍ତେ କିଛି ସମୟ ମାଗିଥିଲେ। ହେଲେ ସମୟ ଅନୁସାରେ ଯୌତୁକ ନ ଦେବାରୁ ସିରିନଙ୍କୁ ଶାଶୁଘର ଲୋକେ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ମଙ୍ଗଳବାର ସକାଳୁ ସିରିନଙ୍କ ବାପଘରକୁ କେହି ଫୋନ ଯୋଗେ କହିଥିଲେ, ତୁମଝିଅ ଓଢ଼ଣିରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଖବରପାଇ ସିରନଙ୍କ ପରିବାର ଲୋକେ ପହଞ୍ଚି ଏହି ଘଟଣା ଦେଖିଥିଲେ। ସିରିନଙ୍କ ବେକରେ ଏକ ସରୁ ଦାଗ ରହିଥିଲା। ଯାହା ଓଢଣିରେ ରଶି ଲଗାଇଲେ ସେପରି ଦାଗ ରହିବା ସମ୍ଭବ ନୁହେଁ। ସେହିପରି ତାଙ୍କ ମୃତଦେହ ତଳେ ଲାଗିଥିବା ଦେଖିବାକୁ ମିଳିଥିଲା। ଏସବୁ ପାରିପାର୍ଶ୍ୱିକ ସ୍ଥିତି ଦେଖି ସିରନଙ୍କ ବାପା ତାଙ୍କ ଝିଅକୁ ଶାଶୁଘର ଲୋକେ ହତ୍ୟା କରି ଆତ୍ମହତ୍ୟା ରୂପ ଦେଉଥିବା ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ସିରିନ ଆଣିଥିବା ଯୌତୁକ ସାମଗ୍ରୀକୁ ପୋଲିସ ତାଙ୍କ ବାପ ଘରଲୋକଙ୍କୁ ହସ୍ତାନ୍ତର କରିଛି। ଏ ସମ୍ପର୍କରେ ମାହାଙ୍ଗା ଥାନାଧିକାରୀ ରଞ୍ଜନ ପ୍ରଧାନଙ୍କୁ ପଚାରିବାରେ ସେ କହିଥିଲେ, ପୋଲିସ ପ୍ରାଥମିକସ୍ତରରେ ତଦନ୍ତ ଆରମ୍ଭ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଓ ତଦନ୍ତପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ।

## ସ୍ତ୍ରୀଙ୍କୁ ନିର୍ଯାତନା, ଜେଲ ଗଲେ ସ୍ୱାମୀ

**ନିଶ୍ଚିନ୍ତକୋଇଲି,୧୭।୯(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ଥାନା କଟିକଟା ପଞ୍ଚାୟତ ରାମରାଙ୍ଗ ଗ୍ରାମର ଜଣେ ମହିଳାଙ୍କୁ ଯୌତୁକ ପାଇଁ ତାଙ୍କ ସ୍ୱାମୀ ନିର୍ଯାତନା ଦେଉଥିଲେ। ଏପରି କି ତାଙ୍କୁ ଜୀବନରୁ ମାରିଦେବାକୁ ଉଦ୍ୟମ କରୁଥିଲେ। ଏନେଇ ମହିଳା ଜଣଙ୍କ ୧୬ ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରିବା ପରେ ମଙ୍ଗଳବାର ମହିଳାଙ୍କ ସ୍ୱାମୀଙ୍କୁ ଗିରଫ କରି ଜେଲ ପଠାଇଛି। ଜେଲ ଯାଇଥିବା ଅଭିଯୁକ୍ତ ହେଲେ ଗ୍ରାମର ସେକ କଲିମୁଦ୍ଦିନଙ୍କ ପୁଅ ସେକ ଅଜିମୁଦ୍ଦିନ(୩୨)। ସୂଚନାଯୋଗ୍ୟ, ୨୦୧୪ରେ ସେକ ଅଜିମୁଦ୍ଦିନ ରୁକସାନା ବେଗମଙ୍କୁ ବିବାହ କରିଥିଲେ। ବିବାହ ପରେ ସବୁ ଠିକ୍‌ଠାକ ଚାଲିଥିଲା। ଏହାପରେ ଅଧିକ ଯୌତୁକ ଦାବି କରି ରୁକସାନାକୁ ସେକ ଅଜିମୁଦ୍ଦିନ ନିର୍ଯାତନା ଦେଉଥିଲେ। ନିକଟରେ ତାଙ୍କ ପୁଅକୁ ମଧ ମାରିଦେବା ଉଦ୍ଦେଶ୍ୟରେ ନେଇ ପଳାଇଥିଲେ। ପାଗା ନିକଟରେ କିଛି ଲୋକ ଅଟକାଇବାରୁ ପୁଅ ଜୀବନ ବଞ୍ଚି ଯାଇଥିଲା। ପୋଲିସ ମାମଲା ନଂ-୯୩/୧୯ ରୁଜୁ କରିବା ପରେ ଅଜିମୁଦ୍ଦିନଙ୍କୁ ମଙ୍ଗଳବାର ଗିରଫ କରି ସାଲେପୁର କୋର୍ଟରେ ହାଜର କରାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ସିସୁଆ ସବ୍‌ଜେଲକୁ ପାଠାଇ ଦିଆଯାଇଥିବା ଥାନା ଅଧିକାରୀ ଶୁଭ୍ରାଂଶୁ ଶେଖର ପରିଡ଼ା ସୂଚନା ଦେଇଛନ୍ତି।

## ବ୍ଲକସ୍ତରୀୟ ମନୋନୟନ ଶିବିର



ମନୋନୟନ ଶିବିରରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

**ନିଶ୍ଚିନ୍ତକୋଇଲି, ୧୭।୯(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ବ୍ଲକରେ ବ୍ଲକସ୍ତରୀୟ ମନୋନୟନ ଶିବିର ଅନୁଷ୍ଠିତ ହୋଇଛି। ଦିନ୍‌ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ଅନ୍ତର୍ଗତ ଏହି ଶିବିର ଆୟୋଜନ କରାଯାଇଥିଲା। ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଅଶୋକ ଓଝା ଉଦ୍‌ଘାଟନ କରିଥିଲେ। ଅତିଥିଭାବେ ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି ଯୋଗଦେଇ ସରକାର ବେକାର ସମସ୍ୟା ଦୂର କରିବା ସହ ଗ୍ରାମାଞ୍ଚଳ ଯୁବତୀଯୁବକଙ୍କୁ କର୍ମସଂସ୍ଥାନ ଯୋଗାଇ ଦେବାଲାଗି ଏଭଳି ଏକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ବୋଲି କହିଥିଲେ। ଭାରାପ୍ରାପ୍ତ ବିଡିଓ ସୁଶାନ୍ତ ରଣା, ବ୍ଲକ ପ୍ରୋଗାମ ଅଫିସର ସରୋଜ ବେହେରା, ଜିଲା କୋର୍ଡିନେଟର ବିଭୂତିଭୂଷଣ ଛାଟୋଇ, ବିଏଲସି ମୋନାଲିସା ପଣ୍ଡା, ଭାରପ୍ରାପ୍ତ ପ୍ରଗତି ସହାୟକ ସର୍ବେଶ୍ୱର ସିଂ, ପଞ୍ଚାୟତ ନିର୍ବାହୀ ଅଧିକାରୀ କେଦାରଶ୍ୱର ବେହେରା ଓ ନିଶ୍ଚିତକୋଇଲି ସରପଞ୍ଚ ରବୀନ୍ଦ୍ର ସେଠୀ ପ୍ରମୁଖ ଯୋଗଦେଇଥିଲେ। କର୍ମଶାଳାରେ ପ୍ରଶିକ୍ଷଣ ପାଇଁ ୪୪୧ଜଣ ଯୁବତୀଯୁବକ ନାମ ପଞ୍ଜୀକରଣ କରିଥିଲେ।

■ ପର୍ଯ୍ୟଟନ କ୍ଷେତ୍ରରେ ଉନ୍ନତି ନେଇ ବୈଠକ

## ନୌକାବିହାର, ଝୁଲାପୋଲ, ଇକୋ ଟୁରିଜମ୍‌କୁ ଗୁରୁତ୍ୱ

**କଟକ ୧୭।୯**

ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ଅଧକ୍ଷତାରେ ମଙ୍ଗଳବାର ନୂତନ ସଦ୍‌ଭାବନା ଗୃହରେ ଜିଲା ପର୍ଯ୍ୟଟନ ଉନ୍ନୟନ ସମିତିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ କଟକ ଜିଲାରେ ପର୍ଯ୍ୟଟନର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ଗ୍ରାମାଞ୍ଚଳରେ ଥିବା ପର୍ଯ୍ୟଟନସ୍ଥଳୀଗୁଡ଼ିକର ବିକାଶ ସହ ଲୋକଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି ଉପରେ ସେ ଗୁରୁତ୍ୱ ଦେଇଥିଲେ। ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଦ୍ୱାରା ଧବଳେଶ୍ୱର ମନ୍ଦିରର ଉନ୍ନତୀକରଣ କାର୍ଯ୍ୟର ସମୀକ୍ଷା କରିଥିଲେ। ସିଡିଏରେ ବିଜୁ ପଟ୍ଟନାୟକ ପାର୍କଠାରୁ ଧବଳେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଏକ ଝୁଲାପୋଲ ନିର୍ମାଣ, ପର୍ଯ୍ୟଟନସ୍ଥଳୀକୁ ଅଧିକ ଆକର୍ଷଣୀୟ କରିବା ସହିତ ଭଟ୍ଟାରିକା, ରାମନାଥ ମନ୍ଦିର ଉନ୍ନତୀକରଣ, ଜିଲାରେ ଇକୋ ଟୁରିଜିମ୍‌ର ବିକାଶ ଲାଗି ପ୍ରସ୍ତାବ ଦିଆଯାଇଥିଲା। ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ଯୋଗଦେଇ ହାଡିଆପଠାର ଆଲୋକୀକରଣ, ପାର୍କ ପ୍ରତିଷ୍ଠା ଏବଂ ଯୋବ୍ରା ମାରିଟାଇମ ମ୍ୟୁଜିୟମ ଆଗରେ ନୌକାବିହାର ବ୍ୟବସ୍ଥା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ସହିତ ଆର୍ଥିକ ଅଭିବୃଦ୍ଧିରେ ସହାୟକ ହୋଇପାରିବ ବୋଲି କହିଥିଲେ । ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଯୋଗଦେଇ ବାଙ୍କୀ ଅଞ୍ଚଳରେ ପର୍ଯ୍ୟଟନର ବିକାଶ ପାଇଁ ପର୍ଯ୍ୟାପ୍ତ ସୁଯୋଗ ଥିବା ପ୍ରକାଶ କରି ମହାନଦୀ ଦେବୀଦ୍ୱାରରେ ଜଳକ୍ରୀଡ଼ା ବ୍ୟବସ୍ଥା, ସ୍ୱତନ୍ତ୍ର ଅଂଶୁପା ଉନ୍ନୟନ ସଂସ୍ଥା ଗଠନ, ମା' ଚର୍ଚ୍ଚିକା ମନ୍ଦିରର ଅତିଥିଶାଳା ନିର୍ମାଣ, ସିଦ୍ଧେଶ୍ୱର ମନ୍ଦିର ଏବଂ ଅନ୍ୟାନ୍ୟ ମନ୍ଦିର ଉନ୍ନୟନ ସମ୍ପର୍କରେ ପ୍ରସ୍ତାବ ରଖିଥିଲେ। ଜିଲା ପରିଷଦ ସଭାପତି ଜ୍ୟୋତିରେଖା ନାୟକ ସତ୍ୟଭାମାପୁରରେ ମଧୁବାବୁଙ୍କ ଜନ୍ମପୀଠର ଉନ୍ନତି ପାଇଁ ମତ ରଖିଥିଲେ। ପର୍ଯ୍ୟଟନ ବିଭାଗର ନେମାଳ ଗାଦି, ପରମହଂସ ଶିବମନ୍ଦିର ଓ ସତ୍ୟଭାମାପୁର ମଧୁବାବୁ ଜନ୍ମପୀଠର ଉନ୍ନତି ପାଇଁ ପର୍ଯ୍ୟଟନ ସର୍କିଟ ଗଠନ ତଥା ଜିଲାରେ ପର୍ଯ୍ୟଟନ ଉନ୍ନୟନର ରୁପରେଖ ସମ୍ୱନ୍ଧରେ ସତ୍ୟବ୍ରତ ରଥ ଆଲୋକପାତ କରିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଅବଦଲ ଅଖତର, ଜିଲା ପର୍ଯ୍ୟଟନ ଅଧିକାରୀ ସୁଜାତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

■ କ୍ଷୀର ହାତେଇ ନେଉଛନ୍ତି ପ୍ରାଇଭେଟ ଡେରୀ

## ମୂଲ୍ୟ ବୃଦ୍ଧି ପ୍ରସ୍ତାବ ରଖିଲେ ଚାଷୀ

**ରଘୁନାଥପୁର, ୧୭। ୯ (ଡି.ଏନ.ଏ.)**

ଅଧିକ ମୂଲ୍ୟ ଦେଇ କ୍ଷୀର ହାତେଇ ନେଉଛନ୍ତି ପ୍ରାଇଭେଟ ଡେରୀ। ଦୀର୍ଘଦିନ ଧରି ଦୁଗ୍ଧଚାଷୀଙ୍କ ଭାତହାଣ୍ଡି ସାଜିଥିବା ଓମଫେଡ ଏବେ ଦୁର୍ଦ୍ଦିନରେ। ସରକାର ଯଦି ଏଥିପ୍ରତି ନଜର ନ ଦେବେ ଲକ୍ଷାଧିକ ଦୁଗ୍ଧଚାଷୀ ଓ କର୍ମଚାରୀଙ୍କ ଅବସ୍ଥା ଶୋଚନୀୟ ହୋଇପଡ଼ିବ। ମଙ୍ଗଳବାର ରଘୁନାଥପୁର ବ୍ଲକ ନୂଆପଡାସ୍ଥିତ ଓମ୍‌ଫେଡ ପ୍ଲାଣ୍ଟ ପରିଦର୍ଶନରେ ଆସିଥିବା ଦୁଗ୍ଧ ମହାସଂଘ ଅଧକ୍ଷା ସରୋଜିନୀ ମିଶ୍ର ଓ କଟକ ଦୁଗ୍ଧ ସଂଘର ଜେନେରାଲ ମ୍ୟାନେଜର ଡା. ବିଦ୍ୟାଧର ସାହୁଙ୍କୁ ଭେଟି ଦୁଗ୍ଧ ମୂଲ୍ୟ ବୃଦ୍ଧି କରିବାକୁ ଚାଷୀମାନେ ପ୍ରସ୍ତାବ ରଖିବା ଅବସରରେ ଏହା କହିଛନ୍ତି। ତେବେ ଦୁଗ୍ଧ ମୂଲ୍ୟ ବୃଦ୍ଧି ସମ୍ପର୍କରେ ଗତ ୧୦ ତାରିଖରେ ମନ୍ତ୍ରୀ ଓ ସଚିବଙ୍କୁ ନେଇ ଏକ ଆଲୋଚନା ହୋଇଥିବା ଜିଏମ୍ ଡା. ସାହୁ ସେମାନଙ୍କୁ କହିଥିଲେ। ସେ କହିଲେ ଯେ, ବର୍ତ୍ତମାନ ଦୈନିକ ୧ ଲକ୍ଷ ୬୫ ହଜାର ଲିଟର କ୍ଷୀର ସଂଗ୍ରହ କରାଯାଉଛି। ଫଳରେ ସଂସ୍ଥା ଚଳିବା ନେଇ ସମସ୍ୟା ଉପୁଜିଲାଣି। ଅନ୍ୟପକ୍ଷରେ ବିଭିନ୍ନ ସମୟରେ ଚାଷୀମାନେ ପ୍ଲାଣ୍ଟକୁ ଯାଇ ପରିଚାଳକ ପ୍ରଦ୍ୟୁମ୍ନ କୁମାର ସ୍ୱାଇଁଙ୍କୁ ମଧ ଅଭିଯୋଗ କରିଛନ୍ତି। ଏହାଛଡା ଗୋରୁଙ୍କଠାରେ ଦେଖାଦେଇଥିବା ବିଭିନ୍ନ ରୋଗର ନିରାକରଣ ପାଇଁ ସରକାର ଅଧିକ ଔଷଧ ଯୋଗାଇ ଦେବାକୁ ମଧ ଚାଷୀମାନେ ମତ ରଖିଥିଲେ। ଆଲୋଚନାରେ ଶାଖା ପରିଚାଳକ ସ୍ୱାଇଁ, ପରିଚାଳନା ବୋର୍ଡ ସଦସ୍ୟ ଶ୍ରୀକାନ୍ତ ଜେନା, ଦିଲୀପ କୁମାର ଲେଙ୍କା, ଆର୍ତ୍ତତ୍ରାଣ ପତି ଓ ପୂର୍ବତନ ସଦସ୍ୟ ମନୋରଞ୍ଜନ ନାୟକ ଉପସ୍ଥିତ ଥିଲେ।



ନୂଆପାଟଣା ଗ୍ରୀଡ୍‌ର ବିଶ୍ୱକର୍ମା।



ବାଙ୍କୀ ଅଟୋ ଷ୍ଟାଣ୍ଡରେ ବିଶ୍ୱକର୍ମା ପୂଜା।



ମାହାଙ୍ଗା ଅଞ୍ଚଳରେ ବିଶ୍ୱକର୍ମା ପୂଜା।



ଆଠଗଡ଼ ଜନସ୍ୱାସ୍ଥ୍ୟ ବିଭାଗ ବିଶ୍ୱକର୍ମା।



ଆଠଗଡ଼ ସେସୁ ଅଫିସ।



ଓରିକଣ୍ଟା ବିଦ୍ୟୁତ୍ ସେକ୍ସନ୍।

# ପୂଜା ପାଇଲେ ଦେବଶିଳ୍ପୀ

**ବାଙ୍କୀ,୧୭।୯(ସ୍ୱ.ପ୍ର.)**

ଦେବଶିଳ୍ପୀ ବିଶ୍ୱକର୍ମା ମଙ୍ଗଳବାର ପୂଜା ପାଇଛନ୍ତି। ବାଙ୍କୀରେ ଉଠା ଜଳସେଚନ, ପୂର୍ତ୍ତ, ବିଦ୍ୟୁତ୍, ଗ୍ରାମ୍ୟ ଓ ସହରାଞ୍ଚଳ ଜଳଯୋଗାଣ, ପରିମଳ ବିଭାଗ, ଅଟୋ ଓ ଟାକ୍ସି ଷ୍ଟାଣ୍ଡ ଆଦି ବିଭିନ୍ନ ସ୍ଥାନରେ ବିଶ୍ୱକର୍ମାଙ୍କ ପୂଜା କରାଯାଇଛି। ତତ୍‌ସହିତ କମାର, ମହାରଣା, ବଣିଆ ଆଦି ସମ୍ପ୍ରଦାୟଙ୍କ ଘରେ ପୂଜା ଅନୁଷ୍ଠିତ ହୋଇଛି। ବିଦ୍ୟୁତ୍ ବିଭାଗ ଓ ନୃସିଂହନାଥ ଅଟୋ ଆସୋସିଏଶନ ପକ୍ଷରୁ ପୂଜା ଧୁମ୍‌ଧାମରେ ପାଳନ କରାଯାଉଥିବା ଦେଖିବାକୁ ମିଳିଛି। ସୁଉଚ୍ଚ ତୋରଣ ଓ ଅତ୍ୟାଧୁନିକ ଆଲୋକ ମାଳାରେ ପୂଜାମଣ୍ଡପ ଗୁଡିକ ଝଲସି ଉଠୁଛି। ସନ୍ଧ୍ୟାରେ ବିଭିନ୍ନ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ପୂଜା ମଣ୍ଡପ ନିକଟରେ ଉପସ୍ଥିତ ରହି ଦେବ ଶିଳ୍ପୀଙ୍କ କୃପା ଭିକ୍ଷା କରିଥିଲେ।

**ନିଶ୍ଚିନ୍ତକୋଇଲି,(ସ୍ୱ.ପ୍ର.):** ନିଶ୍ଚିନ୍ତକୋଇଲି ବ୍ଲକ ସମେତ ବିଭିନ୍ନ ଅନୁଷ୍ଠାନରେ ବିଶ୍ୱକର୍ମା ପୂଜା ପାଳିତ ହୋଇଛି। ବ୍ଲକ କାର୍ଯ୍ୟାଳୟରେ ଉନ୍ନୟନ ବିଭାଗ ପକ୍ଷରୁ ପୂଜା କରାଯାଇଛି। ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶୋକ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସହକାରୀ ଯନ୍ତ୍ରୀ ପ୍ରଫୁଲ୍ଲ ସାହୁ, ସତ୍ୟରଞ୍ଜନ ପଣ୍ଡା ଓ ବନ୍ୟା ମହାନ୍ତିଙ୍କ ସମେତ ସମସ୍ତ ଯନ୍ତ୍ରୀ ଉପସ୍ଥିତ ଥିଲେ। ଅତିରିକ୍ତ ମଣ୍ଡଳ ଉନୟନ ଅଧିକାରୀ ସୁଶାନ୍ତ ରଣା କାର୍ଯ୍ୟ ପରିଚାଳନା କରିଥିଲେ। ବିଦ୍ୟୁତ୍ ବିଭାଗ ପକ୍ଷରୁ ଅଶୁରେଶ୍ୱର ଓ ଓରିକଣ୍ଟା ସେକ୍ସନରେ ପୂଜା ପାଳିତ ହୋଇଛି। ସେହିପରି ବ୍ଲକ ଛକ ଅଟୋ ଷ୍ଟାଣ୍ଡ, ନିଶ୍ଚିନ୍ତକୋଇଲି ବଜାର ଅଟୋଷ୍ଟାଣ୍ଡରେ ପୂଜା ଅନୁଷ୍ଠିତ ହୋଇଛି।

**ମାହାଙ୍ଗା,(ସ୍ୱ.ପ୍ର.):** ମାହାଙ୍ଗାର ବିଭିନ୍ନ ସ୍ଥାନରେ ପୂଜା ପାଳିତ ହୋଇଛି। ମାହାଙ୍ଗା ବିଦ୍ୟୁତ୍ ଉପଖଣ୍ଡ କାର୍ଯ୍ୟାଳୟ, କୋଠପଦା, ଏରକଣା, ବିଦ୍ୟୁତ୍ ସେକ୍ସନ କାର୍ଯ୍ୟାଳୟ, ଅଗ୍ନିଶମ ବିଭାଗ, କୁଆଁପାଳ ଅଟୋ ଆସୋସିଏଶନ, ମାହାଙ୍ଗା ମେଡିକାଲ ଛକ ଅଟୋ ଆସୋସିଏଶନ ସମେତ ବିଭିନ୍ନ ବୈଷୟିକ ଅନୁଷ୍ଠାନ ଓ ବ୍ୟବସାୟ ପ୍ରତିଷ୍ଠାନରେ ପୂଜା ବେଶ୍ ଧୁମ୍‌ଧାମ୍‌ରେ ପାଳନ କରାଯାଇଛି।

**ଟିଗିରିଆ,(ଡି.ଏନ.ଏ.):** ଟିଗିରିଆ ବ୍ଲକର ବିଭିନ୍ନ ସ୍ଥାନରେ ପୂଜା ପାଳିତ ହୋଇଛି। ନୂଆପାଟଣା ଗ୍ରୀଡ୍ ଓ ଟିଗିରଆ ଷ୍ଟ୍ରକଚର ସହ ବିଭିନ୍ନ ବଜାରରେ ପ୍ରତିଷ୍ଠିତ କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠାନ, ବୈଷୟିକ ଶିକ୍ଷାନୁଷ୍ଠାନରେ ପୂଜା କରାଯାଇଛି। ନୂଆପାଟଣା ଗ୍ରୀଡ୍‌ରେ ବାବାଜୀ ଚରଣ ସାହୁ ଓ ଟିଗିରଆ ଷ୍ଟ୍ରକଚରରେ କର୍ମଚାରୀ ଅଜୟ ସାହୁ କର୍ତ୍ତା ଦାୟିତ୍ୱ ନିର୍ବାହ କରଥିଲେ। ଗୋପୀନାଥପୁରଶାସନସ୍ଥିତ ମା'କଳାପାଟ ଆଇଟିଆଇ କେନ୍ଦ୍ରରେ କର୍ତ୍ତା ଭାବେ ଶ୍ରୀନିବାସ ସାମଲ ଦାୟିତ୍ୱ ନିର୍ବାହ କରିଥିଲେ।

**ଆଠଗଡ଼,(ସ୍ୱ.ପ୍ର.):** ବିଶ୍ୱକର୍ମାଙ୍କ ପୂଜା ଉତ୍ସବ ଆଠଗଡ଼ର ବିଭିନ୍ନ ବୈଷୟିକ ଅନୁଷ୍ଠାନରେ ପାଳିତ ହୋଇଛି। ସହରର ସେସୁ କାର୍ଯ୍ୟାଳୟ, ମା'ବାଉତୀ ମୋଟର ଚାଳକ ସଂଘ, ଜନସ୍ୱାସ୍ଥ୍ୟ ବିଭାଗ ଆଦି ସ୍ଥାନରେ ସୁସଜ୍ଜିତ ତୋରଣ, ଆଲୋକ ସଜ୍ଜା ଦେଖିବାକୁ ମିଳିଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ମା' ବାଉତୀ ମୋଟର ଚାଳକ ସଂଘର ରୌପ୍ୟ ଜୟନ୍ତୀ ପାଳିତ ହୋଇଛି। ସଭାପତି ପ୍ରମଥ ଚନ୍ଦ୍ର ମିଶ୍ରଙ୍କ ତତ୍ତ୍ୱାବଧାନ ଓ ଆଇନଜୀବୀ ସତ୍ୟେନ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଆଲୋକ ରଞ୍ଜନ ରାୟ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଆଠଗଡ଼ ମାଟିର ସନ୍ତାନ ତଥା ଗୀତିକାର ରାଧାନାଥ ଦାଶ, ସଂଗୀତ ନିର୍ଦ୍ଦେଶକ ବିକାଶ ଶୁକ୍ଳା ଓ ଶରତ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଆଠଗଡ଼ ବ୍ଲକ, ପୂର୍ତ୍ତ, ଗୃହ ନିର୍ମାଣ, କ୍ଷୁଦ୍ର ଜଳସେଚନ, ପାନୀୟ ଜଳ ଯୋଗାଣ ଏବଂ ପରିମଳ ବଭାଗ ସହ ବିଭିନ୍ନ ବାଣିଜ୍ୟିକ ଅନୁଷ୍ଠାନରେ ପୂଜା ଅନୁଷ୍ଠିତ ହୋଇଛି।

**ନେମାଳ,(ଡି.ଏନ.ଏ.):** ବିଶ୍ୱକର୍ମା ପୂଜା ନେମାଳ ଓ ଏହାର ଆଖପାଖ ଅଞ୍ଚଳରେ ପାଳିତ ହୋଇଛି। ଓରିକଣ୍ଟା ବିଦ୍ୟୁତ୍ ସେକ୍‌ଶନ୍ କାର୍ଯ୍ୟାଳୟରେ ଆଡ଼ମ୍ବର ସହକାରେ ପୂଜା କରାଯାଇଛି। ସହକାରୀ ଯନ୍ତ୍ରୀ ମାନସ ମହାନ୍ତି, କନିଷ୍ଠ ଯନ୍ତ୍ରୀ ଦିଗାମ୍ବର ମଲ୍ଲ, କର୍ମଚାରୀ ରାମଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ନେମାଳ ଟେଲିଫୋନ୍ ଏକ୍‌ଚେଞ୍ଜ ଅଫିସ ସମେତ ସମସ୍ତ କ୍ଷୁଦ୍ରଶିଳ୍ପ ଓ କଳ କାରଖାନାରେ ପୂଜା ପାଳିତ ହୋଇଛି।



ଯଦି କାହାକୁ ସୁଖ ଦେଇ ନ ପାରୁଛ ଭଲ କଥା,
ତେବେ କାହାକୁ ଦୁଃଖ ଦିଅ ନାହିଁ।
-ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ମହିଳାଙ୍କୁ ମାଡ଼ ଘଟଣା
## ସୁରକ୍ଷା ଦେବାକୁ ପୋଲିସକୁ ନିର୍ଦ୍ଦେଶ

**କଟକ ଅଫିସ, ୧୭।୯:** ଲାଲବାଗ ଥାନା ଚାନ୍ଦିନୀଚୌକ ଦର୍ଜିସାହିର ଅର୍ଚ୍ଚନା ମହାରଣାଙ୍କୁ ସୁରକ୍ଷା ଯୋଗାଇ ଦେବାକୁ କଟକ ସଦର ସବ୍‌ଡିଭିଜନାଲ ଜୁଡ଼ିସିଆଲ୍ ମାଜିଷ୍ଟ୍ରେଟ୍ ମଙ୍ଗଳବାର ଆଦେଶ ଦେଇଛନ୍ତି। ଆଦେଶ ମିଳିବାର ୩ଦିନ ମଧ୍ୟରେ ଏହାକୁ ଆବେଦନକାରୀ ଥାନାରେ ଦେବେ ଓ ଆଦେଶନାମା ପାଇବାର ୩ଦିନ ମଧ୍ୟରେ ପୋଲିସ ଏହାର ରିପୋର୍ଟ ଅଦାଲତରେ ଦାଖଲ କରିବାକୁ କୁହାଯାଇଛି। ମାମଲାର ବିବରଣୀରୁ ପ୍ରକାଶ ଯେ, ଅର୍ଚ୍ଚନାଙ୍କ ସ୍ୱାମୀ ଦିଲ୍ଲୀପ ଜଣେ କର୍କଟ ପୀଡ଼ିତ ବ୍ୟକ୍ତି । ଏହାର ଫାଇଦା ଉଠାଇ ଅର୍ଚ୍ଚନାଙ୍କ ଦେଢଶୁର, ଯା', ଦିଅର ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଛନ୍ତି। ଏ ନେଇ ସେ ଲାଲବାଗ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ଚୁପ୍ ବସିଥିଲା। ଫଳରେ ଅର୍ଚ୍ଚନା ପୁନର୍ବାର ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ବିପିନ କୁମାର ଚୌଧୁରୀ ମାମଲା ପରିଚାଳନା କରୁଥିଲେ।

## ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**କଟକ ଅଫିସ, ୧୭।୯:** ବାଦାମବାଡ଼ି ଥାନା ଅନ୍ତର୍ଗତ ଅରୁଣୋଦୟ ମାର୍କେଟ ବସ୍‌ଷ୍ଟପ୍‌ରେ ଥିବା ଏକ ବେଞ୍ଚରୁ ମଙ୍ଗଳବାର ଜଣେ ଅଚିହ୍ନା ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରାଯାଇଛି। ତାଙ୍କ ପରିଚୟ ମିଳିନାହିଁ। ବାଦାମବାଡ଼ି ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇଛି। ତାଙ୍କର ହୃଦଘାତରେ ମୃତ୍ୟୁ ହୋଇଥିବା ଜଣାପଡିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ହିନ୍ଦୀ ଦିବସ ପାଳିତ

**କଟକ ଅଫିସ, ୧୭।୯:** ସିଡିଏ ଡିଏଭି ପରିସରରେ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ଅଧକ୍ଷା ନମିତା ମହାନ୍ତି ଓ ଶିକ୍ଷକ ରବୀନ୍ଦ୍ର ନାଥ ମହାରଣା ଉପସ୍ଥିତ ରହି ହିନ୍ଦୀ ଦିବସର ମହତ୍ତ୍ୱ ଉପରେ ଅଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶିକ୍ଷୟିତ୍ରୀ ସ୍ନେହା ଶ୍ରୀବାସ୍ତବ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ କେ. ପରମଜ୍ୟୋତି ଧନ୍ୟବାଦ ଦେଇଥିଲେ।

## ବନ୍ଧୁମିଳନ କାର୍ଯ୍ୟକ୍ରମ

**କଟକ ଅଫିସ, ୧୭।୯:** ତୁଳସୀପୁରସ୍ଥିତ ଓଡ଼ିଶା ପୋଲିସ ହାଇସ୍କୁଲ ପରିସରରେ ୨୦୧୦ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉକ୍ତ ବ୍ୟାଚ୍‌ର ସମସ୍ତ ଛାତ୍ରୀଛାତ୍ର ଯୋଗଦେଇଥିବାବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସ୍କୁଲ ପାଇଁ ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ କିଭଳି ଉନ୍ନତିମୂଳକ କାର୍ଯ୍ୟ କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା।

## ବିସର୍ଜନ ହେଲା ୧୮ମେଢ଼

**ଚୌଦ୍ୱାର,୧୭।୯(ଡି.ଏନ୍.ଏ.):** ଗୋଡ଼ିପାଟଣା ଇନ୍ଦୁ ପୂର୍ଣ୍ଣିମା ମହୋତ୍ସବ ତଥା ଗଣେଶ ମେଳଣ ମଙ୍ଗଳବାର ଶାନ୍ତିଶୃଙ୍ଖଳାରେ ଶେଷ ହୋଇଛି। ୧୮ଟି ମଣ୍ଡପରେ ନିର୍ମିତ ଗଣେଶ, ହର ପାର୍ବତୀ, ନିତାଇ ଗୌର, ଦୁର୍ଗାମେଢ଼ ସୋମବାର ସନ୍ଧ୍ୟାରୁ ଶୋଭାଯାତ୍ରାରେ ଆସି ଗୋଡ଼ିପାଟଣା ଯାତ୍ରା ପଡ଼ିଆରେ ପହଞ୍ଚିଥିଲେ। ମଙ୍ଗଳବାର ପୂର୍ବାହ୍ନରେ ଯାତ୍ରା କମିଟି ଠାରୁ ଛନ୍ଦା ଓ ଭସାଣି ଟିକେଟ ଗ୍ରହଣ ପରେ ମେଢ଼ଗୁଡ଼ିକ ଶୋଭାଯାତ୍ରାରେ ଯାଇ ମହାନଦୀ କୂଳରେ ପୌରପାଳିକା ପକ୍ଷରୁ ନିର୍ମିତ ଅସ୍ଥାୟୀ ପୋଖରୀରେ ବିସର୍ଜିତ ହୋଇଥିଲେ। ଶାନ୍ତିଶୃଙ୍ଖଳା ପାଇଁ ଜୋନ୧ଏସିପି ମାନସ ଗଡନାୟକ, ଚୌଦ୍ୱାର ଆଇଆଇସି ପଦ୍ମନାଭ ପ୍ରଧାନଙ୍କ ନେତୃତ୍ୱରେ ୩୦ଜଣ ଏସ୍‌ଆଇ, ୮ ପ୍ଲାଟୁନ୍ ଫୋର୍ସ ମେଳାରେ ମୁତୟନ ହୋଇଥିଲେ।

## ସଂକ୍ରାନ୍ତି ଉତ୍ସବ

**କଟକ ଅଫିସ, ୧୭।୯:** ରାମଲୀଳା ପ୍ରଚାର ସମିତି ପକ୍ଷରୁ ସଂକ୍ରାନ୍ତି ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଚୌଧୁରୀ କାଶୀନାଥ ମଲ୍ଲିକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଓଡ଼ିଶାକୁ ରାମ ରାଜ୍ୟରେ ପରିଣତ କରିବା ଓ ସମସ୍ତଙ୍କ ହୃଦୟରେ ରାମଭକ୍ତି ଭରି ଦେବାକୁ ସେ ଆହ୍ୱାନ ଦେଇଥିଲେ। ପ୍ରଚାର ପ୍ରସାର ପାଇଁ କୈଳାସ ଚନ୍ଦ୍ର ଜେନା ଓ ପ୍ରସନ୍ନ ମହାପାତ୍ର ପ୍ରମୁଖ ଦାୟିତ୍ୱ ନେବେ ବୋଲି ସ୍ଥିର ହୋଇଛି।

### ପର୍ଯ୍ୟଟନ କ୍ଷେତ୍ରରେ ଉନ୍ନତି ନେଇ ବୈଠକ
# ନୌକାବିହାର, ଝୁଲାପୋଲ, ଇକୋ ଟୁରିଜମ୍‌କୁ ଗୁରୁତ୍ୱ

**କଟକ, ୧୭।୯**

ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ନୂତନ ସଦ୍‌ଭାବନା ଗୃହରେ ଜିଲା ପର୍ଯ୍ୟଟନ ଉନ୍ନୟନ ସମିତିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ କଟକ ଜିଲାରେ ପର୍ଯ୍ୟଟନର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ଗ୍ରାମାଞ୍ଚଳରେ ଥିବା ପର୍ଯ୍ୟଟନସ୍ଥଳୀଗୁଡ଼ିକର ବିକାଶ ସହ ଲୋକଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି ଉପରେ ସେ ଗୁରୁତ୍ୱ ଦେଇଥିଲେ। ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଦ୍ୱାରା ଧବଳେଶ୍ୱର ମନ୍ଦିରର ଉନ୍ନତୀକରଣ କାର୍ଯ୍ୟର ସମୀକ୍ଷା କରିଥିଲେ। ସିଡିଏରେ ବିଜୁ ପଟ୍ଟନାୟକ ପାର୍କଠାରୁ ଧବଳେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଏକ ଝୁଲାପୋଲ ନିର୍ମାଣ, ପର୍ଯ୍ୟଟନସ୍ଥଳୀକୁ ଅଧିକ ଆକର୍ଷଣୀୟ କରିବା ସହିତ ଭଟ୍ଟାରିକା, ରାମନାଥ ମନ୍ଦିର ଉନ୍ନତୀକରଣ, ଜିଲାରେ ଇକୋ ଟୁରିଜମ୍‌ର ବିକାଶ ଲାଗି ପ୍ରସ୍ତାବ ଦିଆଯାଇଥିଲା। ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ଯୋଗଦେଇ ହାଡିଆପଠାର ଆଲୋକୀକରଣ, ପାର୍କ ପ୍ରତିଷ୍ଠା ଏବଂ ଯୋବ୍ରା ମାରିଟାଇମ ମ୍ୟୁଜିୟମ ଆଗରେ ନୌକାବିହାର ବ୍ୟବସ୍ଥା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ସହିତ ଆର୍ଥିକ ଅଭିବୃଦ୍ଧିରେ ସହାୟକ ହୋଇପାରିବ ବୋଲି କହିଥିଲେ। ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଯୋଗଦେଇ ବାଙ୍କୀ ଅଞ୍ଚଳରେ ପର୍ଯ୍ୟଟନର ବିକାଶ ପାଇଁ ପର୍ଯ୍ୟାପ୍ତ ସୁଯୋଗ ଥିବା ପ୍ରକାଶ କରି ମହାନଦୀ ଦେବୀଦ୍ୱାରରେ ଜଳକ୍ରୀଡ଼ା ବ୍ୟବସ୍ଥା, ସ୍ୱତନ୍ତ୍ର ଅଂଶୁପା ଉନ୍ନୟନ ସଂସ୍ଥା ଗଠନ, ମା' ଚର୍ଚ୍ଚିକା ମନ୍ଦିରର ଅତିଥିଶାଳା ନିର୍ମାଣ, ସିଦ୍ଧେଶ୍ୱର ମନ୍ଦିର ଏବଂ ଅନ୍ୟାନ୍ୟ ମନ୍ଦିର ଉନ୍ନୟନ ସମ୍ପର୍କରେ ପ୍ରସ୍ତାବ ରଖିଥିଲେ। ଜିଲା ପରିଷଦ ସଭାପତି ଜ୍ୟୋତିରେଖା ନାୟକ ସତ୍ୟଭାମାପୁରରେ ମଧୁବାବୁଙ୍କ ଜନ୍ମପୀଠର ଉନ୍ନତି ପାଇଁ ମତ ରଖିଥିଲେ। ପର୍ଯ୍ୟଟନ ବିଭାଗର ନେମାଳ ଗାଦି, ପରମହଂସ ଶିବମନ୍ଦିର ଓ ସତ୍ୟଭାମାପୁର ମଧୁବାବୁ ଜନ୍ମପୀଠର ଉନ୍ନତି ପାଇଁ ପର୍ଯ୍ୟଟନ ସର୍କିଟ ଗଠନ ତଥା ଜିଲାରେ ପର୍ଯ୍ୟଟନ ଉନ୍ନୟନର ରୂପରେଖ ସମ୍ବନ୍ଧରେ ସତ୍ୟବ୍ରତ ରଥ ଆଲୋକପାତ କରିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଅବଦଲ ଅଖତର, ଜିଲା ପର୍ଯ୍ୟଟନ ଅଧିକାରୀ ସୁଜାତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।



କଟକ ଖପୁରିଆସ୍ଥିତ ସରକାରୀ ପ୍ରେସ୍‌ରେ ବିଶ୍ୱକର୍ମା ପୂଜା।

### ଅଦାଲତ ଅବମାନନା ନେଇ ହାଇକୋର୍ଟ କ୍ଷୁବ୍ଧ
## ମାଧ୍ୟମିକ ଶିକ୍ଷା ପରିଷଦ ନିର୍ଦ୍ଦେଶକଙ୍କୁ ବ୍ୟକ୍ତିଗତ ହାଜର ନିର୍ଦ୍ଦେଶ

**କଟକ ଅଫିସ, ୧୭।୯**

ଏକାଧିକ ଆଦେଶ ପାଳନରେ ଅବହେଳା ନେଇ ଗଣଶିକ୍ଷା ବିଭାଗ ଅଧୀନ ମାଧ୍ୟମିକ ଶିକ୍ଷା ପରିଷଦର ନିର୍ଦ୍ଦେଶକ ବିଭୁପ୍ରସାଦ ଷଡ଼ଙ୍ଗୀଙ୍କ ଉପରେ କ୍ଷୁବ୍ଧ ହୋଇଛନ୍ତି ହାଇକୋର୍ଟ। ବ୍ୟକ୍ତିଗତ ଭାବେ କୋର୍ଟରେ ହାଜର ହେବାକୁ ତାଙ୍କୁ ମଙ୍ଗଳବାର ଆଦେଶ ଦେଇଛନ୍ତି। ଏଥିସହ ଭାରତୀୟ ସମ୍ବିଧାନର ଧାରା ୨୧୫ ଓ ୧୯୭୧ ଅଦାଲତ ଆଦେଶ ଅବମାନନା ଆଇନର ଧାରା ୧୨ ଅନୁଯାୟୀ ତାଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ ତାହାର କାରଣ ଦର୍ଶାଇବାକୁ ନୋଟିସ୍ ଜାରି କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୫ତାରିଖରେ ହେବ। କଟକ ତୁଳସୀପୁରସ୍ଥିତ ଓଡ଼ିଶା ପୋଲିସ ହାଇସ୍କୁଲର ପ୍ରାକ୍ତନ ଶିକ୍ଷୟିତ୍ରୀ ତଥା ଓଏସ୍‌ଏପି ଷଷ୍ଠ ବାଟାଲିୟନ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ଦେଇଙ୍କ ପକ୍ଷରୁ ଆଗତ ୪ର୍ଥ ଅଦାଲତ ଆଦେଶ ଅବମାନନା ମାମଲାର ଶୁଣାଣି କରି ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଉପରୋକ୍ତ ଆଦେଶ ଦେଇଛନ୍ତି।

କୋର୍ଟ ବିବରଣୀ ଅନୁଯାୟୀ, ୨୦୧୦ ଜୁଲାଇ ୨୦ରେ ହାଇକୋର୍ଟ ଆବେଦନକାରୀଙ୍କୁ ୧୯୯୨ ଜାନୁୟାରୀ ୨ତାରିଖ ମୂଳ ନିଯୁକ୍ତି ଦିନଠାରୁ ଅନୁମୋଦନ, ସମସ୍ତ ଚାକିରି ସୁବିଧା ଓ ବକେୟା ପ୍ରାପ୍ୟ ପ୍ରଦାନ କରିବାକୁ ଗଣଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ବିଭାଗ ଏହି ରାୟ ବିରୋଧରେ ସୁପ୍ରିମକୋର୍ଟରେ ଅପିଲ କରିଥିଲା। ତେବେ ସୁପ୍ରିମକୋର୍ଟ ବିଭାଗର ଅପିଲ୍‌କୁ ଖାରଜ କରି ହାଇକୋର୍ଟଙ୍କ ଆଦେଶକୁ କାଏମ ରଖିଥିଲେ। ଏହି ବର୍ଷ ଆବେଦନକାରୀ ତତ୍କାଳୀନ ଗଣଶିକ୍ଷା ବିଭାଗ ସଚିବ, ମାଧ୍ୟମିକ ଶିକ୍ଷା ପରିଷଦ ନିର୍ଦ୍ଦେଶକ ଓ କଟକ ଜିଲା ଶିକ୍ଷା ଅଧିକାରୀଙ୍କ ବିରୋଧରେ ଅଦାଲତ ଅବମାନନା ପିଟିଶନ ରୁଜୁ କରିଥିଲେ। ଏହି ମାମଲାର ବିଚାର କରି ହାଇକୋର୍ଟ ସମ୍ପୃକ୍ତ ଅଧିକାରୀଙ୍କୁ ୭ଦିନ ଜେଲ୍‌ଦଣ୍ଡ ସହ ୧ହଜାର ଟଙ୍କା ଲେଖାଏ ଜରିମାନା ଦଣ୍ଡାଦେଶ ଦେଇଥିଲେ। ଏହାପରେ ଆବେଦନକାରୀଙ୍କୁ ମୂଳ ନିଯୁକ୍ତି ଦିନଠାରୁ ସରକାରୀ ଅନୁମୋଦନ ମିଳିଥିଲା। ତେବେ ପଦୋନ୍ନତିରୁ ବଞ୍ଚିତ ହେବାରୁ ଆବେଦନକାରୀ ପୁଣି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୧୬ରେ ଆବେଦନକାରୀ ୪ର୍ଥ ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ। ଏହାର ବିଚାରକରି ବିଚାରପତି ଷଡ଼ଙ୍ଗୀଙ୍କ ଖଣ୍ଡପୀଠ ୨୦୧୭ ଜୁଲାଇ ୧୮ରେ ଗଣଶିକ୍ଷା ବିଭାଗ ସଚିବ, ମାଧ୍ୟମିକ ଶିକ୍ଷା ପରିଷଦ ନିର୍ଦ୍ଦେଶକ ପ୍ରମୁଖଙ୍କୁ କୋର୍ଟ ଆଦେଶ ପାଳନରେ ଅବହେଳା ନେଇ ଦୋଷୀ ସାବ୍ୟସ୍ତ କରିଥିଲେ। ପରେ ଆବେଦନକାରୀଙ୍କୁ ୨୦୧୨ ଅକ୍ଟୋବର ୧୨ରୁ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ପଦୋନ୍ନତି ଦିଆଯାଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଜଗନ୍ନାଥ ପଟ୍ଟନାୟକ ମାମଲା ପରିଚାଳନା କରୁଛନ୍ତି।

# ବେଆଇନ ଉଠାଦୋକାନୀଙ୍କୁ ଉଚ୍ଛେଦ ନିର୍ଦ୍ଦେଶ

**କଟକ ଅଫିସ, ୧୭।୯**

### ସିଡିଏ ଅଞ୍ଚଳ ପରିଦର୍ଶନ କଲେ ଜିଲାପାଳ

କଟକ ଜିଲାପାଳ ତଥା ସିଡିଏ ଉପାଧ୍ୟକ୍ଷ ଭବାନୀ ଶଙ୍କର ଚୟନୀ ମଙ୍ଗଳବାର ଗୋପଦ ଅଭିଯାନରେ ସିଡିଏ ସେକ୍ଟର-୬, ୮ ଓ ୯ ଅଞ୍ଚଳ ପରିଦର୍ଶନ କରିଛନ୍ତି। ଏହି ଅଞ୍ଚଳରେ ଲାଗିରହିଥିବା ସମସ୍ୟା ସମ୍ପର୍କରେ ଲୋକଙ୍କୁ ପଚାରି ବୁଝିବା ସହ ସମାଧାନ ନିମନ୍ତେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସିଡିଏରେ ଚାଲିଥିବା ପ୍ରକଳ୍ପର ଅଗ୍ରଗତି, ଆଗକୁ ହେବାକୁ ଥିବା ନୂତନ ପ୍ରକଳ୍ପ, ଜନ ସମସ୍ୟା ଓ ଏହାର ସମାଧାନ, ଉଠାଦୋକାନୀମାନଙ୍କ ପାଇଁ ସ୍ଥାନ ନିରୁପଣ କରାଯିବା ସମେତ ବ୍ୟବସାୟିକ ଉନ୍ନତି ଏବଂ ଆର୍ଥିକ ସମ୍ବଳ ଅଭିବୃଦ୍ଧି ନେଇ ନୂତନ କାର୍ଯ୍ୟ ପ୍ରଣାଳୀ ପ୍ରସ୍ତୁତ କରିବାକୁ ସିଡିଏ ଅଧିକାରୀମାନଙ୍କୁ ଜିଲାପାଳ କହିଛନ୍ତି। ଜିଲାପାଳ ସେକ୍ଟର-୬ସ୍ଥିତ ପ୍ରକଳ୍ପ କାର୍ଯ୍ୟାଳୟଠାରୁ ୯ନମ୍ବର ଅଟୋଷ୍ଟାଣ୍ଡ ଛକ ପର୍ଯ୍ୟନ୍ତ ବୁଲି ବେଆଇନ ଗଢିଉଠିଥିବା ଉଠାଦୋକାନୀମାନଙ୍କୁ ତୁରନ୍ତ ଉଚ୍ଛେଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଉଠାଦୋକାନୀଙ୍କ ଥଇଥାନ ପାଇଁ ସ୍ଥାନ ନିରୁପଣ କରି ଭେଣ୍ଡିଂ ଜୋନ ବ୍ୟବସ୍ଥା କରିବାକୁ କହିଛନ୍ତି। ସେହିପରି ମୁଖ୍ୟ ରାସ୍ତାକଡ଼ ସିଡିଏ ଜମି, ସେଠାରେ ଥିବା ନର୍ସରୀ ଏବଂ ସରକାରୀ କ୍ୱାର୍ଟର୍ସଗୁଡିକର ଅବସ୍ଥା ଅନୁଧ୍ୟାନ କରି ମରାମତି ନିମନ୍ତେ ଧ୍ୟାନ ଦେବାକୁ କହିଥିଲେ। ଏହି ଅବସରରେ ରାଜ୍ୟ ମାନବାଧିକାର କମିଶନ ଜଷ୍ଟିସ ବି.ପି.ଦାସଙ୍କୁ ଜିଲାପାଳ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଅଞ୍ଚଳ ପରିଦର୍ଶନ ବେଳେ ସିଏମ୍‌ସି ଆୟୁକ୍ତ ଅନନ୍ୟା ଦାସ ଏବଂ ସିଡିଏ ଅଧିକାରୀମାନେ ଉପସ୍ଥିତ ଥିଲେ।

## କନଷ୍ଟେବଲଙ୍କ ଆତ୍ମହତ୍ୟା

**କଟକ ଅଫିସ, ୧୭।୯**

ଓଡ଼ିଶା ପୋଲିସ(ଓଏପିଏଫ)ରେ କାର୍ଯ୍ୟରତ ଜଣେ କନଷ୍ଟେବଲ ମଙ୍ଗଳବାର ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଗଜପତି ଜିଲା ଉପାସିଙ୍ଗ ଗ୍ରାମର ସନ୍ତୋଷ ଭୂୟାଁ(୩୦)। ଘରେ କେହି ନ ଥିବା ସମୟରେ ସନ୍ତୋଷ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ପାରିବାରିକ ଅଶାନ୍ତିରୁ ସେ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପୋଲିସ ସନ୍ଦେହ କରୁଛି। ମଙ୍ଗଳାବାଗ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲକୁ ପଠାଇଛି। ସୂଚନା ଅନୁଯାୟୀ, ସନ୍ତୋଷଙ୍କର କିଛି ମାସ ହେବ କଟକ ବଦଳି ହୋଇଥିଲା। ସେ ମଙ୍ଗଳାବାଗ ଥାନା ଅଞ୍ଚଳ ମଣିସାହୁ ଛକସ୍ଥିତ ସୁବେଦାର ଲେନରେ ଘରଭଡ଼ା ନେଇ ସ୍ତ୍ରୀ ଓ ତିନିମାସର ପୁଅ ସହ ରହୁଥିଲେ। ପାରିବାରିକ ଅଶାନ୍ତି କାରଣରୁ ସନ୍ତୋଷ କିଛିଦିନ ହେବ ମାନସିକ ଚାପରେ ରହୁଥିଲେ। ମଙ୍ଗଳବାର ତାଙ୍କ ସ୍ତ୍ରୀ ପୁଅକୁ ନେଇ କୌଣସି କାର୍ଯ୍ୟରେ ବଜାରକୁ ଯାଇଥିବା ବେଳେ ସନ୍ତୋଷ କବାଟ ବନ୍ଦକରି ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ତାଙ୍କ ସ୍ତ୍ରୀ ବଜାରରୁ ଫେରି କବାଟ ବାଡେଇବା ସତ୍ତ୍ୱେ କୌଣସି ଉତ୍ତର ମିଳି ନ ଥିଲା। ପଡୋଶୀମାନେ ଆସି କବାଟ ଭାଙ୍ଗିବାରୁ ସନ୍ତୋଷଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା।





ସନସାଇନ ପଡ଼ିଆରେ ମଙ୍ଗଳବାର ଅନୁଷ୍ଠିତ ୧୦ମ ସାତସାହି କଟକ ନତ୍ୟୋତ୍ସବର ପଞ୍ଚମ ସନ୍ଧ୍ୟାରେ ବାରବାଟୀ ଯୋଗ ଆସୋସିଏଶନର ଛାତ୍ରୀଛାତ୍ରଙ୍କ ଯୋଗ ପ୍ରଦର୍ଶନ।

### ବୈଦେଶିକ ବାଣିଜ୍ୟ ଅଫିସ୍ ସ୍ଥାନାନ୍ତରକୁ ବିରୋଧ
## ହାଇକୋର୍ଟଙ୍କ ଦ୍ୱାରସ୍ଥ ନାଗରିକ ମହାସଭା

**କଟକ ଅଫିସ, ୧୭।୯**

କଟକରେ ଥିବା ଆଞ୍ଚଳିକ ବୈଦେଶିକ ବାଣିଜ୍ୟ ଯୁଗ୍ମ ନିର୍ଦ୍ଦେଶକ କାର୍ଯ୍ୟାଳୟକୁ କୋଲକାତା ଆଞ୍ଚଳିକ ଦପ୍ତର ସହ ମିଶାଇ ଦେବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଏହାକୁ କଟକ ମହାନଗର ନାଗରିକ ମହାସଭା ବିରୋଧ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ସଙ୍ଗଠନର ସଭାପତି ଡାକ୍ତର ରବିରଞ୍ଜନ ସାହୁଙ୍କ ପକ୍ଷରୁ ଏହି ମର୍ମରେ ଏକ ଆବେଦନ ହାଇକୋର୍ଟରେ ଦାଖଲ କରାଯାଇଛି। ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ କଟକ ଆଞ୍ଚଳିକ ଦପ୍ତରର ସହାବସ୍ଥାନ ଉପରେ ରହିତାଦେଶ ଜାରି ଲାଗି ଡାକ୍ତର ସାହୁ କୋର୍ଟଙ୍କୁ ପ୍ରାର୍ଥନା କରିଛନ୍ତି। କଟକସ୍ଥିତ ଆଞ୍ଚଳିକ ବୈଦେଶିକ ବାଣିଜ୍ୟ ଯୁଗ୍ମ ନିର୍ଦ୍ଦେଶକ କାର୍ଯ୍ୟାଳୟକୁ ଭୁବନେଶ୍ୱର ସ୍ଥାନାନ୍ତର କରାଯିବା ନିଷ୍ପତ୍ତି ବିରୋଧରେ ସାହୁ ୨୦୧୭ରେ ହାଇକୋର୍ଟରେ ଏକ ରିଟ୍ ପିଟିଶନ ଦାଏର କରିଥିଲେ। ୨୦୧୭ ଡିସେମ୍ବର ୧୯ରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଇନଜୀବୀ ଅରବିନ୍ଦ ମହାନ୍ତି କୋର୍ଟରେ ହାଜର ହୋଇ ଜବାବ ଦାଖଲ କରିବାକୁ ୩ ସପ୍ତାହ ସମୟ ମାଗିଥିଲେ। ପ୍ରତିପକ୍ଷଙ୍କ ଜବାବ ଦାଖଲର ଏକ ସପ୍ତାହ ପରେ ଆବେଦନକାରୀଙ୍କୁ ପ୍ରତିବାଦ ଦାଖଲର ସୁଯୋଗ ମିଳିବ ଦର୍ଶାଇ ଅଦାଲତ ମାମଲାର ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ରହିତାଦେଶ ଜାରି କରିଥିଲେ।

# ବିଧାୟକଙ୍କୁ ନ ଡାକିବା ନେଇ ବିବାଦ ଘନଉଛି

**କଟକ ଅଫିସ,୧୭।୯**

### ପୋଲିସ ପ୍ରଶାସନର ଦଶହରା ପ୍ରସ୍ତୁତି ବୈଠକ ଘଟଣା

ଶାନ୍ତି କମିଟି ପକ୍ଷରୁ ସର୍କିଟ ହାଉସରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦୁର୍ଗାପୂଜାକୁ ଶାନ୍ତିଶୃଙ୍ଖଳାର ସହ ସାରିବା ଲାଗି କର୍ମକର୍ତ୍ତା ମତ ରଖିଛନ୍ତି। ପୂର୍ବରୁ ପୋଲିସ ପ୍ରଶାସନ ପକ୍ଷରୁ ହୋଇଥିବା ଦୁର୍ଗା ପୂଜା ବୈଠକକୁ ବିଧାୟକଙ୍କୁ ଡକାଯାଇ ନ ଥିଲା। ଏ ନେଇ କଟକ ମହାନଗର ପୂଜା କମିଟି ସାଧାରଣ ସମ୍ପାଦକ ପ୍ରଭାତ କୁମାର ତ୍ରିପାଠୀ କହିଛନ୍ତି, ପ୍ରସ୍ତୁତି ବୈଠକକୁ ଶାନ୍ତି କମିଟି ପକ୍ଷରୁ ସମସ୍ତ ଲୋକ ପ୍ରତିନିଧିଙ୍କୁ ଡକାଯାଇଥିଲା। ଡିସିପି କେଉଁ କାରଣ ପାଇଁ ବାରବାଟୀ-କଟକ ବିଧାୟକଙ୍କୁ ଡାକି ନ ଥିଲେ ତାହା ଜାଣିନାହୁଁ। ଅନ୍ୟପକ୍ଷରେ ବିଧାୟକ ମହମ୍ମଦ ମୋକିମ କହିଛନ୍ତି, ପୋଲିସ ପ୍ରଶାସନ ପକ୍ଷରୁ ପୂଜା ପ୍ରସ୍ତୁତି ବୈଠକକୁ ମୋତେ ଡକାଯାଇ ନ ଥିଲା। ଗଣମାଧ୍ୟମ ଖବର ଅନୁଯାୟୀ ଡିସିପି କୁଆଡ଼େ କହିଥିଲେ, ତାଙ୍କ ନାଁରେ ପୂର୍ବରୁ ଆପରାଧିକ ମାମଲା ଅଛି। ତେବେ ମୁଁ ପ୍ରଶ୍ନ କରୁଛି ଡିସିପି କିଏ ମୋତେ ଅପରାଧୀ ବୋଲି କହିବାକୁ। କୋର୍ଟରେ ମୁଁ କୌଣସି ଦୋଷୀ ସାବ୍ୟସ୍ତ ହୋଇନି। ଯଦି ନିର୍ବାଚିତ ଲୋକପ୍ରତିନିଧିଙ୍କୁ ଜଣେ ଉଚ୍ଚପଦସ୍ଥ ଅଧିକାରୀ ଏଭଳି ମନ୍ତବ୍ୟ ଦେବେ ତାହା କଦାପି ଗ୍ରହଣୀୟ ନୁହେଁ। ମୁଁ ଏହି ଘଟଣାକୁ ବାଚସ୍ପତି ଓ ବିଧାନସଭା ଏଥିକ୍ସ କମିଟି ନଜରକୁ ଆଣିଛି। ସରକାରଙ୍କ ଇଙ୍ଗିତରେ ଶାସକ ଦଳ ଏ ସବୁ କାର୍ଯ୍ୟ କରୁଛି ବୋଲି ମୋକିମ ଅଭିଯୋଗ କରିଛନ୍ତି।

### ରେଭେନ୍‌ଶାରେ ଜନ୍ମଦିନ ପାଳନ ବେଳେ ଛାତ୍ରଙ୍କୁ ମାଡ଼
## ର୍‍ୟାଗିଂ ଅଭିଯୋଗ ଆଣିଲେ ଅଭିଭାବକ

**କଟକ ଅଫିସ, ୧୭।୯**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଇଷ୍ଟ ଛାତ୍ରାବାସରେ ସୋମବାର ରାତିରେ ଜନ୍ମଦିନ ପାଳନ ଉତ୍ସବରେ ଜଣେ ଛାତ୍ରଙ୍କୁ କିଛି ଅନ୍ତେବାସୀ ମାଡ଼ ମାରିଥିବା ବେଳେ ଏ ନେଇ ସମ୍ପୃକ୍ତ ଅଭିଭାବକ ର୍‍ୟାଗିଂ ଅଭିଯୋଗ ଆଣିଛନ୍ତି। ପଦାର୍ଥ ବିଜ୍ଞାନ ବିଭାଗ ସ୍ନାତକ ପ୍ରଥମ ବର୍ଷର ଜଣେ ଛାତ୍ରଙ୍କର ଜନ୍ମଦିନ ଥିଲା। ଛାତ୍ରାବାସରେ କେତେଜଣ ଅନ୍ତେବାସୀ ବିଳମ୍ବିତ ରାତିରେ ଜନ୍ମଦିନ ପାଳନ କରିଥିଲେ। ଏହି ସମୟରେ ସମ୍ପୃକ୍ତ ଛାତ୍ରଙ୍କୁ ଅନ୍ୟ କେତେଜଣ ଛାତ୍ର ନିର୍ଘୁଣ ମାଡ ମାରିଥିଲେ। ଏଥିରେ ଛାତ୍ରଙ୍କ ପିଠିରେ ଦାଗ ସୃଷ୍ଟି ହୋଇଥିଲା। ମଙ୍ଗଳବାର ଛାତ୍ରଙ୍କ ବାପା ତାଙ୍କୁ ଭେଟିବାକୁ ଆସିଥିଲେ। ଏହି ସମୟରେ ସେ ପୁଅ ପିଠିରେ ମାଡ଼ ଦାଗ ଦେଖିଥିଲେ। ଏ ନେଇ ତାଙ୍କ ବାପା ଛାତ୍ରାବାସ ତତ୍ତ୍ୱାବଧାରକଙ୍କୁ ଘଟଣା ସମ୍ପର୍କରେ ପଚାରିଥିଲେ। ଏହାକୁ ନେଇ ଛାତ୍ରଙ୍କ ବାପା ଓ ଛାତ୍ରାବାସ ତତ୍ତ୍ୱାବଧାରଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହି ସମୟରେ ଛାତ୍ରାବାସର ୱାର୍ଡେନ ଡ. ପୂର୍ଣ୍ଣେନ୍ଦୁ ପାଢୀ ପହଞ୍ଚି ମାମଲାର ସମାଧାନ କରିବା ସହିତ ଏ ସମ୍ପର୍କରେ କୁଳପତିଙ୍କୁ ଅବଗତ କରାଇଥିଲେ। କୁଳପତି ପ୍ରଫେସର ଈଶାନ କୁମାର ପାତ୍ରଙ୍କୁ ପଚାରିବାରୁ କହିଛନ୍ତି, ଏହି ଘଟଣାରେ ୬ ଜଣ ସିନିୟର ଛାତ୍ରଙ୍କ ନାମରେ ଅଭିଯୋଗ ଆସିଛି। ବୁଧବାର ଶୃଙ୍ଖଳା କମିଟି ଏବଂ ଆଣ୍ଟି ର୍‍ୟାଗିଂ କମିଟିର ବୈଠକ ଡକାଯାଇଛି।

### ବରିଷ୍ଠ ଆଇନଜୀବୀ ମାନ୍ୟତା ବିବାଦ
# ପ୍ରତିପକ୍ଷଙ୍କୁ ହାଇକୋର୍ଟଙ୍କ ନୋଟିସ୍

**କଟକ ଅଫିସ, ୧୭।୯**

ବରିଷ୍ଠ ଆଇନଜୀବୀ ମାନ୍ୟତା ବିବାଦକୁ ନେଇ ହାଇକୋର୍ଟରେ ଆଇନଜୀବୀ ବଂଶୀଧର ବାଗ୍‌ଙ୍କ ପକ୍ଷରୁ ଏକ ମାମଲା ରୁଜୁ ହୋଇଛି । ଏ ନେଇ ଅନୁରୂପ ଭାବେ କରୁଣାକର ଜେନାଙ୍କ ପକ୍ଷରୁ ଅନ୍ୟ ଏକ ମାମଲା ରୁଜୁ କରାଯାଇଛି। ମଙ୍ଗଳବାର ମୁଖ୍ୟ ବିଚାରପତି କେ.ଏସ୍, ଝାବେରି ଓ ବିଚାରପତି କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଉଭୟ ମାମଲାର ଏକତ୍ର ଶୁଣାଣି କରି ହାଇକୋର୍ଟ ରେଜିଷ୍ଟ୍ରାର୍ ଜେନେରାଲ୍, ରେଜିଷ୍ଟ୍ରାର୍ ଜୁଡିସିଆଲ୍, ସ୍ଥାୟୀ କମିଟି ଓ ନୂତନ ୫ବରିଷ୍ଠ ଆଇନଜୀବୀଙ୍କୁ ଜବାବ ତଲବ କରିଛନ୍ତି । ବରିଷ୍ଠ ଆଇନଜୀବୀଙ୍କୁ ସ୍ପେଶାଲ୍ ମେସେଞ୍ଜର ଜରିଆରେ ନୋଟିସ୍ କରିବାକୁ କୁହାଯାଇଥିଲାବେଳେ ରେଜିଷ୍ଟ୍ରାର ଜେନେରାଲ ଏବଂ ରେଜିଷ୍ଟ୍ରାର ଜୁଡିସିଆଲଙ୍କୁ କପି ପ୍ରଦାନ ପାଇଁ ଆଦେଶ ଦିଆଯାଇଛି। ବରିଷ୍ଠ ଆଇନଜୀବୀ ଚୟନ ନେଇ ହୋଇଥିବା ସ୍ଥାୟୀ କମିଟିର ରେକର୍ଡ ଏବଂ ଫୁଲ୍ କୋର୍ଟ ବେଞ୍ଚର ପ୍ରୋସିଡିଂ ରେକର୍ଡ ମଧ୍ୟ ହାଇକୋର୍ଟ ତଲବ କରିଛନ୍ତି। ଆସନ୍ତା ଅକ୍ଟୋବର ୨୪ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ୫ଜଣ ଆଇନଜୀବୀଙ୍କୁ ବରିଷ୍ଠ ଆଇନଜୀବୀ ମାନ୍ୟତା ଦିଆଯିବାକୁ ବିରୋଧ କରି ସୋମବାର ଆଇନଜୀବୀ ବାଗ୍ ଓ ମଙ୍ଗଳବାର ଆଇନଜୀବୀ କରୁଣାକର ଜେନା, ସଞ୍ଜୟ ଆଚାର୍ଯ୍ୟ, ଶାନ୍ତନୁ କୁମାର ଷଡଙ୍ଗୀ ଆଉ ଏକ ମାମଲା ରୁଜୁ କରିଥିଲେ। ହାଇକୋର୍ଟ ବିଚାରପତି ଜଷ୍ଟିସ୍ ସି.ଆର. ଦାଶ ଏବଂ ବିଚାରପତି ଜଷ୍ଟିସ୍ ଏ.କେ. ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ଗତ ଅଗଷ୍ଟ ୧୯ ତାରିଖରେ ହାଇକୋର୍ଟ ପକ୍ଷରୁ ବରିଷ୍ଠ ଆଇନଜୀବୀ ଚୟନ କରାଯାଇ ତାଲିକା ପ୍ରକାଶ କରାଯାଇଥିଲା। କିନ୍ତୁ ଏହି ଚୟନ ପ୍ରକ୍ରିୟାକୁ ଆବେଦନକାରୀ ବାଗ୍ ବିରୋଧ କରିବା ସହ ଏହାକୁ ରଦ୍ଦ କରିବା ଲାଗି ପ୍ରାର୍ଥନା କରିଛନ୍ତି। ଆହୁରି ୪୫ଜଣ ଆଇନଜୀବୀ ବରିଷ୍ଠ ମାନ୍ୟତା ପାଇଁ ଆବେଦନ କରିଥିଲେ ମଧ୍ୟ ସେମାନଙ୍କୁ ଏହି ମାନ୍ୟତା ଦିଆଯାଇନାହିଁ। ତେଣୁ ଏହି ୪୫ଟି ଆବେଦନକୁ ସାନି ବିଚାରକୁ ନେବା ପାଇଁ ଅଦାଲତ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି।



ସ୍ଥାୟୀ ସମସ୍ୟା ସମାଧାନ ଦାବିରେ ସିଏମସି କମିଶନରଙ୍କୁ ଭେଟି ସ୍ମାରକପତ୍ର ଦେବାକୁ ଆସିଥିବା ଉଠା ବ୍ୟବସାୟୀମାନେ।



ହିନ୍ଦୁ ସେନା ଓ କଟକ ସହର ସୁରକ୍ଷା କମିଟି ପକ୍ଷରୁ ବନ୍ଦ ଡାକରାକୁ ସଫଳ କରିବା ନେଇ ମଙ୍ଗଳବାର ସିଡିଏରୁ ବାହାରିଥିବା ଶୋଭାଯାତ୍ରା।



ଯଦି କାହାକୁ ସୁଖ ଦେଇ ନ ପାରୁଛ ଭଲ କଥା,
ତେବେ କାହାକୁ ଦୁଃଖ ବି ଦିଅ ନାହିଁ।
-ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା

ଖୋର୍ଦ୍ଧା ଅଫିସ,୧୭।୯: ଖୋର୍ଦ୍ଧା ଫିଲ୍ମ ହଲ ନିକଟସ୍ଥ ଆନନ୍ଦ ଭବନ ପଛପଟ କଦଳୀ ଗୋଦାମ ଭିତରେ ଗୁରୁଜଙ୍ଗ ଦ୍ୱାରିକାନଗର ଲଳିତ ପ୍ରଧାନ(୩୫) ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ମଙ୍ଗଳବାର ପୂର୍ବାହ୍ନରେ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅନ୍ୟପକ୍ଷେ ପୋଲିସ ନଂ. ୪୪/୧୯ରେ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ପାରିବାରିକ କଳହରୁ ଲଳିତ ଆତ୍ମହତ୍ୟା କରିଥିବା ଜଣାପଡିଛି।

### ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

ଟାଙ୍ଗୀ (ଖୋର୍ଦ୍ଧା),୧୭।୯ (ଡି.ଏନ.ଏ.): ସାପ କାମୁଡାରେ ମଙ୍ଗଳବାର ଜଣେ ଯୁବକଙ୍କ ଅକାଳ ମୃତ୍ୟୁ ହୋଇଛି । ସେ ହେଲେ ଚିଲିକା ବ୍ଲକ୍ କଳକଳେଶ୍ୱର ପଞ୍ଚାୟତ ପଞ୍ଚୁପାଟିଆ ଗ୍ରାମର ଅନିଲ ସାହୁ (୩୮)। ଅନିଲ ସକାଳେ ନିଜ ଚାଷଜମିକୁ ଯାଇଥିବା ବେଳେ ତାଙ୍କୁ କୌଣସି ସାପ କାମୁଡିଥିଲା । ତାଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ସେଠାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରେ ତାଙ୍କର ମୃତ୍ୟୁ ଘଟିଛି ।

### ପୋଲିସ ପକ୍ଷରୁ ଟ୍ରାଫିକ ନିୟମ ସଚେତନତା

ବୋଲଗଡ଼,୧୭।୯ (ଡି.ଏନ.ଏ.)-ନୂଆ ଟ୍ରାଫିକ ନିୟମ ନେଇ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ମଙ୍ଗଳବାର ୫୭ନଂ ଜାତୀୟ ରାଜପଥର ବୋଲଗଡ଼ ଗୋପବନ୍ଧୁ ଛକଠାରେ ବୋଲଗଡ଼ ଥାନା ପୋଲିସ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଏସଡିପିଓ ସୁଶୀଲ କୁମାର ମିଶ୍ରଙ୍କ ସମେତ ବୋଲଗଡ଼ ଥାନା ଆଇଆଇସି ସେଖ ଆକବର ଅଲ୍ଲୀ ସଦଳବଳ ଉପସ୍ଥିତ ହୋଇ ରାଜପଥରେ ଯାଉଥିବା ଗାଡି ଚାଳକମାନଙ୍କୁ ନୂଆ ଟ୍ରାଫିକ ନିୟମ ବିଷୟରେ ସଚେତନ କରାଇଥିଲେ। ଲୋକଙ୍କୁ ଟ୍ରାଫିକ ନିୟମ ବିଷୟରେ ବୁଝାଇବା ସହ ଗୋଟିଏ ଲେଖାଏ ଗୋଲାପ ଫୁଲ ଦେଇ ଶୁଭେଚ୍ଛା ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ବୋଲଗଡ଼ ସମିତି ସଭ୍ୟ ଆଡଭୋକେଟ ବୀରକିଶୋର ଦାସ, ସାମାଜିକ କର୍ମୀ ସନ୍ତୋଷ କୁମାର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ । ନୂଆ ଟ୍ରାଫିକ ଆଇନର ଲକ୍ଷ୍ୟ ଜୀବନ ସୁରକ୍ଷା। ତେଣୁ ଲୋକମାନେ ଉକ୍ତ ଆଇନକୁ ସମ୍ମାନ ଜଣାଇବା ସହିତ ନିଜ ନିଜର ସୁରକ୍ଷା ପ୍ରତି ଧ୍ୟାନ ଦେବାକୁ ଏହି ପ୍ରୟାସ କରାଯାଇଥିବାର ଆଇଆଇସି କହିଛନ୍ତି ।

### ବ୍ଲକସ୍ତରୀୟ ଭଲିବଲ ପ୍ରତିଯୋଗିତା

କୃଷ୍ଣପ୍ରସାଦ,୧୭।୯(ଡି.ଏନ.ଏ.)- କୃଷ୍ଣପ୍ରସାଦ ବ୍ଲକର ଚାରିଛକସ୍ଥିତ ଗୋପୀନାଥ ଦେବ ବିଦ୍ୟାପୀଠ ପରିସରରେ ବ୍ଲକସ୍ତରୀୟ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଉତ୍ସବକୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ଦେବତା ଉଦ୍‌ଘାଟନ କରିଥିଲେ । ଏଥିରେ ୧୫ଟି ହାଇସ୍କୁଲରୁ ୪୦ ଜଣ ଛାତ୍ର ଅଂଶଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରୁ ୭ଜଣ ଛାତ୍ରଙ୍କୁ ବୁଧବାର ହେବାକୁ ଥିବା ପୁରୀ ଜିଲାସ୍ତରୀୟ ଭଲିବଲ ପ୍ରତିଯୋଗିତାରେ ଭାଗ ନେବା ନିମନ୍ତେ ମନୋନୀତ କରାଯାଇଛି । ପ୍ରତିଯୋଗିତା ପରିଚାଳନାରେ କୃଷ୍ଣପ୍ରସାଦ ବ୍ଲକ କ୍ରୀଡା ଜୋନ୍ ସମ୍ପାଦକ ଦୁର୍ଯ୍ୟୋଧନ ନାୟକ, ବରିଷ୍ଠ କ୍ରୀଡ଼ା ଶିକ୍ଷକ ପଦ୍ମ ଚରଣ ଜେନା, ଗଣେଶ ନାୟକ ପ୍ରମୁଖ ସହଯୋଗ କରିଥିଲେ ।



ପୂଜା ପାଉଥିବା ଦେବଶିଳ୍ପୀ ବାଲୁଗାଁ



ନିରାକାରପୁର



ଟାଙ୍ଗୀ କୁହୁଡି



ଜଟଣୀ ପିଏଚ୍‌ଡି



ଚିଲିକା

### ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କଲେ ଭୁବନେଶ୍ୱର ଏମ୍‌ପି

# ଲୁଚି ପାରିଲାନି ଅବ୍ୟବସ୍ଥା

ଖୋର୍ଦ୍ଧା ଅଫିସ,୧୭।୯:

ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ ମଙ୍ଗଳବାର ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଥିଲେ। ଏମ୍‌ପିଙ୍କ ପରିଦର୍ଶନ ପୂର୍ବରୁ ଜଣାପଡିଥିବାରୁ ଚିକିତ୍ସାଳୟ କର୍ତ୍ତୃପକ୍ଷ ଯଥା ସମ୍ଭବ ଚେଷ୍ଟା କରିଥିଲେ ଅବ୍ୟବସ୍ଥା ପଦାକୁ ନ ଆସୁ। ଚିକିତ୍ସାଳୟ ପରିସର ପରିଷ୍କାର ରହିଥିଲା। ବିଭିନ୍ନ ସ୍ଥାନରେ ବ୍ଲିଚିଂ ପଡିଥିଲା। ଚିକିତ୍ସାଳୟ ଚଟାଣ ଫିନାଇଲ୍‌ରେ ପୋଛା ହୋଇଥିଲା। ଡାକ୍ତର ଶୀଘ୍ର କାର୍ଯ୍ୟରେ ଯୋଗଦେଇ ରୋଗୀଙ୍କ ସେବାକୁ ଗୁରୁତ୍ୱ ଦେଇଥିଲେ। କର୍ମଚାରୀମାନେ ଉପସ୍ଥିତ ରହି ନିଜ କାର୍ଯ୍ୟରେ ମନ ଦେଇଥିଲେ। ହେଲେ ଅବ୍ୟବସ୍ଥାର ଗୁମର ଖୋଲିଥିଲେ ରୋଗୀ। ଯାହା ମଙ୍ଗଳବାର ଦେଖିବାକୁ ମିଳୁଛି ତାହା ଅନ୍ୟ ଦିନଗୁଡିକରେ ଉପଲବ୍ଧ ହେଉନାହିଁ। ସ୍ୱାସ୍ଥ୍ୟସେବା ଠିକ୍‌ରେ ମିଳୁନି। ଡାକ୍ତର ମନଇଚ୍ଛା ଆସୁଛନ୍ତି। ଶଯ୍ୟାରେ ବେଡଶିଟ୍ ପକାଇବାକୁ ଦେଉନାହାନ୍ତି। ଘରୁ ଆଣୁଥିବା ବେଡଶିଟ୍ ପକାଉଛୁ। ନିରାମୟ ଔଷଧ ମିଳୁନି। ଜେନେରେଟିକ୍ ଔଷଧ କିଣିବାକୁ ଗଲେ ଉପଲବ୍ଧ ନାହିଁ। ବାହାରୁ ଔଷଧ କିଣିବାକୁ ପଡୁଛି। ତେବେ ଚିକିତ୍ସାଳୟରେ ମାଗଣା ଔଷଧ ଦିଆଯାଉଥିବା ଡିଣ୍ଡିମ ପିଟାଯିବାର କିଛି ଲାଭ ରହୁନାହିଁ। ରୋଗୀ ଉପକୃତ ହେଉନାହାନ୍ତି। ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ ଖାଦ୍ୟର ମାନ ଠିକ୍ ରହୁନାହିଁ। ନିମ୍ନମାନର ଖାଦ୍ୟ ସମ୍ପର୍କରେ ଅଭିଯୋଗ କଲେ ସୁଫଳ ମିଳୁନି। ରୋଗୀଙ୍କ ଅଭିଯୋଗ ପାଇବା ପରେ ଏମ୍‌ପି ଷଡଙ୍ଗୀ ସିଡିଏମ୍‌ଓ ଓ ଏଡିଏମ୍‌ଓ(ମେଡିକାଲ)ଙ୍କ ସହ ଆଲୋଚନା କରିଥିଲେ। ଏହାର ସମାଧାନ କରିବାକୁ ପରାମର୍ଶ ଦେଇଥିଲେ। ଏପରିକି ସ୍ୱାସ୍ଥ୍ୟସେବାର ସମାଧାନ ଓ ରୋଗୀଙ୍କ ଅସୁବିଧା ସମ୍ପର୍କରେ ଆସନ୍ତା ଅକ୍ଟୋବର ୧୭ରେ ଜିଲାପାଳଙ୍କର ସମ୍ମିଳନୀ କକ୍ଷରେ ସମୀକ୍ଷା ବୈଠକ କରି ଏହାର ସମାଧାନ କରିବାକୁ ପଦକ୍ଷେପ ନେବେ ବୋଲି ଏମ୍‌ପି ଷଡଙ୍ଗୀ ପ୍ରକାଶ କରିଛନ୍ତି।



ଏମ୍‌ପି ଅପରାଜିତା ଷଡଙ୍ଗୀ ଜିଲାମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରୁଛନ୍ତି ।

#### ରେଫରାଲ ହସ୍ପିଟାଲ

ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ ବ୍ୟାପକ ଅବ୍ୟବସ୍ଥା ମଧ୍ୟରେ ରହିଛି। ରୋଗୀ ଆସୁଛନ୍ତି ହେଲେ ଉନ୍ନତ ସେବା ମିଳୁନି। ଡାକ୍ତର ଅଭାବ ଜନିତ ସମସ୍ୟା ରହିଛି। ହେଲେ ନିୟୋଜିତ ଥିବା ଅଧିକାଂଶ ଡାକ୍ତର ଠିକ୍ ଭାବେ ଡ୍ୟୁଟି କରୁନାହାନ୍ତି। ନାମକୁ ମାତ୍ର ଜିଲା ଚିକିତ୍ସାଳୟ ହୋଇ ରହିଥିବାବେଳେ ରୋଗୀ ଶୋଷିତ ହେବା ସାର ହୋଇଛି। ଛୋଟ ରୋଗ ପାଇଁ ରୋଗୀଙ୍କୁ କଟକ, ଭୁବନେଶ୍ୱର ଓ କ୍ୟାପିଟାଲ ହସ୍ପିଟାଲକୁ ରେଫର କରାଯାଉଛି। ଅଧିକାଂଶ ସମୟରେ ରୋଗୀ ନର୍ସିଂହୋମ ମାଲିକଙ୍କ ଶିକାର ହୋଇ ହୀନସ୍ଥା ଭୋଗୁଛନ୍ତି। କେତେଜଣ ଗଣମାଧ୍ୟମର ପ୍ରତିନିଧି

#### ଗୁମର ଖୋଲିଲେ ରୋଗୀ

ଏମ୍‌ପିଙ୍କ ସମ୍ମୁଖରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ସମ୍ପର୍କରେ ତଥ୍ୟ ରଖିଥିଲେ।

#### ଟାଉନ ହସ୍ପିଟାଲ ଦାବି

୧୯୯୩ ଏପ୍ରିଲ ୧ରେ ଜନ୍ମ ନେଲା ନୂଆ ଖୋର୍ଦ୍ଧା ଜିଲା। ଏଣୁ ଖୋର୍ଦ୍ଧା ଉପଖଣ୍ଡ ଡାକ୍ତରଖାନା ଜିଲା ମୁଖ୍ୟ ଚିକିତ୍ସାଳୟର ମାନ୍ୟତା ପାଇଲା। ବର୍ତ୍ତମାନର ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ଥିବା ସ୍ଥାନରେ ଥିଲା ଜିଲା ମୁଖ୍ୟ ଚିକିତ୍ସାଳୟ। ପରବର୍ତ୍ତୀ ପର୍ଯ୍ୟାୟରେ ଏହା ଟିଏଲସି ପଡିଆର ୨୭ ଏକର ଜମିରେ ୩ କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଥିଲା। ୨୦୦୭ ସପ୍ଟେମ୍ବର ୨ ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଚିକିତ୍ସାଳୟ ନୂତନ ଗୃହକୁ ସ୍ଥାନାନ୍ତର ହେବାର ଇତିମଧ୍ୟରେ ୧୧ ବର୍ଷ ବିତିଯିବାକୁ ବସିଛି। ହେଲେ ଅବ୍ୟବସ୍ଥା ଓ ସମସ୍ୟା ପିଛା ଛାଡୁନାହିଁ। ଏଭଳିସ୍ଥଳେ ସିଡିଏମ୍‌ଓ ଅଫିସରେ ଟାଉନ ହସ୍ପିଟାଲ କରାଯିବାର ବହୁଦିନ ହେଲା ଦାବି ହୋଇଆସୁଛି। ତଥାପି ଏହାକୁ ଅଣଦେଖା କରାଯାଉଛି। ଏଣୁ ସିଡିଏମ୍‌ଓ ଅଫିସରେ ଟାଉନ ହସ୍ପିଟାଲ କରିବାକୁ ଭୁବନେଶ୍ୱର ଏମ୍‌ପିଙ୍କୁ କେତେଜଣ ଖୋର୍ଦ୍ଧା ସହରର ବୁଦ୍ଧିଜୀବୀ ସ୍ମାରକପତ୍ର ଦେଇଛନ୍ତି।

## ବିଭିନ୍ନ ସ୍ଥାନରେ ବିଶ୍ୱକର୍ମା ପୂଜା

ଜଟଣୀ,୧୭।୯(ଡି.ଏନ.ଏ.):

ଜଟଣୀର ବିଭିନ୍ନ ସ୍ଥାନରେ ମଙ୍ଗଳବାର ବିଶ୍ୱକର୍ମା ପୂଜା ପାଳିତ ହୋଇଯାଇଛି। ସ୍ଥାନୀୟ ସେସୁ, ଜନସ୍ୱାସ୍ଥ୍ୟ ବିଭାଗ, ରାଜ୍ୟ ପଣ୍ୟାଗାର ନିଗମ, ଜଟଣୀ ଅଟୋ ରିକ୍ସା ଆସୋସିଏଶନ୍, ରେଳୱେର ବିଭିନ୍ନ ଯାନ୍ତ୍ରିକ ବିଭାଗର ବିଶ୍ୱକର୍ମାଙ୍କ ପୂଜା ହୋଇଥିଲା। ଏହାଛଡା ଘରୋଇ ଓ ସରକାର ବୈଷୟିକ ଅନୁଷ୍ଠାନରେ ଦେବଶିଳ୍ପଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି।

**ବାଲୁଗାଁ,(ଡି.ଏନ.ଏ.):** ବାଲୁଗାଁ ଓ ଏହାର ଆଖପାଖ ଅଞ୍ଚଳରେ ମଙ୍ଗଳବାର ବିଶ୍ୱକର୍ମା ପୂଜା ପାଳିତ ହୋଇଯାଇଛି । ବାଲୁଗାଁ ଗାନ୍ଧୀଛକସ୍ଥିତ ଶ୍ରୀଉମାମହେଶ୍ୱର ଦେବ ଅଟୋ ଆସୋସିଏଶନ୍, ରେଳବାଇ କାର୍ଯ୍ୟାଳୟ, ବାଲୁଗାଁ ଫିଡ୍‌କୋ ଓ ସେସୁ କାର୍ଯ୍ୟାଳୟ ସମେତ ଛୋଟବଡ ଶିଳ୍ପାନୁଷ୍ଠାନ ତଥା ଗ୍ୟାରେଜ୍‌ରେ ଏହି ପୂଜା ଅନୁଷ୍ଠିତ ହେଉଛି।

**ନିରାକାରପୁର,(ଡି.ଏନ.ଏ.):** ନିରାକାରପୁର ଓ ଆଖପାଖ ଅଞ୍ଚଳରେ ଥିବା ଧନ୍ଦାମୂଳକ ଶିକ୍ଷା ଅନୁଷ୍ଠାନ, ବିଦ୍ୟୁତ୍ କାର୍ଯ୍ୟାଳୟ ଓ ଶିଳ୍ପାନୁଷ୍ଠାନରେ ବିଶ୍ୱକର୍ମା ପୂଜା ପାଇଛନ୍ତି।

**ଚିଲିକା,(ଡି.ଏନ.ଏ.):** ଚିଲିକା ଅଞ୍ଚଳର ବିଭିନ୍ନ ବ୍ୟବସାୟିକ ସ୍ଥଳ, ଉଦ୍ୟୋଗ ଓ କାର୍ଯ୍ୟାଳୟରେ ବିଶ୍ୱକର୍ମାଙ୍କ ପୂଜା ହୋଇଛି। ନାରୁଣୀ ବିଦ୍ୟୁତ୍ ସେକ୍ସନ, ବଡ଼ପଦର ବଜାର, କାଳୁପଡ଼ା ଘାଟ, ସୋରଣ, ବଡ଼କୁଳ, ଆଙ୍କୁଲା ଆଦି ସ୍ଥାନରେ ବିଶ୍ୱକର୍ମାଙ୍କ ପୂଜା ପାଉଛନ୍ତି।

**ବେଗୁନିଆ, (ଡି.ଏନ.ଏ.):** ବିଶ୍ୱକର୍ମାଙ୍କ ପୂଜା ମଙ୍ଗଳବାର ବେଗୁନିଆ ବ୍ଲକର ବିଭିନ୍ନ ଗ୍ରାମ ଏବଂ ବିଦ୍ୟୁତ୍ କାର୍ଯ୍ୟାଳୟ, ଶିଳ୍ପାନୁଷ୍ଠାନ ଏବଂ ବଜାରଗୁଡିକରେ ପାଳିତ ହୋଇଯାଇଛି। ଏଥିସହ ରାଜମିସ୍ତ୍ରି, ବଢେଇ, କାରିଗରମାନେ ଘରେ ବିଶ୍ୱାକର୍ମାଙ୍କ ପୂଜାର୍ଚ୍ଚନା କରିଥିଲେ। ତେବେ ବେଗୁନିଆ ଦୁର୍ଗା ବଜାର, ପୋଷ୍ଟ ଅଫିସ ଛକ, ଫିଡକୋ କାର୍ଯ୍ୟାଳୟ, ସାରୁଆ ଶିଳ୍ପାନୁଷ୍ଠାନ, ବାଘମାରୀ, କୋଲୁହାପାଟଣା ଅଞ୍ଚଳରେ ଦେବଶିଳ୍ପୀଙ୍କ ପୂଜା ହୋଇଯାଇଛି।

## ମଦ୍ୟପାନ କରି ଚାଳକ ଧରାପଡ଼ିଲେ

ଖୋର୍ଦ୍ଧା ଅଫିସ,୧୭।୯:

ମଦ୍ୟପାନ କରି ବାଇକ୍ ଚାଳନା କରୁଥିବା ଜଣାପଡିବା ପରେ ଖୋର୍ଦ୍ଧା ଆଦର୍ଶ ଥାନା ଠାକୁରପଡାର ରଶ୍ମିକାନ୍ତ ବେହେରା(୩୫) ଧରା ପଡିଛନ୍ତି। ମଙ୍ଗଳବାର ଗୋଡିପଡା ଟୋଲଗେଟଠାରେ ଯାଞ୍ଚବେଳେ ଧରା ପଡିଛନ୍ତି । ତାଙ୍କର ଡ୍ରାଇଭର ଲାଇସେନ୍ସ ବାତିଲ କରିବାକୁ ଜଙ୍କିଆ ଥାନା ପୋଲିସ ଖୋର୍ଦ୍ଧା ଆଞ୍ଚଳିକ ପରିବହନ ବିଭାଗକୁ ଅବଗତ କରାଇଥିବା ଜଣାପଡିଛି।

## ଜିଲାସ୍ତରୀୟ ଭଲିବଲ ପ୍ରତିଯୋଗିତା: ଚିଲିକା ବ୍ଲକ ଚାମ୍ପିୟନ

ବାଲୁଗାଁ,୧୭।୯(ଡି.ଏନ.ଏ.):

ବାଲୁଗାଁ ଉଚ୍ଚ ବିଦ୍ୟାଳୟଠାରେ ମଙ୍ଗଳବାର ଖୋର୍ଦ୍ଧା ଜିଲାସ୍ତରୀୟ ଭଲିବଲ (୧୭ବର୍ଷରୁ କମ୍ ବାଳକ ବିଭାଗ) ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଭୁବନେଶ୍ୱର, ଖୋର୍ଦ୍ଧା, ଜଟଣୀ, ବାଲିଅନ୍ତା, ବାଲିପାଟଣା, ବୋଲଗଡ଼, ବେଗୁନିଆ, ଚିଲିକା, ବାଣପୁର ଓ ଟାଙ୍ଗୀ ଆଦି ୧୦ ବ୍ଲକର ପ୍ରାୟ ୬୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଚିଲିକା ବିଧାୟକ ତଥା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ପ୍ରଶାନ୍ତ ଜଗଦ୍ଦେବଙ୍କ ଦ୍ୱାରା ପ୍ରତିଯୋଗିତାର ଉଦ୍‌ଘାଟନ କରାଯାଇଥିଲା। ବାଲୁଗାଁ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଜିତେନ୍ଦ୍ର କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା କ୍ରୀଡ଼ା ନିରୀକ୍ଷକ ପଠାଣି ଆଗ୍ରାସିଂହ, ଗୋଷ୍ଠୀ ଶିକ୍ଷା ଅଧିକାରୀ ନରେନ୍ଦ୍ର କୁମାର ସ୍ୱାଇଁ, ଅଧ୍ୟାପକ ଡ଼. କୈଳାସ ଚନ୍ଦ୍ର ମହାରଣା ଓ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଲକ୍ଷ୍ମୀଧର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ପ୍ରତିଯୋଗିତାରେ ଚିଲିକା ବ୍ଲକ୍ ଚାମ୍ପିୟନ ହୋଇଥିବା ବେଳେ ବାଣପୁର ବ୍ଲକ ରନର୍ସ ଅପ୍ ହୋଇଛି । ଉଭୟ ଦଳଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇଥିଲା। କ୍ରୀଡ଼ା ପରିଚାଳନା କରିଥିଲେ ଚିଲିକା ବ୍ଲକର କ୍ରୀଡ଼ା ସମ୍ପାଦକ ମନୋଜ କୁମାର ମହାରଣା, ସହସମ୍ପାଦକ ବାନାମ୍ବର ମଲ୍ଲିକ ଓ କ୍ରୀଡ଼ା ଶିକ୍ଷକ ବୈଷ୍ଣବ ନାୟକ।





ଭଲିବଲ ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିବା ପ୍ରତିଯୋଗୀମାନେ ।

### ପାଣିପମ୍ପ ଚୋରି କରି ୩ ଗିରଫ

ଖୋର୍ଦ୍ଧା ଅଫିସ,୧୭।୯:

ପାଣିପମ୍ପ ଚୋରି ଅଭିଯୋଗରେ ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ଶାଗୁଆନ ବଗିଚାର ଗଣେଶ୍ୱର ବେହେରା, ଜଟଣୀ ଥାନା କୁଦୁପୁର ଗାଁର ରାଜୀବ ଜଗଦ୍ଦେବ ଓ ପ୍ରକାଶ ପାଣ୍ଡିଆଙ୍କୁ ଗିରଫ ମଙ୍ଗଳବାର କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁରପରେ ଏମାନଙ୍କୁ ଖୋର୍ଦ୍ଧା ସବଜେଲକୁ ପଠାଇ ଦିଆ ଯାଇଛି। ଲୋକେଶ୍ୱରପୁର ରବି ନାରାୟଣ ବଳିଆରସିଂଙ୍କର ନୂଆ ବସଷ୍ଟାଣ୍ଡ ଦୋକାନରୁ ଗତ ୧୧ ତାରିଖରେ ୩ଟି ପାଣିପମ୍ପ ଚୋରି ହୋଇଥିଲା। ଦୋକାନୀଙ୍କ ଅନ୍ୟମନସ୍କ କାରଣରୁ ପାଣିପମ୍ପ ଚୋରି ହୋଇଯାଇଥିଲା। ଅଭିଯୋଗ ପରେ ପୋଲିସ ନଂ. ୩୦୩/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା। ପ୍ରଥମେ ଗଣେଶ୍ୱର ଧରାପଡିଥିଲେ। ଗଣେଶ୍ୱରଙ୍କ ସୂଚନା ଅନୁସାରେ, ପୋଲିସ ଅନ୍ୟ ଦୁଇଜଣଙ୍କୁ ଗିରଫ କରିବା ସହ ପାଣିପମ୍ପକୁ ଜବତ କରିଛି।

## ଖୋର୍ଦ୍ଧା ଜିଲାପାଳଙ୍କ ଗାଡ଼ି ସୁରକ୍ଷା ଦାୟିତ୍ୱରେ ମାଙ୍କଡ଼ ପଲ





ଖୋର୍ଦ୍ଧା ଅଫିସ,୧୭।୯:

ଖୋର୍ଦ୍ଧା ଜିଲାପାଳଙ୍କ ଗାଡି ନଂ. ଓଡି୦୨ଏଆର ୩୩୦୦ର ଏବେ ପୂରା ସୁରକ୍ଷିତ। ଜିଲାପାଳଙ୍କ ଗାଡିକୁ ମାଙ୍କଡ ପଲ ସୁରକ୍ଷା ଦେଉଥିବା ଭଳି ଜଗି ରହିଛନ୍ତି। ହେଲେ ଏହି ଫଟୋଟି କେଉଁଠାରେ ଉଠାଯାଇଛି ଜଣାପଡି ନ ଥିଲେ ହେଁ ତାହା ଭାଇରାଲ ହୋଇଛି। ଜିଲାପାଳଙ୍କ ଡ୍ରାଇଭର ଦେଖା ନ ଥିବାବେଳେ ଗାଡି ଉପରେ ଓ ତଳେ ମାଙ୍କଡ ଚଢି ବସି ରହିଛନ୍ତି।

### ଟିକାଦାନକୁ ନେଇ ବିବାଦ ଘଟଣା

# ଅଭିଯୁକ୍ତଙ୍କ ଗିରଫ ଦାବି କଲା ଅଙ୍ଗନୱାଡି ସଂଘ

ରଣପୁର/ଟାଙ୍ଗୀ (ଖୋର୍ଦ୍ଧା), ୧୭।୯(ସ୍ୱ.ପ୍ର./ଡି.ଏନ.ଏ.):

ଟିକାଦାନକୁ ନେଇ ରଣପୁର ବ୍ଲକ ଚାନ୍ଦପୁର ଥାନା କନ୍ଧନୟାଗଡ ଚନ୍ଦ୍ରମାପାଟପୁର ଅଙ୍ଗନୱାଡି କେନ୍ଦ୍ରରେ ଅଙ୍ଗନୱାଡି କର୍ମୀ ଓ ଜଣେ ବ୍ୟକ୍ତିଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ପୋଲିସ ଏହି ଘଟଣାରେ ଆଇନଗତ ପଦକ୍ଷେପ ନ ନେଇ ଚୁପ ରହିବା ପରେ ବ୍ଲକ କମିଟି ଅଙ୍ଗନୱାଡି କର୍ମୀଙ୍କ ପକ୍ଷରୁ ପ୍ରତିବାଦ କରାଯାଇଛି । ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ କର୍ମୀମାନେ ମଙ୍ଗଳବାର ଚାନ୍ଦପୁର ଥାନାରେ ଆଇଆଇସିଙ୍କୁ ଭେଟି ଦାବି କରିଛନ୍ତି। ରାଜ୍ୟ ଅଙ୍ଗନୱାଡି ସଂଘର ନେତ୍ରୀ ସୁଶ୍ରୀସଙ୍ଗିତା ମହାପାତ୍ର, ରଣପୁର ବ୍ଲକ୍ ସଭାନେତ୍ରୀ ରମ୍ଭାବତୀ ପ୍ରଧାନ, ସମ୍ପାଦିକା ପୁଷ୍ପାଞ୍ଜଳି ସାହୁଙ୍କ ନେତୃତ୍ୱରେ ପ୍ରାୟ ୩୦ ଜଣ ଅଙ୍ଗନୱାଡିକର୍ମୀ ଥାନାଧିକାରୀ ଗିରିଜାନନ୍ଦନ ପଟ୍ଟନାୟକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଆଇଆଇସିଙ୍କଠାରୁ ପ୍ରତିଶ୍ରୁତି ପାଇବା ପରେ ସେମାନେ ଘରକୁ ଫେରିଥିଲେ। ଅଭିଯୋଗ ଅନୁସାରେ ଗତ ୧୧ ତାରିଖରେ ଚନ୍ଦ୍ରମାପାଟପୁର ଅଙ୍ଗନୱାଡି କେନ୍ଦ୍ରରେ ଶିଶୁମାନଙ୍କୁ ଟିକାଦାନ କାର୍ଯ୍ୟକ୍ରମ ଚାଲୁ ରହିଥିବାବେଳେ ସେହି ଗ୍ରାମର ଯୋଗେନ୍ଦ୍ର ରାମ (୩୫) ପହଞ୍ଚି ଅଙ୍ଗନୱାଡି କର୍ମୀଙ୍କୁ ଗାଳିଗୁଲଜ ସହ ମାଡ଼ ମାରିଥିଲେ । ଅଙ୍ଗନୱାଡି କର୍ମୀ ରୁକୁନା ବାଳା ଦାସ ଏ ନେଇ ଚାନ୍ଦପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ୮୩/୧୯ରେ ମାମଲା ରୁଜୁ କରିଥିଲା। ସେହିପରି ଯୋଗେନ୍ଦ୍ର ରାମ ଅଙ୍ଗନୱାଡି କର୍ମୀଙ୍କ ନାଁରେ ପାଲଟା ଅଭିଯୋଗ କରିବା ପରେ ପୋଲିସ ୮୪/୧୯ରେ ମାମଲା ରୁଜୁ କରିଥିଲା । ଯୋଗେନ୍ଦ୍ର ନିଜ ସ୍ତ୍ରୀଙ୍କ ସହ ଝିଅକୁ ଟିକାଦାନ କରିବାକୁ ନେଇଥିବାବେଳେ ସେଠାରେ ଅଙ୍ଗନୱାଡି କର୍ମୀ ଟିକାଦାନ କରିବାକୁ ମନା କରିଥିଲେ । ପରେ ସେ ତାଙ୍କୁ ଗାଳିଗୁଲଜ କରିଥିବା ଅଭିଯୋଗରେ ଦର୍ଶାଯାଇଛି।



ଥାନା ଅଧିକାରୀଙ୍କୁ ଭେଟୁଛନ୍ତି ଅଙ୍ଗନୱାଡି କର୍ମୀ ।

### ରଘୁନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଭିଭାବକ ଶିକ୍ଷକ ସମ୍ମିଳନୀ

ବୋଲଗଡ଼,୧୭।୯(ଡି.ଏନ.ଏ.)

ବୋଲଗଡ଼ ବ୍ଲକ ଦେଉଳିସ୍ଥିତ ରଘୁନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ୨ ଛାତ୍ରୀଛାତ୍ରଙ୍କର ଅଭିଭାବକ ଶିକ୍ଷକ ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଛି । ଏହି ସମ୍ମିଳନୀରେ ଅଧ୍ୟକ୍ଷ ତପନ କୁମାର ଜେନା ପୌରୋହିତ୍ୟ କରି ଉଚ୍ଚ ମାଧ୍ୟମିକ ଶିକ୍ଷାରେ ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ 'ଶିକ୍ଷକ ,ଶିକ୍ଷାର୍ଥୀ ଓ ଅଭିଭାବକଙ୍କ ଭୂମିକା'ବିଷୟରେ ସୂଚନା ପ୍ରଦାନ କରିଥିଲେ । କାଉନସିଲ ପରୀକ୍ଷା ଦେବା ପାଇଁ ପ୍ରତ୍ୟେକ ଶିକ୍ଷାର୍ଥୀ ସର୍ବନିମ୍ନ ୭୫ ପ୍ରତିଶତ ଉପସ୍ଥାନ ରଖିବାକୁ ପରାମର୍ଶ ଦିଆଯାଇଛି । ଏହି ବୈଠକରେ ଅଧ୍ୟାପକ ଭଗବାନ ଜେନା, ରାମଚନ୍ଦ୍ର ଜେନା, ଅମୀୟବାଳା ନନ୍ଦ, ପଦ୍ମାଳୟା ମହାରଣା, ପ୍ରତାପ ଚନ୍ଦ୍ର ବେହେରା, ସମୀର ଚନ୍ଦ୍ର ଦାସ ପ୍ରମୁଖଙ୍କ ସମେତ ଅନ୍ୟମାନେ ଯୋଗଦେଇ ଶିକ୍ଷା ବିଭାଗର ବିଭିନ୍ନ ସଂସ୍କାରଧର୍ମୀ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱାରୋପ କରିଥିଲେ । ଏପରିକି ଶିକ୍ଷାର୍ଥୀମାନେ ଶ୍ରେଣୀରେ ନିୟମିତ ଯୋଗଦାନ, ଶ୍ରେଣୀ କକ୍ଷରେ ମୋବାଇଲର କଟକଣା ଓ ଶିକ୍ଷାର୍ଥୀଙ୍କର ଶୈକ୍ଷିକ ପ୍ରଗତି ସମ୍ପର୍କରେ ଅଭିଭାବକମାନଙ୍କର ଭୂମିକା ବିଷୟରେ ଆଲୋକପାତ କରିଥିଲେ ।

## ଗୋ ବସନ୍ତ ରୋଗ: ଚିନ୍ତାରେ ଗୋପାଳକ

ବେଗୁନିଆ, ୧୭। ୯ (ଡି.ଏନ.ଏ.)

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକର ବିଭିନ୍ନ ଗ୍ରାମରେ ଗୋରୁମାନଙ୍କଠାରେ ଗୋ ବସନ୍ତ ରୋଗ ଏବେ ସଂକ୍ରମଣ ହେବାରେ ଲାଗିଛି। ମଣିଷମାନଙ୍କଠାରେ ହାଡଫୁଟି ରୋଗ ଭଳି ଗୋରୁଙ୍କଠାରେ ଗୋ ବସନ୍ତ ବା ଚର୍ମଗତ ରୋଗ ମାଡିଯାଉଛି। ଏହାର ଚିକିତ୍ସା ନିମନ୍ତେ ପ୍ରାଣୀଧନ ବିଭାଗ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇ ନ ଥିବା ବେଳେ ଗୋପାଳକମାନେ ଚିନ୍ତାରେ ପଡିବା ସହିତ ଘରୋଇ ଉପଚାର କରାଉଛନ୍ତି। ତେବେ ମାଗଣା ଚିକିତ୍ସା ଯୋଗାଇ ଦେବାକୁ ଗୋପାଳକମାନଙ୍କ ପକ୍ଷରୁ ଦାବି ହେଉଛି।

ସୂଚନାଥାଉକି ଏହି ରୋଗ ଏବେ ୫ ସପ୍ତାହ ହେଲା ଗୋରୁମାନଙ୍କଠାରେ ସାମାନ୍ୟ ଦେଖାଦେଇଥିଲା। କ୍ରମଶଃ ଏହା ଡିଆଁରୋଗ ଭଳି ଏ ଗାଁରୁ ସେ ଗାଁକୁ ବ୍ୟାପିବାରେ ଲାଗିଛି। କୋଲୁହାପାଟଣା, ସିମୋର, ବାଘମାରୀ, ଗୋବିନ୍ଦପୁର ଆଦି ଗାଁରେ ଏହି ରୋଗ ବ୍ୟାପକ ହେବା ଯୋଗୁ ଗୋ ସମ୍ପଦ ପ୍ରତି ବିପଦ ଆଶଙ୍କା କରାଯାଉଛି। ପୀଡିତ ହୋଇଥିବା ଗୋରୁମାନଙ୍କର ଶରୀରରେ ବଡ ବଡ ଘା' ଦେଖା ଦେଉଛି। ଦିନେ ଦୁଇଦିନ ପରେ ଘା' ଗୁଡିକ ପଚିଯାଉଛି। ପରେ ତାହା ଫାଟି ଶରୀରରେ କ୍ଷତ ସୃଷ୍ଟି ହେଉଛି। ଏହାର ଉପଚାର ପାଇଁ ହଳଦୀ, ଲିମ୍ବପତ୍ର ବାଟି କ୍ଷତ ସ୍ଥାନରେ ଗୋପାଳକମାନେ ଲଗାଉଛନ୍ତି। ହେଲେ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଗାଡି ପକ୍ଷରୁ ଗାଁକୁ ଗାଁ ବୁଲି ଏ ସମ୍ପର୍କରେ ଚିକିତ୍ସା ଯୋଗାଇ ଦିଆଯାଉନାହିଁ ବୋଲି ଖବର ମିଳିଛି। ଏହି ରୋଗର ନିରାକରଣ ପାଇଁ ସରକାରୀ ଔଷଧ ମାଗଣାରେ ଯୋଗାଇ ଦେବା ସହ ଗାଁରେ ଚିକିତ୍ସା ଶିବିର ଜରିଆରେ ଚିକିତ୍ସା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ବ୍ଲକ ସହକାରୀ ପ୍ରାଣୀ ଚିକିତ୍ସା ଅଧିକାରୀ ବିଶ୍ୱ ରଞ୍ଜନ ରାଉତଙ୍କୁ ପଚାରିବାରେ ଏହି ରୋଗର ପ୍ରତିକାର ପାଇଁ ଆମ ପାଖକୁ ଏଯାଏଁ କୌଣସି ଭ୍ୟାକସିନ୍ ଆସିନାହିଁ। ତଥାପି ଏହି ରୋଗ ହେଉଛି ଚର୍ମଗତ ରୋଗ। ପୀଡିତ ଗୋରୁମାନଙ୍କୁ ପରିଷ୍କାର ସ୍ଥାନରେ ବାନ୍ଧିବା ସହ ଓଦାଳିଆ ବା ସନ୍ତସନ୍ତିଆ ସ୍ଥାନରୁ ପୃଥକ ଭାବେ ହଟେଇ ଦିଅନ୍ତୁ। ଏଥିସହ ଗୁହାଳରେ ଗୋରୁ ବନ୍ଧା ଯାଉଥିବା ସ୍ଥାନକୁ ଫିନାଇଲ ପକାଇ ସର୍ବଦା ସଫା ରଖନ୍ତୁ। ତଥାପି ଆମେ ବିଭାଗ ଉଚ୍ଚ ପଦାଧିକାରୀଙ୍କୁ ଅବଗତ କରାଇଛୁ । ଯଦି କୌଣସି ପ୍ରତିକାର ବ୍ୟବସ୍ଥା ପାଇଁ ଆମ ପାଖୁକୁ ଅନୁମତି ମିଳେ ତେବେ ଆମ ଟିମ୍ ଯାଇ ସେବାରେ ନିୟୋଜିତ ହେବେ।



ପୁରୀ ଇଷ୍ଟକୋଷ୍ଟ ରେଲ୍‌ୱେଠାରେ ପୂଜା ପାଉଥିବା ବିଶ୍ୱକର୍ମା ମୂର୍ତ୍ତି ।



ଶରଧାବାଲି ଟ୍ୟାକ୍ସି ଆସୋସିଏଶନରେ ବିଶ୍ୱକର୍ମା ପୂଜା ।



ନୀଳାଞ୍ଚଳ ଅଟୋ ଡ୍ରାଇଭର ଆସୋସିଏଶନରେ ବିଶ୍ୱକର୍ମାଙ୍କୁ ପୂଜାର୍ଚ୍ଚନା ।



ପୁରୀ ରେଲ୍‌ୱେ ଷ୍ଟେଶନ ଏସ୍‌ଏସ୍‌ଇ ୱାର୍କସ୍‌ରେ ଅନୁଷ୍ଠିତ ପୂଜା ।

## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

ବ୍ରହ୍ମଗିରି,୧୭।୯(ଡି.ଏନ.ଏ): ବ୍ରହ୍ମଗିରି ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର ହୋଇଥିବା ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି । ଏ ସମ୍ପର୍କରେ ପୋଲିସ ତଦନ୍ତ କରୁଛି। ସୂଚନା ଅନୁଯାୟୀ, ଉକ୍ତ ନାବାଳିକାଙ୍କୁ ସାକ୍ଷୀଗୋପାଳ ଥାନା ଅଞ୍ଚଳର ଦୁଇ ଜଣ ଯୁବକ ଶୁକ୍ରବାର ଉଠାଇ ନେଇ ବଳାତ୍କାର କରିଥିଲେ। ପରେ ମାରିଦେବାର ଧମକ ଦେଇ ଛାଡ଼ିଦେଇଥିଲେ । ଏ ନେଇ ନାବାଳିକା ଜଣଙ୍କ ଭୟରେ ମୁହଁ ଖୋଲି ନ ଥିଲେ। ପରେ ଘଟଣା ବିଷୟରେ ତାଙ୍କ ପରିବାର ଲୋକେ ଜାଣିବା ପରେ ଥାନାରେ ଅଭିଯୋଗ କରିଛନ୍ତି ।

### ବେଆଇନ ମଦ,ଭାଙ୍ଗ କାରବାର: ୫ଗିରଫ

ପୁରୀ ଅଫିସ, ୧୭।୯ : ଅବକାରୀ ପୋଲିସ ପକ୍ଷରୁ ନିଶା କାରବାର, ବେଆଇନ ମଦ କାରବାର ଉପରେ ଚଢ଼ାଉ ଜାରି ରହିଛି। ମଙ୍ଗଳବାର ଅବକାରୀ ପୋଲିସ ୫ଜଣଙ୍କୁ ଗିରଫ କରିଛି। ଗିରଫ ମାନେ ହେଲେ ରାମଚଣ୍ଡୀ ବାଲିକୁଦର ନାରାୟଣ ସ୍ୱାଇଁ, କାଶି ଜଗନ୍ନାଥପୁରର ସୁଲୋଚନା ଭୋଇ, ବିଦୁ୍ୟଲତା ଭୋଇ, ପ୍ରସନ୍ନ ଭୋଇ ଓ ସୁଦର୍ଶନ ଭୋଇ। ଏନେଇ ଅବକାରୀ ପୋଲିପ ପୃଥକ ଭାବେ ୫ଟି କେସ ରୁଜୁ କରିଛି। ଗିରଫମାନଙ୍କ ଠାରୁ ପୋଲିସ ମଦ ଓ ଭାଙ୍ଗ ଜବତ କରିଛି। ଆଇଆଇସି ବିକାଶ କୁମାର ନାୟକ ଓ ଅନିତା ଓଝାଙ୍କ ନେତୃତ୍ୱରେ ଏହି ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା।

### ଗ୍ରାହକଙ୍କ ଆକାଉଣ୍ଟରୁ ୧ଲକ୍ଷ ଟଙ୍କା ଗାଏବ

ନିମାପଡ଼ା,୧୭।୯(ଡି.ଏନ୍.ଏ.): ନିମାପଡ଼ା ଥାନା ଅନ୍ତର୍ଗତ ଅରିଲୋ ଗ୍ରାମର ଶ୍ରୀଧର ଜେନାଙ୍କ ଅଜାଣତରେ କେହି ଦୁର୍ବୃତ୍ତ ତାଙ୍କ ଆକାଉଣ୍ଟରୁ ୧ଲକ୍ଷ ଟଙ୍କା ନେଇଯାଇଥିବା ଅଭିଯୋଗ ହୋଇଛି। ଗତ ମାର୍ଚ୍ଚ ୫ ତାରିଖରେ ତାଙ୍କ ଆକାଉଣ୍ଟରୁ ଏଟିଏମ୍ କାର୍ଡ ମାଧ୍ୟମରେ ୩ଥର ଉଠାଣ କରି କେହି ୧ଲକ୍ଷ ଟଙ୍କା ନେଇଯାଇଥିବା ଜମାକାରୀ ଜେନା ଜାଣିପାରିଥିଲେ। ଏହା ପରେ ସେ ନିମାପଡ଼ା ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ଓ ପୋଲିସକୁ ଜଣାଇଥିଲେ। ମଙ୍ଗଳବାର ଏ ନେଇ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୨୩୨/୧୯)ରୁଜୁ କରି ତଦନ୍ତ ଚଳାଇଛି।

### ୧୨୫ ୟୁନିଟ୍ ରକ୍ତ ସଂଗ୍ରହ

ପୁରୀ ଅଫିସ, ୧୭।୯: ହୋପ୍ ଇଜ୍ ଲାଇଫ୍ ଆନୁକୂଲ୍ୟରେ ଏବଂ ଲାୟନ୍ସ କ୍ଲବ ସହଯୋଗରେ ଏକ ମେଗା ରକ୍ତଦାନ ଶିବିର ସଦ୍‌ଭାବନା ସଭାଗୃହରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୨୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ରିତା ଶତପଥୀ, ପ୍ରିୟଦର୍ଶନ ପଟ୍ଟନାୟକ, ଚନ୍ଦ୍ରଶେଖର ମିଶ୍ର, ବିପିନ ମହାନ୍ତି, ଭୀମସେନ ପଲଙ୍କଧାରୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଦୀନଭଞ୍ଜନ ପଣ୍ଡା, ସୁରେଶ ନନ୍ଦଙ୍କ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ।

# ଏସ୍‌ସିଏସ୍ ଏମ୍‌ଫିଲ୍ ପରୀକ୍ଷାଫଳ ଘୋଷିତ

- ମିଳିନି ବିଶ୍ୱବିଦ୍ୟାଳୟ ଅନୁମୋଦନ
- ଆନ୍ଦୋଳନର ଧମକ ଦେଲେ ଛାତ୍ର ସଂଗଠନ

**ଧରିତ୍ରୀ ପ୍ରଭାବ**

ପୁରୀ ଅଫିସ, ୧୭।୯:

ଉଚ୍ଚ ଶିକ୍ଷାର ବିକାଶ ଲାଗି ରାଜ୍ୟ ସରକାର ଗତ ୨୦୧୭ରେ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ, ରମାଦେବୀ ବିଶ୍ୱବିଦ୍ୟାଳୟ ଅଧୀନ ଶୈଳବାଳା କଲେଜ ଏବଂ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧୀନ ଏମ୍‌ପିସି କଲେଜକୁ ବିଭିନ୍ନ ବିଭାଗରେ ଏମ୍‌ଫିଲ୍ ପାଠ୍ୟକ୍ରମ ଖୋଲିବା ଲାଗି ଅନୁମତି ପ୍ରଦାନ କରିଥିଲେ। ଏହି କ୍ରମରେ ଏସ୍‌ସିଏସ୍ କଲେଜରେ ପ୍ରଥମ ବ୍ୟାଚରେ ୪ଟି ବିଭାଗରେ ୩୨ଜଣ ଛାତ୍ରୀଛାତ୍ର ଆଡମିଶ ହୋଇ ପରୀକ୍ଷା ଦେଇଥିଲେ। ମାତ୍ର ଅନ୍ୟ ଦୁଇ ବିଶ୍ୱବିଦ୍ୟାଳୟ ସଂପୃକ୍ତ କଲେଜ ଦ୍ୱୟଙ୍କୁ ପାଠ୍ୟକ୍ରମ ପାଇଁ ଅନୁମୋଦନ ପ୍ରଦାନ କରିଥିବାବେଳେ ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏସ୍‌ସିଏସ୍ କଲେଜକୁ ଏମ୍‌ଫିଲ୍ ପାଠ୍ୟକ୍ରମ ଅନୁମତି ପ୍ରଦାନ କରି ନ ଥିଲେ। ଫଳରେ ପରୀକ୍ଷା ଫଳ ପ୍ରକାଶିତ ହୋଇପାରି ନ ଥିଲା। ଏନେଇ ଧରିତ୍ରୀରେ ବାରମ୍ବାର ଖବର ପ୍ରକାଶିତ ହେବାରୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଚେତିଥିଲେ। ଗତ ୭ତାରିଖରେ କର୍ତ୍ତୃପକ୍ଷ ପ୍ରଥମ ବ୍ୟାଚର ଫଳାଫଳ ପ୍ରକାଶ କରିଥିବା କଲେଜ ସୂତ୍ରରୁ ଜଣାପଡ଼ିଛି। ଏକ ନୋଟିସରେ ସମସ୍ତ ପରୀକ୍ଷାର୍ଥୀ ପାସ୍ କରିଥିବା ଦର୍ଶାଯାଇଛି। ମାତ୍ର ପାଠ୍ୟକ୍ରମକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଅନୁମୋଦନ ପ୍ରଦାନ କରି ନ ଥିବାରୁ ବିଭିନ୍ନ ଛାତ୍ର ସଂଗଠନ ସହ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ବିଶ୍ୱବିଦ୍ୟାଳୟର ଏଭଳି ଖାମଖିଆଲ ମନୋବୃତ୍ତି ବିରୋଧରେ ଏବିଭିପି ତୀବ୍ର ଆନ୍ଦୋଳ କରିବ ବୋଲି ଚେତାବନୀ ଦେଇଛି।

ପ୍ରକାଶ ଯେ, ଏମ୍‌ଫିଲ୍ ପାଠ୍ୟକ୍ରମ ଅନୁମୋଦନ ପ୍ରସଙ୍ଗକୁନେଇ ଛାତ୍ର ସଙ୍ଗଠନ ଏବିଭିପି ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ପରେ ଅନ୍ୟ ଛାତ୍ର ସଙ୍ଗଠନ, ଉଚ୍ଚ ଶିକ୍ଷାବିଭାଗ ମନ୍ତ୍ରୀ, ତତ୍କାଳୀନ ରାଜସ୍ୱମନ୍ତ୍ରୀ ଏବଂ ଜିଲାପାଳଙ୍କ ଭେଟି ଏ ସମ୍ପର୍କରେ ଜଣାଇଥିଲେ। ଏବିଭିପି ଜିଲା ସଂଯୋଜକ ବିଶ୍ୱଜିତ ମିଶ୍ର କୁହନ୍ତି, ବାରମ୍ବାର ଅନୁରୋଧ ସତ୍ତ୍ୱେ ବିଶ୍ୱବିଦ୍ୟାଳୟର ଅବହେଳା ଏବଂ ଅସହଯୋଗ ମନୋଭାବ ଯୋଗୁ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧାର ଆଡକୁ ଠେଲି ହୋଇଯିବାକୁ ବସିଛି। ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳିବାକୁ ଦିଆଯିବ ନାହିଁ। କର୍ତ୍ତୃପକ୍ଷଙ୍କ ଏଭଳି ମନୋଭାବକୁ ଏବିଭିପି ତୀବ୍ର ନିନ୍ଦା କରୁଛି। କଲେଜ ଅଧକ୍ଷା ପ୍ରଫେସର ସୁଜାତା ମିଶ୍ର କୁହନ୍ତି, ଏମ୍‌ଫିଲ୍ ପାଠ୍ୟକ୍ରମ ଅନୁମୋଦନ ଲାଗି ବିଶ୍ୱବିଦ୍ୟାଳୟରେ ସମସ୍ତ ଆବଶ୍ୟକୀୟ କାଗଜପତ୍ର ଏବଂ ପିଲାଙ୍କ ଆଡମିଶନ ଫିସ୍ ଦାଖଲ କରାଯାଇଛି। ଅନୁମୋଦନରେ ବିଳମ୍ବ ଯୋଗୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଏନେଇ ପୁଣି ଥରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଯିବ ବୋଲି କହିଛନ୍ତି। ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଅଣଦେଖା କରୁଛନ୍ତି ବୋଲି ବରିଷ୍ଠ ଆଇନଜୀବୀ ରମେଶ ଚନ୍ଦ୍ର ସିଂ କହିଛନ୍ତି। ବିଶ୍ୱବିଦ୍ୟାଳୟ କୁଳପତିଙ୍କ ସହ ଯୋଗାଯୋଗ କରାଯାଇଥିବା ବେଳେ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।

# ନିଆଁ ଲାଗି ଜଳିଗଲା ୨ ବଖରା

କାକଟପୁର,୧୭।୯(ଡି.ଏନ.ଏ)

ଅସ୍ତରଙ୍ଗ ବ୍ଲକ ନଇଗୁଆଁ ଗ୍ରାମର ନାରାୟଣ ତ୍ରିପାଠୀଙ୍କ ମଙ୍ଗଳବାର ଅପରାହ୍ନରେ ନିଆଁ ଲାଗି ୨ବଖରା ଗୃହ ଜଳିଯାଇଛି। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇ ନଥିବାବେଳେ ଶର୍ଟସର୍କିଟ ଯୋଗୁ ଏହା ହୋଇଥିବା ଅନୁମାନ କରଯାଉଛି। ଖବରପାଇ ଅସ୍ତରଙ୍ଗ ଦମକଳ କେନ୍ଦ୍ରରୁ ଗାଡି ଯାଇ ନିଆଁକୁ ଆୟତ୍ତ କରିଥିଲେ। ତେବେ ନିଆଁ ଲାଗିବା ଦ୍ୱାରା ଘରେ ଥିବା ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଛି। ମଙ୍ଗଳବାର ନାରାୟଣ ଘରେ ଥିବାବେଳେ ହଠାତ ନିଆଁ ଲାଗିଯାଇଥିଲା। ଦେଖୁ ଦେଖୁ ନିଆଁ ବ୍ୟାପି ଗୋଟିଏରୁ ଦୁଇ ଗୃହକୁ ଲାଗିଯାଇଥିଲା। କ୍ଷତିଗ୍ରସ୍ତ ପରିବାରଙ୍କୁ ତୁରନ୍ତ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।



ଅଗ୍ନିକାଣ୍ଡରେ ଭସ୍ମୀଭୂତ ଗୃହ ।

# ମୋଦିଙ୍କ ଜନ୍ମଦିନ ନିଆରା ଢଙ୍ଗରେ ପାଳିଲେ ଅକ୍ଷୟ

**ପରିବେଶ ସୁରକ୍ଷା, ସ୍ୱଚ୍ଛତା ଉପରେ ଗୁରୁତ୍ୱ**

ପୁରୀ ଅଫିସ, ୧୭।୯ :

ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିବସକୁ ମଙ୍ଗଳବାର ପୁରୀରେ ମୋଦିଙ୍କ ଫ୍ୟାନ ଭାବେ ପରିଚିତ ଅକ୍ଷୟ ଜୟସିଂ ନିଆରା ଢଙ୍ଗରେ ପାଳନ କରିଛନ୍ତି। ଅକ୍ଷୟ ପରିବେଶ ଓ ପକ୍ଷୀ ସୁରକ୍ଷା, ପ୍ଲାଷ୍ଟିକ, ପଲିଥିନ ଓ ନିଶା ମୁକ୍ତ ଭାରତ ଏବଂ ଶ୍ରୀକ୍ଷେତ୍ରର ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସକାଳ ସମୟରେ ପୌର ସଦନ ଛକ ସ୍ଥିତ ଜୟସିଂ ଚା ଦୋକାନରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ କେକ୍ କାଟି ମୋଦିଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ବିଭିନ୍ନ କିସମର ଚାରା ରୋପଣ କରି ପରିବେଶ ସୁରକ୍ଷାର ବାର୍ତ୍ତା ଦେଇଥିଲେ। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଅକ୍ଷୟ ୫ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ମାଟିପାତ୍ରରେ ଚା ଏବଂ ରସଗୋଲା ବଣ୍ଟନ କରିଥିଲେ। ସେ କହିଲେ ଯେ, ଶ୍ରୀକ୍ଷେତ୍ରର ସ୍ୱଚ୍ଛତା ଲାଗି ସମସ୍ତଙ୍କ ସହଯୋଗ ଆବଶ୍ୟକ। ବାହାରର କୌଣସି ସ୍ଥାନରେ ଅଳିଆ ପକାଇବା ପରିବର୍ତ୍ତେ ପୌର ପ୍ରଶାସନ ପକ୍ଷରୁ ଦିଆଯାଇଥିବା ଡଷ୍ଟବିନର ବ୍ୟବହାର ଏବଂ ନିଜ ଅଞ୍ଚଳରେ ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦେଇ ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନକୁ ସାକାର କରିବା ଲାଗି ଆହ୍ୱାନ ଦେଇଛନ୍ତି। ସପ୍ତାହ ବ୍ୟାପୀ ଚାରାରୋପଣ, ସ୍ୱଚ୍ଛତା କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅକ୍ଷୟଙ୍କ ଝିଅ ଆର୍ଯ୍ୟା ଜୟସିଂ, ଭାଜପା ଜିଲା ସଭାପତି ପ୍ରଭଞ୍ଜନ ମହାପାତ୍ର, ଯୁବମୋର୍ଚ୍ଚା ସଭାପତି ଜୟନ୍ତ ଦାଶ, ଉପସଭାପତି ଦିଗ୍‌ଦର୍ଶନ ପଟ୍ଟନାୟକ, ରବି ନାରାୟଣ ଦାଶ, ବ୍ରଜବନ୍ଧୁ ମହାରଣା, ଚନ୍ଦ୍ରଶେଖର ମିଶ୍ର, ଜଗନ୍ନାଥ ପ୍ରତିହାରୀ, ସୌମ୍ୟରଞ୍ଜନ ପାତ୍ର, ବଦ୍ରି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଏମ.କେ ଜୁଡୋ ଗ୍ରୁପ ପକ୍ଷରୁ ଗାନ୍ଧୀ ପାର୍କଠାରେ ମୋଦିଙ୍କ ଜନ୍ମଦିବସ ପାଳନ କରି ତାଙ୍କ ଆରୋଗ୍ୟ କାମନା କରିଥିଲେ। ଏହି ଅବସରରେ ପୁରୀରେ ଏକ ଉନ୍ନତମାନର ଷ୍ଟାଡିୟମ ନିର୍ମାଣ ଲାଗି ଦାବି କରିଥିଲେ। ଅନୁଷ୍ଠାନର ଆବାହକ ମନୋଜ କୁମାର ସାହୁ, ଅଭିରାମ ବିଶ୍ୱକର୍ମା, ସୁନୀଲ କୁମାର ମହାପାତ୍ର, ଅଶ୍ୱିନୀ ପଟ୍ଟନାୟକ ପ୍ରମୁଖ ସାମିଲ ହୋଇଥିଲେ।





ଅକ୍ଷୟ ଜୟସିଂ ଲୋକଙ୍କୁ ମାଗଣା ଚା' ବଣ୍ଟନ କରୁଛନ୍ତି ।

### କଲେଜ ଛାତ୍ରୀଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ ଭୁବନେଶ୍ୱରରୁ ଧରାପଡ଼ିଲେ ନାବାଳକ ଛାତ୍ର

ଗୋପ,୧୭।୯(ଡି.ଏନ.ଏ)

ଗୋପ ଥାନା ଅଞ୍ଚଳର ଜଣେ କଲେଜ ଛାତ୍ରୀଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ କରିବା ଅଭିଯୋଗରେ ପୋଲିସ ଭୁବନେଶ୍ୱରରୁ ନାବାଳକ ଛାତ୍ରଙ୍କୁ ଧରିଛି । ଏହି ଘଟଣାକୁ ନେଇ ୧୨୯/୧୯ନଂ.ରେ ମାମଲା ରୁଜୁ ହୋଇଥିବାବେଳେ ଛାତ୍ରକୁ ମଙ୍ଗଳବାର ଅପରାହ୍ନରେ ପୁରୀ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଯାଇଥିବା ଥାନା ଅଧିକାରୀ ସୁଧୀର କୁମାର ସାହୁ କହିଛନ୍ତି। ସୂଚନାଯୋଗ୍ୟ, ଦୁଇ ମାସ ତଳେ ନାବାଳକ ଛାତ୍ର ଜଣକ ଉକ୍ତ ଛାତ୍ରୀଙ୍କ ଭିଡିଓ ଚିତ୍ରକୁ ପାଇବା ପରେ ତାହା ଭାଇରାଲ କରିଥିଲେ। ବିଭିନ୍ନ ମୋବାଇଲ୍‌ରେ ଭାଇରାଲ ହେବା ପରେ ଛାତ୍ରୀଙ୍କ ପରିବାର ଏହା ଜାଣି ରବିବାର ଥାନାରେ ଏକ ଅଭିଯୋଗ କରିଥିଲେ। ଥାନାଧିକାରୀ ସାହୁ ଅଭିଯୋଗକ୍ରମେ ଛାତ୍ରଙ୍କ ମୋବାଇଲ୍‌କୁ ଟ୍ରାକ୍ କରି ସୋମବାର ବିଳମ୍ବିତ ରାତ୍ରିରେ ଭୁବନେଶ୍ୱର ୬ ନଂ ଅଞ୍ଚଳରୁ ନାବାଳକ ଛାତ୍ର ଜଣଙ୍କୁ ଧରିଥିଲେ।

### ପୁରୀ ଜିଲାପାଳଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

# ଗୋପୀନାଥ ଦେବଙ୍କ ସମ୍ପତ୍ତି ଜବରଦଖଲ ମୁକ୍ତ କର

ପୁରୀ ଅଫିସ/ସାକ୍ଷୀଗୋପାଳ, (ଡି.ଏନ୍.ଏ.) ୧୭।୯:

ସତ୍ୟବାଦୀ ଗୋପୀନାଥ ଦେବଙ୍କ ସମ୍ପତ୍ତି ଜବରଦଖଲ ମୁକ୍ତ କରିବା ପାଇଁ ଓଡ଼ିଶା ହାଇକୋର୍ଟ ପୁରୀ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅକ୍ଟୋବର ଶେଷ ସୁଦ୍ଧା ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ କରିବା ଲାଗି କୁହାଯାଉଛି। ସତ୍ୟବାଦୀ ତହସିଲ ଅନ୍ତର୍ଗତ ପେଣ୍ଠପଡା ମୌଜାରେ ୨ ଏକର ୭୪ ଡେସିମିଲ ଜମି ରହିଛି । ୧୯୨୭ ମସିହା ସାବକ ରେକର୍ଡରେ ଏହା ଗୋପୀନାଥ ଦେବଙ୍କ ନାମରେ ରହିଥିଲା। କିନ୍ତୁ କେତେଜଣ ବ୍ୟକ୍ତି ଏହାକୁ ଜବରଦଖଲ କରି ରଖିଛନ୍ତି। ଏହି ଜମିକୁ ଜବରଦଖଲ ମୁକ୍ତ କରି ଗୋପୀନାଥ ଦେବ ଟ୍ରଷ୍ଟବୋର୍ଡକୁ ହସ୍ତାନ୍ତର ପାଇଁ ରାଜ୍ୟ ଦେବୋତ୍ତର କମିଶନର ୨୦୧୧ରେ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳ ତାହାକୁ କାର୍ଯ୍ୟକାରୀ ନ କରିବାରୁ ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର ନାମକ ଜଣେ ବ୍ୟକ୍ତି ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗତ ୧୨ ତାରିଖରେ ଏହି ମକଦ୍ଦମା (ଡବ୍ଲ୍ୟୁପିସି ୪୭୯୭/୨୦୧୯)ର ଶୁଣାଣି ହୋଇଥିଲା। ଗୋପୀନାଥ ଦେବଙ୍କ ଏହି ମୂଲ୍ୟବାନ ଜମି ଉପରେ ଦୋକାନ ଘର କରାଯାଇ ବ୍ୟବସାୟ ଚାଲିଛି ଏବଂ କିଛି ଅଂଶ ରାସ୍ତା ଭାବେ ମଧ୍ୟ ବ୍ୟବହୃତ ହୋଇଛି। ଦେବୋତ୍ତର କମିଶନରଙ୍କ ନିର୍ଦ୍ଦେଶ ଅନୁଯାୟୀ ଏହାକୁ ଅବରୋଧ ମୁକ୍ତ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

# ଦୟାବିହାର+୩ କଲେଜରେ ସ୍ୱାଗତ ଉତ୍ସବ

କଣାସ,୧୭।୯(ଡି.ଏନ.ଏ)

ଦୟାବିହାର ସ୍ନାତକ ମହାବିଦ୍ୟାଳୟରେ ମଙ୍ଗଳବାର ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଳା ବିଭାଗର ଓଡ଼ିଆ ଭାଷା ସାହିତ୍ୟ ସମ୍ମାନ ବିଭାଗର ନବାଗତମାନଙ୍କୁ ୨ୟ ଓ ୩ୟ ବର୍ଷର ଛାତ୍ରୀଛାତ୍ର ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ମହାବିଦ୍ୟାଳୟର ଅଧକ୍ଷ ପ୍ରଶାନ୍ତ କୁମାର ବିଶ୍ୱାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟର ଆବଶ୍ୟକତା ଜଣେ ଓଡିଆ ପାଇଁ କେତେ ରହିଛି ତାହା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ସେହିପରି ସମସ୍ତ ଛାତ୍ରୀଛାତ୍ର ନିଜକୁ ଜଣେ ଉତ୍ତମ ନାଗରିକ ଭାବେ ଗଢିତୋଳିବା ସହ ମହାବିଦ୍ୟାଳୟର ସୁନାମ ବଜାଇ ରଖିବା ପାଇଁ ପରାମର୍ଶ ଦେଇଥିଲେ। ବିକାଶ, ଗୀତା, ଦୀପକ , ଦିନେଶ, ବୈଶାଖୀ, ତପସ୍ୱିନୀ, ମିଲୁ, ମୋନାଲିସା ପ୍ରମୁଖ ଛାତ୍ରୀଛାତ୍ରମାନେ ମହାବିଦ୍ୟାଳୟରେ ଅନୁଭୂତି ସମ୍ପର୍କରେ ବର୍ଣ୍ଣନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ସଂଗ୍ରାମ କେଶରୀ ପରିଡା, ମନୋଜ ମିଶ୍ର, ବିଜୟ ସ୍ୱାଇଁ, ଅଜୟ ମହାପାତ୍ର, ଓଡିଆ ବିଭାଗର ମୁଖ୍ୟ ଅଶିତ୍ ନରେନ୍ଦ୍ର ଓ ସଂଗ୍ରାମ କେଶରୀ ପରିଡା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପ୍ରୟଙ୍କା ପ୍ରିୟଦର୍ଶିନୀ ପ୍ରଧାନ ମଞ୍ଚ ପରିଚାଳନା କରୁଥିବା ବେଳେ ଲକ୍ଷ୍ମୀପ୍ରିୟା ଦାସ ଧନ୍ୟବାଦ ଦେଇଥିଲେ।

# ବ୍ରହ୍ମଗିରିରେ ସ୍ୱର୍ଣ୍ଣକାର ସଂଘର ଆଲୋଚନାଚକ୍ର

ବ୍ରହ୍ମଗିରି,୧୭।୯(ଡି.ଏନ.ଏ)

ଓଡ଼ିଶା ରାଜ୍ୟ ସ୍ୱର୍ଣ୍ଣ ରୌପ୍ୟ ଶିଳ୍ପୀ ମହାସଂଘ ଆନୁକୂଲ୍ୟରେ ବ୍ରହ୍ମଗିରି ସ୍ୱର୍ଣ୍ଣକାର ସଂଘର ମଙ୍ଗଳବାର ବେଣ୍ଟପୁରସ୍ଥିତ ଗ୍ରାମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମଗିରି ସ୍ୱର୍ଣ୍ଣକାର ସଂଘ ଆଗାମୀ ଦିନରେ କିଭଳି ଏକତାବଦ୍ଧ ଭାବରେ ସଂଗଠନକୁ ସୁଦୃଢ଼ କରିପାରିବ ଓ ସଂଘ ମାଧ୍ୟମରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଓ ସମାଜସେବା କାର୍ଯ୍ୟ କିପରି ତ୍ୱରାନ୍ୱିତ ହୋଇପାରିବ ସେ ନେଇ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଏଥିରେ ରାଜ୍ୟ ସ୍ୱର୍ଣ୍ଣ ରୌପ୍ୟ ଶିଳ୍ପୀ ମହାସଂଘର ସଭାପତି ରମେଶଚନ୍ଦ୍ର ସାଥୁଆ, ଉପସଭାପତି ଶଙ୍କର ପ୍ରସାଦ ସାହୁ, ସହସଂପାଦକ ଅକ୍ଷୟ କୁମାର ସାଥୁଆ, ବେଣ୍ଟପୁର ପଞ୍ଚାୟତ ସରପଞ୍ଚ ପର୍ଶୁରାମ ସାହୁ ପ୍ରମୁଖ ଯୋଗଦେଇ ବ୍ରହ୍ମଗିରି ସ୍ୱର୍ଣ୍ଣକାର ସଂଘର ସୁବିଧା ଓ ଅସୁବିଧା ଉପରେ ଆଲୋଚନା କରିବା ସହ ସମାଧାନ ପାଇଁ ପ୍ରତିଶ୍ରୁତି ନେଇଥିଲେ। ବ୍ରହ୍ମଗିରି ସ୍ୱର୍ଣ୍ଣକାର ସଂଘର ସଭାପତି ପ୍ରତାପ ସାହୁ, ଉପସଭାପତି ପ୍ରସନ୍ନ ମହାରଣା ପ୍ରମୁଖ ଉପସ୍ଥିତଥିଲେ।

### ପୁରୀ ଆର୍‌ପିଏଫ୍‌ର ଅପରାଧ ସମୀକ୍ଷା

# ଯାତ୍ରୀ, ମହିଳା ଓ ଶିଶୁଙ୍କ ସୁରକ୍ଷାକୁ ପ୍ରାଥମିକତା

ପୁରୀ ଅଫିସ, ୧୭।୯ :

ପୁରୀ ରେଲୱେ ଷ୍ଟେଶନରେ ଆରପିଏଫ୍ ପକ୍ଷରୁ ଅପରାଧ ସମୀକ୍ଷା ସଂକ୍ରାନ୍ତ ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ଅନିଲ କୁମାର ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ୧୨ଜଣ ଆରପିଏଫ୍ ଅଫିସର ଏବଂ ୪୦ଜଣ କର୍ମଚାରୀ ଯୋଗଦେଇଥିଲେ। ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ଷ୍ଟେଶନ ପରିସର ଏବଂ ଚଳନ୍ତା ଟ୍ରେନ ଯାତ୍ରା ବେଳେ ଯାତ୍ରୀଙ୍କ ସୁରକ୍ଷା, ଶିଶୁ ଓ ମହିଳାଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି। ଟ୍ରେନ ଯାତ୍ରା ସମୟରେ କୌଣସି ଯାତ୍ରୀ ଅସୁବିଧାର ସମ୍ମୁଖୀନ ହେଲେ ସେମାନଙ୍କୁ ତୁରନ୍ତ ସେବା ଯୋଗାଇ ଦେବାକୁ ଥାନାଧିକାରୀ ସିଂ ଗୁରୁତ୍ୱ ଦେଇଥିଲେ। କୌଣସି ଅପ୍ରିତୀକର ପରିସ୍ଥିତି ପାଇଁ ଆରପିଏଫ ସଜାଗ ରହିଥିବା ସେ ସୂଚନାଦେଇଥିଲେ।



ଆର୍‌ପିଏଫ୍ ପକ୍ଷରୁ ଅନୁଷ୍ଠିତ ବୈଠକ ।

# ବ୍ୟବସାୟୀଙ୍କ ସହ ଆଲୋଚନା କଲେ ଏଡିଏମ୍

ପୁରୀ ଅଫିସ, ୧୭।୯:

ଶ୍ରୀମନ୍ଦିର ଚତୁଃପାର୍ଶ୍ୱରୁ ଏବଂ ଭଙ୍ଗା ଯାଇଥିବା ତିନୋଟି ମଠ ଯୋଗୁ ଶତାଧିକ ବ୍ୟବସାୟୀଙ୍କୁ ଉଚ୍ଛେଦ କରାଯାଇଥିଲା। ତେଣୁ ଜିଲା ପ୍ରଶାସନ ପ୍ରଥମ ପର୍ଯ୍ୟାୟରେ ଏମାନଙ୍କୁ ଜଗନ୍ନାଥ ବଲ୍ଲଭ କ୍ରାଫ୍ଟସ କମ୍ପ୍ଲେକ୍ସରେ ଦୋକାନ ଘର ଯୋଗାଇ ଦେଇଛି। ପ୍ରଥମେ ୨୬ ଜଣଙ୍କୁ ଏବଂ ପରେ ଆହୁରି ୫୦ରୁ ଊର୍ଦ୍ଧ୍ୱ ଦୋକାନୀଙ୍କୁ ଏଠାରେ ଥଇଥାନ କରାଯାଇଥିଲା। କିନ୍ତୁ ଏଠାରେ ସେମାନଙ୍କର ବେପାର ହେଉ ନ ଥିବା ନେଇ ବ୍ୟବସାୟୀମାନେ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। କମ୍ପ୍ଲେକ୍ସ ସମ୍ମୁଖ ଭାଗରେ ଉଠାଦୋକାନୀ ବସୁଥିବା ଯୋଗୁ ଅନ୍ୟମାନେ ଜାଣିପାରୁ ନ ଥିବା କହିଥିଲେ। ତେଣୁ ମଙ୍ଗଳବାର ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ ବିସ୍ଥାପିତ ବ୍ୟବସାୟୀଙ୍କ ସହ ଆଲୋଚନା କରିଥିଲେ ।

ଆଲୋଚନା ଅନୁଯାୟୀ ବ୍ୟବସାୟୀମାନେ ପ୍ରଶାସନ ନିକଟରେ କେତେକ ଦାବି ରଖିଥିଲେ। କମ୍ପ୍ଲେକ୍ସ ସମ୍ମୁଖ ଭାଗରୁ ଉଠାଦୋକାନୀଙ୍କୁ ସ୍ଥାନାନ୍ତର କରିବାକୁ କହିଥିଲେ। ଏଥିସହ ଜଗନ୍ନାଥ ବଲ୍ଲଭ ପାର୍କିଂରେ ପହଞ୍ଚିବା ପରେ ସେଠାରୁ ଟାଉନ ବସ୍‌ରେ ଯାତ୍ରୀମାନେ ଶ୍ରୀମନ୍ଦିର ଅଭିମୁଖେ ଯାଉଛନ୍ତି। ଏଣିକି ଯାତ୍ରୀମାନଙ୍କୁ ଜଗନ୍ନାଥ ବଲ୍ଲଭ ମଠ ପରିସରରୁ ନ ନେଇ କ୍ରାଫ୍ଟସ କମ୍ପ୍ଲେକ୍ସ ସମ୍ମୁଖ ବଡ଼ଦାଣ୍ଡରୁ ନେବା ପାଇଁ ଦାବି ରଖିଛନ୍ତ। ଏହାଫଳରେ ଯାତ୍ରୀମାନେ ଜଗନ୍ନାଥବଲ୍ଲଭ ପରିସରରେ ଓହ୍ଲାଇ କମ୍ପ୍ଲେକ୍ସ ମଧ୍ୟ ଦେଇ ବଡ଼ଦାଣ୍ଡକୁ ଯିବେ। ସେହିପରି ଦର୍ଶନ ସାରି ଆସିବା ପରେ କମ୍ପ୍ଲେକ୍ସ ସମ୍ମୁଖରେ ଓହ୍ଲାଇବେ ଏବଂ କମ୍ପ୍ଲେକ୍ସ ଭିତର ଦେଇ ଜଗନ୍ନାଥ ବଲ୍ଲଭ ପାର୍କିଂ ସ୍ଥଳକୁ ଆସିବେ ବୋଲି ଏଡିଏମ୍‌ଙ୍କୁ କହିଥିଲେ। ଏହାଫଳରେ ସେମାନଙ୍କ ବ୍ୟବସାୟ ହେଇପାରିବ ବୋଲି ଆଶା ରଖିଛନ୍ତି। ତେବେ ଏହିସବୁ ପ୍ରସ୍ତାବ ପ୍ରତି ବିଚାର କରାଯିବ ବୋଲି ପ୍ରଶାସନ ପକ୍ଷରୁ ଆଶ୍ୱାସନା ଦିଆଯାଇଛି। ଅନ୍ୟପକ୍ଷରେ ଅପରାହ୍ନରେ କମ୍ପ୍ଲେକ୍ସ ସମ୍ମୁଖରୁ ଉଠାଦୋକାନୀଙ୍କୁ ସ୍ଥାନାନ୍ତର କରାଯାଇଛି। ତେବେ ଏହି ଆଲୋଚନା ବେଳେ ମଠ ପରିସରରେ ରହୁଥିବା କେତେକ ପରିବାରର ମହିଳମାନେ ଅତିରିକ୍ତ ଜିଲାପାଳଙ୍କୁ ସାକ୍ଷାତ୍ କରି ସେମାନଙ୍କ ଦାବି ଉପସ୍ଥାପନ କରିଥିଲେ।